DHARITRI
ଭୁବନେଶ୍ୱର, ଶନିବାର, ମେ ୩/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, May 3/2025 Page 14 ₹ 7.00 | SAMBALPUR
୫୧ଶ ଭାଗ ୧୫୭ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 157 ମୂଲ୍ୟ ₹୭/-

# ବିବାଦରେ ଦୀଘା 'ଜଗନ୍ନାଥ ଧାମ'

**ପଶ୍ଚିମବଙ୍ଗର ଦୀଘାରେ ବୁଧବାର ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ପ୍ରତିଷ୍ଠା ଉତ୍ସବରେ ପୁରୀ ଶ୍ରୀମନ୍ଦିରର କେତେଜଣ ସେବାୟତ ଯୋଗଦେବା, ସମ୍ପୃକ୍ତ ସ୍ଥାନକୁ 'ଜଗନ୍ନାଥ ଧାମ' ନାମକରଣ କରାଯିବା ଓ ବ୍ରହ୍ମସ୍ଥାପନ ପ୍ରସଙ୍ଗକୁ ନେଇ ବିବାଦ ଦେଖାଦେଇଛି। ଏପରିକି ନବକଳେବରର ଦାରୁରେ ଠାକୁରଙ୍କ ମୂର୍ତ୍ତି ନିର୍ମାଣ କରାଯାଇଥିବା ଅଭିଯୋଗ ହେଉଛି। ଏହି ଘଟଣାକୁ ନେଇ ସେବାୟତଙ୍କ ସମେତ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜଗନ୍ନାଥ ଧାମ ନାମକୁ ନେଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା ଆପତ୍ତି ଉଠାଇବା ପରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏହାର ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।**






ପଶ୍ଚିମବଙ୍ଗ ଦୀଘାରେ ରାଜ୍ୟ ସରକାରଙ୍କ ପକ୍ଷରୁ ନବ ନିର୍ମିତ ଜଗନ୍ନାଥ ମନ୍ଦିର।

**ପୁରୀ/ଭୁବନେଶ୍ୱର, ୨।୫ (ଅଜିତ୍ କୁମାର ମହାନ୍ତି/ସୁନୀତ୍ ମିଶ୍ର)**

ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଦୀଘାରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇଛି। ଗତ ଏପ୍ରିଲ ୩୦ରେ ପବିତ୍ର ଅକ୍ଷୟତୃତୀୟା ତିଥିରେ ଏହାର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଛି। ଏହି ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରରେ ବ୍ରହ୍ମ ସ୍ଥାପନ ଓ ସେହି ସ୍ଥାନକୁ ଜଗନ୍ନାଥ ଧାମ ନାମକରଣ କରାଯିବାକୁ ନେଇ ବିବାଦ ମୁଣ୍ଡ ଟେକିଛି। ପୁରୀ ଶ୍ରୀମନ୍ଦିରର ଅନେକ ସେବାୟତ ଏ ନେଇ ମୁହଁ ଖୋଲିଛନ୍ତି। ବରିଷ୍ଠ ସେବାୟତ ଦାମୋଦର ମହାସୁଆର କହିଛନ୍ତି, ଦୀଘା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ଶ୍ରୀମନ୍ଦିରର ଦଇତାପତି ସେବାୟତ ଯୋଗଦେବା ଠିକ୍ ନୁହେଁ। ସେହି କାର୍ଯ୍ୟରେ ଯୋଗଦେବା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ତେବେ ଦୀଘାକୁ ଶ୍ରୀଜଗନ୍ନାଥ ଧାମ କହିବା ଭୁଲ। ଦୀଘାରେ ମନ୍ଦିର ପ୍ରତିଷ୍ଠା ହୋଇଥିଲେ ମଧ୍ୟ ତାହା ଧାମ ନୁହେଁ। ବ୍ରହ୍ମ କେବଳ ପୁରୀ ମନ୍ଦିରରେ ଥିବାବେଳେ ଅନ୍ୟ କେଉଁଠି ନାହିଁ ବୋଲି ମହାସୁଆର ମତବ୍ୟକ୍ତ କରିଛନ୍ତି।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ନେଇ କିଛିଦିନ ଧରି ଦ୍ୱନ୍ଦ୍ୱାତ୍ମକ ତଥ୍ୟ ସବୁ ଗଣମାଧ୍ୟମରେ ପ୍ରଚାର ହେବାରେ ଲାଗିଛି। ଶ୍ରୀଜଗନ୍ନାଥଙ୍କ ମନ୍ଦିର ଦିଘାଠାରେ ହେବା, ମନ୍ଦିରର ନାମକୁ ଜଗନ୍ନାଥ ଧାମ ଲେଖାଯିବା, ଏଠାରୁ ସେବାୟତମାନେ ମନ୍ଦିର ପ୍ରତିଷ୍ଠାରେ ଯୋଗଦେବା ତଥା ବଳକା ଦାରୁକାଠରେ ପ୍ରତିମା ନିର୍ମାଣ ହେବା ବାବଦରେ ଚର୍ଚ୍ଚା ହେବା ବିଷୟ ସମ୍ପୂର୍ଣ୍ଣ ଅଗ୍ରହଣୀୟ । ଏଭଳି କଥାଗୁଡ଼ିକ ଜଗନ୍ନାଥପ୍ରେମୀ ଭକ୍ତ ସମାଜ ଓ ଓଡ଼ିଶାର ସାଢେ ୪ କୋଟି ଜନତାଙ୍କ ମନରେ କଷ୍ଟ ଦେଇଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଏହି ସମ୍ପୂର୍ଣ୍ଣ ଘଟଣା ଉପରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏକ ଅନ୍ତରୀଣ ତଦନ୍ତ କରାଯାଇ ସତ୍ୟାସତ୍ୟ ଜନମାନସକୁ ଆଣିବାର ବ୍ୟବସ୍ଥା କରାଯାଉ। ଯଦି କେହି ଦୋଷୀ ସାବ୍ୟସ୍ତ ହେଉଛନ୍ତି ବା ଜ୍ଞାତସାରରେ ଥାଇ ଏଭଳି ଘଟଣା ଘଟାଉଛନ୍ତି ସେ ବାବଦରେ ରାଜ୍ୟ ସରକାରଙ୍କ ଅନୁମତିକ୍ରମେ ଦଣ୍ଡବିଧାନ କରିବାର ପ୍ରାବଧାନ କରିବାକୁ ମନ୍ତ୍ରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ କହିଛନ୍ତି।

# ପାସ୍ ହାର ୯୪.୯୩%: ଆଗରେ ଛାତ୍ରୀ

## ମାଟ୍ରିକ୍ ଫଳ ପ୍ରକାଶ

**କଟକ,୨।୫ (କାର୍ତ୍ତିକ ସାହୁ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୫ର ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ଅପରାହ୍ଣରେ ପ୍ରକାଶ ପାଇଛି। ଏଥର ପାସ୍‌ହାର ୯୪.୯୩% ହୋଇଛି। ଏ୧ ଗ୍ରେଡ୍‌ରେ ୧୮୧୨, ଏ୨ ଗ୍ରେଡ୍‌ରେ ୧୨,୨୦୦, ବି୧ ଗ୍ରେଡ୍‌ରେ ୩୮,୮୩୧, ବି୨ ଗ୍ରେଡ୍‌ରେ ୮୪,୯୭୧, ସି ଗ୍ରେଡ୍‌ରେ ୧,୩୩,୮୮୨, ଡି ଗ୍ରେଡ୍‌ରେ ୧,୪୬,୧୫୪ ଓ ଇ ଗ୍ରେଡ୍‌ରେ ୬୭,୦୧୩ ଜଣ ପାସ୍ କରିଛନ୍ତି। ଛାତ୍ରଙ୍କ ଅପେକ୍ଷା ଅଧିକ ସଂଖ୍ୟକ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଗଜପତି ଜିଲାରେ ସର୍ବାଧିକ ପାସହାର ୯୯.୩୫% ଏବଂ କୋରାପୁଟ ଜିଲାରେ ସର୍ବନିମ୍ନ ୯୨.୮୩% ପାସହାର ରହିଛି। ମାଟ୍ରିକ ଫଳାଫଳ ଘୋଷଣା କରିବା ପରେ ସନ୍ଧ୍ୟା ୬ଟାରୁ ବୋର୍ଡ ୱେବସାଇଟ୍ www.bseodisha.ac.inରେ ଫଳ ଉପଲବ୍ଧ ହୋଇଛି। ଏଥିସହ ମୋବାଇଲରୁ OR10 ପରେ ରୋଲ ନମ୍ବର ଲେଖି ୫୬୭୬୭୫୦କୁ ପଠାଇଲେ ମୋବାଇଲକୁ ଫଳ ଆସିଯିବା ବ୍ୟବସ୍ଥା ହୋଇଛି। ସେହିପରି ଏକକାଳୀନ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷାର ଫଳ ମଧ୍ୟ ବୋର୍ଡ ପକ୍ଷରୁ ପ୍ରକାଶ କରାଯାଇଛି।

ସୂଚନା ଅନୁସାରେ, ଚଳିତବର୍ଷ ସମଗ୍ର ରାଜ୍ୟରୁ ମୋଟ ୫,୧୦,୭୭୯ଜଣ ଛାତ୍ରୀଛାତ୍ର ମାଟ୍ରିକ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫,୦୨,୪୧୭ ଜଣ ମାଟ୍ରିକ ପରୀକ୍ଷା ଦେଇଥିଲେ। ମୋଟ ୪,୮୪,୮୬୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ଅପରପକ୍ଷରେ ୮୩୬୨ଜଣ ପରୀକ୍ଷାରେ ଅନୁପସ୍ଥିତ ଥିବାବେଳେ ୧୬୯ଜଣ ପରୀକ୍ଷାର୍ଥୀ ଅସାଧୁ ଉପାୟ ଅବଲମ୍ବନ କରି ସ୍କ୍ୱାର୍ଡ ହାତରେ ଧରାପଡ଼ିଛନ୍ତି। ମୋଟ ୧୭,୩୮୪ଜଣ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବାବେଳେ ୧ଜଣ ପରୀକ୍ଷାର୍ଥୀଙ୍କ ଫଳ ଅପ୍ରକାଶିତ ରହିଛି। ରାଜ୍ୟର ୩୨୭୩ଟି ହାଇସ୍କୁଲରେ ପାସ୍ ହାର ଶତପ୍ରତିଶତ ହୋଇଛି। ତନ୍ମଧ୍ୟରେ ସର୍ବାଧିକ ୧୮୦୨ଟି ସରକାରୀ ହାଇସ୍କୁଲ ରହିଛି। ସେଥିରୁ ଅନୁଦାନପ୍ରାପ୍ତ ହାଇସ୍କୁଲ ୧୧୫୪ ଓ ଅଣଅନୁଦାନପ୍ରାପ୍ତ ହାଇସ୍କୁଲ ୩୧୭ଟିର ଶତପ୍ରତିଶତ ହୋଇଛି। ଏଥିସହ କୌଣସି ହାଇସ୍କୁଲରେ ପରୀକ୍ଷାଫଳ ଶୂନ ହୋଇନାହିଁ। ସେହିପରି ପରୀକ୍ଷାରେ ଅନୁପସ୍ଥିତ ରହିବା ହାର ୨୧% ହ୍ରାସ ପାଇଥିବା ବେଳେ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟ ଅପେକ୍ଷା ସରକାରୀ ବିଦ୍ୟାଳୟର କୃତକାର୍ଯ୍ୟ ହାର ସର୍ବାଧିକ ରହିଛି। ବୋର୍ଡ ମୁଖ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମାଟ୍ରିକ ପରୀକ୍ଷା ଫଳ ଘୋଷଣା କରି ଉପରୋକ୍ତ ସୂଚନା ଦେଇଛନ୍ତି। ସଭାପତି ଶ୍ରୀକାନ୍ତ ତରାଇ, ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ମଧ୍ୟ ଫଳ ସଂକ୍ରାନ୍ତୀୟ ସୂଚନା ପ୍ରଦାନ କରିଛନ୍ତି। ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ, ବୋର୍ଡ ସମ୍ପାଦକ ମଞ୍ଜୁଲତା ମଲ୍ଲିକ, ପରୀକ୍ଷା ନିୟନ୍ତ୍ରକ ଡ. ଅମ୍ରିତା ପ୍ରୀତିନନ୍ଦା ଉପସ୍ଥିତ ଥିଲେ।

(ଅଧିକ ରିପୋର୍ଟ ପୃଷ୍ଠା-୪)




## 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ' ବେଷ୍ଟ ଡକ୍ୟୁମେଣ୍ଟାରି ଫିଲ୍ମ

**ଯାଜପୁର,୨।୫(ହର୍ଷବର୍ଦ୍ଧନ ବେହେରା)**

ନୂଆଦିଲ୍ଲୀ ସ୍ଥିତ ଏକ ହୋଟେଲରେ ଆୟୋଜିତ ୧୫ତମ ଦାଦା ସାହେବ ଫାଲ୍‌କେ ଫିଲ୍ମ ଫେଷ୍ଟିଭାଲରେ ଗୁରୁବାର ଓଡ଼ିଆ ଡକ୍ୟୁମେଣ୍ଟାରି ଫିଲ୍ମ 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ'କୁ ବେଷ୍ଟ ଡକ୍ୟୁମେଣ୍ଟାରି ଫିଲ୍ମ ଆୱାର୍ଡ ମିଳିଛି। ଫିଚର କାଟାଗୋରିରେ ବିଭିନ୍ନ ଦେଶରୁ ଆସିଥିବା ପ୍ରାୟ ୨୫୦ଟି ଫିଲ୍ମ ମଧ୍ୟରୁ ଏହି ଫିଲ୍ମଟିକୁ ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ଫିଲ୍ମ ଭାବେ ମନୋନୀତ କରାଯାଇଥିଲା। ଅଭିସ୍ୱିତା ଫିଲ୍ମ ବ୍ୟାନରରେ କରାଯାଇଥିବା ଏହି ଫିଲ୍ମଟିକୁ ବରିଷ୍ଠ ସାମ୍ବାଦିକ ଅଭୟ ପତି ପ୍ରଯୋଜନା କରିଥିବାବେଳେ ଅସ୍ମିତା ପତି ସହପ୍ରଯୋଜିକା ଏବଂ ମୁମ୍ବାଇର ପ୍ରଣବ କୁମାର ଆଇଚ ଏହାକୁ ନିର୍ଦ୍ଦେଶନା ଦେଇଛନ୍ତି। ଏହି ଫିଲ୍ମ ଫେଷ୍ଟିଭାଲରେ ଅନେକ ଦେଶର ଫିଲ୍ମ ପ୍ରଦର୍ଶନ କରାଯାଇଥିଲା। ଏଥିରେ ବିଭିନ୍ନ କାଟାଗୋରିରେ ପ୍ରାୟ ୨୮ଟି ଫିଲ୍ମକୁ ସମ୍ମାନିତ କରାଯାଇଥିଲା।

(ଫଟୋ: ପୃଷ୍ଠା-୪)

**ଆଜିର ସମ୍ପାଦକୀୟ**

**ସିପିସି ଓ କେନ୍ଦ୍ର କର୍ମଚାରୀ**



**ବେଲପଡ଼ାରେ ଶ୍ରମିକ ଦିବସ ପାଳନ**

ବେଲପଡା,(ମନୋଜ କୁମାର ମିଶ୍ର): ବେଲପଡା ପାଟଣେଶ୍ୱରୀ ହେମାଳ ସଂଘ ପକ୍ଷରୁ ଶ୍ରମିକ ଦିବସ ସ୍ଥାନୀୟ ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରମିକ ସଂଘର ସଭାପତି ଆଲୋକ ବେହେରାଙ୍କ ନେତୃତ୍ୱରେ ଶ୍ରମିକମାନେ ତାରିଣୀ ମନ୍ଦିର ନିକଟରେ ଏକତ୍ରିତ ହୋଇ ଶୋଭାଯାତ୍ରାରେ ବାହାରିଥିଲେ। ସମ୍ପାଦକ ଗିରିଧାରୀ ପୁଟେଲଙ୍କ ଅଧ୍ୟକ୍ଷତାରେ ଗୁରୁଜୀର ଅନୁଷ୍ଠିତ ସଭାରେ ଶ୍ରମିକମାନେ କାର୍ଯ୍ୟ କ୍ଷେତ୍ରରେ ହେଉଥିବା ଭିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଆଗାମୀ ଦିନରେ ସଂଘର ଥିବା ବିଭିନ୍ନ ସମସ୍ୟାକୁ ସରକାରଙ୍କ ଠାରେ ଜଣାଇ ସମାଧାନ କରାଯିବ ବୋଲି ବେହେରା କହିଥିଲେ। ଶେଷରେ ସହସମ୍ପାଦକ ସନ୍ୟାସୀ ବାହୁକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଆତଙ୍କବାଦୀ ଆକ୍ରମଣ ଘଟଣା ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା

ଲୋଇସିଂହା,୨।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜାସ୍ଥିତ ଛେଲିଆପାଟ ସେବା ସଂଗଠନ ଓ ଗ୍ରାମବାସୀଙ୍କ ଦ୍ୱାରା କଶ୍ମୀରର ପହଲଗାମ୍‌ଠାରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣା ନେଇ ନିକଟରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା । ଏହି ଅବସରରେ ମୃତ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଗଠନର ଉପଦେଷ୍ଟା ଆନନ୍ଦ କୁମାର ସାହୁ ପାକିସ୍ତାନର ପ୍ରୋତ୍ସାହନରେ ଘଟିଥିବା ଏହି ଅମାନୁଷିକ କାଣ୍ଡର ନିନ୍ଦା କରିବା ସହିତ ଏହାର ମୁକାବିଲା ପାଇଁ ସରକାର ଦୃଢ଼ ପଦକ୍ଷେପ ନେବାକୁ ଆହ୍ୱାନ କରିଥିଲେ। ସଂଗଠନର ସଭାପତି ବିଚିତ୍ରାନନ୍ଦ ପାତ୍ର ଏଭଳି ବର୍ବୋରୋଚିତ ଘଟଣାକୁ ଦୃଢ ନିନ୍ଦା କରିଥିଲେ । ଯଶୋବନ୍ତ କୁମ୍ଭାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂଗଠନର ସଦସ୍ୟ ଦେବେନ୍ଦ୍ର ଭୋଇ, ସଞ୍ଜୀବ ଭୋଇ, ଗୁଲାପ ଷଣ୍ଢ, କୁଳମଣି ଭୋଇ,ଗୋବିନ୍ଦ ଭୋଇ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ପାଣି ନ ପାଇ ଡହଳବିକଳ ବଗଡ଼ା ଗାଁ ଲୋକେ

## ପମ୍ପ ହାଉସରେ ତାଲା, ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ବଲାଙ୍ଗୀର,୨।୫(ବୀରେନ୍ଦ୍ର କୁମାର ଝାଙ୍କର)



ପାଣି ପମ୍ପହାଉସରୁ ତାଲା ଖୋଲିବା ଦାବି ନେଇ ଜିଲାପାଳ କାର୍ଯ୍ୟାଳୟକୁ ଆସିଥିବା ବଗଡା ଗାଁର ମହିଳା ଓ ପୁରୁଷ।

ଖରାଦିନରେ ଲୋକେ ପାଣି ମୁନ୍ଦାଏ ପାଇଁ ଡହକ ବିକଳ ହେଉଛନ୍ତି। ଏଭଳି ସମୟରେ ପମ୍ପ ହାଉସରେ ତାଲା ମାରିଦେବାରୁ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲେଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଗଡା ଗାଁରେ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଗୁରୁବାର ଗାଁର ବହୁ ମହିଳା ଓ ପୁରୁଷ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଶୀଘ୍ର ପମ୍ପ ହାଉସର ତାଲା ଖୋଲି ଗ୍ରାମବାସୀଙ୍କୁ ପାନୀୟ ଜଳଯୋଗାଣ କରିବାକୁ ଦାବି କରିଛନ୍ତି। ଗ୍ରାମବାସୀଙ୍କ କହିବା କଥା ହେଲା ଗାଁର ଯେଉଁ ସ୍ଥାନରେ ପାଣି ଯୋଗାଣ ପାଇଁ ପମ୍ପହାଉସ ଓ ପାଣି ଟାଙ୍କି ତିଆରି କରାଯାଇଛି ସେହି ସ୍ଥାନଟି ରୟତି ବୋଲି ଗାଁର କେତେଜଣ ବ୍ୟକ୍ତି ଦାବି କରୁଛନ୍ତି। ରୟତି ଜମିରେ କିଭଳି ପମ୍ପହାଉସ ଏବଂ ପାଣି ଟାଙ୍କି ତିଆରି କରାଗଲା ବୋଲି ଦର୍ଶାଇ ସେମାନେ କିଛି ଦିନ ପୂର୍ବରୁ ପମ୍ପହାଉସରେ ତାଲା ପକାଇ ଦେଇଥିଲେ। ଫଳରେ ଗାଁର ପାନୀୟ ଜଳଯୋଗାଣ ଠପ୍ ହୋଇ ଯାଇଥିଲା। ଏହା ଜଣାପଡିବା ପରେ ତହସିଲ ଓ ବ୍ଲକ ପ୍ରଶାସନ ସେଠାକୁ ଆସି ଜମି ଚିହ୍ନଟକରଣ କରିବା ସହ ସେହି ପମ୍ପହାଉସର ତାଲା ଖୋଲିଥିଲେ। ତେବେ କିଛି ଦିନ ପମ୍ପହାଉସ ଚାଲିବା ପରେ ପୁଣି ଥରେ ସେହି ବ୍ୟକ୍ତିମାନେ ପମ୍ପହାଉସରେ ତାଲା ପକାଇଛନ୍ତି। ଫଳରେ ପମ୍ପହାଉସରୁ ପାଣି ଯୋଗାଣ ହେଉନାହିଁ। ଗାଁ ନିକଟରେ ଥିବା କେଉଁଟି ଯୋର ମଧ୍ୟ ଶୁଖିଲା ପଡିଛି। ଲୋକେ ବାଲି ଗୁଆ ଖୋଳି ସେଠାରୁ ବହୁକଷ୍ଟରେ ପାଣି ସଂଗ୍ରହ କରୁଥିବା କହିଛନ୍ତି। ମହିଳାମାନେ ସକାଳ ଓ ସନ୍ଧ୍ୟାରେ ସେଠାରୁ ପାଣି ସଂଗ୍ରହ କରି ଘରକୁ ଫେରୁଛନ୍ତି। ଜିଲାପାଳଙ୍କୁ ଏହି ବିଷୟରେ ଅବଗତ କରି ତୁରନ୍ତ ପମ୍ପହାଉସରୁ ତାଲା ଖୋଲିବା ନଚେତ୍ ବିକଳ୍ପ ପାଣି ଯୋଗାଣ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ଜିଲାପାଳଙ୍କ ସହ ସ୍ଥାନୀୟ ବିଧାୟକ ଓ ଏସ୍‌ପିଙ୍କୁ ମଧ୍ୟ ଘଟଣା ବିଷୟରେ ଜଣାଇଥିବା କହିଛନ୍ତି।

# ମାଟ୍ରିକ୍ ପରୀକ୍ଷା: ବଲାଙ୍ଗୀର ଜିଲାରେ ୯୫.୪୮ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ

ବଲାଙ୍ଗୀର,୨।୫(ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ବଲାଙ୍ଗୀର ଜିଲାର ୯୫.୪୮ ପ୍ରତିଶତ ପରୀକ୍ଷାର୍ଥୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲାର ୨୪ ଜଣ ଏ-ୱାନ୍, ୨୩୨ ଜଣ ଏ-ଟୁ, ୧୧୨୪ ବି-ୱାନ୍, ୩୧୯୬ ବି-ଟୁ, ୫୬୦୯ ସି, ୬୭୬୧ ଡି ଏବଂ ୩୨୭୦ ଇ' ଗ୍ରେଡ୍ ଲାଭ କରିଛନ୍ତି। ଚଳିତବର୍ଷ ଜିଲାର ୯୯ ଜଣ ଏଫ୍ ଗ୍ରେଡ୍ ପାଇଛନ୍ତି। ଚଳିତବର୍ଷ ଜିଲାର ୩୬୬ଟି ହାଇସ୍କୁଲର ୨୧ ହଜାର ୯୫୨ ଜଣ ଛାତ୍ରଛାତ୍ରୀ ଫର୍ମ ଫିଲପ୍ କରିଥିଲେ। ଏ-ୱାନ୍ ଗ୍ରେଡ ଲାଭ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ କଦମପଡା ସରସ୍ୱତୀ ଶିଶୁ ମନ୍ଦିରର ଜୀବଙ୍କର ଶତପଥୀ (୫୭୦ ମାର୍କ), ରୋନ୍କ ବେଜ (୫୬୦), ମୌସୁମୀପ୍ରିୟା ନାଏକ (୫୬୦), ସୁବ୍ରତ ସ୍ୱାଇଁ (୫୬୦), ସୁଶ୍ରୀ ସ୍ୱାତୀ ଦାଶ (୫୫୯), ପ୍ରଜ୍ଞାନ ପ୍ରତ୍ୟୁଷ ମିଶ୍ର (୫୫୫), ବୈଶାଳୀ ମଲ୍ଲିକ (୫୪୯), କଲେଜ ଛକ ଶିଶୁ ମନ୍ଦିରର ଦିବ୍ୟରଞ୍ଜନ ଗୁରୁ (୫୪୨), ତୁଷରା ଶିଶୁ ମନ୍ଦିରର ଅନୁଜ ବେହେରା (୫୫୦), ତନୁଷ ବୁଦ୍ଧିଆ (୫୬୦), ସଇଁତଲାର ବଦମାଳ ଫେକ୍ଟ୍ରି ସ୍କୁଲର ଲୋଚସ ଭୋଇ (୫୫୫), ଚନ୍ଦନ ରଣା (୫୪୭) ରହିଛନ୍ତି। ସେହିପରି ସଇଁତଲା ଶିଶୁ ମନ୍ଦିରର ରୋଜାଲି ବେହେରା (୫୪୮), ଦେଓଗାଁ ଶିଶୁ ମନ୍ଦିରର ତୁଳସୀ ଭୋଇ (୫୫୧), ଦେଓଗାଁ ବ୍ଲକ୍ ସିକୁଆଁ ହାଇସ୍କୁଲର ଶ୍ରିତମ ନାଏକ (୫୫୨), ଲୋଇସିଂହା ଶିଶୁ ମନ୍ଦିରର ଶ୍ରୀୟାଦେବୀ ଖର୍ସେଲ (୫୪୯), ଆଗଲପୁର ବ୍ଲକ୍ ବଡଟିକା ହାଇସ୍କୁଲର ଲିପୁନ୍ ବେହେରା (୫୫୦), ମନୋରଞ୍ଜନ ଛତ୍ରିଆ (୫୪୦), ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲର ବିନାୟକ ପଣ୍ଡା (୫୪୬) ଓ ବଲାଙ୍ଗୀର ସରକାରୀ ବାଳିକା ହାଇସ୍କୁଲର ଜ୍ୟୋତିର୍ମୟୀ ପଣ୍ଡା (୫୪୮), ପାଟଣାଗଡ ବ୍ଲକ ଧୂମାଭଟା ହାଇସ୍କୁଲର ରଜତ କୁମାର ସାହୁ (୫୫୬) ଏ-ୱାନ୍ ଗ୍ରେଡ ଲାଭ କରିଥିବା ଜଣାପଡିଛି। ଜିଲାର ସମୁଦାୟ ୨୦ ହଜାର ୨୭୩ ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ସେମାନଙ୍କ ଭିତରେ ୧୦ ହଜାର ୩୫୬ ଜଣ ଛାତ୍ରୀ ପାଶ୍ କରିଥିବା ବେଳେ ୯ହଜାର ୯୧୭ ଜଣ ଛାତ୍ର ପାସ୍ କରିଛନ୍ତି।

### ତାଲୁକ ଆଇନ ସହାୟତା କେନ୍ଦ୍ର ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ

କଣ୍ଟାବାଞ୍ଜି,୨।୫(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସିଭିଲ କୋର୍ଟ ତାଲୁକ ଆଇନ ସହାୟତା କେନ୍ଦ୍ର ପକ୍ଷରୁ କଣ୍ଟାବାଞ୍ଜି ଉପକଣ୍ଠସ୍ଥ ଡୁମେରଚୁଆଁ ଗ୍ରାମରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତାଲୁକ ଆଇନ ସହାୟତା କେନ୍ଦ୍ରର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଜଜ୍ ରାଜେଶ କୁମାର ନାୟାର, ସବ୍ ଜଜ୍ ପରିତୋଷ ସେଠୀ, ଜେଏମଏଫସି ରାହୁଲ କୁମାର ଜେନା ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରମିକମାନଙ୍କ ବିଭିନ୍ନ ଅଧିକାର ଉପରେ ଆଇନର ସହାୟତା ନେଇ ସଚେତନ କରାଯାଇଥିଲା। ଉଭୟ ମହିଳା ଓ ପୁରୁଷମାନେ କାର୍ଯ୍ୟ ସ୍ଥଳରେ କୌଣସି ପ୍ରକାର ନିର୍ଯାତନାର ଶିକାର ହେଲେ କିପରି ଆଇନର ସହାୟତା ପାଇବେ ସେନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ କୋର୍ଟର କର୍ମଚାରୀ, ଗ୍ରାମର ମହିଳା ପୁରୁଷ ଓ ପାରା ଲିଗାଲ ସଭ୍ୟ ସାମିଲ ଥିଲେ ।

# ଛାତ୍ର ଜୀବନ ଏକ ମୁକ୍ତ ବିହଙ୍ଗ ପରି ହେବା ଉଚିତ



ଜୟ ହିନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଲାଠୋର,୨।୫(ଭୁବନେଶ୍ୱର ବାରିକ)

**ମନ ମୋହିଲା ନାଟକ ମା' ପରି କିଏ ହେବ**

ବଲାଙ୍ଗୀର ଜିଲା ଲାଠୋର ଜୟହିନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଚେୟାର ପର୍ସନ ଶଙ୍କରଲାଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣାଗଡ଼ ଉପଜିଲାପାଳ ସୁନୀଲ କୁମାର ମେହେର ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଅଭିଭାବକଙ୍କ ଉଦ୍ଦେଶ୍ୟରେ ଶିଶୁକୁ ଡ଼ାକ୍ତର,ଇଞ୍ଜିନିୟର କିମ୍ବା ବଡ଼ ଅଫିସର ହେବା ପାଇଁ ଚାପ ସୃଷ୍ଟି ନ କରି ଭଲ ମଣିଷ ହେବାକୁ ଉପଦେଶ ଦେବାକୁ ପରାମର୍ଶ ଦେଇଥିଲେ। ଏହାଛଡା ଅଞ୍ଚଳର ମେଧାବୀ ଗରିବ ଛାତ୍ରୀଛାତ୍ରଙ୍କୁ ଖୋଜି ମାଗଣାରେ ସ୍କୁଲରେ ପାଠ ପଢାଇବା ପାଇଁ କହିଥିଲେ। ସେହିପରି ନୂଆପଡ଼ା ସାଇ ଇଣ୍ଟରନ୍ୟାଶନାଲ କଲେଜ ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଯେଉଁ ଶିକ୍ଷା ମଣିଷକୁ ସ୍ୱାଧୀନ ଭାବେ ବଞ୍ଚିବାକୁ ରାହା ଦେଖାଇଥାଏ ତାହା ହେଉଛି ଉପଯୁକ୍ତ ଶିକ୍ଷା। ଏଣୁ ଛାତ୍ରୀଛାତ୍ରଙ୍କ ଜୀବନ ଏକ ମୁକ୍ତ ବିହଙ୍ଗ ପରି ହେଲେ ସେମାନେ ଉଚିତ୍ ଶିକ୍ଷା ଗ୍ରହଣ କରି ପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଲାଠୋର ଥାନା ଅଧିକାରୀ ରାକେଶ ବେହେରା ଓ ଅନ୍ୟ ଅତିଥି ଭାବେ ସ୍କୁଲ ଉପସଭାପତି ବଂଶୀଧର ଅଗ୍ରୱାଲ,ସମ୍ପାଦକ ପଙ୍କଜ ଅଗ୍ରୱାଲ ଏବଂ ଜୟହିନ୍ଦ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁବଳ କୁମାର ବାଗ ଯୋଗ ଦେଇଥିଲେ। ଅଧ୍ୟକ୍ଷ ବାଗ ବାର୍ଷିକ ବିବରଣୀ ପଠନ କଲା ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେଥିମଧ୍ୟରୁ ନାଚ ଗୀତରେ ସମୁଦ୍ର ମନ୍ଥନ ଏବଂ ନାଟକରେ 'ମା ପରି କିଏ ହେବ' ମନ ମୋହିଥିଲା। ଶିକ୍ଷୟିତ୍ରୀ ନିହାରିକା ଶିକା ଓ ଶିକ୍ଷକ ଦାନସାଇ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଆମଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଡାକ୍ତର ହେବାକୁ ଲକ୍ଷ୍ୟ: ଶ୍ରୀୟା ଦେବୀ

ଲୋଇସିଂହା,୨।୫(ସୁଶାନ୍ତ ବାରିକ)

ଶୁକ୍ରବାର ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଶ୍ରୀୟାଦେବୀ ଖର୍ସେଲ ଏ ୧ ଗ୍ରେଡ୍‌ରେ ପାସ୍ କରିଛନ୍ତି। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଜନସେବା କରିବା ତାଙ୍କର ଲକ୍ଷ୍ୟ ବୋଲି ଶ୍ରୀୟାଦେବୀ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ଲୋଇସିଂହା ଶାସ୍ତ୍ରୀନଗର ଅଞ୍ଚଳର ମା ପ୍ରତିଭା ଓ ବାପା ଶେଷଦେବ ଖର୍ସେଲଙ୍କ ଝିଅ ଶ୍ରୀୟାଦେବୀ ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଚଳିତବର୍ଷ ସ୍ଥାନୀୟ ହରେକୃଷ୍ଣ ମହତାବ ହାଇସ୍କୁଲ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ସେ ୬୫୦ ମାର୍କରୁ ୫୪୯ ମାର୍କ ତଥା ୯୧.୫ ପ୍ରତିଶତ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହାକୁ ନେଇ ଛାତ୍ରୀଙ୍କ ଅଭିଭାବକ,ବିଦ୍ୟାଳୟ ଶିକ୍ଷୟିତ୍ରୀ,ଶିକ୍ଷକ, ସହପାଠୀ ଓ ପରିଚାଳନା କମିଟି ସଦସ୍ୟଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ପ୍ରକାଶ ଥାଉ କି ଉକ୍ତ ବିଦ୍ୟାଳୟର ଶତପ୍ରତିଶତ ପାସ୍ ହାର ରହିଛି। ସରସ୍ୱତୀ ଶିଶୁ ମନ୍ଦିରର ମୋଟ ୪୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ଏ ୧ରେ ଜଣେ, ଏ ୨ରେ ଜଣେ, ବି ୧ ରେ ୭ ଜଣ,ବି ୨ରେ ୨୩ ଜଣ, ସି ୩ରେ ୮ ଜଣ ପାସ୍ ହୋଇଥିବା ବିଦ୍ୟାଳୟ ସୂତ୍ରରୁ ପ୍ରକାଶ।

# ସରକାରୀ ସ୍କୁଲରେ ପାଠ ପଢ଼ି ଯାଆଁଳା ଭଉଣୀଭାଇ କଲେ କମାଲ୍



ବଲାଙ୍ଗୀର ସହରର ଯାଆଁଳା ଭଉଣୀ-ଭାଇ।

ବଲାଙ୍ଗୀର,୨।୫(ବୀରେନ୍ଦ୍ର କୁମାର ଝାଙ୍କର)

ଚଳିତ ମାଟ୍ରିକ୍ ପରୀକ୍ଷାରେ ବଲାଙ୍ଗୀର ସହରର ଦୁଇ ଯାଆଁଳା ଭଉଣୀ-ଭାଇ କମାଲ କରିଛନ୍ତି। ସରକାରୀ ସ୍କୁଲରେ ପାଠ ପଢୁଥିବା ଦୁଇ ଭଉଣୀ ଭାଇ ଜ୍ୟୋତିର୍ମୟୀ ପଣ୍ଡା ଓ ବିନାୟକ ପଣ୍ଡା ମାଟ୍ରିକ୍ ପରୀକ୍ଷାରେ ଏ-ୱାନ୍ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ବଲାଙ୍ଗୀର ସହର ତେଲିଗୋଠପଡା ନିବାସୀ ବ୍ରହ୍ମାନନ୍ଦ ପଣ୍ଡା ଓ ମାଧବୀ ପଣ୍ଡାଙ୍କ ଦୁଇ ଯାଆଁଳା ଝିଅପୁଅ ଜ୍ୟୋର୍ତିମୟୀ ୫୪୮ ମାର୍କ ଓ ବିନାୟକ ୫୪୬ ମାର୍କ ରଖି ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜ୍ୟୋତିର୍ମୟୀ ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲରେ ପାଠ ପଢୁଥିବା ବେଳେ ବିନାୟକ ପୃଥ୍ୱୀରାଜ ହାଇସ୍କୁଲରେ ପାଠ ପଢୁଥିଲେ। ଉଭୟେ କଠିନ ପରିଶ୍ରମ କରି ଏହି ସଫଳତା ଲାଭ କରିଛନ୍ତି। ଉଭୟ ଦୈନିକ ପ୍ରାୟ ୧୧ ଘଣ୍ଟା ପରିଶ୍ରମ କରୁଥିବା କହିଛନ୍ତି। ସରକାରୀ ସ୍କୁଲରେ ପାଠ ପଢ଼ି ସଫଳତା ଲାଭ କରିହୁଏ ଏହାକୁ ଗୁରୁମନ୍ତ୍ର କରି ସେମାନେ ପାଠ ପଢୁଥିଲେ ବୋଲି କହିଛନ୍ତି। ପିତାମାତା, ଶିକ୍ଷୟିତ୍ରୀ ଶିକ୍ଷକ ଓ ବଡ ଭଉଣୀ ଚିନ୍ମୟୀଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି। ଦୁଇ କୃତୀ ଛାତ୍ରୀଛାତ୍ରଙ୍କ ପିତା ବ୍ରହ୍ମାନନ୍ଦ ମାଲଗୋଦାମପଡା ୟୁପି ସ୍କୁଲରେ ଶିକ୍ଷକତା କରୁଛନ୍ତି। ଦୁଇ ଭଉଣୀ-ଭାଇଙ୍କ ସଫଳତାରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

# ଦେଓଗାଁ ପଞ୍ଚାୟତ ସମିତି ବୈଠକ

### ବୈଠକ ବର୍ଜନ କଲେ ସରପଞ୍ଚ ଓ କଂଗ୍ରେସ ସମର୍ଥିତ ସମିତି ସଭ୍ୟାସଭ୍ୟ

ଦେଓଗାଁ,୨।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ସଭାଗୃହରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ପ୍ରିୟ ରଞ୍ଜନ କୁମାରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଗ୍ରାମ ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ ବିବରଣୀ ପଠନ କରିଥିଲେ । ପରେ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର ସରପଞ୍ଚମାନଙ୍କ ପ୍ରସ୍ତାବିତ ପ୍ରକଳ୍ପକୁ ବ୍ଲକ ପକ୍ଷରୁ କାହିଁକି ଅନୁମୋଦନ କରାଯାଉନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ । ଏଥିସହ ସ୍କ୍ରିନିଂ କମିଟିରେ ମଧ୍ୟ ସରପଞ୍ଚମାନଙ୍କ ପ୍ରସ୍ତାବକୁ ଅଗ୍ରାହ୍ୟ କରିବା ପରିତାପର ବିଷୟ ବୋଲି କହିବାରୁ ବ୍ଲକ ଅଧ୍ୟକ୍ଷଙ୍କ ସହ କଥା କଟାକଟି ଆରମ୍ଭ ହୋଇଥିଲା । ଏଥିରେ ଉପସ୍ଥିତ ସରପଞ୍ଚ ମାନଙ୍କ ମଧ୍ୟରୁ ୧୪ଜଣ ସରପଞ୍ଚ ହଠାତ୍ ଉଠିଯାଇ ବୈଠକକୁ ବର୍ଜନ କରିଥିଲେ । ପରେ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆଙ୍କ ସମେତ କଂଗ୍ରେସ ସମର୍ଥିତ ୯ଜଣ ସମିତି ସଭ୍ୟାସଭ୍ୟ ମଧ୍ୟ ବୈଠକରୁ ଉଠି ବାହାରକୁ ଚାଲିଆସି ପ୍ରତିବାଦ କରିଥିଲେ । ଏଣୁ କିଛି ସମୟ ଧରି ବ୍ଲକ ପରିସରରେ ଉତ୍ତେଜନା ଦେଖା ଦେବା ସହ ଜନପ୍ରତିନିଧି ମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ସରପଞ୍ଚ ସଂଘ ସଭାପତି ମିଶ୍ରଙ୍କ ମତ ଲୋଡିବାରୁ ସରପଞ୍ଚମାନେ ପ୍ରସ୍ତାବ ଦେଇଥିବା ଉନ୍ନୟନ ପ୍ରକଳ୍ପଗୁଡିକୁ ବ୍ଲକରେ କାଟି ଦେବା ଦୁଃଖର ବିଷୟ। ଆଲୋଚନା କରିବାକୁ ଯାଇ କୌଣସି ସୁଫଳ ନ ମିଳିବାରୁ ଆମେ କକ୍ଷତ୍ୟାଗ କରିବାକୁ ବାଧ୍ୟହେଲୁ ବୋଲି କହିଥିଲେ। ଆଗକୁ ସହଯୋଗ ନ ମିଳିଲେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ସେ କହିଥିଲେ। ଅନ୍ୟପକ୍ଷେ ବ୍ଲକ ଅଧ୍ୟକ୍ଷ ଖମାରୀଙ୍କୁ ପଚାରିବାରୁ ବୈଠକକୁ ବର୍ଜନ କରିଥିବା ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନଙ୍କ ପୂର୍ବରୁ ଯୋଜନା ରହିଥିଲା। ଏଣୁ ବୈଠକ ଆରମ୍ଭରୁ ହିଁ ଆମକୁ ଅଣଦେଖା କରାଯାଉଛି ବୋଲି ଅଭିଯୋଗ ଆଣି ବୈଠକରେ ଭାଗ ନ ନେଇ ବାହାରକୁ ଚାଲିଯାଇଥିଲେ । କିନ୍ତୁ ପଞ୍ଚାୟତ ସମିତି ତରଫରୁ ଏଜେଣ୍ଡା ଅନୁଯାୟୀ ଆଲୋଚନା କରିବା ପାଇଁ ପ୍ରସ୍ତୁତ ଥିଲୁ। ଯେହେତୁ ବୈଠକରେ ବ୍ଲକର ୨୬ଟି ପଞ୍ଚାୟତରୁ ୨୧ଜଣ ଜନ ପ୍ରତିନିଧି ଉପସ୍ଥିତ ରହିଥିଲେ ଏଣୁ କୋରମ ପୂରଣ ହେବାସହ ଖସଡା ଅନୁସାରେ ଆଲୋଚନା ହୋଇଥିଲା। ଆଗକୁ ଆମେ ସମନ୍ୱୟ ରକ୍ଷା କରି ଉନ୍ନୟନ କାମ କେମିତି ତ୍ୱରାନ୍ୱିତ ହୋଇପାରିବ ସେ ଉପରେ ଧ୍ୟାନ ଦେବୁ ବୋଲି କହିଥିଲେ ।

# ବଲାଙ୍ଗୀର ଜିଲାରେ ସର୍ବାଧିକ ୭୧୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ

ବଲାଙ୍ଗୀର,୨।୫(ବୀରେନ୍ଦ୍ର କୁମାର ଝାଙ୍କର)

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଜିଲାର ୨୧୯୫୨ ଜଣ ଛାତ୍ରୀଛାତ୍ର ଫର୍ମ ଫିଲପ କରିଥିଲେ। ତେବେ ଚଳିତ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ରାଜ୍ୟରେ ବଲାଙ୍ଗୀର ଜିଲାର ସର୍ବାଧିକ ସଂଖ୍ୟକ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଥିବା ଜଣାପଡିଛି। ଜିଲାର ୭୧୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିବା ଜଣାପଡିଛି। ତେବେ କେଉଁ କାରଣରୁ ଜିଲାରେ ଏତେ ସଂଖ୍ୟକ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ରହିଲେ ଜଣାପଡିନାହିଁ।

# 'ଶ୍ରମିକ ଶୋଷଣ, ନିର୍ଯାତନା ରୋକିବାକୁ ହେବ'

ବଲାଙ୍ଗୀର,୨।୫(ବୀରେନ୍ଦ୍ର କୁମାର ଝାଙ୍କର)




ରାଜମିସ୍ତ୍ରୀ ସଂଘର ଶୋଭାଯାତ୍ରା।

**ବଲାଙ୍ଗୀର ରାଜମିସ୍ତ୍ରୀ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ଦିବସ ପାଳନ**

ବଲାଙ୍ଗୀର ରାଜମିସ୍ତ୍ରୀ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଗୁରୁବାର ଶ୍ରମିକ ଦିବସ ପାଳନ କରାଯାଇଥିଲା। ସଂଘ ନେତୃତ୍ୱରେ ୭ଶହରୁ ଊର୍ଦ୍ଧ୍ୱ ଶ୍ରମିକ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଭାଗରଥି ଛକ, ବିକ୍ରମ ଛକ, ଡେଲିମାର୍କେଟ, ସମଲେଶ୍ୱରୀ ମନ୍ଦିର ଛକ, ପାଟଣା ହୋଟେଲ ଛକ, ମେନ୍ ମାର୍କେଟ, କଚେରୀ ଛକ ଦେଇ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ପରେ କୋଶଳ କଳାମଣ୍ଡଳ ପଡିଆରେ ସଂଘ ସଭାପତି ଶମ୍ଭୁ ନାଗଙ୍କ ସଭାପତିତ୍ୱରେ ଶ୍ରମିକ ଦିବସ ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଲିକା ସାହୁ ଓ ସମାଜସେବୀ ଦିଗାମ୍ବର ନାଏକ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ବିଶି ଶ୍ରମିକମାନଙ୍କ ସୁରକ୍ଷା, ଉପଯୁକ୍ତ ପାଉଣା ଓ ଠିକଣା ସମୟରେ କାମ ଯୋଗାଇବା ଉପରେ କହିଥିଲେ। ଶ୍ରମିକ ଶୋଷଣ ଓ ନିର୍ଯାତନା ରୋକିବା ଦିଗରେ ରାଜ୍ୟ ଓ କେନ୍ଦ୍ର ସରକାର ଉଚିତ୍ ପଦକ୍ଷେପ ନେବାକୁ ସେ କହିଥିଲେ। ପୌରାଧ୍ୟକ୍ଷା ସାହୁ ଶ୍ରମିକଙ୍କ ମଜୁରି ବୃଦ୍ଧି ଓ ସମ୍ମାନ ଉପରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘ ଉପସଭାପତି ସାରଥି ପ୍ରଧାନ, ସମ୍ପାଦକ ହରେକୃଷ୍ଣ ମହାନନ୍ଦ, କୋଷାଧ୍ୟକ୍ଷ ହରିବନ୍ଧୁ ଧରୁଆ, ମୁରଲି ମହାକୁର, ସୁରେଶ ମହାକୁର, କୃପା ମହାକୁର, ବିଜୟ ମହାନନ୍ଦ, ଅନିଲ ରଣା, ପ୍ରସନ୍ନ ରଣା, ଅଭିମନ୍ୟୁ ନନ୍ଦ, ବାସୁ ପରିଡା, ଦେବ ଶଙ୍କର ବାଗ, ଦୁର୍ଯୋଧନ ବର୍ଗତି, ସତ୍ୟ ବର୍ଗତି, ଗଜୀନ ବର୍ଗତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶ୍ରମିକଙ୍କୁ ସହାୟତା ଦେବାରେ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ: ମନ୍ତ୍ରୀ ମୁକେଶ

ବଲାଙ୍ଗୀର,୨।୫(ବୀରେନ୍ଦ୍ର କୁମାର ଝାଙ୍କର)




ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ବଣ୍ଟନ କରୁଛନ୍ତି।

**ବଲାଙ୍ଗୀରରେ ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମ ଦିବସ ପାଳନ**

ବଲାଙ୍ଗୀର କଲେଜ ଛକ କଲ୍ୟାଣ ମଣ୍ଡପଠାରେ ଗୁରୁବାର ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମ ଦିବସ ପାଳିତ ହୋଇଯାଇଛି । ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ସରକାର କିଭଳି ଶ୍ରମିକମାନଙ୍କୁ ଗୁରୁତ୍ୱ ଦେଉଛନ୍ତି କହିଥିଲେ। ସରକାର ଆସିବାର ସ୍ୱଳ୍ପ ଅବଧି ମଧ୍ୟରେ ଦୁଇଥର ଶ୍ରମିକଙ୍କ ପାରିଶ୍ରମିକ ବୃଦ୍ଧି କରାଯାଇଛି। ନିର୍ମାଣ ଶ୍ରମିକଙ୍କ ପାଇଁ ସ୍ୱାଭାବିକ ମୃତ୍ୟୁ ସହାୟତା ୨ ଲକ୍ଷରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ୪ ଲକ୍ଷରୁ ୬ ଲକ୍ଷକୁ ବୃଦ୍ଧି କରାଯାଇଛି ବୋଲି ସୂଚନା ଦେଇଥିଲେ। ସରକାର ଶ୍ରମିକଙ୍କ ସାମାଜିକ ସୁରକ୍ଷା ଏବଂ ସାମଗ୍ରିକ ଉନ୍ନତିକୁ ଗୁରୁତ୍ୱ ଦେଉଛନ୍ତି ବୋଲି କହିଥିଲେ। ଏହାସହିତ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ସମସ୍ତ ଶ୍ରମିକ ଦେଶର ୨୯ ହଜାରରୁ ଊର୍ଦ୍ଧ୍ୱ ସରକାରୀ ଓ ପଞ୍ଜୀକୃତ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ସେ କହିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ଯୋଗ ଦେଇଥିଲେ। ସଭାରେ ଅତିରିକ୍ତ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ ଉପସ୍ଥିତ ଥିଲେ। ଜିଲା ଶ୍ରମ ଅଧିକାରୀ ସୁକାନ୍ତ କୁମାର ସେଠୀ ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିଲେ। ଆନ୍ତର୍ଜାତିକ ଶ୍ରମ ଦିବସ ପାଳନ ଅବସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ବିବାହ ସହାୟତା ପାଇଁ ୮୬ ଜଣଙ୍କୁ ୪୩ ଲକ୍ଷ ଟଙ୍କା, ହିତାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ପାଇଁ ୧୬ ଜଣଙ୍କୁ ୩୭ ଲକ୍ଷ ଟଙ୍କା, ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ପାଇଁ ୧୪ ଜଣଙ୍କୁ ୭୦ ହଜାର ଟଙ୍କା, ଶିଶୁ ଜନ୍ମ ସହାୟତା ବାବଦରେ ୮ ଜଣଙ୍କୁ ୮୦ ହଜାର ଟଙ୍କା, ପାଠପଢା ସହାୟତା ବାବଦରେ ୧୩ ଜଣଙ୍କୁ ୯୮ ହଜାର ୪ ଶହ ଟଙ୍କାକୁ ମିଶାଇ ସମୁଦାୟ ୧୩୭ ଜଣଙ୍କୁ ୮୨ ଲକ୍ଷ ୪୮ ହଜାର ୪ ଶହ ଟଙ୍କାର ସହାୟତା ରାଶି ମନ୍ତ୍ରୀ ଡ଼ ମହାଲିଙ୍ଗ ହିତାଧିକାରୀଙ୍କୁ ବଣ୍ଟନ କରିଥିଲେ। ସଭାର ୨୦୦ ଜଣ ହିତାଧିକାରୀଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା, ଶ୍ରମିକ ଓ ଜିଲା ଶ୍ରମ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବୌଦ୍ଧରେ ପାସ୍ ହାର ୯୭.୪୧ ପ୍ରତିଶତ

ବୌଦ୍ଧ,୨।୫(ଅଜିତ କୁମାର ବାରିକ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ବୌଦ୍ଧ ଜିଲାରେ ପାସ୍ ହାର ୯୭.୪୧ ପ୍ରତିଶତ ରହିଛି। ଏ-୧ରେ ୬ଜଣ ଛାତ୍ରୀଛାତ୍ର ପାଶ କରଥିବା ବେଳେ ଏ-୨ରେ ୮୨ଜଣ, ବି-୧ରେ ୩୧୪ ଜଣ, ବି-୨ରେ ୮୬୨ଜଣ, ସି ରେ-୧୬୮୩, ଡି ରେ -୨୧୩୯ , ଇ ରେ -୧୧୩୧ ଓ ଏ ଫରେ ୧୬୩ ଜଣ ଛାତ୍ରୀଛାତ୍ର ପାଶ କରିଛନ୍ତି। ପୁରୁଣାକଟକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ସିଦ୍ଧିପ୍ରିୟଦର୍ଶିନୀ ମହାରଣା ୫୬୦ ଓ ସିଗ୍ଧାଛାୟା ପ୍ରଧାନ ୫୫୬, ବୌଦ୍ଧ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ସ୍ୱାଶତଶେଖର ଶତପଥି ୫୬୦ ଓ ସ୍ୱୟଂଶୁରୟନ ଶାସନୀ ୫୬୦ , ସଂଗ୍ରାମପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଛାତ୍ର ଡିପୁଲ ମେହେର ୫୪୫ ଓ ବାଉଁଶୁଣୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରିତି ପ୍ରିୟଦର୍ଶିନୀ ପଣ୍ଡା ୫୫୪ ନମ୍ବର ରଖି ଏ-୧ରେ ସ୍ଥାନ ପାଇଛନ୍ତି। ଜିଲାରେ ଚଳିତ ବର୍ଷ ୬୩୮୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

### ବିଦ୍ୟୁତ୍ ଯୋଗାଣ ଦାବିରେ କାର୍ଯ୍ୟାଳୟ ଘେରାଉ

ବାଉଁଶୁଣୀ, ୨।୫(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଗୁନ୍ଦୁଲିଆ ଫିଡରକୁ ବିଦ୍ୟୁତ୍ ଯୋଗାଣ ଦାବିରେ ଶୁକ୍ରବାର ଉପଭୋକ୍ତାମାନେ ବାଉଁଶୁଣୀ ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ ଘେରାଉ କରିଥିଲେ। ସୂଚନା ଅନୁଯାୟୀ କୌଣସି କାରଣରୁ ଗତ ୫ଦିନ ଧରି ଗୁନ୍ଦୁଲିଆ ଫିଡରକୁ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଛି। ଏଥିଯୋଗୁ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସେମାନେ କାର୍ଯ୍ୟାଳୟ ଘେରାଉ କରିଥିବା କହିଛନ୍ତି। ବିଦ୍ୟୁତ୍ ଯୋଗାଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ।

### ରାମଲୀଳା କଳାକାରଙ୍କ ପରଲୋକ

ଅମରପାଲି,୨।୫(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡି ଗ୍ରାମର ବରିଷ୍ଠ କଳାକାର ତ୍ରିଲୋଚନ ପାତ୍ର (୮୨)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ କିଛିଦିନ



ହେଲା ।ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ସେ ଜଣେ ରାମଲୀଳା କଳାକାର ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ସେ ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଧରି ମୁର୍ଷୁଣ୍ଡିରେ ହେଉଥିବା ଶ୍ରୀରାମଲୀଳା ନାଟକରେ ରାବଣ ଭୂମିକାରେ ଅଭିନୟ କରୁଥିଲେ। ତାଙ୍କର ଅଭିନୟ ଯୋଗୁ ସେ ବେଶ ଲୋକପ୍ରିୟ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ପଙ୍କଜିନୀ ପାତ୍ର ଓ ଏକମାତ୍ର ପୁତ୍ର ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ପଦ୍ମନାଭ ପାତ୍ର ମୁଖାଗ୍ନି ଦେଇଥିଲେ। ସେ ଜଣେ ମେଳାପି ଓ ଧର୍ମ ପରାୟଣ ବ୍ୟକ୍ତି ଥିଲେ।

# ୨୮ ପରୀକ୍ଷାର୍ଥୀଙ୍କୁ ଏ-୧ ଗ୍ରେଡ୍

## ସୁବର୍ଣ୍ଣପୁର ଜିଲାରେ ମାଟ୍ରିକ୍ ପରୀକ୍ଷା ଫଳ

## ପାସ୍‌ହାର ୯୬.୨୨ ପ୍ରତିଶତ

ସୋନପୁର,୨।୫(ମୃତ୍ୟୁଞ୍ଜୟ ଶତପଥୀ)

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ୨୦୨୫ର ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶିତ ହୋଇଛି। ସୁବର୍ଣ୍ଣପୁର ଜିଲାରେ ପାସ୍ ହାର ୯୬.୨୨ ପ୍ରତିଶତ ରହିଛି। ଏହା ରାଜ୍ୟରେ ୨୦ତମ ସ୍ଥାନରେ ରହିଛି। ଗତବର୍ଷ ପାସ୍ ହାର ୯୭.୧୧ ପ୍ରତିଶତ ଥିଲା। ଚଳିତବର୍ଷ ଜିଲାର ମୋଟ ୧୨୮ଟି ଉଚ୍ଚ ବିଦ୍ୟାଳୟର ୮୦୭୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୪୦୦୯ ଛାତ୍ରୀ ଓ ୩୭୫୯ ଛାତ୍ରଙ୍କୁ ମିଶାଇ ମୋଟ ୭୭୬୮ ପାସ୍ କରିଛନ୍ତି। ଜିଲାର ୨୮ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଛନ୍ତି।

## ଆଦ୍ୟାଶା, ସମୀକ୍ଷା ଓ ପ୍ରିୟାଂଶୁ ଜିଲା ଟପ୍ପର


ଆଦ୍ୟାଶା


ସମୀକ୍ଷା


ପ୍ରିୟାଂଶୁ

ସୋନପୁର ସାହାରା ଟ୍ରଷ୍ଟ ଆବାସିକ ହାଇସ୍କୁଲର ଛାତ୍ରୀ ଆଦ୍ୟାଶା ପୁରୋହିତ, ସମୀକ୍ଷା ସାହୁ ଓ ଛାତ୍ର ପ୍ରିୟାଂଶୁ ବେଦ୍‌ବାକ ପ୍ରତ୍ୟେକ ୫୬୫ ଲେଖାଏ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ଆଦ୍ୟାଶା ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି । ସେ ଦିନକୁ ୬ ଘଣ୍ଟା ପରିଶ୍ରମ କରୁଥିଲେ । ତାଙ୍କ ମା କଳ୍ପନା ପୁରୋହିତ ଜଣେ ଗୃହିଣୀ ଓ ବାପା ମନୋରଞ୍ଜନ ପୁରୋହିତ ଜଣେ ଶିକ୍ଷକ । ସମୀକ୍ଷାଙ୍କ ଘର ବଲାଙ୍ଗୀର ଜିଲା ତୁଷୁରା ଥାନା ଅଇଁଲାପାଲି ଗାଁରେ। ସେ ଅଷ୍ଟମ ଶ୍ରେଣୀରୁ ସାହାରା ଟ୍ରଷ୍ଟ ହାଇସ୍କୁଲ ହଷ୍ଟେଲରେ ରହି ପାଠ ପଢୁଥିଲେ। ସ୍କୁଲ ସମୟ ବ୍ୟତୀତ ସେ ଦୈନିକ ୬ରୁ ୭ ଘଣ୍ଟା ପରିଶ୍ରମ କରୁଥିଲେ। ଯୁକ୍ତ ୨ ବିଜ୍ଞାନ ପଢିବା ସହ ଭବିଷ୍ୟତରେ ଜଣେ ଇଞ୍ଜିନିୟର ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି। ସମୀକ୍ଷାଙ୍କ ମା' କସ୍ତୁରୀ ତିଳକ ସାହୁ ଜଣେ ଶିକ୍ଷୟିତ୍ରୀ ଓ ବାପା ମାୟାଧର ସାହୁ ଜଣେ ବ୍ୟବସାୟୀ। ପ୍ରିୟାଂଶୁଙ୍କ ଘର ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଭଜବଲପୁର ଗାଁରେ। ସେ ଷଷ୍ଠ ଶ୍ରେଣୀରୁ ସାହାରା ଟ୍ରଷ୍ଟ ହାଇସ୍କୁଲରେ ପାଠ ପଢୁଥିଲେ। ସ୍କୁଲ ସମୟ ବ୍ୟତୀତ ସେ ଦୈନିକ ୭ ଘଣ୍ଟା ପରିଶ୍ରମ କରୁଥିଲେ। ଯୁକ୍ତ ୨ ବିଜ୍ଞାନ ପଢିବା ସହ ଭବିଷ୍ୟତରେ ଜଣେ ଭଲ ଡାକ୍ତର ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି। ପ୍ରିୟାଂଶୁଙ୍କ ମା ସୁନନ୍ଦିନୀ ଜଣେ ଗୃହିଣୀ ଓ ବାପା କ୍ଷେତ୍ରବାସୀ ବେଦବାକ୍ ଜଣେ ବ୍ୟବସାୟୀ । ସେ ଏହି ସଫଳତାର ଶ୍ରେୟ ଉଭୟ ମା ବାପା, ଗୁରୁଜନ ଓ ସାହାରା ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ଓ ସହପାଠୀଙ୍କୁ ଦେଇଛନ୍ତି।

ତେବେ ଏହି ସଫଳତା ପାଇଥିବା ୨୬ ଛାତ୍ରୀଛାତ୍ର ବେସରକାରୀ ସ୍କୁଲର। ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲର ସର୍ବାଧିକ ୨୫ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ପାଇଛନ୍ତି। ସେହିପରି ବିନିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଡୁଙ୍ଗୁରିପାଲି ବ୍ଲକ ଗଧାପାଲି ଶ୍ରୀଜଗନ୍ନାଥ ହାଇସ୍କୁଲ ଓ ରାମପୁର ଗାର୍ଲସ୍ ହାଇସ୍କୁଲର ଜଣେ ଲେଖାଏ ଛାତ୍ରୀ ଏ-୧ ଗ୍ରେଡ୍ ପାଇଛନ୍ତି। କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଜିଲା ଶିକ୍ଷା ଅଧିକାରୀ ମୀନାରାଣି ମଙ୍ଗଳ ଶୁଭେଚ୍ଛା ଜଣାଇଛନ୍ତି।

# ଚତୁର୍ଥ ଗନ୍ଧରାଢ଼ୀ ଲୋକକଳା ମହୋତ୍ସବ ପାଇଁ ଶୁଭଖମ୍ବ ସ୍ଥାପନ

ବଘିଆପଡ଼ା,୨।୫(ଶ୍ରୀକାନ୍ତ ସାହୁ)

ବୌଦ୍ଧ ସଦର ବ୍ଲକ ଲକ୍ଷ୍ମୀପ୍ରାସାଦ ପଞ୍ଚାୟତ ଜଗତି ହାଇସ୍କୁଲ ଖେଳପଡିଆଠାରେ ଚତୁର୍ଥ ଗନ୍ଧରାଢ଼ୀ ଲୋକକଳା ମହୋତ୍ସବ ନିମନ୍ତେ ଗୁରୁବାର ଶୁଭଖମ୍ବ ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେର, ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବୌଦ୍ଧ ଏନ୍ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କମିଟି ସଭାପତି ଅଶୋକ କୁମାର ସାହୁ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଶମ୍ଭୁ ଗିରି ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ଶେଷରେ ସହସମ୍ପାଦକ ସ୍ୱାଧୀନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୧୧ ତାରିଖଠାରୁ ୫ଦିନ ଧରି ଗନ୍ଧରାଢ଼ୀ ମହୋତ୍ସବ ଅନୁଷ୍ଠିତ ହେବ।

# ଛାତ୍ର ଜୀବନ ଏକ ମୁକ୍ତ ବିହଙ୍ଗ ପରି ହେବା ଉଚିତ


ଜୟ ହିନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଲାଠୋର,୨।୫(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଜୟହିନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଚେୟାର ପର୍ସନ ଶଙ୍କରଲାଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣାଗଡ଼ ଉପଜିଲାପାଳ ସୁନୀଲ କୁମାର ମେହେର ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଅଭିଭାବକଙ୍କ ଉଦ୍ଦେଶ୍ୟରେ ଶିଶୁକୁ ଡ଼ାକ୍ତର,ଇଞ୍ଜିନିୟର କିମ୍ବା ବଡ଼ ଅଫିସର ହେବା ପାଇଁ ଚାପ ସୃଷ୍ଟି ନ କରି ଭଲ ମଣିଷ ହେବାକୁ ଉପଦେଶ ଦେବାକୁ ପରାମର୍ଶ ଦେଇଥିଲେ। ଏହାଛଡା ଅଞ୍ଚଳର ମେଧାବୀ ଗରିବ ଛାତ୍ରୀଛାତ୍ରଙ୍କୁ ଖୋଜି ମାଗଣାରେ ସ୍କୁଲରେ ପାଠ ପଢାଇବା ପାଇଁ କହିଥିଲେ। ସେହିପରି ନୂଆପଡ଼ା ସାଇ ଇଣ୍ଟରନ୍ୟାଶନାଲ କଲେଜ ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଯେଉଁ ଶିକ୍ଷା ମଣିଷକୁ ସ୍ୱାଧୀନ ଭାବେ ବଞ୍ଚିବାକୁ ରାହା ଦେଖାଇଥାଏ ତାହା ହେଉଛି ଉପଯୁକ୍ତ ଶିକ୍ଷା। ଏଣୁ ଛାତ୍ରୀଛାତ୍ରଙ୍କ ଜୀବନ ଏକ ମୁକ୍ତ ବିହଙ୍ଗ ପରି ହେଲେ ସେମାନେ ଉଚିତ୍ ଶିକ୍ଷା ଗ୍ରହଣ କରି ପାରିବେ ବୋଲି କହିଥିଲେ।

### ମନ ମୋହିଲା ନାଟକ ମା' ପରି କିଏ ହେବ

ସମ୍ମାନିତ ଅତିଥି ଭାବେ ଲାଠୋର ଥାନା ଅଧିକାରୀ ରାକେଶ ବେହେରା ଓ ଅନ୍ୟ ଅତିଥି ଭାବେ ସ୍କୁଲ ଉପସଭାପତି ବଂଶୀଧର ଅଗ୍ରୱାଲ,ସମ୍ପାଦକ ପଙ୍କଜ ଅଗ୍ରୱାଲ ଏବଂ ଜୟହିନ୍ଦ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁବଳ କୁମାର ବାଗ ଯୋଗ ଦେଇଥିଲେ। ଅଧ୍ୟକ୍ଷ ବାଗ ବାର୍ଷିକ ବିବରଣୀ ପଠନ କଲା ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେଥିମଧ୍ୟରୁ ନାଚ ଗୀତରେ ସମୁଦ୍ର ମନ୍ଥନ ଏବଂ ନାଟକରେ 'ମା ପରି କିଏ ହେବ' ମନ ମୋହିଥିଲା। ଶିକ୍ଷୟିତ୍ରୀ ନିହାରିକା ଶିକା ଓ ଶିକ୍ଷକ ଦାନସାଇ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଆମଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ନିମୁହିଁ ମନ୍ଦିରକୁ ଐତିହ୍ୟ ପୀଠର ମାନ୍ୟତା ଦାବି


ମଞ୍ଚର କର୍ମକର୍ତ୍ତା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ସୋନପୁର,୨।୫(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର କଚେରି ଛକ ନିକଟରେ ଥିବା ନିମୁହିଁ ମନ୍ଦିରକୁ ଐତିହ୍ୟ ପୀଠର ମାନ୍ୟତା ପ୍ରଦାନ ପାଇଁ ଦାବି ହୋଇଛି। ସୁବର୍ଣ୍ଣପୁର ଜିଲା ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀଙ୍କୁ ସାକ୍ଷାତ କରି ଏହି ଦାବି କରିଛନ୍ତି। ନିମୁହିଁ ମନ୍ଦିରକୁ ଐତିହ୍ୟ ପୀଠର ମାନ୍ୟତା ସହ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ନିମନ୍ତେ ମଞ୍ଚ ପକ୍ଷରୁ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ ସହ ଉକ୍ତ ପୀଠ ବିଷୟରେ ରହିଥିବା ଇତିହାସ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ଉକ୍ତ ପୀଠ ଐତିହାସିକ ଦୃଷ୍ଟି କୋଣରୁ ବେଶ ଗୁରୁତ୍ୱ ବହନ କରେ। ପୀଠଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିବା ନିଶ୍ଚିତ ଭାବରେ ଦୁଃଖଦାୟକ ବୋଲି ମଞ୍ଚର କର୍ମକର୍ତ୍ତା ଦୃଷ୍ଟି ଆକର୍ଷଣ କରିଥିଲେ। ପୀଠର ଉନ୍ନତି ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସଚେତନ ନାଗରିକ ମଞ୍ଚର ସଭାପତି ସିତାଂଶୁ ଶେଖର ମିଶ୍ର, ଗୁଣନିଧି ମେହେରଙ୍କ ସମେତ ବାଙ୍କାନିଧି ରାୟଗୁରୁ,ମହେଶ ପୂଝାରୀ, ଅକ୍ଷୟ କୁମାର ସେଠୀ, ଦୁଃଖିରାମ ନାୟକ, ସୂର୍ଯ୍ୟ ନାରାୟଣ ଦାସ, ଶେଷଦେବ ପଟ୍ଟନାୟକ, ପ୍ରଦୀପ ପୁରୋହିତ ଓ ଜ୍ୟୋତିରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### କଳାକାର ଇନ୍ଦ୍ରଜିତ କୁମ୍ଭାରଙ୍କ ପରଲୋକ

ବୀରମହାରାଜପୁର,୨।୫(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଢେଲେଇ ଗ୍ରାମର ଲୋକପ୍ରିୟ କଳାକାର ଇନ୍ଦ୍ରଜିତ କୁମ୍ଭାର (୯୫)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ଏକାଧାରରେ ଜଣେ ଢୋଲ ବାଦକ, ମହୁରିଆ ଓ ଦଣ୍ଡ ଗୁରୁ । ସ୍ଥାନୀୟ ଜଉଁରା ଭଉଁରା ଅଞ୍ଚଳରେ ଡୁଲିଆ ଗୁରୁ ଭାବେ ପରିଚିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ନାତି ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପୁଅ ସଦାନନ୍ଦ କୁମ୍ଭାର ମୁଖାଗ୍ନି ଦେଇଥିଲେ। କଳାକୁ ନିଜର ସୌଖିନ ବୃତ୍ତି ଭାବେ ଗ୍ରହଣ କରିଥିବା ଇନ୍ଦ୍ରଜିତଙ୍କୁ ଢ଼େଲେଇ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଶ୍ରେଷ୍ଠ କଳାକାର-୨୦୨୫ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ନାରାୟଣ ନାୟକ ସୁବର୍ଣ୍ଣପୁର ଏସ୍‌ପି

ସୋନପୁର,୨।୫(ମୃତ୍ୟୁଞ୍ଜୟ ଶତପଥୀ)

ବରିଷ୍ଠ ପୋଲିସ ଅଧିକାରୀ ନାରାୟଣ


ନାରାୟଣ ନାୟକ।

ନାୟକଙ୍କୁ ସୁବର୍ଣ୍ଣପୁର ଏସ୍‌ପି ଭାବେ ବଦଳି କରାଯାଇଛି। ସେ ଏବେ ମେରାଇନ ଏଣ୍ଡ କୋଷ୍ଟଲ ସିକ୍ୟୁରିଟିର ଏଆଇଜି ଅଛନ୍ତି। ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଶୁକ୍ରବାର ବଦଳି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ନାରାୟଣ ବିଭିନ୍ନ ଜିଲାରେ ଦକ୍ଷତାର ସହିତ କାର୍ଯ୍ୟ କରିଛନ୍ତି। ସୁବର୍ଣ୍ଣପୁର ଏସ୍‌ପି ରାମ ପ୍ରସାଦ ସାହୁ ଗତ ୩୦ ତାରିଖରେ ଅବସର ଗ୍ରହଣ କରିଥିଲେ।

# ଆତଙ୍କବାଦୀ ଆକ୍ରମଣ ଘଟଣା ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା

ଲୋଇସିଂହା,୨।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜାସ୍ଥିତ ଛେଲିଆପାଟ ସେବା ସଂଗଠନ ଓ ଗ୍ରାମବାସୀଙ୍କ ଦ୍ୱାରା କଶ୍ମୀରର ପହଲଗାମ୍‌ଠାରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣା ନେଇ ନିକଟରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଏହି ଅବସରରେ ମୃତ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଗଠନର ଉପଦେଷ୍ଟା ଆନନ୍ଦ କୁମାର ସାହୁ ପାକିସ୍ତାନର ପ୍ରୋତ୍ସାହନରେ ଘଟିଥିବା ଏହି ଅମାନୁଷିକ କାଣ୍ଡର ନିନ୍ଦା କରିବା ସହିତ ଏହାର ମୁକାବିଲା ପାଇଁ ସରକାର ଦୃଢ଼ ପଦକ୍ଷେପ ନେବାକୁ ଆହ୍ୱାନ କରିଥିଲେ। ସଂଗଠନର ସଭାପତି ବିଚିତ୍ରାନନ୍ଦ ପାତ୍ର ଏଭଳି ବର୍ବୋରୋଚିତ ଘଟଣାକୁ ଦୃଢ ନିନ୍ଦା କରିଥିଲେ। ଯଶୋବନ୍ତ କୁମ୍ଭାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂଗଠନର ସଦସ୍ୟ ଦେବେନ୍ଦ୍ର ଭୋଇ, ସଞ୍ଜୀବ ଭୋଇ, ଗୁଲାପ ଷଣ୍ଢ, କୁଳମଣି ଭୋଇ,ଗୋବିନ୍ଦ ଭୋଇ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।


# ତାଲୁକ ଆଇନ ସେବା କମିଟି ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ

ହରଭଙ୍ଗା,୨।୫(ନରେନ୍ଦ୍ର କୁମାର ସାହୁ)

ତାଲୁକ ଆଇନ ସେବା କମିଟି ହରଭଙ୍ଗା ପକ୍ଷରୁ ଚାରିଛକସ୍ଥିତ କୋର୍ଟ ପରିସରରେ ଗୁରୁବାର ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହେବା ସହ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ତଥା ହରଭଙ୍ଗା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ପ୍ରୀତିଶ କୁମାର ସାମଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ସାମଲ ବିଶ୍ୱ ଶ୍ରମିକ ଦିବସ ଉପରେ ଆଲୋକପାତ କରିବା ସହ ଶ୍ରମିକମାନେ ଦେଶର ମେରୁଦଣ୍ଡ ବୋଲି କହିଥିଲେ। ଶ୍ରମିକଙ୍କ ପାଇଁ ଥିବା ଆଇନର ବିଭିନ୍ନ ଦିଗ ଉପରେ ସଚେତନତା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଶ୍ରମିକଙ୍କୁ ସେମାନଙ୍କର ଅଧିକାର ଏବଂ ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ବିଭିନ୍ନ ଉନ୍ନତିମୂଳକ ଯୋଜନା ଉପରେ ଆଲୋକପାତ କରାଯାଇଥିଲା। ଏଥିସହ ସେମାନଙ୍କ ସୁରକ୍ଷା ପାଇଁ ଥିବା ନିୟମମାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସରକାରୀ ଓକିଲ ଅଜିତ ପରିଡା, ହରଭଙ୍ଗା ଥାନା ଅଧିକାରୀ ନଳିନୀକାନ୍ତ ଦାସ, କୋର୍ଟ କର୍ମଚାରୀ ସୁମନ୍ତ ପ୍ରଧାନ, ପ୍ରଭୁଦତ୍ତ ଛତ୍ରିଆ, ତୁମ୍ବନାଥ ପାତ୍ର ଓ ବହୁ ସଂଖ୍ୟାରେ ଶ୍ରମିକ ଯୋଗଦେଇଥିଲେ।

# ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ

ବୌଦ୍ଧ,୨।୫(ଅଜିତ କୁମାର ବାରିକ)




ଜିଲା ଦୌରାଜଜ ସହାୟତା ରାଶି ପ୍ରଦାନ କରୁଛନ୍ତି।

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ଗୃହଠାରେ ପାଳିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଶାଶ୍ୱତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ଦୌରାଜଜ ପ୍ରତାପ କୁମାର ପାତ୍ର ଯୋଗଦେଇ ଶ୍ରମିକମାନେ ବାହାରକୁ କାମ କରିବାକୁ ଯିବାବେଳେ ନିଜ ସମ୍ପର୍କରେ ସଠିକ୍ ତଥ୍ୟ ଦେବା ସହିତ ସଚେତନ ରହିବା ପାଇଁ ଆହ୍ୱାନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏନେଇ ବାରମ୍ବାର ସଚେତନ କରାଯାଉଥିବାବେଳେ କିଛି ଅବୁଝା ରହିଲେ ସେ ସମ୍ପର୍କରେ ପ୍ରାଧିକରଣ ପକ୍ଷରୁ ଖୋଲାଯାଇଥିବା କକ୍ଷକୁ ଆସି ବୁଝିପାରିବେ ବୋଲି ପ୍ରକାଶ କରିଥିଲେ। ପ୍ରଥମ ଶ୍ରେଣୀ ଦଣ୍ଡାଧିଶ ସୁସ୍ମିତା ପ୍ରିୟଦର୍ଶିନୀ ଶ୍ରମ ଅଧିକାର ଏବଂ ଶ୍ରମିକଙ୍କ ପାଇଁ ରହିଥିବା ଆଇନ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନ ସେବା ପ୍ରାଧିକରଣ ସଚିବ ଶାଶ୍ୱତୀ ମିଶ୍ର ସ୍ୱାଗତ ଭାଷଣ ଦେଇ ଶ୍ରମିକମାନେ ନିଜର କର୍ତ୍ତବ୍ୟ ପ୍ରତି ନିଜେ ସଚେତନ ହେବା, ସେମାନଙ୍କ ମୌଳିକ ଅଧିକାର, ଆଇନ ଏବଂ ନିଜ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ କନ୍ୟାକୁମାରୀ ସାହୁ ଶ୍ରମିକମାଙ୍କ ପାଇଁ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ନିର୍ମାଣ ଶ୍ରମିକ ଯୋଜନାରେ ୬ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ୨ ଲକ୍ଷ ୫ ହଜାର ଟଙ୍କା, ଅଣସଂଗଠିତ ସାମାଜିକ ସୁରକ୍ଷା ଯୋଜନା ବୋର୍ଡରେ ପଞ୍ଜିକୃତ ହିତାଧିକାରୀଙ୍କ ମୃତ୍ୟୁକାଳୀନ ସହାୟତାରେ ୭ ଜଣକୁ ୧ ଲକ୍ଷ ଲେଖାଏଁ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତ ଜଜ୍ ଅଖିଳ କୁମାର ପଶ୍ଚିମ କବାଟ, ଅତିରିକ୍ତ ଜିଲା ଦୌରାଜଜ୍ ସରୋଜିନୀ ପତି, ସିଜେଏମ ନିରଞ୍ଜନ ପାତ୍ର, ରେଜିଷ୍ଟ୍ରାର ଜୟପ୍ରକାଶ ନାୟକ, ଏସଡିଜେଏମ ସଙ୍ଗିତା ଦାଶ, ଡେପୁଟି କଲେକ୍ଟର ତୃପ୍ତିମୟୀ ଜେନାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବୌଦ୍ଧରେ ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ

ବୌଦ୍ଧ,୨।୫(ଅଜିତ କୁମାର ବାରିକ)



ବିଧାୟକଙ୍କ ଦ୍ୱାରା ସହାୟତା ରାଶି ପ୍ରଦାନ କରାଯାଉଛି।

ବୌଦ୍ଧ ଟାଉନ ହଲଠାରେ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ,ସମ୍ମାନିତ ଅତିଥିଭାବେ କନ୍ଧମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗ, ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ବୌଦ୍ଧଗଡ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ କୁମାର ରଥ ଓ ଜିଲା ଶ୍ରମ ଅଧିକାରୀ ସୁଶାନ୍ତ କୁମାର ପାଇକରାୟ ଯୋଗଦେଇଥିଲେ। ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ କନ୍ୟାକୁମାରୀ ସାହୁ ପ୍ରାରମ୍ଭିକ ସୂଚନା ଦେଇ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା, ଅଣସଂଗଠିତ ସାମଜିକ ସୁରକ୍ଷା ଆଇନ, ପ୍ରବାସୀ ଶ୍ରମିକ ଆଇନ, ସର୍ବନିମ୍ନ ମଜୁରୀ ଆଇନ, ଶିଶୁ ଶ୍ରମିକ ନିରାକରଣ ଓ ନିଷେଧ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ସମାରୋହରେ ଅତିଥିମାନେ ବକ୍ତବ୍ୟ ରଖି ଶ୍ରମିକମାନେ ଦେଶର ମେରୁଦଣ୍ଡ ଏବଂ ବିକଶିତ ଭାରତ, ବିକଶିତ ରାଷ୍ଟ୍ର ଗଠନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ ଶ୍ରମିକମାନେ ବିଶ୍ୱକର୍ମା ଓ ବିଧାଣି ଭାବରେ ବର୍ଣ୍ଣନା କରିବା ସହିତ ସମାଜରେ ସମ୍ମାନର ସହ ବଞ୍ଚିବା ସେମାନଙ୍କ ଅଧିକାର ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୬୧ ଜଣ ହିତାଧିକାରୀଙ୍କୁ ୭୭ଲକ୍ଷ ୪୦ ହଜାର ଟଙ୍କାର ଚେକ୍, ମୃତ୍ୟୁକାଳୀନ ସହାୟତା ଭାବରେ ୫୯ ଜଣଙ୍କୁ ୬୧ ଲକ୍ଷ ଏବଂ ୧୭ ଜଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ମେଣ୍ଢିମାଳ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ, ବୌଦ୍ଧ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ସ୍ୱାଧୀନ କୁମାର ପରିଡା, କନିଷ୍ଠ ସହକାରୀ ସ୍ୱାଗତ କୁମାର ସିହ୍ନା ଓ ଜିଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପାର୍କିଂ ଅବ୍ୟବସ୍ଥା ଯୋଗୁ ଟ୍ରାଫିକ୍ ଜାମ୍

ରାଉରକେଲା,୨।୫(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ଯାନବାହନ ପାର୍କିଂ ବ୍ୟବସ୍ଥାର ସୁଦୃଢ଼ୀକରଣ ହୋଇପାରିନାହିଁ। ଫଳରେ ଲୋକେ ବେଆଇନ ଭାବେ ରାସ୍ତାକଡ଼ରେ ଯାନବାହନ ପାର୍କିଂ କରୁଛନ୍ତି। ଏଥିଯୋଗୁ ବିଭିନ୍ନ ସମୟରେ ଟ୍ରାଫିକ୍ ଜାମ୍ ସମସ୍ୟା ଉପୁଜୁଛି। ଜରୁରୀ ସମୟରେ ଉକ୍ତ ରାସ୍ତାରେ ଆମ୍ବୁଲାନ୍ସ ମଧ୍ୟ ଯାତାୟାତ କରିପାରୁନାହିଁ।

ସୂଚନା ଅନୁସାରେ, ରାଉରକେଲା ମହାନଗର ନିଗମ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଯାନବାହନ ପାର୍କିଂ ପାଇଁ ବ୍ୟବସ୍ଥା କରାଯାଇଛି। ୨୦୨୪ରେ ଆର୍‌ଏମ୍‌ସି ପକ୍ଷରୁ ପାର୍କିଂ ଫି ବାବଦରେ ୬୫୫.୭୪୬ ଲକ୍ଷ ଟଙ୍କା ଆୟ ହୋଇଥିବା ବେଳେ ୨୦୨୫ ଫେବୃୟାରୀ ୨୮ତାରିଖ ସୁଦ୍ଧା ୭୩୭.୪୭୧ଲକ୍ଷ ଟଙ୍କା ଆଦାୟ କରାଯାଇଛି। ତେବେ ସହରର ୮କି.ମି ବିଶିଷ୍ଟ ମୁଖ୍ୟରାସ୍ତାରେ ଥିବା ଡେଲିମାର୍କେଟ, ଉଦିତ ନଗର, ଏସ୍‌ଟିଆଇ, ଆଇଟିଆଇ, ପାନପୋଷ ଭଳି ଜନବହୁଳ ଛକରେ ଅବୈଧ ପାର୍କିଂ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଏହା ଉପରେ ଲଗାମ ଲାଗିପାରୁନାହିଁ। ସହରରେ ଜନସଂଖ୍ୟା ସହ ଚାରିଚକିଆ ଯାନ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି।


ରାଉରକେଲା ଡେଲି ମାର୍କେଟ ରୋଡ୍‌ରେ ବେଆଇନ ପାର୍କିଂ କରାଯାଇଛି।

ଏକ ରିପୋର୍ଟ ମୁତାବକ ରାଉରକେଲା ସହରରେ ରହୁଥିବା ୧୦୦ରୁ ୪୦ଭାଗ ଲୋକଙ୍କ ନିକଟରେ ଚାରିଚକିଆ ଯାନ ରହିଛି। ମାତ୍ର ସେଗୁଡିକ ରଖିବା ପାଇଁ କମ୍ୟୁନିଟି ଗ୍ୟାରେଜ ବ୍ୟବସ୍ଥା ହେଉନାହିଁ। ଫଳରେ ମହାନଗର ନିଗମ ଅଞ୍ଚଳରେ ଭଡାରେ ରହୁଥିବା ଲୋକମାନେ ବିଶେଷ ସମସ୍ୟା ଭୋଗିବା ସହ ଖର୍ଚ୍ଚାନ୍ତ ହେଉଛନ୍ତି। ବିଶେଷ କରି ଏହି ସମସ୍ୟା ମହାନଗର ନିଗମ ଅନ୍ତର୍ଗତ ବାସନ୍ତୀ କଲୋନି, କୋଏଲ ନଗର, ଶକ୍ତି ନଗର, ସିଭିଲଟାଉନଶିପ୍, ଛେଣ୍ଡ, କଳିଙ୍ଗ ବିହାର ଅଞ୍ଚଳରେ ଦେଖାଦେଇଛି। ଘରଭଡା ବ୍ୟତୀତ ଲୋକଙ୍କୁ ନିଜର ଚାରିଚକିଆ ଯାନ ରଖିବା ପାଇଁ ଅତିରିକ୍ତ ୫ଶହ ଟଙ୍କା ଦେବାକୁ ପଡୁଛି। ଫଳରେ ସେମାନେ ରାସ୍ତାକଡ଼ରେ ବେଆଇନ ପାର୍କିଂ କରୁଛନ୍ତି। ଏଥିଯୋଗୁ ଜରୁରୀକାଳୀନ ପରିସ୍ଥିତିରେ ବିଭିନ୍ନ ସରକାରୀ ଗାଡ଼ି, ଆମ୍ବୁଲାନ୍ସ ରାସ୍ତାରେ ଯାତାୟାତ କରିପାରୁନାହିଁ। ଆର୍‌ଏମ୍‌ସି ପାର୍କିଂ ବାବଦରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଲୋକଙ୍କ ପାଇଁ ପାର୍କିଂ ଟର୍ମିନାଲ କିମ୍ବା କମ୍ୟୁନିଟି ଗ୍ୟାରେଜ ବ୍ୟବସ୍ଥା ଉପଲବ୍ଧ କରାଇପାରୁନାହିଁ। ସହରରେ ହଜାର ହଜାର ଏକର ସରକାରୀ ଜମି ଜବରଦଖଲରେ ଅଛି। ଉକ୍ତ ଜମିରୁ ଜବରଦଖଲ ହଟାଇ ପାର୍କିଂ ବ୍ୟବସ୍ଥା କରାଗଲେ ସହରବାସୀ ଉପକୃତ ହୁଅନ୍ତେ ବୋଲି ମତପ୍ରକାଶ ପାଇଛି।

ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ରାଉରକେଲା ସହରରେ ଅବୈଧ ପାର୍କିଂ ହଟାଇବା ପାଇଁ ଆର୍‌ଏମ୍‌ସି ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ସହରରେ ପାର୍କିଂ ଅବ୍ୟବସ୍ଥା ପଛରେ ମୁଖ୍ୟତଃ ଅବୈଧ ପାର୍କିଂ ଓ ଜବରଦଖଲ କାରଣ ସାଜିଛି। ପୂର୍ବରୁ ରାଉରକେଲା ଡେଲି ମାର୍କେଟ ଅଞ୍ଚଳରେ ଏକ ପାର୍କିଂ ଟର୍ମିନାଲ ନିର୍ମାଣ ପାଇଁ ସ୍ଥାନ ନିରୂପଣ ହୋଇଥିଲା। ଆଗକୁ ସହରବାସୀଙ୍କ ପାଇଁ ଯେଉଁ ସ୍ଥାନ ଉଚିତ ହେବ ଓ ଯାନବାହନ ପାର୍କିଂ କରିବା ସହଜ ହେବ ସେଭଳି ସ୍ଥାନ ନିରୂପଣ କରି ପାର୍କିଂ ବ୍ୟବସ୍ଥାର ସୁଦୃଢ଼ୀକରଣ କରାଯିବ ବୋଲି କୁଲକର୍ଣ୍ଣୀ କହିଥିଲେ।

## ବ୍ରାଉନସୁଗାର ଜବତ, ୩ ଗିରଫ



ରାଉରକେଲା,୨।୫(ସଙ୍ଗୀତା ଜେନା): ବ୍ରାଉନସୁଗାର କାରବାର ଅଭିଯୋଗରେ ପ୍ଲାଣ୍ଟସାଇଟ୍ ଥାନା ପୋଲିସ ଗୁରୁବାର ସକାଳ ୬ଟାରେ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର-୩ ସିଲ୍ଲକ ବସ୍ତିର କାର୍ତ୍ତିକ ନନ୍ଦ(୨୪), କେଶବ ନାଗ(୨୧) ଓ ବିବେକ ନନ୍ଦ(୨୧)। ସେମାନଙ୍କଠାରୁ ୩୧ ଗ୍ରାମ୍ ୬୦ ମିଲିଗ୍ରାମ୍ ବ୍ରାଉନସୁଗାର, ୪ଟି ମୋବାଇଲ, ଗୋଟିଏ ବାଇକ୍ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୪୬/୨୫) ରୁଜୁ କରିଛି। ପୂର୍ବରୁ କାର୍ତ୍ତିକଙ୍କ ବିରୋଧରେ ବିଭିନ୍ନ ଥାନାରେ ୨ଟି ଏବଂ କେଶବଙ୍କ ବିରୋଧରେ ଗୋଟିଏ ଆପରାଧିକ ମାମଲା ରହିଛି। ଅଭିଯୁକ୍ତମାନେ ସ୍କୁଲ ଓ କଲେଜ ପିଲାମାନଙ୍କୁ ଡ୍ରଗ୍ସ ଯୋଗାଣ କରୁଥିଲେ ବୋଲି ପୋଲିସ କହିଛି। ସନ୍ଦେହ ହେବାରୁ ଟିମ୍ବର କଲୋନି ନିକଟରେ ସେମାନଙ୍କୁ ଯାଞ୍ଚ କରାଯାଇ ବ୍ରାଉନସୁଗାର ଜବତ ହୋଇଥିଲା।

## ଆମେ ଓଡ଼ିଆ ସଙ୍ଗଠନ ପାଳିଲା ଅକ୍ଷୟତୃତୀୟା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ରାଉରକେଲା,୨।୫(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୩ସ୍ଥିତ ଖଣ୍ଡ ଭବନ ପରିସରରେ ବୁଧବାର ଆମେ ଓଡ଼ିଆ ରାଉରକେଲା ଶାଖା ପକ୍ଷରୁ ପୂର୍ଣ୍ଣାଙ୍ଗ କମିଟି ବୈଠକ ଅନୁଷ୍ଠିତ ହେବା ସହ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ଏଥିରେ ଶମ୍ଭୁନାଥ ପରିଡା ସଭାପତିତ୍ୱ କରିଥିଲେ। ସଦସ୍ୟା ଝିଲିମା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡ. ସମର ମୁଦାଲି, ଉପଦେଷ୍ଟା ଡ. ସନାତନ ପ୍ରଧାନ, ଡାକ୍ତର ଉତ୍ତମ ଚରଣ ଜେନା ଏବଂ ଶିଳ୍ପପତି ନିହାରିକା ବସ୍ତିଆ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ଆମେ ଓଡ଼ିଆ ସଙ୍ଗଠନର ଲକ୍ଷ୍ୟ ଓ ଆଭିମୁଖ୍ୟ ସହ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ବକ୍ତବ୍ୟ ରଖିବା ସହ ଅକ୍ଷୟ ତୃତୀୟାର ମହତ୍ୱ ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ଜଗନ୍ନାଥ ରାଉତ ବିବରଣୀ ଉପସ୍ଥାପନ କରିଥିଲେ। ସଙ୍ଗଠନ ସମ୍ପାଦକ ସୁବ୍ରତ ମଲ୍ଲିକ ବିଭିନ୍ନ ପ୍ରସ୍ତାବ ଉତ୍ଥାପନ କରିଥିଲେ। ଶଶଧର ପାତ୍ର, ବିମଳ ବିଶି, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ଆଲୋକ ରଞ୍ଜନ ମଲ୍ଲିକ, ଭୋଳେଶ୍ୱର ବେହେରା, ଅନୀଲ କୁମାର ଦାଶଙ୍କ ସମେତ ବହୁ ଓଡ଼ିଆ ଭାଷାପ୍ରେମୀ ଉପସ୍ଥିତ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ମ୍ୟୁନିସିପାଲ ମହାବିଦ୍ୟାଳୟର ଦୀପକ କୁମାର ସାହୁ, ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରସ୍ମିତା ପ୍ରିୟଦର୍ଶନୀ ଓ ଇସ୍ପାତ ବିଦ୍ୟାମନ୍ଦିରର ଶୁଭସ୍ମିତା ସେନାପତି ଆମ ସଂସ୍କୃତି ଓ ପରମ୍ପରାରେ ଅକ୍ଷୟ ତୃତୀୟା ଶୀର୍ଷକ ଉପରେ ବକ୍ତୃତା ପ୍ରଦାନ କରିଥିଲେ। ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇସିଏସ୍‌ଇ ପରୀକ୍ଷା
## ଶ୍ରୀ ଅରବିନ୍ଦ ସ୍କୁଲର ସଫଳତା



ରାଉରକେଲା,୨।୫(ବିପ୍ଳବ ରଞ୍ଜନ ଦାଶ): ଆଇସିଏସ୍‌ଇ ପରୀକ୍ଷା ଫଳ ବୁଧବାର ପ୍ରକାଶିତ ହୋଇଛି। ଏଥିରେ ରାଉରକେଲା ସେକ୍ଟର-୫ସ୍ଥିତ ଶ୍ରୀ ଅରବିନ୍ଦ ସ୍କୁଲର ଛାତ୍ରୀଛାତ୍ରମାନେ ସଫଳତା ପାଇଛନ୍ତି। ଆଇସିଏସ୍‌ଇ ପରୀକ୍ଷାରେ ୯୨.୬ ନମ୍ବର ରଖି ସାଦିଆ ପରବିନ ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଆଇଏସ୍‌ସି କମର୍ସରେ ମୋହିତ ପାତ୍ର ୭୪ ପ୍ରତିଶତ ଓ ବିଜ୍ଞାନରେ ଓମ୍‌କୁମାର ଦାସ ୮୩ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଇଏସ୍‌ସି ପରୀକ୍ଷାରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ସମ୍ପାଦକ ଡ. ପ୍ରଶାନ୍ତ କୁମାର ପାତ୍ର ଏବଂ ଅଧ୍ୟକ୍ଷା ଅଞ୍ଜଳି ଶତପଥୀ ଏହି ସଫଳତା ପାଇଁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ୯୯.୪ ପ୍ରତିଶତ ମାର୍କ ରଖି ଗୌରବ ଆଣିଲେ ମିହିକା

ରାଉରକେଲା,୨।୫ (ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର): ରାଉରକେଲା ହମିରପୁର ସ୍ଥିତ ସେଣ୍ଟ ଯୋଶେଫ୍ ସ୍କୁଲର ମିହିକା ଅଗ୍ରୱାଲ ସର୍ବଭାରତୀୟ ଆଇସିଏସ୍‌ଇ ପରୀକ୍ଷାରେ ୯୯.୪ ପ୍ରତିଶତ ମାର୍କ ରଖି ରାଉରକେଲା ପାଇଁ ଗୌରବ ଆଣିଛନ୍ତି। ସେ ଏବେ ଅଧିକ ଅଧ୍ୟୟନ ପାଇଁ ଡେରାଡୁନ ଯାଇଛନ୍ତି। ସେ ବାୟୋମେଡିକାଲ୍ ଇଞ୍ଜିନିୟରିଂରେ ନିଜ ପାଇଁ ମଧ୍ୟ କ୍ୟାରିୟର ସ୍ଥିର କରିଛନ୍ତି। ମିହିକାଙ୍କ ବାପା ସମୀର ଅଗ୍ରୱାଲ ଜଣେ ସଫଳ ଶିଳ୍ପପତି। ମିହିକା ଏହି ସଫଳତାର ଶ୍ରେୟ ତାଙ୍କ ଜେଜେମା' ବିମଳା ଦେବୀ, ମା' ଶ୍ରଦ୍ଧା ଅଗ୍ରୱାଲଙ୍କୁ ଦେଇଛନ୍ତି।


ମିହିକା ଅଗ୍ରୱାଲ।

## ବିଶ୍ୱ ଶ୍ରମିକ ଦିବସରେ ଶୋଭାଯାତ୍ରା



ଶ୍ରମିକମାନେ ଶୋଭାଯାତ୍ରାରେ ସେକ୍ଟର-୩ ଅଭିମୁଖେ ଯାଉଛନ୍ତି।

ରାଉରକେଲା,୨।୫(ସଙ୍ଗୀତା ଜେନା)

ରାଉରକେଲାରେ ବିଭିନ୍ନ ଶ୍ରମ ସଙ୍ଗଠନ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ଗୁରୁବାର ସକାଳ ୮ଟାରେ ସିଆଇଟିୟୁ ଓସିସିୟୁଏ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ସେକ୍ଟର-୧୬ ଶ୍ରମିକ ଭବନ, ଶକ୍ତିନଗର ସିପିଆଇଏମ୍ ଜିଲା କାର୍ଯ୍ୟାଳୟ, ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ ଓ ଆଇଡିଏଲ ସାରନଗରୀ ଲାଲଟାଙ୍କି ୟୁନିୟନ କାର୍ଯ୍ୟାଳୟରେ ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି ଲାଲ ପତାକା ଉତ୍ତୋଳନ କରିଥିଲେ। ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ରାଜ୍ୟ କମିଟି ସଦସ୍ୟ ତାଜମୁନ ନେହାର ଉପସ୍ଥିତ ଥିଲେ। ଅପରାହ୍ନ ୪ଟାରେ ୟୁନିୟନର ଶତାଧିକ ଇସ୍ପାତ ଠିକା ଶ୍ରମିକ, ଶିଳ୍ପ ଶ୍ରମିକ, ପରିବହନ, ନିର୍ମାଣ, ଆଶା, ଅଙ୍ଗନୱାଡ଼ି କର୍ମୀ ସେକ୍ଟର-୪ ମଧୁବନ ଛକରୁ ଏକ ଶୋଭାଯାତ୍ରାରେ ବାହାରି ସେକ୍ଟର-୩ ଘରୋଇ ବସ୍‌ଷ୍ଟାଣ୍ଡରେ ସମାବେଶରେ ଯୋଗ ଦେଇଥିଲେ। ଏଥିରେ ଜିଲା ସାଧାରଣ ସମ୍ପାଦକ ମାଇତି ଓ ଅନ୍ୟମାନେ ଯୋଗଦେଇ କହିଥିଲେ, ଶ୍ରମିକ ଶ୍ରେଣୀଙ୍କୁ କ୍ରୀତଦାସ କରିବାକୁ କେନ୍ଦ୍ର ସରକାର ଉଦ୍ୟମ ଜାରି ରଖିଛନ୍ତି। ଦେଶରେ ଖାଦ୍ୟ ସାମଗ୍ରୀ ଦର ଅତ୍ୟଧିକ ବୃଦ୍ଧି ହେଉଛି। ସେହି ଅନୁପାତରେ ଦରମା ବୃଦ୍ଧି ହେଉନାହିଁ। ଏହା ବିରୋଧରେ ମେ ୨୦ ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ହେବାକୁ ଯାଉଛି ବୋଲି ସେମାନେ କହିଥିଲେ। ସିଆଇଟିୟୁ ସୁନ୍ଦରଗଡ଼ ଜିଲା କମିଟି ଉପସଭାପତି ଶ୍ରୀମନ୍ତ ବେହେରା, ଓସିସିୟୁଏର ଆବାହକ ଭାଗିରଥି ଟୁଡୁଙ୍କ ନେତୃତ୍ୱରେ ଆୟୋଜିତ ସମାବେଶରେ ବି. ପି. ମହାପାତ୍ର, ସୁରେନ୍ଦ୍ର ଦାଶ, ଯଯାତି କେଶରୀ ସାହୁ, ହୃଦୟାନନ୍ଦ ଯାଦବ, ରାଜକିଶୋର ପ୍ରଧାନ, ଲକ୍ଷ୍ମୀଧର ନାୟକ, ବିଶ୍ୱଜିତ ମାଝୀ, ପ୍ରଦୀପ ସେଠୀ, ଯଜ୍ଞେଶ୍ୱର ସାହୁଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ସେହିପରି ଇଣ୍ଡିଆନ୍ ଡେଟୋନେଟର୍ସ ମଜଦୂର ସଭା ଆନୁକୂଲ୍ୟରେ ବାଲିଯୋଡି ସ୍ଥିତ ୟୁନିୟନ କାର୍ଯ୍ୟାଳୟରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ଶ୍ରମିକ ନେତା ଅରୁଣ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଶଶଧର ନାୟକ ହିନ୍ଦ୍ ମଜଦୁର ସଭାର ପତାକା ଉତ୍ତୋଳନ କରିଥିଲେ। ଉପସଭାପତି ସିଦ୍ଧେଶ୍ୱର ବଳ, ଅନ୍ତର୍ଯାମୀ ବେଉରା, ରବିନ୍ଦ୍ର ନାଥ ବିଶ୍ୱାଳ, ରାମେଶ୍ୱର ନାଗ, ଲକ୍ଷ୍ମଣ ମହାକୁଡ଼, ଗାନ୍ଦଲା ଏକ୍କା ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରଭାତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ବିଏମ୍‌ଏସ୍, ଆର୍‌ଏସ୍‌ଏସ୍, ଆର୍‌ଡବ୍ଲ୍ୟୁ ସମେତ ବିଭିନ୍ନ ଶ୍ରମ ସଙ୍ଗଠନ ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଥିଲା।

## ନିର୍ମାଣ କ୍ଷେତ୍ରରେ ଶ୍ରମିକଙ୍କ ଅବଦାନ ଅତୁଳନୀୟ

ରାଉରକେଲା,୨।୫(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ରିମ୍ସର ଅଧ୍ୟକ୍ଷା ନଳିନୀପ୍ରଭା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଯେକୌଣସି ଅନୁଷ୍ଠାନର ବିକାଶ ହେଉ ଅଥବା ରାଷ୍ଟ୍ର ନିର୍ମାଣ ସବୁ କ୍ଷେତ୍ରରେ ଶ୍ରମିକମାନଙ୍କ ଅବଦାନ ଅତୁଳନୀୟ ହୋଇ ରହିଛି ବୋଲି ଅଧ୍ୟକ୍ଷା ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ପାଦକ ଡ. ଆର୍ଯ୍ୟ ପଟ୍ଟନାୟକ ଆଭାସୀ ଭାବେ ଯୋଗଦେଇ ଆଜି ଦିନର ମହତ୍ତ୍ୱ ଉପରେ ଅବଗତ କରିଥିଲେ। ଆଜି ଆମେ ଯେଉଁ ବିକାଶଶୀଳ ରାଷ୍ଟ୍ରରେ ଅବସ୍ଥାନ କରୁଛୁ ଏବଂ ସ୍ୱଚ୍ଛ ବାତାବରଣରେ ଜୀବନଯାପନ କରୁଛୁ ତାହା ଶ୍ରମିକମାନଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ। ପ୍ରାରମ୍ଭରେ ଛାତ୍ର ବ୍ୟାପାର ବିଭାଗୀୟ ମୁଖ୍ୟ ଡ. ସିଦ୍ଧାର୍ଥ ଶଙ୍କର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ଷେତ୍ରରେ କର୍ମଚାରୀମାନଙ୍କୁ ଉତ୍ସାହିତ କରିବା ସହ କର୍ମମୟ ଜୀବନରେ ଶ୍ରମର ଉପାଦେୟତା ଉପରେ ପ୍ରଧାନ ଆଲୋକପାତ କରିଥିଲେ। ଏହି ଅବସରରେ ରିମ୍ସକୁ ସବୁଜ, ସୁନ୍ଦର ତଥା ସ୍ୱଚ୍ଛ କରି ଗଢ଼ିତୋଳିବାରେ ଯେଉଁ ଶ୍ରମିକମାନଙ୍କ ଅବଦାନ ରହିଛି ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ଗାୟତ୍ରୀ କୁରୁପ, ଛାତ୍ରୀଛାତ୍ର ଆସ୍ଥା ଗୁପ୍ତା, ସ୍ମୃତି ରେଡ୍ଡୀ, ବିଶାଲ ଜୟସ୍ୱାଲ, ଦୀପକ ସିଂହ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀ ଅନିଷା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଜଣେ ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଜମି ବିକିବା ନାଁରେ ୨ କୋଟି ୮୩ ଲକ୍ଷ ଠକେଇ, ୩ ଗିରଫ

ରାଉରକେଲା,୨।୫(ସଙ୍ଗୀତା ଜେନା)

କେରଳରେ ଜମି ବିକିବା ନାଁରେ ୨କୋଟି ୮୩ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଝିରପାଣି ଥାନା ପୋଲିସ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୋଏଲନଗରରେ ରହୁଥିବା ସିନ୍ଧୁ ଏ. ଏସ୍ (୫୦), ତାଙ୍କ ସ୍ୱାମୀ କମର ଖାନ୍ (୫୫) ଏବଂ ପ୍ରଦୀପ୍ତ ପଟ୍ଟନାୟକ(୪୫)। ଅଭିଯୁକ୍ତମାନଙ୍କ ମଧ୍ୟରୁ କମର ଖାନଙ୍କୁ ଗୁରୁବାର ଅପରାହ୍ନ ୪ଟାରେ କୋର୍ଟଚାଲାଣ କରାଯାଇଛି। ସ୍ୱାସ୍ଥ୍ୟବସ୍ଥା ଖରାପ ଥିବା ଯୋଗୁ ଅନ୍ୟ ୨ଜଣଙ୍କୁ ଆର୍‌ଜିଏଚ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସ୍ୱାସ୍ଥ୍ୟାବସ୍ଥା ସୁଧୁରିଲେ ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

ପୋଲିସ ସୂଚନା ଅନୁସାରେ, ଅଭିଯୁକ୍ତ ସିନ୍ଧୁ ଏବଂ ତାଙ୍କ ୨ ସହଯୋଗୀ କେରଳରେ ଜମି ବିକିବା ପାଇଁ କହି କୋଏଲନଗରର ବିଶ୍ୱଭୂଷଣ ନନ୍ଦଙ୍କଠାରୁ ୨୦୨୩ରୁ ୨୦୨୪ ଡିସେମ୍ବର ମଧ୍ୟରେ ମୋଟ ୨କୋଟି ୮୩ଲକ୍ଷ ଟଙ୍କା ନେଇଥିଲେ। ସେମାନେ ତାଙ୍କୁ ଜମି ନ ଦେଇ ସମୟ ଗଡାଇ ଚାଲିଥିଲେ ଏବଂ ପରେ ରାଉରକେଲାରୁ ଫେରାର ହୋଇଯାଇଥିଲେ। ଫଳରେ ବିଶ୍ୱଭୂଷଣ ଏ ନେଇ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା (ନଂ.୧୮୭/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା। କିଛିଦିନ ତଳେ ସିନ୍ଧୁ ରାଉରକେଲା ଆସିଥିବା ଜାଣି ପୋଲିସ ତାଙ୍କୁ ଗିରଫ କରିଥିଲା। ଉକ୍ତ ମହିଳାଙ୍କୁ ପଚରାଉଚୁରା ପରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ତାଙ୍କର ଅନ୍ୟ ୨ ସହଯୋଗୀଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

## ମାଓବାଦୀ କ୍ୟାମ୍ପ ଠାବ, ବିସ୍ଫୋରକ ସାମଗ୍ରୀ ଜବତ


ଜବତ ମାଓବାଦୀ ସାମଗ୍ରୀ।

ରାଉରକେଲା,୨।୫(ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଟୋଣ୍ଟୋ ଥାନା ଅନ୍ତର୍ଗତ ବନଗ୍ରାମ ବାମଇବାସା ଓ ଗୌବୁରୁ ଜଙ୍ଗଲରେ ଶୁକ୍ରବାର ସକାଳ ୬ଟାରେ ସୁରକ୍ଷାବଳ କୋମ୍ବିଂ ଅପରେଶନ କରୁଥିବାବେଳେ ମାଓବାଦୀ କ୍ୟାମ୍ପ ଠାବ କରାଯାଇଥିଲା। କ୍ୟାମ୍ପରେ କେହି ମାଓବାଦୀ ନ ଥିଲେ। ଉକ୍ତ କ୍ୟାମ୍ପରୁ ୧୬ଟି ଜିଲେଟିନ୍, ୨ଟି ଡେଟୋନେଟର, ୧ ଫ୍ୟୁଜ, ୫ କେଜି ଅର୍ଦ୍ଧତରଳ ବିସ୍ଫୋରକ, କୋଡେକ୍ସ ଏବଂ ୩ଟି ଆଇଆଇଡି, ୪୧ଟି ଲୁହାରଡ୍, ୨ଟି ପାଇପ, ୮୦ ମିଟର ତାର, ୨ଟି ବ୍ୟାଟେରି ତଥା ଅନ୍ୟ ସାମଗ୍ରୀ ଜବତ କରାଯାଇଥିଲା। ଏଗୁଡ଼ିକ ବମ୍ ନିରୋଧକ ଦଳ ସହଯୋଗରେ ନଷ୍ଟ କରିଦିଆଯାଇଥିଲା। ପରେ କୋମ୍ବିଂ ଅପରେଶନକୁ କଡ଼ାକଡ଼ି କରାଯାଇଛି।

## ନବୀକୃତ ସ୍ୱାସ୍ଥ୍ୟ ପରୀକ୍ଷା କମ୍ପ୍ଲେକ୍ସ ଉଦ୍‌ଘାଟିତ

ରାଉରକେଲା,୨।୫(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା କମ୍ପ୍ଲେକ୍ସ 'ସ୍ପର୍ଶ' ଶୁକ୍ରବାର ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହି ଅବସରରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍.ପି ସିଂହ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମ୍‌ଓ ଇନ୍‌ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟଙ୍କ ସମେତ ବହୁ ସିଜିଏମ୍, ବିଭାଗ ମୁଖ୍ୟ ତଥା କାରଖାନାର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ବର୍ମା ନବୀକୃତ କମ୍ପ୍ଲେକ୍ସର ଉନ୍ନତମାନ ସୁବିଧା ବ୍ୟବସ୍ଥା ବୁଲି ଦେଖିଥିଲେ। ଏଥିସହ ଉକ୍ତ କେନ୍ଦ୍ରର ସୁଗମ କାର୍ଯ୍ୟକାରିତା ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେକ୍ଟର-୨୨ ସ୍ଥିତ ଫର୍ଟିଲାଇଜର ହସ୍ପିଟାଲ ପରିସରରେ ଥିବା ଏହି ସୁବିଧା କେନ୍ଦ୍ରରେ ଠିକା ଶ୍ରମିକମାନଙ୍କୁ ଉନ୍ନତମାନ ସେବା ଉପଲବ୍ଧ କରାଇବାକୁ ଲକ୍ଷ୍ୟ ରଖାଯାଇଛି। ନୂତନ ବିକଶିତ ସୁବିଧା ସ୍ପର୍ଶରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ଭିତ୍ତିଭୂମି ରହିଛି, ଯାହା ଶ୍ରମିକମାନଙ୍କୁ ଗେଟ୍ ପାସ ପ୍ରଦାନ ପୂର୍ବରୁ ବାଧ୍ୟତାମୂଳକ ଆବଶ୍ୟକତା ରହିଥିବା ସ୍ୱାସ୍ଥ୍ୟ ପରୀକ୍ଷା ସେବା ଯୋଗାଇବ। ଏଥିରେ ଆଧୁନିକ ଉପକରଣ ସହ ଏକ ପ୍ରଶସ୍ତ ଲ୍ୟାବ୍ ପରୀକ୍ଷଣ କକ୍ଷ, ନବ ବିକଶିତ ଓଡିଓମେଟ୍ରି କକ୍ଷ, ଏକ୍ସ-ରେ କକ୍ଷ ଏବଂ ଇସିଜି, ସ୍ପାଇରୋମେଟ୍ରି ଓ ଅନ୍ୟାନ୍ୟ ଶାରିରୀକ ପରୀକ୍ଷା ପାଇଁ ଉତ୍ସର୍ଗୀକୃତ ସ୍ଥାନ, ଡାକ୍ତରଙ୍କ ପରାମର୍ଶ ଓ ସମ୍ମିଳନୀ କକ୍ଷ, ଉନ୍ନତମାନର ଡିଜାଇନ କରାଯାଇଥିବା ପଞ୍ଜୀକରଣ, ପ୍ରତୀକ୍ଷା ସ୍ଥାନ ଓ ମହିଳାଙ୍କ ପାଇଁ ପୃଥକ୍ ଶୌଚାଳୟ ସୁବିଧା ରହିଛି। ଆର୍‌ଏସ୍‌ପି ଟାଉନ ଇଞ୍ଜିନିୟରିଂ ବିଭାଗ ତତ୍ତ୍ୱାବଧାନରେ ମେସର୍ସ ଏନ୍ ବିସିସି ଦ୍ୱାରା ପ୍ରାୟ ୫୦ଲକ୍ଷ ଟଙ୍କା ବ୍ୟୟରେ ନବୀକୃତ କାର୍ଯ୍ୟକାରୀ କରାଯାଇଛି।

## ବିଶ୍ରା ତହସିଲ ଅଫିସ ଘେରିଲା ଏଆଇକେଏସ୍

ରାଉରକେଲା,୨।୫(ସଙ୍ଗୀତା ଜେନା)

ବିଶ୍ରା ତହସିଲ ଅଞ୍ଚଳରେ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବା, ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ, ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଜଙ୍ଗଲ ଅଧିକାର କମିଟି ସକ୍ରିୟ କରିବା, ଭୂମିହୀନମାନଙ୍କୁ ୪ଡେସିମିଲ ଘରଡିହ ଜମି ଯୋଗାଇବା ଏବଂ ତହସିଲ କାର୍ଯ୍ୟାଳୟରେ ଦୁର୍ନୀତି ବନ୍ଦ କରିବାକୁ ଦାବି ଜୋର୍ ଧରିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଅଖିଳ ଭାରତ କୃଷକ ସଭା (ଏଆଇକେଏସ୍) ପକ୍ଷରୁ ବିଶ୍ରା ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ଶତାଧିକ ଆଦିବାସୀ, ଚାଷୀ, ମୂଲିଆ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ଏଆଇଟିୟୁସି ରାଜ୍ୟ ସଭାପତି ପ୍ରଦୋଷ ମହାନ୍ତି, ଜିଲା ସମ୍ପାଦକ ସଦାନନ୍ଦ ସାହୁ, କୃଷକ ସଭାନେତା ଜନ୍ ଆୟୁବ ଯୋଯୋ, ରେମିଜ ମୁଣ୍ଡା, ଅନୁପମ ଦତ୍ତ, ରୁବେନ ଟପ୍ପୋ, ନିଶା ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଜଙ୍ଗଲ ଅଧିକାର ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ ବିଶ୍ରା ତହସିଲରେ ଏହା କାର୍ଯ୍ୟକାରୀ ନ ହେବା ଅତ୍ୟନ୍ତ ପରିତାପର ବିଷୟ। ଆବେଦନକାରୀଙ୍କୁ ଠିକ୍ ସମୟରେ ଜମିପଟ୍ଟା ପ୍ରଦାନ କରା ନ ଗଲେ ତହସିଲ କାର୍ଯ୍ୟାଳୟକୁ ଅଚଳ କରିଦିଆଯିବ ବୋଲି ନେତୃବୃନ୍ଦ ଚେତାବନୀ ଦେଇଥିଲେ। ପରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ବିଶ୍ରା ବ୍ଲକରେ ଶୀତଳଭଣ୍ଡାର ସ୍ଥାପନ ଦାବି କରି ବିଡ଼ିଓଙ୍କୁ ଅନ୍ୟ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।



ଏଆଇକେଏସ୍ କର୍ମୀମାନେ ଶୋଭାଯାତ୍ରାରେ ବିଶ୍ରା ତହସିଲ ଅଫିସ ଅଭିମୁଖେ ଯାଉଛନ୍ତି।

**ସମ୍ବଲପୁରରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମ ଦିବସ**

# ୨ଶହ ଶ୍ରମିକଙ୍କୁ ଶ୍ରମ କାର୍ଡ ପ୍ରଦାନ

ସମ୍ବଲପୁର,୨।୫(ପ୍ରମୋଦ ବହିଦାର)



ତପସ୍ୱିନୀ ପ୍ରେକ୍ଷାଳୟରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସରେ ସମବେତ ପ୍ରଶାସନିକ ଅଧିକାରୀ ଓ ଅତିଥି।

ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରମିକଙ୍କ ସୁବିଧା ପାଇଁ ବିଭିନ୍ନ ଯୋଜନା ଲାଗୁ କରାଯାଇଛି। ଏହାର ସୁଫଳ ପାଇବାକୁ ହେଲେ ପ୍ରତିବର୍ଷ ନିୟମିତ ଭାବେ ନାମ ପଞ୍ଜୀକରଣ କରିବା ପାଇଁ ସମସ୍ତ ଶ୍ରମିକ ଭଉଣୀ ଓ ଭାଇମାନଙ୍କୁ ଆହ୍ୱାନ ଦେଇଥିଲେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋରକର। ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସରେ ଯୋଗଦେଇ ଜିଲାପାଳ ବୋରକର ଏହା କହିଛନ୍ତି। ସେ କହିଛନ୍ତି, ଶ୍ରମିକଙ୍କ ପାଇଁ ରାଜ୍ୟ ସରକାରଙ୍କ ପ୍ରସୂତିକାଳୀନ, କନ୍ୟା ବିବାହ, ସନ୍ତାନଙ୍କ ପାଠପଢ଼ା, ମୃତ୍ୟୁକାଳୀନ, ଦୁର୍ଘଟଣାଜନିତ ଚିକିତ୍ସା, ମୃତ୍ୟୁ ଆଦିର ସହାୟତା ପାଇଁ ବିଭିନ୍ନ ସୁବିଧା ରହିଛି। ନାମ ପଞ୍ଜୀକରଣ ସହିତ ଏହାକୁ ପ୍ରତିବର୍ଷ ନିୟମିତ ନବୀକରଣ କଲେ ସମ୍ପୃକ୍ତ ଶ୍ରମିକ ଏହାର ଲାଭ ଉଠାଇପାରିବେ ବୋଲି ଜିଲାପାଳ କହିଥିଲେ। ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ସମାରୋହରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଯୋଗଦେଇ ଶ୍ରମିକଙ୍କ ବିଶେଷ କରି ଶୈଳୀଗତ କାରଣରୁ ରୋଗ ବା ଦୁର୍ଘଟଣାଜନିତ କାରଣରୁ ଜୀବନହାନୀ ହୋଇଥିବା ଶ୍ରମିକଙ୍କ ଅଥବା ଓ ସେମାନଙ୍କ ପରିବାରକୁ ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ଆବଶ୍ୟକ ଯୋଜନା ଲାଗୁ କରନ୍ତୁ ବୋଲି କହିଥିଲେ। ଏହି ଅବସରରେ ଜିଲାରେ ମୋଟ ୩୩ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଚେକ୍ ମାଧ୍ୟମରେ ମୋଟ ୭୧ ଲକ୍ଷ ୩୮ ହଜାର ୪୦୦ ଟଙ୍କାର ବିଭିନ୍ନ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସେହିପରି ୨ଶହ ନୂତନ ପଞ୍ଜୀକୃତ ନିର୍ମାଣ ଶ୍ରମିକ ଓ ୫୦ ଜଣ ଅସଙ୍ଗଠିତ ଶ୍ରମିକଙ୍କୁ ନୂତନ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ରେଙ୍ଗାଲି ବିଧାୟକ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ନାଉରୀ ନାଏକ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳମନ୍ତ୍ରୀ ରବିନାରାୟଣ ନାଏକଙ୍କ ପ୍ରତିନିଧି ବିଭୂତିକଲ୍ୟାଣ ପଟେଲ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ପ୍ରତିନିଧି ସମୀର ରଞ୍ଜନ ଦାଶ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ଶ୍ରମ ଅଧିକାରୀ(ପ୍ରବର୍ତ୍ତନ) ଶତ୍ରୁଘ୍ନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲା ଶ୍ରମ ଅଧିକାରୀ (କଲ୍ୟାଣ) ଦିବ୍ୟ ଶଙ୍କର ଧୁରୁଆ ଏଠାରେ ଉପସ୍ଥିତ ନିର୍ମାଣ ଶ୍ରମିକ ଭଉଣୀ ଓ ଭାଇମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ପୁଷ୍ପା ମିଞ୍ଜ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ନିୟମିତ ଅଭ୍ୟାସରୁ ପରୀକ୍ଷାରେ ସଫଳତା ମିଳିଛି

ସମ୍ବଲପୁର,୨।୫(ପ୍ରମୋଦ ବହିଦାର)



ଜି. ଶିରିଶା

ନିୟମିତ ଅଭ୍ୟାସ ଯୋଗୁ ମାଟ୍ରିକ୍ ପରୀକ୍ଷାରେ ସଫଳତା ପାଇଛନ୍ତି ବୋଲି ସମ୍ବଲପୁର ଜିଲା ଟପର ଜି.ଶିରିଶା କହିଛନ୍ତି। ମାନେଶ୍ୱରର ଜି ଜଗଦିଶ ଓ ଜି ଶ୍ରୀଲକ୍ଷ୍ମୀଙ୍କ କନ୍ୟା ଶିରିଶା ଚଳିତ ମାଟ୍ରିକ ପରୀକ୍ଷାରେ ୯୪.୩୩ ପ୍ରତିଶତ ହାରରେ ମୋଟ ୫୬୬ ନମ୍ବର ରଖି ଜିଲା ଟପର ହୋଇଛନ୍ତି। ସେ କହିଛନ୍ତି ଯେ, ଦିନକୁ ୧୨ ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲେ। ଭବିଷ୍ୟତରେ ସେ ଚାର୍ଟାଡ଼ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି। ଏହି ସଫଳତା କେବଳ ତାଙ୍କର କଠିନ ପରିଶ୍ରମର ଫଳ ତାହା ନୁହେଁ ଏଥିପାଇଁ ତାଙ୍କ ଟିଉସନ ସାର ଓ ଶ୍ରେଣୀ ଶିକ୍ଷକଙ୍କ ବିଶେଷ ଅବଦାନ ରହିଛି ବୋଲି କହିଛନ୍ତି। ତେଣୁ ସେ ମାତା, ପିତା, ଟିଉସନ ଓ ଶ୍ରେଣୀ ଶିକ୍ଷକଙ୍କୁ ତାଙ୍କର ଏହି ସଫଳତାର ଶ୍ରେୟ ଦେଇଛନ୍ତି। ତାଙ୍କ ଏହି ସଫଳତା ପାଇଁ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ଠାରୁ ଆରମ୍ଭ କରି ତାଙ୍କ ଟିଉସନ ଓ ଶ୍ରେଣୀ ଶିକ୍ଷକ ତଥା ସମ୍ପର୍କୀୟଙ୍କ ମହଲରେ ଅଭିନନ୍ଦନର ସୁଅ ଛୁଟିଛି।

# ଶ୍ରମିକ କର୍ମଚାରୀ ସମନ୍ୱୟ ସମିତିର ଶ୍ରମିକ ଦିବସ

ସମ୍ବଲପୁର,୨।୫(ବି.ଶଙ୍କର)

ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଗୁରୁବାର କଳିବାଡ଼ିସ୍ଥିତ ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ଅଫିସ ସଭାକକ୍ଷରେ ପାଳିତ ହୋଇଯାଇଛି। ସକାଳ ୭ଟାରେ ପତାକା ଉତ୍ତୋଳନ କରାଯାଇ ଶହୀଦଙ୍କ ସ୍ମରଣରେ ଶହୀଦ ସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟା ୬ଟାରେ କଳିବାଡ଼ିସ୍ଥିତ ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ଅଫିସ୍ ସମ୍ମୁଖରୁ ଶୋଭାଯାତ୍ରା ବାହାରି ଗୋଲ ବଜାର ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ଉତ୍ସବ ସ୍ଥଳକୁ ଫେରିଥିଲା। ଏହାପରେ ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ସଭାକକ୍ଷରେ ଚାରିଜଣ ଶ୍ରମିକ ନେତାଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରମିକ ନେତା ଗୋକୁଳ ମେହେର ଉପସ୍ଥିତ ଶ୍ରମିକ କର୍ମଚାରୀ, ଯୁବକ, ଛାତ୍ରମାନଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ। ଗଦାଧର କୁଅଁର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମଇ ଦିବସର ଇତିହାସ ଓ ବର୍ତ୍ତମାନ ପରିସ୍ଥିତିରେ ତା'ର ଗୁରୁତ୍ୱ, ଦରବୃଦ୍ଧି, ବେକାରି ସମସ୍ୟା ଓ ପୁଞ୍ଜିପତି ସପକ୍ଷ ବାଦି ଏବଂ ଶ୍ରମିକ ସ୍ୱାର୍ଥ ବିରୋଧୀ, ଶ୍ରମ କୋଡ୍ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଏଥିସହ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କୁ ନ୍ୟାୟ ଦେବା ନେଇ ଆଲୋଚନା କରାଯାଇଥିଲା। ନଟୁ ଗୋପାଳ, ଲଳିତ ପଟ୍ଟନାୟକ, ତ୍ରିନାଥ ଦୋରା ୧୮୮୬ ମଇ ମାସର ସଂଗ୍ରାମ ଇତିହାସ ଏବଂ ଦିବସରେ ଶ୍ରମିକ ଏକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଣୟ ନାୟକ, ଅନିଲ କୁମାର, ରୂପେଶ ବାଗ, ସରୋଜିନୀ ଆଚାର୍ଯ୍ୟ, ରମେଶ ସାହୁ, ଚୁମନ ପ୍ରଧାନ, ବୀର କିଶୋର ନାୟକ, ରାଜେଶ ପାଣ୍ଡେ, ଭାସ୍କର ନାୟକ, ସୁଶୀଲ ସେଠ, ମଧୁ ପଧାନ, ଭି. ରାମାରାଓ, ସତ୍ପ୍ରେଶ୍ୱର ସେନାପତି ପ୍ରମୁଖ ସାମିଲ ହୋଇ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ।

# ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ

କୁଚିଣ୍ଡା,୨।୫(ବିରଞ୍ଚି ଦର୍ଶୀ)

**ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ଶ୍ରମିକ ସମାବେଶ**

ସମ୍ବଲପୁର ଜିଲା ବାମରା ବ୍ଲକ ରଙ୍ଗିଆଟିକିରା ପଞ୍ଚାୟତ ଅନ୍ତର୍ଗତ ଗରଡେଗାର ସାପ୍ତାହିକ ହାଟଠାରେ ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ଗୁରୁବାର ଆନ୍ତର୍ଜାତିକ ଶ୍ରମିକ ଦିବସ ଉପଲକ୍ଷେ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶ୍ରମିକ ଦିବସର ଲାଲ ରଙ୍ଗର ପତାକା ଉତ୍ତୋଳନ କରାଯାଇଥିଲା। ଗରଡେଗା ଗ୍ରାମର ଜଙ୍ଗଲ ଅଧିକାର କମିଟି ସମ୍ପାଦକ ସିମନ ସାମାଦଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଲୋକମୁକ୍ତି ସଙ୍ଗଠନର କେନ୍ଦ୍ରୀୟ କମିଟି ସାଧାରଣ ସମ୍ପାଦକ ଗ୍ରେଗୋରୀ ସାମାଦ ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିଲେ। ସଙ୍ଗଠନର ମୁଖ୍ୟ ସଂଯୋଜକ ଉମାକାନ୍ତ ନାଏକ ସମାବେଶର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟବକ୍ତାଭାବେ ସଙ୍ଗଠନର ଉପଦେଷ୍ଟା ଅନନ୍ତ ପଣ୍ଡା ଯୋଗଦେଇ ଆନ୍ତର୍ଜାତିକ ଶ୍ରମିକ ଦିବସର ଐତିହାସିକ ପୃଷ୍ଠଭୂମୀ, ଦେଶରେ ଶ୍ରମିକଙ୍କ ସମସ୍ୟା ଓ ଶ୍ରମିକ ଆନ୍ଦୋଳନ ଏବଂ ଶ୍ରମିକ ଅଧିକାର ଉପରେ ବକ୍ତବ୍ୟ ଦେଇଥିଲେ। ସଂଯୋଜକ ଜିନିତ ସାମାଦ ନିଜ ବକ୍ତବ୍ୟରେ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ସାମ୍ବିଧାନିକ ବ୍ୟବସ୍ଥା, ଓଡ଼ିଶାରେ ଅସଙ୍ଗଠିତ ଶ୍ରମିକଙ୍କ ମଜୁରି ଓ ସାମାଜିକ ସୁରକ୍ଷା ଅଧିକାର, ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଆଦି ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର କେନ୍ଦ୍ରୀୟ କମିଟି ଉପସଭାପତି ତଥା ଗୋବିନ୍ଦପୁର ପଞ୍ଚାୟତ ସରପଞ୍ଚ ବିମଳ ଲାକ୍ରା, ବରିଷ୍ଠ ସଦସ୍ୟ ରବୀନ୍ଦ୍ର ନାଏକ, ଲୋକମୁକ୍ତି ସଂଗଠନ ଲଇକେରା ବ୍ଲକ କମିଟି ସଭାପତି ପରମାନନ୍ଦ ଦର୍ଶୀ, ଉପସଭାପତି ରସାନନ୍ଦ କିଷାନ, ପାତ୍ରାସ ଡୁଙ୍ଗଡୁଙ୍ଗ ପ୍ରମୁଖ ଶ୍ରମିକଙ୍କ ସମସ୍ୟା ଓ ଶ୍ରମ ଅଧିକାର ବିଷୟରେ ଆଲୋଚନା କରି ସଙ୍ଗଠନକୁ ସୁଦୃଢ କରିବା ପାଇଁ ଆହ୍ୱାନ ଦେଇଥିଲେ। ପରେ ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯିବା ପାଇଁ ପ୍ରସ୍ତୁତ ହୋଇଥିବା ୧୨ ଦଫା ଦାବି ସମ୍ବଳିତ ଏକ ସ୍ମାରକ ପତ୍ରକୁ ସଙ୍ଗଠନର ସଦସ୍ୟା ରେଶ୍ମା ଟେଟେ ପଠନ କରିଥିଲେ। ପ୍ରାରମ୍ଭରେ ଜମ୍ମୁକଶ୍ମୀର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ମୃତ ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଲୋକମୁକ୍ତି ସଙ୍ଗଠନ ସଂଯୋଜକ କୈଳାଶ ପିଙ୍ଗ,ବିଲଚୁସ ସାମାଦ, ଟିକେଶ୍ୱର ନାଏକ, କିଶୋରୀ ସୋଏ, ବିଶ୍ୱାସୀ ଖାଖା, ସିମା ସୋରେଙ୍ଗ, ସୁଖମାନି ତିଡୁ, ସିମା ବାର୍ଲା, ଫୁଲଦେଓ ସାମାଦ, ଉମ୍ଲାନ ଟପ୍ପୋ, ମିନକୁ ଲାକ୍ରା ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ବାମରା ବ୍ଲକ ସମେତ ଝାରସୁଗୁଡା ଜିଲାର ଲଇକେରା ବ୍ଲକ, ସୁନ୍ଦରଗଡ ଜିଲାର ଗୁରୁଣ୍ଡିଆ ବ୍ଲକ ଓ ବଡ଼ଗାଁ ବ୍ଲକର ବହୁସଂଖ୍ୟକ ସଭ୍ୟା ସଭ୍ୟ ଯୋଗ ଦେଇଥିଲେ।

# ଜିଲାର ପାସ୍ ହାର ୯୭.୨୬ ପ୍ରତିଶତ

ସମ୍ବଲପୁର,୨।୫(ପ୍ରମୋଦ ବହିଦାର)

**ପ୍ରକାଶ ପାଇଲା ମାଟ୍ରିକ୍ ପରୀକ୍ଷା ଫଳ**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ସମ୍ବଲପୁର ଜିଲାରେ ପାସ ହାର ରହିଛି ୯୭.୨୬ ପ୍ରତିଶତ। ସମ୍ବଲପୁର ଜିଲା ପାସ ହାର ର୍‌୍ୟାଙ୍କ ଅନୁସାରେ ସମଗ୍ର ରାଜ୍ୟରେ ୧୧ତମ ସ୍ଥାନରେ ରହିଛି। ଚଳିତବର୍ଷ ଜିଲାରେ ମୋଟ୍ ୧୦୫୫୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୦୨୬୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୁଅଙ୍କ ତୁଳନାରେ ଝିଅମାନେ ଆଗରେ ରହିଛନ୍ତି। ୫୨୧୪ ଜଣ ଛାତ୍ରୀ, ୫୦୫୫ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରେ ଜିଲାର ୧୯ ଜଣ ଗ୍ରେଡ୍ ଏ-୧, ୧୬୦ ଜଣ ଗ୍ରେଡ୍ ଏ-୨, ୫୫୨ ଜଣ ଗ୍ରେଡ୍ ବି-୧, ୧୭୩୨ ଜଣ ଗ୍ରେଟ୍ ବି-୨, ୩୧୪୬ ଜଣ ଗ୍ରେଡ୍ ସି, ୩୭୩୨ ଜଣ ଗ୍ରେଡ୍ ଡି ଓ ୧୨୩୮ ଜଣ ଗ୍ରେଡ୍ ଇରେ ଉତ୍ତିର୍ଣ୍ଣ ହୋଇଥିବା ବେଳେ ୨୮୦ ଜଣ ଗ୍ରେଡ୍ ଏଫ୍ ପାଇ ଫେଲ୍ ହୋଇଥିବା ଜଣାପଡ଼ିଛି। ସେହିପରି ୫ ଜଣ ଛାତ୍ରୀଛାତ୍ରଙ୍କ ଫଳ ପ୍ରକାଶ ପାଇ ନ ଥିବା ସୂଚନା ମିଳିଛି। ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଜି ଶିରିଶା ୯୪.୩୩ ପ୍ରତିଶତ ହାରରେ ମୋଟ ୫୬୬ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ଉକ୍ତ ବିଦ୍ୟାଳୟର ପ୍ରଜ୍ଞା ପ୍ରିୟଦର୍ଶିନୀ ପ୍ରଧାନ ୯୪.୧୬ ପ୍ରତିଶତ ହାରରେ ୫୬୫ ନମ୍ବର ରଖି ଦ୍ୱିତୀୟ, ସାଇସା ମାଝି ଓ ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ସୁହାନା ନାୟକ ୯୩.୮୩ ପ୍ରତିଶତ ହାରରେ ମୋଟ ୫୬୩ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ରେଢ଼ାଖୋଲ ଶ୍ରୀସାଇ ଇଣ୍ଟରନ୍ୟାଶନାଲ ବିଦ୍ୟାଳୟର ଛାତ୍ରୀ ସ୍ନେହାସ୍ନିଗ୍ଧା ସ୍ୱାଇଁ ଓ ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ପାୟଲ ପ୍ରିଦର୍ଶିନୀ ଜେନା ୯୩.୫୦ ପ୍ରତିଶତ ହାରରେ ୫୬୧ ନମ୍ବର ରଖି ଜିଲାରେ ଯୁଗ୍ମ ଚତୁର୍ଥ, ରେଢ଼ାଖୋଲ ଶ୍ରୀସାଇ ଇଣ୍ଟରନ୍ୟାଶନାଲ ବିଦ୍ୟାଳୟର ଛାତ୍ର ଭବ୍ୟ ମହାନ୍ତି, ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ପ୍ରଜ୍ଞାଭାରତୀ ପଣ୍ଡା ଓ ବୁଢ଼ାରଜା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ବାରିକ ୯୩.୩୩ ପ୍ରତିଶତ ହାରରେ ମୋଟ୍ ୫୬୦ ମାର୍କ ସହିତ ପଞ୍ଚମ, ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଆଦ୍ୟାଶା ପ୍ରଧାନ ୯୩ ପ୍ରତିଶତ ହାରରେ ମୋଟ ୫୫୮ ମାର୍କ ରଖି ଷଷ୍ଠ, ହିରାକୁଦ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲିଖିତା ବେହେରା ୯୨.୫ ପ୍ରତିଶତ ହାରରେ ୫୫୫ ନମ୍ବର ରଖି ସପ୍ତମ, ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ସତ୍ୟନାରାୟଣ ସାହୁ ୯୨.୩୩ ପ୍ରତିଶତ ହାରରେ ୫୫୪ ନମ୍ବର ରଖି ଅଷ୍ଟମ, କୁଚିଣ୍ଡା ବ୍ଲକ କିଣ୍ଡିରା ଶ୍ରୀସାଇ ଇଣ୍ଟରନ୍ୟାଶନାଲ ବିଦ୍ୟାଳୟର ଛାତ୍ର ବରୁଣ କୁମାର ପୃଷେଠ୍ ୯୧.୮୩ ପ୍ରତିଶତ ହାରରେ ୫୫୧ ନମ୍ବର ରଖି ନବମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହିରାକୁଦର ଛାତ୍ର ପ୍ରତ୍ୟୁଷ ଭୋଇ ୯୧.୬୭ ପ୍ରତିଶତ ହାରରେ ୫୫୦ ନମ୍ବର ରଖି ଦଶମ, ରେଢ଼ାଖୋଲ ସନ-ନୂଆପଡ଼ା ଉଚ୍ଚ ବିଦ୍ୟାଳୟର ଛାତ୍ର ଓମ୍ ପ୍ରକାଶ ହେବେରା ୯୧.୩୩ ପ୍ରତିଶତ ହାରରେ ୫୪୮ ନମ୍ବର ରଖି ଏକାଦଶ, କୁଚିଣ୍ଡା ଚନ୍ଦନିମାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଭଦ୍ରା ସ୍ନେହାଶିନୀ ବେହେରା ୯୦.୫୦ ହାରରେ ୫୪୩ ନମ୍ବର ରଖି ଦ୍ୱାଦଶ, କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦରର ଛାତ୍ରୀ ଯଶ୍ମିନ ମହାପାତ୍ର ୯୦.୧୭ ପ୍ରତିଶତ ହାରରେ ୫୪୧ ନମ୍ବର ରଖି ତ୍ରୟୋଦଶ ସ୍ଥାନ ଓ ରେଢ଼ାଖୋଲ ସନ-ନୂଆପଡ଼ା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଓଜେଶ୍ୱରୀ ପ୍ରଧନା ଓ କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଅନନ୍ତ ପଟେଲ ୯୦ ପ୍ରତିଶତ ହାରରେ ୫୪୦ ନମ୍ବର ରଖି ଚତୁର୍ଦ୍ଦଶ ସ୍ଥାନରେ ରହିଛନ୍ତି।

ଉଲ୍ଲେଖନୀୟ ସଫଳତା ପାଇଁ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେ କହିଛନ୍ତି, ଏହି ସଫଳତା ଛାତ୍ରୀଛାତୀଙ୍କ ସାମୂହିକ ପ୍ରୟାସ ଓ କଠିନ ପରିଶ୍ରମର ଫଳ।

**ଗିରଫ ବସ୍ ମାଲିକଙ୍କୁ ନ୍ୟାୟ ଦାବି**

# ବସ୍ ମାଲିକଙ୍କ ଗିରଫଦାରିକୁ ନିନ୍ଦା

ସମ୍ବଲପୁର,୨।୫(ପ୍ରମୋଦ ବହିଦାର)



ଆଇଜିଙ୍କ କାର୍ଯ୍ୟାଳୟରେ ବସ୍ ମାଲିକ ସଂଘର କର୍ମକର୍ତ୍ତା ଓ ଭାଜପା କର୍ମୀବୃନ୍ଦ।

**ଉତ୍ତରାଞ୍ଚଳ ଆଇଜିଙ୍କୁ ଫେରାଦ**

ଲକ୍ଷ୍ମୀ ଟକିଜ୍ ଛକରେ ବୁଧବାର ବିଳମ୍ବିତ ରାତିରେ ୨ ଗୋଷ୍ଠୀ ମଧ୍ୟରେ ହୋଇଥିବା ଗଣ୍ଡଗୋଳରେ ଜଣେ ବସ ମାଲିକଙ୍କ ଗିରଫଦାରିର ପ୍ରତିବାଦରେ ଭାଜପା କର୍ମୀଙ୍କ ସମେତ ସମ୍ବଲପୁର ଘରୋଇ ବସ ମାଲିକ ସଂଘ ଶୁକ୍ରବାର ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ ପୋଲିସ ଏକ ପାଖିଆ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କେବଳ ବସ ମାଲିକଙ୍କୁ ଗିରଫ କରିଛି। ସେମାନେ ଏହାକୁ ନିନ୍ଦା କରି ଗିରଫ ବସ ମାଲିକଙ୍କୁ ନ୍ୟାୟ ଦେବାକୁ ଦାବି କରିଥିଲେ। ତେବେ ବସ ମାଲିକ ସଂଘର କର୍ମକର୍ତ୍ତାଙ୍କ ସହିତ ଆଲୋନଚା କରି ଉକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ଆଇଜି ଲାଲ ପ୍ରତିଶ୍ରୁତି ଦେଇଥିଲେ। ସୁଚନାଯୋଗ୍ୟ ଯେ, ଏପ୍ରିଲ ୩୦ ତାରିଖ ବିଳମ୍ବିତ ରାତିରେ ମୋତିଝରଣ ଅଞ୍ଚଳରେ ଜଣେ ମାଦ୍ରାସା ଶିକ୍ଷକ(ଇମାମ୍) ମହମ୍ମଦ ରିୟାଜ ଓ ବସ ମାଲିକ କମଲୋଚନ ପୂଜାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ ଟାଉନଥାନାରେ ଉଭୟ ପକ୍ଷରୁ ଏତଲା ଦିଆଯାଇଥିଲା। ହେଲେ ମାଦ୍ରାସା ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇ କେବଳ ବସ ମାଲିକ ରିଙ୍କୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏନେଇ ଟାଉନଥାନା ଆଇଆଇସି ସୁବ୍ରତ କୁମାର ମେହେରଙ୍କୁ ପଚାରିବାରୁ, ଘଟଣାର ତଦନ୍ତ ଚାଲିଛି। ଠିକ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତଦନ୍ତରେ ପକ୍ଷପାତିତାର ପ୍ରଶ୍ନ ନାହିଁ ବୋଲି ଆଇଆଇସି ମେହେର କହିଛନ୍ତି।

# ଅପହଞ୍ଚ ଡୁବୁକୁ ଗ୍ରାମରେ ଜଳିଲା ବିଜୁଳି

ସମ୍ବଲପୁର,୨।୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ବାମରା ବ୍ଲକ ଅନ୍ତର୍ଗତ କିନାବଗା ପଞ୍ଚାୟତର ଘନ ଜଙ୍ଗଲ ମଧ୍ୟରେ ରହିଥିବା ଦୁର୍ଗମ ଡୁବୁକୁ ଗ୍ରାମରେ ଟିପିଡବ୍ଲ୍ୟୁଓଡିଏଲ ସହାୟତାରେ ବିଦ୍ୟୁତ ସଂଯୋଗ ହୋଇପାରିଛି। ୨୦୧୭-୧୮ରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା ଅଧୀନରେ ଏହି ଗ୍ରାମକୁ ବିଜୁଳି ସଂଯୋଗ କରାଯିବା ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ। ମାତ୍ର ବିଦ୍ୟୁତ ସଂଯୋଗ ହେବା ପୂର୍ବରୁ ଦୁର୍ବୃତ୍ତମାନେ ବିଦ୍ୟୁତ ତାରଗୁଡ଼ିକୁ ଚୋରି କରି ନେଇଯାଇଥିଲେ। ପରେ ପୁଣି ଦର୍ଘ ୮ ବର୍ଷ ହେବ ଡୁବୁକୁ ଗ୍ରାମବାସୀ ଅନ୍ଧାରରେ ରହି ଆସୁଥିଲେ। ଏହାପରେ ପଶ୍ଚିମ ଓଡ଼ିଶାର ବିଦ୍ୟୁତ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଏହି ଗ୍ରାମକୁ ବିଦ୍ୟୁତ ଯୋଗାଣ କରିବା ପାଇଁ ଯୋଜନା କରାଯାଇଥିଲା। ବିଭିନ୍ନ ଆହ୍ୱାନପୂର୍ଣ୍ଣ ପରିସ୍ଥିତର ସାମ୍ନା କରି କମ୍ପାନୀ ପକ୍ଷରୁ ସଫଳତାର ସହିତ ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ କରାଯାଇଥିଲା। ଭିତ୍ତିଭୂମି କାର୍ଯ୍ୟ ସମ୍ପର୍ଣ୍ଣ ହେବା ପରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ଗ୍ରାମକୁ ବିଦ୍ୟୁତ ଯୋଗାଣର ଶୁଭାରମ୍ଭ କରିଥିଲେ। ଗ୍ରାମର ସମସ୍ତ ୧୩ଟି ଆଦିବାସୀ ପରିବାରଙ୍କ ଅଗଣାରେ ବର୍ତ୍ତମାନ ବିଦ୍ୟୁତ ବଲ ଆଲୋକିତ କରୁଛି। ଏହି ଅବସରରେ ମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହିତ ଟିପିଡବ୍ଲ୍ୟୁଓଡିଏଲର ପ୍ରୟାସ ଏବଂ ଦକ୍ଷତାକୁ ପ୍ରଶଂସା କରିଥିଲେ। ଏହି ଗ୍ରାମକୁ ବିଦ୍ୟୁତ ପହଞ୍ଚାଇବା ପାଇଁ ସେ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଦୀର୍ଘ ଦିନ ପରେ ବିଦ୍ୟୁତ ସେବା ପାଇବା ପରେ ଅଞ୍ଚଳବାସୀମାନେ କମ୍ପାନୀକୁ ଭୂରି ଭୂରି ପ୍ରସଂସା କରିଥିଲେ।



ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି।

# କୋଇଲା ଖଣି ଶ୍ରମିକମାନେ ଭାରତର ଶକ୍ତି

ସମ୍ବଲପୁର,୨।୫(ବି.ଶଙ୍କର)




ଝାରସୁଗୁଡା ଜିଲା ଲଖନପୁରଠାରେ ଏମସିଏଲ ପକ୍ଷରୁ ଖଣି ଶ୍ରମିକଙ୍କ ସମ୍ମାନ ସମାରୋହରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଏମ୍‌ସିଏଲ୍ ପକ୍ଷରୁ ଖଣି ଶ୍ରମିକଙ୍କ ସମ୍ମାନ କାର୍ଯ୍ୟକ୍ରମ**

ମହାନଦୀ କୋଇଲା କମ୍ପାନୀ(ଏମସିଏଲ) ପକ୍ଷରୁ ଖଣି ଶ୍ରମିକଙ୍କ ସମ୍ମାନ ସମାରୋହ ଝାରସୁଗୁଡା ଜିଲା ଲଖନପୁରଠାରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏମସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। କୋଇଲା ଖଣି ଶ୍ରମିକଙ୍କ ଅକ୍ଳାନ୍ତ ପ୍ରୟାସକୁ ସମ୍ମାନିତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଖଣି ଶ୍ରମିକ ସମ୍ମାନ ସମାରୋହର ପରିକଳ୍ପନା ହୋଇଛି। କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ଅଂଶିଦାରମାନେ ଯୋଗଦେଇ ସାହସୀ କୋଇଲା ଖଣି ଶ୍ରମିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ୨୦୨୪-୨୫ ଆର୍ଥିକ ବର୍ଷରେ କୋଇଲା ଉତ୍ପାଦନ, ପ୍ରେରଣ ଏବଂ ଓଭର ବର୍ଡେନ (ଇବି) କ୍ଲିୟରାନ୍ସରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଏମସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କାଓଲେ ଟିମ ଏମସିଏଲକୁ ଅଭିନନ୍ଦନ ଜଣାଇଥିଲେ। କାଓଲେ କହିଥିଲେ, ଆପଣଙ୍କ ନିଷ୍ଠା ଏବଂ ପ୍ରତିବଦ୍ଧତା ଯୋଗୁ ଏମସିଏଲ ଦେଶର ପ୍ରମୁଖ କୋଇଲା ଉତ୍ପାଦନକାରୀ କମ୍ପାନୀ ଭାବରେ ଉଭା ହୋଇଛି । ଆମେ ଗର୍ବର ସହିତ କହିପାରିବା ଯେ, ଏମସିଏଲ ହେଉଛି ଏକମାତ୍ର କମ୍ପାନୀ ଯାହା କୋଇଲା ଉତ୍ପାଦନ ଏବଂ ପ୍ରେରଣ ଉଭୟରେ ୨୦୦ ନିୟୁତ ଟନର ଐତିହାସିକ ସଫଳତା ହାସଲ କରିଛି। ଏହି ସଫଳତା କୋଇଲା ଖଣି ଶ୍ରମିକମାନଙ୍କ ନିଷ୍ଠା ଏବଂ କଠିନ ପରିଶ୍ରମର ଶ୍ରେୟ ଅଟେ । କୋଇଲା ଗ୍ରାହକଙ୍କ ପାଖକୁ ୨୧୦ ନିୟୁତ ଟନ୍ କୋଇଲା ପଠାଯିବାର ରେକର୍ଡ ଏବଂ ରେଳ ଦ୍ୱାରା କୋଇଲା ପରିବହନରେ ୧୫ ପ୍ରତିଶତ ଅଭିବୃଦ୍ଧି ପାଇଁ ଭାରତୀୟ ରେଳବାଇ ଦ୍ୱାରା କମ୍ପାନୀ ଉଚ୍ଚ ପ୍ରଂସଶିତ ହୋଇଛି। ଏଥିସହ ରେଳବାଇର ଉତ୍କୃଷ୍ଟ ସମନ୍ୱୟ ଏବଂ ସହଯୋଗ ସର୍ବଦା ରହିଛି। ଅପରପକ୍ଷେ କୋଇଲା ଖଣି ଶ୍ରମିକମାନେ ଭାରତର ଶକ୍ତି , ସୁରକ୍ଷା ଏବଂ ଅର୍ଥନୈତିକ ଅଭିବୃଦ୍ଧିର ସ୍ତମ୍ଭ ଅଟନ୍ତି। ତେଣୁ ଏମସିଏଲ ଗ୍ରାହକମାନଙ୍କୁ ଗୁଣାତ୍ମକ କୋଇଲା ପଠାଇବା ଉପରେ ଧ୍ୟାନ ଦେଇ ଆସୁଛି। ଶ୍ରମିକମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ସଂପ୍ରତି ଆମ ପାଖରେ ୩୬ ନିୟୁତ ଟନ୍ କୋଇଲା ମହଜୁଦ ଅଛି । କୋଇଲା ଉତ୍ପାଦନ ସ୍ଥିର ହେବା ସହିତ କମ୍ପାନୀ ସଂପ୍ରତି ଏହାର ବିବିଧତା ପ୍ରୟାସକୁ ତ୍ୱରାନ୍ୱିତ କରୁଛି। ଆମେ ଭବିଷ୍ୟତର ଆବଶ୍ୟକତା ପୂରଣ କରିବା ପାଇଁ ସୌର ଶକ୍ତି, ପବନ ଶକ୍ତି, ଆମୋନିୟମ୍ ନାଇଟ୍ରେଟ୍ ଏବଂ ତାପଜ ବିଦ୍ୟୁତ ଉତ୍ପାଦନ ସହିତ ଜଡିତ ପ୍ରକଳ୍ପଗୁଡ଼ିକୁ ସକ୍ରିୟ ଭାବେ ଅନୁସରଣ କରୁଛୁ ବୋଲି ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କାଓଲେ ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ୨୦୨୪-୨୫ ଆର୍ଥିକ ବର୍ଷରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କ୍ଷେତ୍ର, ପ୍ରକଳ୍ପ ଏବଂ କର୍ମଚାରୀମାନଙ୍କୁ ମୋଟ ୮୭ଟି ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଥିଲା। ନିର୍ଦ୍ଦେଶକ କେଶବ ରାଓ (କାର୍ମିକ), ମୁଖ୍ୟ ସତର୍କତା ଅଧିକାରୀ ପି.କେ. ପଟେଲ, ନିର୍ଦ୍ଦେଶକ ଜେ.କେ. ବୋରା (ବୈଷୟିକ/ସଂଚାଳନ), ନିର୍ଦ୍ଦେଶକ ଏ.କେ. ବେହୁରା(ଅର୍ଥ) ଏବଂ ଯୁଗ୍ମ ପରାମର୍ଶଦାତା କମିଟି (ଆପେକ୍ସ)ର ଅଧିକାରୀମାନେ ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ।




# କିଟ୍‌ରେ ଆଉ ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ

## ହଷ୍ଟେଲ ରୁମ୍‌ରେ ଫ୍ୟାନରେ ଝୁଲିପଡ଼ିଲେ

ଭୁବନେଶ୍ୱର,୨।୫(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ପୁଣି ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତା ଛାତ୍ରୀ ହେଲେ ବି.ଟେକ୍ ପ୍ରଥମ ବର୍ଷ (କମ୍ପ୍ୟୁଟର ସାଇନ୍ସ)ର ପ୍ରୀଶା ଶାହା(୧୮)। ତାଙ୍କ ଘର ନେପାଳ ବିରଗଞ୍ଜ ଅଞ୍ଚଳରେ। ପ୍ରୀଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସସ୍ଥିତ ହଷ୍ଟେଲ 'କ୍ୟୁସି୪'ର ନିଜ ରୁମ୍‌ରେ ଗୁରୁବାର ସନ୍ଧ୍ୟାରେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମେ ପ୍ରୀଶାଙ୍କୁ ଉଦ୍ଧାର କରାଯାଇ କିମ୍‌ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏମ୍‌ଏଲ୍‌ସି (ମେଡିକୋ ଲିଗାଲ୍ ସାର୍ଟିଫିକେଟ୍) ଆଧାରରେ ଇନ୍‌ଫୋସିଟି ଥାନାରେ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୪୯/୨୦୨୫) ରୁଜୁ କରାଯାଇଛି। ପୋଲିସ ଟିମ୍ ପ୍ରୀଶାଙ୍କ ମୋବାଇଲ ଫୋନ୍ ଓ ଲାପଟପ୍‌କୁ ଜବତ କରି ଫରେନ୍‌ସିକ୍


ପ୍ରୀଶା ଶାହା

ଲ୍ୟାବକୁ ପଠାଇଛି। ତେବେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଏମ୍‌ସରେ ରଖାଯାଇଛି। ଖବର ପାଇ ପରିବାର ଲୋକେ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଥିବାବେଳେ ସେମାନଙ୍କ ଉପସ୍ଥିତିରେ ମୃତଦେହର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଅଢ଼େଇ ମାସର ବ୍ୟବଧାନରେ କିଟ୍‌ରେ ଆଉ ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ପ୍ରୀଶା ଏଭଳି ଚରମ ନିଷ୍ପତ୍ତି କାହିଁକି ନେଲେ ତାହାକୁ ନେଇ ନାନା ଚର୍ଚ୍ଚା ଚାଲିଛି। ପୋଲିସ ଏହା ପଛରେ ଥିବା କାରଣ ଖୋଜିବା ସହ ସହପାଠୀ ଓ ହଷ୍ଟେଲ ୱାର୍ଡେନଙ୍କୁ ପଚରାଉଚରା କରି ଅନୁସନ୍ଧାନ ଚଳାଇଛି। ରାତିରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା ଓ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ପ୍ରମୁଖ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ନେପାଳ ଦୂତାବାସ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଘଟଣାର ନିରପେକ୍ଷ ତଦନ୍ତ ହେଉ ବୋଲି ନେପାଳ ଦୂତାବାସ ଅନୁରୋଧ କରିଥିବା ଜାରି ପ୍ରେସ ବିଜ୍ଞପ୍ତିରେ ଦର୍ଶାଇଛି। ସେହିପରି ଭାରତର ବିହିର୍ବ୍ୟାପାର ମନ୍ତ୍ରଣାଳୟ ପ୍ରେସ ରିଲିଜ୍ ଜାରି କରି ମୃତ ଛାତ୍ରୀଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଦୁଃଖପ୍ରକାଶ କରାଯାଇଛି। ଓଡ଼ିଶା ସରକାର ଓ ମୃତାଙ୍କ ପରିବାର ସହ ମନ୍ତ୍ରଣାଳୟ ନିୟମିତ ଯୋଗାଯୋଗରେ ଅଛି। ଓଡ଼ିଶା ପୋଲିସ ତଦନ୍ତ ଚଳାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି। ଅନ୍ୟପକ୍ଷରେ କିଟ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରି ଏକ ପ୍ରେସ୍ ରିଲିଜ୍ ଜାରି କରିଛନ୍ତି। ଘଟଣା ସମ୍ପର୍କରେ ହଷ୍ଟେଲ ପକ୍ଷରୁ ତୁରନ୍ତ ସ୍ଥାନୀୟ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ପହଞ୍ଚିବା ପରେ ଛାତ୍ରୀଙ୍କୁ ଉଦ୍ଧାର କରାଯାଇ କିମ୍‌ସ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରବର୍ତ୍ତୀ ପଦକ୍ଷେପ ପାଇଁ ମୃତଦେହକୁ ଭୁବନେଶ୍ୱର ଏମ୍‌ସକୁ ପଠାଯାଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ମୃତ ଛାତ୍ରୀଙ୍କ ପରିବାରକୁ ତୁରନ୍ତ ସୂଚନା ଦିଆଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ସହ ବରିଷ୍ଠ ପୋଲିସ ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ। ଏହି ଘଟଣାରେ ମୃତାଙ୍କ ପରିବାର, ସାଙ୍ଗ ଓ ନେପାଳୀ ଛାତ୍ରୀଛାତ୍ରଙ୍କ ସହ ଅଛୁ ବୋଲି କିଟ୍ ପକ୍ଷରୁ କୁହାଯାଇଛି।

# ବିକଶିତ ଭାରତରେ କୋରାପୁଟ, ବାଲିଶଙ୍କରା

ଭୁବନେଶ୍ୱର,୨।୫(ରବିନାରାୟଣ ଜେନା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ କାର୍ଯ୍ୟକ୍ରମରେ ଦେଶର ୧୨୨ଜିଲା ମଧ୍ୟରେ ଓଡ଼ିଶାର କୋରାପୁଟ ଓ ସୁନ୍ଦରଗଡ଼ ରହିଛି। ବିକଶିତ ଜିଲା ରାଙ୍କିଙ୍ଗ୍‌ରେ କୋରାପୁଟ ୪୨ତମ ସ୍ଥାନରେ ରହିଥିବାବେଳେ ସୁନ୍ଦରଗଡ଼ ୬୮ତମ ସ୍ଥାନରେ ରହିଛି। ଗୋଟିଏ ପଛୁଆ ତଥା ଆକାଂକ୍ଷୀ ଜିଲାକୁ ବିକଶିତ ଜିଲାରେ ରୂପାନ୍ତରିତ କରିବା ଲାଗି ଜିଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାଧାରଣ ନାଗରିକ ଓ ସରକାରଙ୍କ ମଧ୍ୟରେ ଜିଲା ପ୍ରଶାସନ ହେଉଛି ସେତୁ ସଦୃଶ; ଯଦ୍ୱାରା ପଛୁଆ ଜିଲା ବି ଅଗ୍ରଣୀ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବିକଶିତ ଭାରତ ସଂକ୍ରାନ୍ତ ପ୍ରକାଶିତ ଏକ ପୁସ୍ତିକାରୁ ଏହା ଜଣାପଡ଼ିଛି। ବିକଶିତ ଭାରତ କାର୍ଯ୍ୟକ୍ରମରେ ଗତ ୧୦ବର୍ଷରେ ୪କୋଟି ଅସହାୟ ପରିବାରକୁ ପକ୍କାଘର ମିଳିଥିବା ବେଳେ ୫ବର୍ଷ ମଧ୍ୟରେ ୧୨କୋଟି ପରିବାରକୁ ସ୍ୱଚ୍ଛ ଜଳ ଯୋଗାଇ ଦିଆଯାଇଛି। ଏହାସହିତ ୧୦କୋଟି ପରିବାରକୁ ସ୍ୱଚ୍ଛ ରନ୍ଧନବ୍ୟବସ୍ଥା ଏବଂ ୧୧.୫କୋଟି ପରିବାରକୁ ଶୌଚାଳୟ ଯୋଗାଇ ଦିଆଯାଇଛି, ଯାହା କି କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ପ୍ରମାଣିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ବିକଶିତ ଭାରତ କାର୍ଯ୍ୟକ୍ରମରେ କୋରାପୁଟ ଭଳି ଏକ ପଛୁଆ ଅଞ୍ଚଳକୁ ସାମିଲ କରିବା ସମୟରେ ବହୁତ କିଛି ସମସ୍ୟା ରହିଥିଲା। ଏହି

### ଷ୍ଟ୍ରବେରୀ ଚାଷ କୋରାପୁଟ ମହିଳାଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିଛି



ଦୁର୍ଗମ ଅଞ୍ଚଳଟି ପାହାଡ଼ପର୍ବତଘେରା ହୋଇଥିବାରୁ ସରକାରୀ ଯୋଜନା ଠିକଣା ଭାବେ ପହଞ୍ଚି ପାରୁ ନ ଥିଲା; ଯେଉଁଥିପାଇଁ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବାରେ ପ୍ରତିବନ୍ଧକ ହେଉଥିବାବେଳେ ବେରୋଜଗାରୀ ସୃଷ୍ଟି ହେଉଥିଲା। ଏହାସହିତ ଅପପୁଷ୍ଟି, ରକ୍ତହୀନତା ପ୍ରଭୃତି ଏଠାରେ ଅଧିକାଂଶ ଲୋକଙ୍କଠାରେ ଦେଖିବାକୁ ମିଳୁଥିଲା। ଏହାକୁ ସରକାର ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିବା ପରେ ଏବେ ସେଠାରେ ବିକାଶ ଆଖିଦୃଶିଆ ହୋଇଛି। ୩ଲକ୍ଷ ୮୫ହଜାର ୩୧୭ଜଣଙ୍କୁ ଜନଆରୋଗ୍ୟ ଯୋଜନାରେ ସ୍ୱାସ୍ଥ୍ୟକାର୍ଡ ମିଳିଥିବାବେଳେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ୨୨ହଜାର ୪୯୯ ପଞ୍ଜୀକୃତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ସୁନିଧି ଜରିଆରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଲୋକଙ୍କ ଜୀବନଧାରଣର ମାନ ବଦଳିଛି। ଏହାବାଦ୍ କିଷାନକ୍ରେଡିଟ କାର୍ଡ ସହାୟତାରେ ଚାଷୀମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଛି। ଜଣେ ହେଲେ ବି ଯୋଗ୍ୟ ହିତାଧିକାରୀ ଯେପରି ସରକାରୀ ଯୋଜନାରୁ ବଞ୍ଚିତ ନ ହେବେ ସେଥିପ୍ରତି ସରକାର ଗୁରୁତ୍ୱ ଦେଉଥିବାରୁ ଏହା ସମ୍ଭବ ହୋଇପାରିଛି।

ସେହିପରି ସୁନ୍ଦରଗଡ଼ର ବାଲିଶଙ୍କରା ଅଞ୍ଚଳଟି ପାହାଡ଼ିଆ ହୋଇଥିବାରୁ ସେଠାରେ ସରକାରୀ ଯୋଜନା ପହଞ୍ଚି ପାରୁ ନ ଥିଲା। ବିଶେଷକରି ସେଠାରେ ଓରାମ, ମୁଣ୍ଡା ଏବଂ ଗଣ୍ଡ ସଂପ୍ରଦାୟର ଆଦିବାସୀ ବସବାସ କରୁଥିଲେ। ଏସବୁ ଚ୍ୟାଲେଞ୍ଜ ସତ୍ତ୍ୱେ ଜିଲା ପ୍ରଶାସନର ଉଦ୍ୟମ ଯୋଗୁ ଗମନାଗମନର ସୁବିଧା ସାଙ୍ଗକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ସରକାରୀ ଯୋଜନା ଆଖିଦୃଶିଆ ହୋଇପାରିଛି। ବାଲିଶଙ୍କରାରେ ୨୦ଟି ମାଧ୍ୟମିକ ଓ ୪ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଖୋଲାଯାଇଛି। ୯୨ ପ୍ରତିଶତ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ମିଳିଥିବା ବେଳେ ଶତପ୍ରତିଶତ ଆନୁଷ୍ଠାନିକ ପ୍ରସବ ହେଉଛି। ୬ହଜାର ମେଟ୍ରିକ ଟନ୍ ମାଣ୍ଡିଆ ଉତ୍ପାଦନ ହେଉଛି। ଶତପ୍ରତିଶତ ଯକ୍ଷ୍ମା ରୋଗର ମୂଳୋତ୍ପାଟନ ହୋଇଥିବା ବେଳେ ଜଳସେଚନ ବ୍ୟବସ୍ଥା ଯୋଗୁ ୩ହଜାର ହେକ୍ଟର ଜମିରେ ଚାଷ କାର୍ଯ୍ୟ ହୋଇପାରୁଛି। ସାମଗ୍ରିକ ବିକାଶ କ୍ଷେତ୍ରରେ ବାଲିଶଙ୍କରା ବ୍ଲକ ଏବେ ଆଗରେ ରହିଥିବାରୁ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ କାର୍ଯ୍ୟକ୍ରମରେ ରହିଛି।

# ପୁରୀ ରଥ ନିର୍ମାଣରେ ଲାଗିବ କୁଲାଡ଼ର ୧୨ ଫାସି ଗଛ

ବଣ୍ଟଁରପାଳ,୨।୫ (ସୁବାସ ସାହୁ)

ପୁରୀ ରଥ ନିର୍ମାଣରେ ବ୍ୟବହାର ପାଇଁ ଅନୁଗୋଳ ଜିଲା ବଣ୍ଟଁରପାଳ ବ୍ଲକ କୁଲାଡ଼ରୁ ୧୨ଟି ଫାସି ଗଛ କଟାଯିବ। କୁଲାଡ଼ ନିବାସୀ ତଥା ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ମେଡିସିନ ବିଭାଗ ଡାକ୍ତର କୁମାର ସୌମ୍ୟକାନ୍ତ ବିଶୋଇଙ୍କ ବାଡ଼ିରେ ଥିବା କିଛି ଫାସି ଗଛ ମଧ୍ୟରୁ ଏଥିପାଇଁ ୧୨ଟିକୁ ଗୁରୁବାର ଚିହ୍ନଟ କରାଯାଇଛି।

ପ୍ରକାଶ ଯେ, କୁଲାଡ଼ ଗ୍ରାମର ଡାକ୍ତର ବିଶୋଇଙ୍କ ବାପା ସ୍ୱର୍ଗତ ଶେଷଦେବ ବିଶୋଇ ୪୦ ବର୍ଷ ତଳେ ବାଡ଼ିରେ କିଛି ଫାସି ଚାରା ରୋପଣ କରିଥିଲେ। ପୁରୀ ଶ୍ରୀ ଜଗନ୍ନାଥଙ୍କ ରଥ ନିର୍ମାଣରେ ଏସବୁ ଗଛ ବ୍ୟବହାର କରାଯିବାର ଲକ୍ଷ୍ୟ ରଖି ସେ ଚାରାଗୁଡ଼ିକୁ ଲଗାଇଥିଲେ। ଉକ୍ତ ଲକ୍ଷ୍ୟ ପୂରଣ ପାଇଁ ଡାକ୍ତର ବିଶୋଇ ଓ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ସତ୍ୟଜିତ ସାହୁ କିଛିଦିନ ତଳେ ଏ ନେଇ ପୁରୀ ମନ୍ଦିର ପ୍ରଶାସନ ସହ ଆଲୋଚନା କରିଥିଲେ। ୨ଦିନ ତଳେ ପୁରୀ ମନ୍ଦିର ପ୍ରଶାସନ ପକ୍ଷରୁ ଅନୁଗୋଳ ଜିଲା ପ୍ରଶାସନକୁ ଏଥିପାଇଁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ଏହାପରେ ଅନୁଗୋଳ ବନଖଣ୍ଡ ପକ୍ଷରୁ ରେଞ୍ଜର ହରମୋହନ ନାୟକ ଓ ଗିରାଙ୍ଗ ରାଜସ୍ୱ ବିଭାଗ ଅଧିକାରୀ ସୁଶାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଆସି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛି। ଚିହ୍ନଟ ୧୨ଟି ଫାସି ଗଛକୁ ଖୁବ୍‌ଶୀଘ୍ର କଟାଯାଇ ପୁରୀ ପଠାଯିବା ପାଇଁ ସ୍ଥିର କରାଯାଇଛି। ତେବେ ଗଛକଟା ପୂର୍ବରୁ ପୂଜାର୍ଚ୍ଚନା, ନାମ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଥିବା ଆଇନଜୀବୀ ସାହୁ ପ୍ରକାଶ କରିଛନ୍ତି।


ପୁରୀ ରଥ ନିର୍ମାଣ ପାଇଁ କୁଲାଡ଼ ଗ୍ରାମରେ ଥିବା ଫାସି ଗଛ ଚିହ୍ନଟ କରାଯାଉଛି।

# ଆଇପିଏସ୍ ଅଧିକାରୀ ସ୍ତରରେ ଅଦଳବଦଳ

## ସୁଶାନ୍ତଙ୍କୁ ଜେଲ୍ ଡିଜି ଦାୟିତ୍ୱ

ଭୁବନେଶ୍ୱର,୨।୫(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ସ୍ତରରେ ଛୋଟ ଧରଣର ଅଦଳବଦଳ କରାଯାଇଛି। ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, କେନ୍ଦ୍ରୀୟ ଡେପୁଟେଶନରୁ ନିକଟରେ ଫେରିଥିବା ୧୯୯୩ ବ୍ୟାଚ୍‌ର ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଶାନ୍ତ କୁମାର ନାଥଙ୍କୁ ଜେଲ୍ ଓ କରେକ୍ସନାଲ ସର୍ଭିସ ପୋଲିସ ମହାନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ୧୯୯୮ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଦୟାଲ ଗଙ୍ଗୱାରଙ୍କୁ କମ୍ୟୁନିକେଶନ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବାବେଳେ ୨୦୦୦ ବ୍ୟାଚ୍ ଆଇପିଏସ୍ ଅଧିକାରୀ ପ୍ରତୀକ ମହାନ୍ତିଙ୍କୁ ପୋଲିସ ମୁଖ୍ୟାଳୟ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଏବଂ ବରିଷ୍ଠ ଓଡ଼ିଶା ପୋଲିସ ସେବା(ଓପିଏସ୍) ଅଧିକାରୀ ନାରାୟଣ ନାୟକଙ୍କୁ ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକ ଭାବେ ନିଯୁକ୍ତ କରାଯାଇଛି।

# ୧୦ରେ ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଶାହା

ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୧୦ରେ ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ୧୦ ତାରିଖରେ ଓଡ଼ିଶାରେ ପହଞ୍ଚି ୧୧ ତାରିଖ ଯାଏଁ ରହିବେ। ୧୦ରେ ସେ ଜଟଣୀ ଯାଇ ଫୋରେନ୍ସିକ୍ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିବେ। ସେଦିନ ସନ୍ଧ୍ୟାରେ ପୁରୀ ଗସ୍ତକରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ। ୧୧ରେ ପ୍ରଥମେ ବୁର୍ଲା ଏବଂ ଏହା ପରେ ସମଲେଶ୍ୱରୀ ମନ୍ଦିର ଯିବେ। ଏହି ଅବସରରେ ସେ ସମ୍ବଲପୁରଠାରେ କିଛି ପ୍ରକଳ୍ପର ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। ସେଠାରେ ଏକ ସାଧାରଣ ସଭାରେ ଯୋଗଦେବା କାର୍ଯ୍ୟକ୍ରମ ମଧ୍ୟ ରହିଛି। ଏହିସବୁ କାର୍ଯ୍ୟକ୍ରମ ସରିବା ପରେ ସନ୍ଧ୍ୟାରେ ଭୁବନେଶ୍ୱର ଫେରି ଜନତା ମଇଦାନ ଠାରେ ଆୟୋଜିତ କେତେକ ସରକାରୀ ପ୍ରକଳ୍ପର ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ଅଛି। ଏହାପରେ ଭାଜପା ନେତୃବୃନ୍ଦଙ୍କ ସହ ଶାହା ଏକ ବୈଠକ କରିବେ ବୋଲି କୁହାଯାଉଛି। ଏନେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଶାହା ୨ଦିନିଆ ଗସ୍ତରେ ଆସି ପ୍ରଥମେ ଜଟଣୀଠାରେ ଫୋରେନ୍ସିକ୍ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କରିବେ। ଏହା ଦେଶର ଦ୍ୱିତୀୟ ଫୋରେନ୍ସିକ୍ ବିଶ୍ୱବିଦ୍ୟାଳୟ। ଗୁଜରାଟରେ ପ୍ରଥମ ବିଶ୍ୱବିଦ୍ୟାଳୟ ରହିଛି । ସେଠାରୁ ପୁରୀ ଯିବା ପରେ ୧୧ରେ ସମ୍ବଲପୁର କାର୍ଯ୍ୟକ୍ରମରେ ଯୋଗଦେଇ ଜନତା ମଇଦାନ ଆସିବେ। କେତେକ ପ୍ରକଳ୍ପର ଶିଳାନ୍ୟାସକରି ସନ୍ଧ୍ୟାରେ ଦିଲ୍ଲୀ ଫେରିଯିବେ ବୋଲି ମନମୋହନ କହିଛନ୍ତି।

# ଔଷଧ ଦୋକାନୀଙ୍କ ଭୁଲ୍ ଇଞ୍ଜେକ୍ସନରେ ଯୁବକଙ୍କ ମୃତ୍ୟୁ

## ପରିବାର, ଗ୍ରାମବାସୀଙ୍କ ରାସ୍ତାରୋକୋ





ଆଳି,୨।୫(ବନମାଳୀ ସେନାପତି)

ଆଳି ଥାନା ସିଙ୍ଗିରି ଅଞ୍ଚଳରେ ଥିବା ଏକ ଔଷଧ ଦୋକାନରୁ ଭୁଲ୍ ଇଞ୍ଜେକ୍ସନ ନେବା ଯୋଗୁ ଜଣେ ଯୁବକଙ୍କ ଗୁରୁବାର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଔଷଧ ଦୋକାନ ମାଲିକଙ୍କ ନାମରେ ମୃତ ଯୁବକଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ମୃତ ଯୁବକଙ୍କୁ ନ୍ୟାୟ ପ୍ରଦାନ କରିବା ଦାବିରେ ଶୁକ୍ରବାର ଗ୍ରାମବାସୀ କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ଅବରୋଧ କରିଥିଲେ।

ଭରତପୁର ଗ୍ରାମର କଳାକାର ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ପ୍ରଶାନ୍ତ(୨୬)ଙ୍କ ଗୋଡ଼ରେ ଆଘାତ ଲାଗିଥିବାରୁ ସେ ଗୁରୁବାର ସନ୍ଧ୍ୟାରେ ସିଙ୍ଗିରିଠାରେ ଥିବା ଏକ ଔଷଧ ଦୋକାନକୁ ଯାଇଥିଲେ। ସେଠାରେ ତାଙ୍କୁ ଦୋକାନ ମାଲିକ ୨ଟି ଇଞ୍ଜେକ୍ସନ ଦେଇଥିଲେ। ପ୍ରଶାନ୍ତ ଇଞ୍ଜେକ୍ସନ ନେବା ପରେ ବାନ୍ତିକରି ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଜଣାପଡ଼ିବା ପରେ ସମ୍ପୃକ୍ତ ଔଷଧ ଦୋକାନ ମାଲିକଙ୍କ ନାମରେ ମୃତକଙ୍କ ବାପା କଳାକାର ସାହୁ ଆଳି ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଔଷଧ ଦୋକାନର ମାଲିକଙ୍କ ଘର ନିକଟରେ ପହଞ୍ଚି ତଦନ୍ତ କରିବାକୁ ଯାଇଥିଲେ। ହେଲେ ମାଲିକ ଦୋକାନ ଓ ଘର ବନ୍ଦ କରି ଫେରାର ହୋଇଯାଇଥିବାରୁ ପୋଲିସ ବିଭିନ୍ନ ସ୍ଥାନରେ ଛାପା ମାରୁଛି। ପ୍ରଶାନ୍ତଙ୍କ ମୃତ୍ୟୁକୁ ନେଇ ଭରତପୁର ଗ୍ରାମରେ ଶୋକରଛାୟା ଖେଳିଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ପ୍ରଶାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରେ ପରିବାର ଓ ଗ୍ରାମବାସୀ ପ୍ରଶାନ୍ତଙ୍କୁ ନ୍ୟାୟ ଦାବିରେ ମୃତଦେହ ରଖି କଟକ -ଚାନ୍ଦବାଲି ରାସ୍ତାର ଭରତପୁର ନିକଟରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଥାନାରେ ପୋଲିସ ନଂ. ୧୭୦/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ପ୍ରଶାନ୍ତ ରାୟପୁରର ଏକ କମ୍ପାନୀରେ ଚାକିରି କରୁଥିଲେ। ସେ ଘରକୁ ଆସିଥିବା ବେଳେ ଗୋଡ଼ ମକଚି ହୋଇଯିବାରୁ ଔଷଧ ଦୋକାନକୁ ଔଷଧ ଆଣିବାକୁ ଯାଇଥିଲେ।

# ମାଟ୍ରିକ୍ ପରୀକ୍ଷା: ୨ ଯାଆଁଳା ଭାଇ ମାଲକାନଗିରି ଜିଲା ଟପ୍ପର

ମାଲକାନଗିରି/ଏମ୍‌ଭି ୭୯, ୨।୫
(ଦୁର୍ଯ୍ୟୋଧନ ପାତ୍ର/ଭିକି ବାରିକ)

ମାଟ୍ରିକ୍ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଦୁଇ ଯାଆଁଳା ଭାଇ ସମାନ ନମ୍ବର ରଖି ମାଲକାନଗିରି ଜିଲା ଟପ୍ପର ହୋଇଛନ୍ତି। କାଳିମେଳା ବ୍ଲକ୍ ଏମ୍.ଭି. ୭୯ସ୍ଥିତ ସାବେରୀ ଉଚ୍ଚ ବିଦ୍ୟାଳୟରେ ମୋହନ ଲେଙ୍କାଙ୍କ ଦୁଇ ଯାଆଁଳା ପୁଅ ଉନେଲ ଲେଙ୍କା ଓ ଉମ୍ବରୁ ଲେଙ୍କା ଉଭୟେ ୫୬୦ ଲେଖାଏଁ ନମ୍ବର ରଖି ଜିଲାରେ ଟପ୍ପର ହୋଇଛନ୍ତି।

ପ୍ରକାଶ ଥାଉ କି, ଚଳିତ ବର୍ଷ ମାଲକାନଗିରି ଜିଲାରେ ମୋଟ ୧୩୦ଟି ବିଦ୍ୟାଳୟରେ ୮୦୩୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୭୭୫୦ ଜଣ ପାସ୍ ହୋଇଥିବା ବେଳେ ଜିଲାରେ ୯୬.୪୧ ପ୍ରତିଶତ ପାସ୍ ହୋଇଛନ୍ତି। ସେଥିମଧ୍ୟରେ ୧୨ ଜଣ ଏ-୧, ୪୬ ଜଣ, ଏ-୨, ୧୨୦ଜଣ ବି-୧, ୫୪୬ ଜଣ ବି-୨ରେ ପାସ୍ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ଶନିଶ୍ଚର ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ଓଡ଼ିଆ ଶାସନ, ରୂପ୍‌ସା, ସମୟ: ଦିବସବ୍ୟାପୀ
- କବିତା ପାଠୋତ୍ସବ, ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ଅପରାହ୍ନ ୪ ଟା ୩୦।

## ଭଦ୍ରକ
- ଶନିମନ୍ଦିର ପ୍ରତିଷ୍ଠା, ସ୍ଥାନ: ପାଇମହୁରା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: ଗୋରାମାଟି, ସାବରଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ବାସୁଦେବପୁର ସୌରଭ ସମ୍ମାନ ଉତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ବାଲିନଗର ଯାଦବପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଶନିଦେବଙ୍କ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଗୁହାଳଗଡ଼ିଆ, ଛେନାପଦି, ସମୟ: ସକାଳ ୮ ଟା।
- ଶନି ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଛେନାପଦି ଛକ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଏଆଇଟିୟୁସିର ବିକ୍ଷୋଭ, ସ୍ଥାନ: କେନ୍ଦୁଝର ଜିଲାପାଳ ଅଫିସ, ସମୟ: ସକାଳ ୯ଟା ୩୦।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ– ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ଶନିଦେବ ପୀଠରେ ୪୪ତମ ବାର୍ଷିକ ଉତ୍ସବର ପୂଜାପାଠ ଓ ହୋମଯଜ୍ଞ, ସ୍ଥାନ: ବାଘଡ଼ାରୋଡ୍, ବାରିପଦା, ସମୟ: ସକାଳ ୯ଟା।

## ଗଞ୍ଜାମ
- ବୁଗୁଡ଼ା ପଞ୍ଚ ଠାକୁରାଣୀ ଯାତ୍ରାର ନବମ ଦିବସ ଭ୍ରମଣୀ, ସ୍ଥାନ: ବୁଗୁଡ଼ା ବଡ଼ଦାଣ୍ଡ, ସମୟ: ସନ୍ଧ୍ୟା ୭ଟା ୩୦।

## ଜଗତସିଂହପୁର
- ପିପିଏଲ୍ ଡିଏଭି ସ୍କୁଲ ପରିସରରେ ଗ୍ରୀଷ୍ମକାଳୀନ ହକି ଶିବିର, ସ୍ଥାନ: ସ୍କୁଲ ପଡ଼ିଆ, ପିପିଏଲ୍, ପାରାଦୀପ, ସମୟ: ସକାଳ ୬ଟା।
- ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଅଂଶୀଦାରମାନଙ୍କୁ ନେଇ ସମ୍ମିଳନୀ, ସ୍ଥାନ: ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ମା' ଶାରଳା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ଚଣ୍ଡୀଯଜ୍ଞ, ସ୍ଥାନ: ତରାପୁର, ଚକ୍ରୋଡା, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା
- ଶନିଶ୍ଚର ମହାଯଜ୍ଞ, ସ୍ଥାନ: କଚେରୀ ରୋଡ, ଖଡ଼ିଅଙ୍ଗ, ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ମହାପୁରୁଷ ଶ୍ରୀଫଗୁ ଦାସଙ୍କ ବାର୍ଷିକ ମହୋତ୍ସବ, ସ୍ଥାନ: ନାଉପାଳ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୧୦ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ହରିଦାସପୁର, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ଦର୍ପଣ ତହସିଲ ଅଧୀନରେ ୧୫ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ଭୂମି ପୂଜନ ଉତ୍ସବ, ସ୍ଥାନ: ବଡ଼ଚଣା ମହୋତ୍ସବ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଆର୍ନ୍ତଜାତିକ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଧର୍ମଶାଳା ପ୍ରେସ୍ କ୍ଲବ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ନୂତନ ଆର୍‌ଆଇ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସକାଳ ୯ଟା।

## ନୟାଗଡ଼
- ଶୁଳିଆ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଗୋପୀନାଥପୁର ଶୁଳିଆ ଠାକୁରାଣୀ ପୀଠ, ସମୟ: ସକାଳ ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଅକ୍ଷୟ ତୃତୀୟାରେ ଚନ୍ଦନଯାତ୍ରା ଆରମ୍ଭ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୪ର୍ଥ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୪ର୍ଥ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ଚତୁର୍ଥ ଦିବସ, ସ୍ଥାନ: ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।

ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ ମହୋତ୍ସବର ୫ମ ଦିବସ, ସ୍ଥାନ: ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା ୩୦ ।

## କୋରାପୁଟ
- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ହନୁମାନ ମନ୍ଦିର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଅଷ୍ଟ ପ୍ରହରୀ ନାମ ଯଜ୍ଞ, ସ୍ଥାନ : ଖରିଆପାଳି ଗ୍ରାମ, ସମୟ : ସକାଳ ୮ଟା।
- ସମର୍ପଣ ଅନୁଷ୍ଠାନର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା।

## ରାଉରକେଲା
- ଆଚାର୍ଯ୍ୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୬, ସମୟ: ସକାଳ ୮ଟା।
- ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟର ୧୭ତମ ବାର୍ଷିକ ଉତ୍ସବ, ସ୍ଥାନ: ଆଦର୍ଶ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଭାରତ ବଙ୍ଗ ସାହିତ୍ୟ ସମ୍ମେଳନ––୨୦୨୫, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ଲୋହରସିଂ, ଝାରବନ୍ଧ, ସମୟ: ସକାଳ ୮ଟା।
- ଷୋହଳ ପ୍ରହରୀ ନାମଯଜ୍ଞ, ସ୍ଥାନ: ସାନଦାଦର, ଝାରବନ୍ଧ, ସମୟ: ମଧ୍ୟାହ୍ନ ୧୨ଟା

## ସୁବର୍ଣ୍ଣପୁର
- ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଭାଗୃହ, ଡୁଙ୍ଗୁରିପାଲି, ସମୟ: ସକାଳ ୯ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ସୋରିପଡ଼ା ଗାଁ, ସମୟ: ସକାଳ ୯ଟା ୧୫।
- ୨୦ତମ କ୍ୟାପିଂ ଆଣ୍ଡ କ୍ୟାଣ୍ଡେଲ ଲାଇଟିଂ ସେରିମନି, ସ୍ଥାନ: ନୂଆପଡା ସଦର ବ୍ଲକ ଦର୍ଲିମୁଣ୍ଡା ପଞ୍ଚାୟତ ସୁନସୁନିଆ ଶୁଶିଳା ଦେବୀ ସ୍କୁଲ ଆଣ୍ଡ ନର୍ସିଂ କଲେଜ, ସମୟ: ସନ୍ଧ୍ୟା ୬ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ବନ୍ଦାପାଟ ଗ୍ରାମର ଧନିଆପଡ଼ା, ସମୟ: ସକାଳ ୮ଟା ୩୦।

# ଭୁବନେଶ୍ୱର ଭଳି ଆଉ ୨ ସହରର ବିକାଶ ଜରୁରୀ: ଜୟନାରାୟଣ

**ଏଷ୍ଟିମେଟ୍ କମିଟି ବୈଠକ**

ଭୁବନେଶ୍ୱର,୨।୫ (ରବିନାରାୟଣ ଜେନା)

ରାଜଧାନୀ ଭୁବନେଶ୍ୱର ଭଳି ରାଜ୍ୟରେ ଆଉ ଦୁଇ ସହରର ବିକାଶ ହେବା ଜରୁରୀ ବୋଲି ଏଷ୍ଟିମେଟ୍ କମିଟି ଅଧ୍ୟକ୍ଷ ଜୟନାରାୟଣ ମିଶ୍ର କହିଛନ୍ତି। ଶୁକ୍ରବାର ବିଧାନସଭାରେ ଏଷ୍ଟିମେଟ୍ କମିଟି ବୈଠକ ଅବସରରେ ଜୟନାରାୟଣ କହିଛନ୍ତି, ନାଗାଲାଣ୍ଡ ଭଳି ରାଜ୍ୟ ଦୁଇ ଦୁଇଟି ସହରର ବିକାଶ କରିପାରୁଛି। କିନ୍ତୁ ଓଡ଼ିଶାରେ କେବଳ ଭୁବନେଶ୍ୱରର ହିଁ ବିକାଶ ସୀମିତ ହୋଇ ରହିଯାଇଛି। ଦୀର୍ଘ ୨୪ବର୍ଷ ଧରି ରାଜ୍ୟରେ ଗୋଟିଏ ସରକାର ରହିଲା, ହେଲେ ରାଜ୍ୟ ତଥା ରାଜଧାନୀର ଯେଭଳି ବିକାଶ ହେବା କଥା ତାହା ହୋଇପାରି ନାହିଁ। ସ୍ମାର୍ଟସିଟି ତାଲିକାର କାହିଁ କେତେ ତଳେ ଏବେ ଭୁବନେଶ୍ୱର ରହିଛି। ସେ କହିଥିଲେ, ରାଜଧାନୀ ଭୁବନେଶ୍ୱରରେ ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡ୍ରେନେଜ୍ ବ୍ୟବସ୍ଥା କେବଳ କାଗଜକଲମରେ ସୀମିତ ରହିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ନାଳନର୍ଦ୍ଦମାକୁ ଏଠାରେ ବହୁ ବଡ଼ବଡ଼ିଆ ମାଡ଼ି ବସିଛନ୍ତି। ସେମାନଙ୍କୁ କିଭଳି ଉଚ୍ଛେଦ କରାଯିବ ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ଠିକଣା ଭାବେ ହୋଇପାରିବ ତା' ଉପରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଜୟନାରାୟଣ କହିଥିଲେ, ରାଜ୍ୟର ସମସ୍ତ ସହରର ଆଲୋକୀକରଣ ବ୍ୟବସ୍ଥା ରାଜଧାନୀ ଉପରେ ନିର୍ଭର କରିବାକୁ ପଡୁଛି। ସବୁ ନିଷ୍ପତ୍ତି ଏଠାରେ କାହିଁକି ହେଉଛି। ଏହାଦ୍ୱାରା ସମସ୍ତ ସହରାଞ୍ଚଳର ବିକାଶ ହୋଇପାରୁନାହିଁ। ଯେଉଁ ସହରର ବିଦ୍ୟୁତୀକରଣ ବ୍ୟବସ୍ଥା କରାଯିବ, ସେହି ସହର ଉପରେ ତା'ର ନିଷ୍ପତ୍ତି ଛାଡ଼ି ଦେବାର ଆବଶ୍ୟକତା ରହିଛି। ସେ କହିଥିଲେ, ଭୁବନେଶ୍ୱର କଥା ଛାଡ଼। ରାଜଧାନୀ ଉପକଣ୍ଠରେ ଥିବା ଗ୍ରାମଗୁଡ଼ିକରେ ପାନୀୟଜଳ, ବିଦ୍ୟୁତ୍ ଅବସ୍ଥା ସାଂଘାତିକ। ଏସବୁ ଅନୁଧ୍ୟାନ କରି ରିପୋର୍ଟ ଦେବାପାଇଁ ବିଭାଗକୁ କୁହାଯାଇଛି। ବିଭାଗର ରିପୋର୍ଟ ଆଧାରରେ ସରକାରଙ୍କୁ ଖୁବ୍‌ଶୀଘ୍ର ସୁପାରିସ କରାଯିବ ବୋଲି ଜୟନାରାୟଣ କହିଛନ୍ତି। ବୈଠକରେ ବିଷମକଟକ ବିଧାୟକ ନୀଳମାଧବ ହିକ୍କାଙ୍କ ସହିତ ଅନ୍ୟାନ୍ୟ ସଦସ୍ୟ ଏବଂ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।




ନୂଆଦିଲ୍ଲୀ ସ୍ଥିତ ଏକ ହୋଟେଲରେ ଆୟୋଜିତ ୧୫ତମ ଦାଦା ସାହେବ ଫାଲ୍‌କେ ଫିଲ୍ମ ଫେଷ୍ଟିଭାଲରେ ଗୁରୁବାର ଓଡ଼ିଆ ଡକ୍ୟୁମେଣ୍ଟାରି ଫିଲ୍ମ 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ'କୁ ବେଷ୍ଟ ଡକ୍ୟୁମେଣ୍ଟାରି ଫିଲ୍ମ ଆୱାର୍ଡ ପ୍ରଦାନ କରାଯାଉଛି। ଫିଲ୍ମର ପ୍ରଯୋଜକ ଅଭୟ ପତି ଏବଂ ନିର୍ଦ୍ଦେଶକ ପ୍ରଣବ କୁମାର ଆଇଚ ଏହି ଆୱାର୍ଡ ଗ୍ରହଣ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦୂର କଳିନ୍ଦ, ନିକଟ ବାଲି।**

ବହୁ ଦୂରରେ ଥିବା ଉର୍ବର ଭୂମିଠାରୁ ନିକଟରେ ଥିବା ନିରସ ଜମି ଭଲ ବୋଲି ବିଚାର କରାଯାଇଥାଏ। କାରଣ ଜମି ପାଖରେ ଥିଲେ ଚାଷବାସ କରିବା ସହ ଜମି ଜଗରଖା କରିବା ସହଜ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେବତା ନା' ଦେ' ତେବେ ଯାଇ "ବତା"।**

ସେବକ ବା ପୂଜାରୀମାନେ ଦେବତାଙ୍କ ପୂଜାର୍ଚ୍ଚନା କରିଥାନ୍ତି। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ଦେବତାଙ୍କ ତଥାକଥିତ ସେବକମାନେ ଧନ ବା ଦକ୍ଷିଣା ମାଗୁଥିବାର ଲକ୍ଷ୍ୟ କରାଯାଇଥିବା ବେଳେ ଦେବତା ଶବ୍ଦରୁ ଏପରି ବ୍ୟଙ୍ଗ ବିଶ୍ଳେଷଣ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ମଧ୍ୟମା ପାସ୍‌ହାର ୮୫.୭୯%

ଚଳିତ ଥର ମଧ୍ୟମା ପରୀକ୍ଷାର୍ଥୀଙ୍କ ପାସ୍ ହାର ୮୫.୭୯% ହୋଇଛି। ଏ୧ ଗ୍ରେଡ୍‌ରେ ଶୂନ, ଏ୨ ଗ୍ରେଡ୍‌ରେ ୩୪୪, ବି୧ ଗ୍ରେଡ୍‌ରେ ୮୬୯, ବି୨ ଗ୍ରେଡ୍‌ରେ ୧୧୧୮, ସି ଗ୍ରେଡ୍‌ରେ ୫୨୭, ଡି ଗ୍ରେଡ୍‌ରେ ୧୦ ଓ ଇ ଗ୍ରେଡ୍‌ରେ ଶୂନ ଜଣ ପାସ୍ କରିଛନ୍ତି। ଏଥର ୩,୩୪୩ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ୨,୯୧୭ଜଣ ମଧ୍ୟମା ପରୀକ୍ଷା ଦେଇଥିବା ବେଳେ ୪୨୬ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୨,୮୬୮ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୪୯ଜଣ ଅକୃତକାର୍ଯ୍ୟ ହୋଇଛନ୍ତି।

## ରାଜ୍ୟ ମୁକ୍ତ ବିଦ୍ୟାଳୟ ପାସ୍‌ହାର ୭୪.୭୮%

ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ପାସ୍ ହାର ୭୪.୭୮% ହୋଇଛି। ଏ୧ ଓ ଏ୨ ଗ୍ରେଡ୍‌ରେ ଶୂନ, ବି୧ ଗ୍ରେଡ୍‌ରେ ୭, ବି୨ ଗ୍ରେଡ୍‌ରେ ୧୧୯, ସି ଗ୍ରେଡ୍‌ରେ ୫୩୫, ଡି ଗ୍ରେଡ୍‌ରେ ୯୮୨ ଓ ଇ ଗ୍ରେଡ୍‌ରେ ୨୫୩୮ ଜଣ ପାସ୍ କରିଛନ୍ତି। ଏଥର ୫,୬୦୬ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ୫,୫୯୧ ଜଣ ପରୀକ୍ଷା ଦେଇଥିବା ବେଳେ ୪୧୮୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୪୨୧ ଜଣ ପରୀକ୍ଷାରେ ଅନୁପସ୍ଥିତ ଓ ୧୧ ଜଣ ମାଲପ୍ରାକ୍ଟିସ ହୋଇଛନ୍ତି।

## ୭୨ ଘଣ୍ଟାରେ ମିଳିବ ଅନ୍‌ଲାଇନ୍ ସାର୍ଟିଫିକେଟ

କୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ www.bseodisha.ac.inରେ ପ୍ରଦତ୍ତ ଲିଙ୍କ୍‌ରୁ ସାର୍ଟିଫିକେଟ୍ ଡାଉନଲୋଡ୍ କରିବାର ବ୍ୟବସ୍ଥା ହୋଇଛି। ଆସନ୍ତା ୭୨ ଘଣ୍ଟା ମଧ୍ୟରେ ଉପଲବ୍ଧ ହେବ ଏହି ଅନ୍‌ଲାଇନ୍ ସାର୍ଟିଫିକେଟ। ଏଥିସହ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍‌ରେ ବୋର୍ଡର ମୋବାଇଲ୍ ନଂ ୭୭୧୦୦୫୮୧୯୨କୁ save କରିବା ପରେ ହ୍ୱାଟ୍ସଆପ୍‌ରେ BSE କିମ୍ବା HI ଲେଖି ମେସେଜ୍ କରିବେ। ଏହାପରେ ସେଥିରେ ଆସୁଥିବା ନିର୍ଦ୍ଦେଶକୁ ଅନୁସରଣ କରିବା ପରେ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିବାର ବ୍ୟବସ୍ଥା ହୋଇଛି।

## ବୋର୍ଡ ମୁଖ୍ୟାଳୟରେ ଖୋଲିଲା କଣ୍ଟ୍ରୋଲ ରୁମ୍

ପରୀକ୍ଷା ଫଳ ସଂକ୍ରାନ୍ତୀୟ ଯେକୌଣସି ସୂଚନା ପାଇଁ ବୋର୍ଡ ମୁଖ୍ୟାଳୟରେ ଶୁକ୍ରବାର ଠାରୁ ଏକ କଣ୍ଟ୍ରୋଲ ରୁମ କାର୍ଯ୍ୟାରମ୍ଭ କରିଛି। ଆସନ୍ତା ମେ ୯ ଯାଏ ପ୍ରତ୍ୟହ ସକାଳ ୧୦.୩୦ରୁ ଅପରାହ୍ନ ୫ଟା ଯାଏ କଣ୍ଟ୍ରୋଲ ରୁମ କାର୍ଯ୍ୟ କରିବ। ଏଥିପାଇଁ ଟେଲିଫୋନ୍ ନମ୍ବର ୦୬୭୧–୨୪୧୨୦୫୯, ୨୪୧୨୦୬୦ ଏବଂ ୮୭୬୩୦୮୮୯୦ ଜାରି କରାଯାଇଛି।

## ସପ୍ଲିମେଣ୍ଟାରୀ ପରୀକ୍ଷା ଫର୍ମ ପୂରଣ ମେ ୧୪ରୁ

ବୋର୍ଡ ପକ୍ଷରୁ ସପ୍ଲିମେଣ୍ଟାରୀ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ତାରିଖ ଘୋଷଣା କରାଯାଇଛି। ଅକୃତକାର୍ଯ୍ୟ ହୋଇଥିବା ଅଥବା ପରୀକ୍ଷାରେ ଅନୁପସ୍ଥିତ ଥିବା ମାଟ୍ରିକ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ମେ ୧୪ ତାରିଖରୁ ମେ ୨୬ ତାରିଖ ମଧ୍ୟରେ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିବେ।

## ମାର୍କ ଆଡିଶନ୍ ଚେକିଂ ଆବେଦନ ୫ରୁ

ମୂଲ୍ୟାୟନରେ ତ୍ରୁଟି ଥିଲେ ଅଥବା ଅସନ୍ତୁଷ୍ଟ ପରୀକ୍ଷାର୍ଥୀମାନେ ମାର୍କ ଆଡିଶନ୍ ଚେକିଂ ପାଇଁ ମେ ୫ରୁ ୧୬ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ମାଟ୍ରିକ ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟ୍‌ରେ ଅନ୍‌ଲାଇନ୍ ଜରିଆରେ ଏବଂ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀମାନେ ଅଫଲାଇନ୍ ମାଧ୍ୟମରେ ବୋର୍ଡର ବିଭିନ୍ନ ଜୋନ୍ ଅଫିସରେ ଆବେଦନ ଦାଖଲ କରିବେ।

# ପାରାଦୀପରେ ହେବ ବିମାନବନ୍ଦର

**■ ୧୫ ଜିଲାରେ ନିର୍ମାଣ ହେବ ହେଲିପୋର୍ଟ: ମୁଖ୍ୟମନ୍ତ୍ରୀ**
**■ ଢେଙ୍କାନାଳ ବିପିଏସି ବିକାଶ ସମ୍ବନ୍ଧରେ ହେଲା ଆଲୋଚନା**

ଭୁବନେଶ୍ୱର, ୨।୫(ସୁନିତ୍ ମିଶ୍ର)

ରାଜ୍ୟରେ ବିମାନ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନରେ 'ବିମାନ ଚଳାଚଳ ଏବଂ ନେଟ୍‌ୱର୍କ ନିର୍ମାଣ ପରିଚାଳନା' ସମ୍ବନ୍ଧରେ ଆଲୋଚନା କରିଛନ୍ତି। ବୈଠକରେ ପାରାଦୀପରେ ଏକ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପାଇଁ ଯୋଜନା ସମେତ ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର(ଏସ୍‌ଜେଆଇଏ) ବିକାଶ ଏବଂ ରାଉରକେଲା ବିମାନବନ୍ଦରର ଉନ୍ନୀତକରଣ ଉପରେ ଆଲୋଚନା ହୋଇଥିବା ବେଳେ ଆଞ୍ଚଳିକ ସଂଯୋଗୀକରଣ ବୃଦ୍ଧିକରିବା ପାଇଁ, ଜୟପୁର, ଦାଣ୍ଡବୋଷ, ରଙ୍ଗେଇଲୁଣ୍ଡା, ଗୋଡମା, ସତୀଭଟା, ରାଇସୁଆଁ, ତୁଷରା, ଜମାଦାରପାଲୀ, ମାଲକାନଗିରି, ଅମର୍ଦ୍ଦାରୋଡ୍ ଏବଂ ଉତ୍କେଲା ସମେତ ରାଜ୍ୟର ପ୍ରମୁଖ ବିମାନବନ୍ଦରଗୁଡ଼ିକର ଉନ୍ନତୀକରଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହାସହ ରାଜ୍ୟର ୧୫ ଜିଲାରେ ହେଲିପୋର୍ଟ ନିର୍ମାଣ ଏବଂ ଢେଙ୍କାନାଳର ବିରାଶାଳସ୍ଥିତ ଏୟାରଷ୍ଟ୍ରିପ୍‌ରେ ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ର(ବିପିଏସି)ର ବିକାଶ ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଛି। ନୋଡାଲ ଏଜେନ୍ସି ଭାବେ ଏହି ବିକାଶ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିମାନବନ୍ଦର, ହେଲିପ୍ୟାଡ୍ ଏବଂ ଡ୍ରୋନ୍ ହବ୍ ସମେତ ରାଜ୍ୟରେ ବିଶ୍ୱସ୍ତରୀୟ ବିମାନ ଚଳାଚଳ ଭିତ୍ତିଭୂମି ପ୍ରତିଷ୍ଠା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିସହ ରାଜ୍ୟରେ ବର୍ତ୍ତମାନ ଚାଲୁଥିବା ବିମାନବନ୍ଦରଗୁଡ଼ିକର କାର୍ଯ୍ୟଦକ୍ଷତାକୁ ଆହୁରି ବିକାଶ ଏବଂ ଏହାର ଆଧୁନିକୀକରଣ କରିବା ବିଷୟରେ ସେ ଗୁରୁତ୍ୱାରୋପ କରିଛନ୍ତି। ରାଷ୍ଟ୍ରାୟତ୍ତ ବିମାନବନ୍ଦରଗୁଡ଼ିକର ଉନ୍ନତୀକରଣ, ବିମାନ ସଂଯୋଗ ବୃଦ୍ଧି, ବିମାନ ଚଳାଚଳ ୟୁନିଟ୍ ଦକ୍ଷତା ବୃଦ୍ଧି ସହ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବୃଦ୍ଧି ପାଉଥିବା ବିମାନ ଚଳାଚଳ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଆଧୁନିକ ଭିତ୍ତିଭୂମି ଏବଂ ଉନ୍ନତ ମାନବ ସମ୍ବଳର ପ୍ରସ୍ତାବ ସହ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ପୁନର୍ଗଠନ ବିଷୟରେ ଏହି ବୈଠକରେ ଆଲୋଚନା ହୋଇଛି। ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସମେତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଇପିକଲ୍‌ର ଏମ୍‌ଡି ଭୂପିନ୍ଦର ସିଂ ପୁନିଆ, ଡାଇରେକ୍ଟର, ସିଭିଲ ଆଭିଏସନ୍ ଦେବଦତ୍ତ ସୁରଞ୍ଜିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଭାଗ୍ୟସ୍ଥାନକୁ ଚନ୍ଦ୍ର ଅବଲୋକନ କରୁଥିବାରୁ କୌଣସି ନୂତନ କର୍ମାରମ୍ଭ ସକାଶେ ପରିବାର ସହ ଆଲୋଚନା କରିପାରନ୍ତି। ସରକାରୀ ସ୍ତରରୁ ଉପକୃତ ହେବା ସହ ରାଜନୀତି ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ନୂଆ ବ୍ୟବସାୟ ଯୋଡିବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବୃଷ** ରବି ଉଚ୍ଚରାଶିରେ ଥିବାରୁ ସହକର୍ମୀ ସହାନୁଭୂତି ସହ କାମ ହାସଲରେ ସାହାଯ୍ୟ କରିବେ। ବନ୍ଧୁଙ୍କ ସହ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। ଆଗାମୀ ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ। ଆଇନ ସହାୟତା ଲାଭପୂର୍ବକ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ** ଧନାଧିପ ରାଶିରେ ଅବସ୍ଥାନ କରିଥିବାରୁ ବନ୍ଧୁଙ୍କ ସହ ଅର୍ଥ ସମ୍ବନ୍ଧିତ ଆଲୋଚନାରେ ଭାଗ ନେବେ। ଖୋଜୁଥିବା ଜିନିଷ, ଦରକାରୀ କାଗଜପତ୍ର କିମ୍ବା ସରକାରୀ ସୁବିଧା ଆଜି ପାଇଯିବେ। ଶୁକ୍ରଜନିତ ସାହିତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ପ୍ରୀତିପ୍ରଦ ହେବ। ପରିବାରରେ ପାରସ୍ପରିକ ସହମତିରେ କାମ କଲେ ଉପକୃତ ହେବେ।

**କର୍କଟ** କେନ୍ଦ୍ର କୋଣାଧିପ ମଙ୍ଗଳଙ୍କ ଦୁର୍ବଳତାଜନିତ କର୍ମକ୍ଷେତ୍ରରେ ଅସଫଳତା ଏବଂ ସନ୍ତାନଙ୍କ ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ଅବଶ୍ୟ ଉଚ୍ଚସ୍ଥ ଶୁକ୍ରଙ୍କ ପ୍ରଭାବରେ ସାହିତ୍ୟ, ସାମ୍ବାଦିକତା, କ୍ରୀଡା,କଳା,ସଙ୍ଗୀତ ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଦାୟିତ୍ୱ ନିର୍ବାହକରି ଆଶ୍ୱସ୍ତି ଲଭିବେ।

**ସିଂହ** ଭୂସୁତ ବ୍ୟୟଭାବରେ ରହିଥିବାରୁ ଜାଗାବାଡ଼ି କ୍ରୟବିକ୍ରୟ ସକାଶେ ମନସ୍ଥ କରିପାରନ୍ତି। ନିଜର ଉଚ୍ଚପଦସ୍ଥ ସମ୍ପର୍କୀୟଙ୍କ ସହଯୋଗରୁ ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବେ। ଆପଣଙ୍କ ସହ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ କଥାରେ ପ୍ରଭାବିତ ହୋଇ ଭୁଲ୍ କାମ କରିପାରନ୍ତି । ପାରିବାରିକ ସ୍ତରରେ ଅସୁବିଧା ସୃଷ୍ଟି ଲକ୍ଷ୍ୟ କରିପାରନ୍ତି।

**କନ୍ୟା** ଲାଭାଧିପ କର୍ମସ୍ଥାନରେ ରହିଥିବାରୁ ଯାହା ପାଇବା ସକାଶେ ଆଶା ବାନ୍ଧିଛନ୍ତି ତାହା ପୂରଣ ହେବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ଦିଗରେ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିପାରେ। ସମ୍ପର୍କୀୟଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ହେତୁ ଅନ୍ୟଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ। ପାରିବାରିକ ସଦ୍ଭାବ ଅକ୍ଷୁଣ୍ଣ ରହିବ।

**ତୁଳା** ଶନିଙ୍କ ଦୁଃସ୍ଥାନାବସ୍ଥାନ ହେତୁ ପାରିବାରିକ କ୍ଷେତ୍ରରେ ମତାନ୍ତରର ଆଶଙ୍କା ଦେଖାଦେଇପାରେ। ରବିଙ୍କ ପ୍ରଭାବରେ ସରକାରୀ ସ୍ତରରେ ଅଟକି ରହିଥିବା କାମ ଓ ପ୍ରତୀକ୍ଷିତ କୌଣସି ଖବର ପାଇ ଖୁସି ହୋଇପାରନ୍ତି। ସାମାଜିକ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟସାଧନ କରିବେ।

**ବିଛା** ଅଷ୍ଟମସ୍ଥ ଚନ୍ଦ୍ର ସାଙ୍ଗକୁ ନୀଚସ୍ଥ ମଙ୍ଗଳଜନିତ ଦୁର୍ଭାବନା ମନକୁ ଭାରାକ୍ରାନ୍ତ କରିବ। ବନ୍ଧୁଙ୍କ ସହାୟତାରେ, ବୟସ୍କଙ୍କ ପରାମର୍ଶରେ, ଆଲୋଚନା ମାଧ୍ୟମରେ କାମକଲେ ଉପକୃତ ହୋଇପାରିବେ। ଆର୍ଥିକ ସ୍ଥିତି, ବନ୍ଧୁସମ୍ପର୍କ, ସ୍ଥଗିତକାମ ଏବଂ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ଧନୁ** ଅଷ୍ଟମାଧିପତି ସପ୍ତମସ୍ଥ ଯୋଗୁ ସାଧାରଣକଥାକୁ କେନ୍ଦ୍ରକରି ସ୍ୱାମୀ/ସ୍ତ୍ରୀଙ୍କ ମଧ୍ୟରେ ବିତର୍କ ସୃଷ୍ଟିହେବ। ଅଫିସିଆଲି କାମରେ ଟେନ୍‌ସନ ବୃଦ୍ଧି ପାଇପାରେ। ମନ ଭିତରେ ଭୟ ଓ ଆଶଙ୍କା ଭରି ରହିଥିଲେ ମଧ ଜିଦ୍‌ରେ ଅଟଳ ରହିପାରନ୍ତି। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**ମକର** ଏକାଧିକ ଗ୍ରହ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ପରିସ୍ଥିତି ଭଲ ଦିଗକୁ ଗତି କରିବ। ନୂତନ ଗୃହ, ଯାନବାହନ, ମୂଲ୍ୟବାନ ଦ୍ରବ୍ୟ, ନିର୍ମାଣ ଓ ଜିଣାବିକା କ୍ଷେତରେ ଆଶା ପୂରଣ ହେବ। ଯାତ୍ରା ସମୟରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ନତୁବା ପଶ୍ଚାତ୍ତେ ମନସ୍ତାପ କରିବାକୁ ପଡିବ । ବନ୍ଧୁ କରୁଥିବା କାର୍ଯ୍ୟର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଅନୁକୂଳ ଗ୍ରହସ୍ଥିତିରୁ ଆପଣଙ୍କ ଦୃଢ଼ ମନୋବଳ ଓ ଧୈର୍ଯ୍ୟ ପ୍ରତ୍ୟେକ କାମ ପାଇଁ ସଫଳତାର ପୃଷ୍ଠଭୂମି ପାଲଟିଯିବ। ସଭା ସମିତିରେ କିମ୍ବା ପରିବାର ଓ ବନ୍ଧୁ ଗହଣରେ ଗାମ୍ଭୀର୍ଯ୍ୟ ରକ୍ଷା କରି ମନ୍ତବ୍ୟ ଦେଇପାରନ୍ତି। ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇବେ। ଶିଳ୍ପ,ବାଣିଜ୍ୟ, ପ୍ରଶାସନ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମୀନ** ରାଶିରେ ଚତୁଃଗ୍ରହ ରହିଥିବାରୁ ଦୈହିକ ଓ ମାନସିକ ଅସୁସ୍ଥତା ନିରୁତ୍ସାହିତ କରିବ। ବାଣିଜ୍ୟରେ କ୍ଷତିର ସାମ୍ନା କରି ଆର୍ଥିକ ସମସ୍ୟାରୁ ଲୋନ୍ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଶିକ୍ଷା, ସନ୍ତାନ, ସଭାସମିତି,ସାହିତ୍ୟରେ ସମସ୍ୟାର ସମାଧାନ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବେ।

ଆଜି ମେ ୩ ତାରିଖ, ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ, ବୈଶାଖ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ଶନିବାର, ରାଶିନକ୍ଷତ୍ର–ଦିବା ଘ. ୧୨.୩୫ ପର୍ଯ୍ୟନ୍ତ ପୁନର୍ବସୁ/ କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦.୦୭ ଗତେ ଘ.୦୧.୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮.୩୨ ଗତେ ଘ.୧୦.୦୭ ମଧ୍ୟେ ରାହୁକାଳ।

# ଗଣମାଧ୍ୟମ ସ୍ୱାଧୀନତା ସଙ୍କୁଚିତ ନ ହେଉ

ସାରା ବିଶ୍ୱରେ ପ୍ରତିବର୍ଷ ମେ' ୩ ତାରିଖରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ ହୋଇଥାଏ। ପ୍ରେସ୍ ସ୍ୱାଧୀନତାର ଗୁରୁତ୍ୱ ପ୍ରତି ଜନସଚେତନତା ସୃଷ୍ଟି ତଥା ସାମ୍ବାଦିକମାନଙ୍କୁ ସେମାନଙ୍କ ସାହସିକ ଉଦ୍ୟମ ନିମନ୍ତେ ସମ୍ମାନ ଜଣାଇବା ଏହି ଦିବସର ପ୍ରମୁଖ ଉଦ୍ଦେଶ୍ୟ। ଗଣମାଧ୍ୟମ ବିନା ଗଣତନ୍ତ୍ର ଅସୁରକ୍ଷିତ। ଏକ ସଫଳ ଗଣତନ୍ତ୍ର ପାଇଁ ଏକ ସ୍ୱାଧୀନ ଗଣମାଧ୍ୟମ ନିତାନ୍ତ ଅପରିହାର୍ଯ୍ୟ। ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ଅନୁସାରେ, ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଏକ ମୂଳ ସତ୍ୟ ଉପରେ ଗୁରୁତ୍ୱାରୋପ କରେ; ତାହା ହେଲା 'ଲୋକଙ୍କର ସ୍ୱାଧୀନତା ପ୍ରେସ୍ ସ୍ୱାଧୀନତା ଉପରେ ନିର୍ଭରଶୀଳ'। ଏକ ସ୍ୱାଧୀନ ଗଣମାଧ୍ୟମ ନ୍ୟାୟ, ସମାନତା, ଉତ୍ତରଦାୟିତ୍ୱ ଓ ମାନବିକ ଅଧିକାରର ପ୍ରମୁଖ ଆଧାର ଭାବେ କାର୍ଯ୍ୟକରେ। ପୂର୍ବତନ ଆମେରିକୀୟ ରାଷ୍ଟ୍ରପତି ଥୋମାସ ଜେଫରସନ୍ ଏକଦା କହିଥିଲେ, ଯେଉଁଠି ପ୍ରେସ୍ ସ୍ୱାଧୀନ ସେଇଠି ସମସ୍ତେ ସୁରକ୍ଷିତ। ସ୍ୱାଧୀନ ଗଣମାଧ୍ୟମ ବିନା ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା କଷ୍ଟକର। ଏହି ଦିବସର ଇତିହାସ ଦେଖିବାକୁ ଗଲେ ୧୯୯୧ରେ ଆଫ୍ରିକୀୟ ସାମ୍ବାଦିକମାନଙ୍କର ପ୍ରେସ୍ ସ୍ୱାଧୀନତା ସପକ୍ଷରେ ସ୍ୱରଉତ୍ତୋଳନର ଘଟଣା ସାମ୍ନାକୁ ଆସେ। ଯାହା ପରବର୍ତ୍ତୀ ସମୟରେ 'ଡିକ୍ଲାରେଶନ ଅଫ୍ ଉଇଣ୍ଡହୋକ'ର ରୂପ ନେଇଥିଲା। ୧୯୯୩ ମସିହାରେ ସଂଯୁକ୍ତରାଷ୍ଟ୍ର ମହାସଭା ପ୍ରଥମ ଥର ପାଇଁ ପ୍ରେସ୍ ସ୍ୱାଧୀନତା ଦିବସ ପାଳନର ନିଷ୍ପତ୍ତି ନେଇଥିଲା। ମେ' ୩ ତାରିଖରେ ଉଇଣ୍ଡହୋକ ଡିକ୍ଲାରେଶନ ଗୃହୀତ ହୋଇଥିବା କାରଣରୁ ଏହି ଦିବସ ପାଇଁ ମେ' ୩ ତାରିଖକୁ ବଛା ଯାଇଥିଲା। ଏ ବର୍ଷ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଲାଗି ବିଷୟବସ୍ତୁ ରହିଛି: 'ରିପୋର୍ଟିଂ ଇନ୍ ଦ ବ୍ରେଭ ନ୍ୟୁ ୱାର୍ଲ୍ଡ ଦି ଇମ୍ପାକ୍ଟ ଅଫ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଅନ୍ ପ୍ରେସ୍ ଫ୍ରିଡମ୍ ଆଣ୍ଡ ଦ ମିଡିଆ'। କୃତ୍ରିମ ବୁଦ୍ଧିମତ୍ତା ବର୍ତ୍ତମାନ ସମୟରେ ପ୍ରଭାବ ବିସ୍ତାର କରି ଚାଲିଛି। ଏହାର ବହୁଳ ପ୍ରୟୋଗ ସୂଚନା ସଂଗ୍ରହ, ବିନିମୟ ଓ ଉପଯୋଗ ଆଦି ଦିଗଗୁଡ଼ିକରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଛି। ତେବେ ଏହା ସାମ୍ପ୍ରତିକ ଗଣମାଧ୍ୟମ ସମ୍ମୁଖରେ ଉଭୟ ଆହ୍ୱାନ ଓ ସମ୍ଭାବନା ସୃଷ୍ଟି କରିଛି। ବର୍ତ୍ତମାନ ଆମେ ନ୍ୟୁଜ୍‌ରୁମ ଅଟୋମେଶନ, ଆଲ୍‌ଗୋରିଦମ୍, କଣ୍ଟେଣ୍ଟ ଭିଜିବିଲିଟି, ଡେଟା ଆନାଲିସିସ୍, ଫ୍ୟାକ୍ଟ ଚେକିଂ, ସର୍ଭେଲାନ୍ସ, ଡିସ୍‌ଇନ୍‌ଫର୍ମେଶନ ଆଦି କିଛି ଶବ୍ଦ ସହ ଭଲ ଭାବେ ପରିଚିତ ଅଛୁ। ଏସବୁ ଦିଗରେ କୃତ୍ରିମ ବୁଦ୍ଧିମତ୍ତାର ବହୁଳ ଉପଯୋଗ ହେବାରେ ଲାଗିଛି। ତେବେ ଏହାର ପ୍ରୟୋଗ ପ୍ରେସ୍ ସ୍ୱାଧୀନତାକୁ ସଙ୍କୁଚିତ ନ କରିବା ଆବଶ୍ୟକ। ମନର ପ୍ରକୃତି ମାଧ୍ୟମର ପ୍ରକୃତିକୁ ପ୍ରଭାବିତ କରେ। ଏକ ସକାରାତ୍ମକ ଆଭିମୁଖ୍ୟ ପ୍ରେସ୍ ସ୍ୱାଧୀନତାର ପ୍ରକୃତ ଉଦ୍ଦେଶ୍ୟକୁ ବହନ କରେ। ଯଦି ଆଭିମୁଖ୍ୟ ନକାରାତ୍ମକ, ତେବେ ସ୍ୱାଧୀନତାର ପ୍ରକୃତ ଉଦ୍ଦେଶ୍ୟ ମୂଲ୍ୟହୀନ ପାଲଟେ। କୃତ୍ରିମ ବୁଦ୍ଧିମତ୍ତାକୁ ବୃହତ୍ତର ସାମାଜିକ ସ୍ୱାର୍ଥ ହାସଲ ଦିଗରେ ପ୍ରୟୋଗ କରାଯିବା ଜରୁରୀ। ପ୍ରେସ୍ ସ୍ୱାଧୀନତା ଦିବସ ମଧ୍ୟ ସାମ୍ବାଦିକମାନଙ୍କର ସୁରକ୍ଷା ଓ ସମ୍ମାନର କଥା କହେ। ଯେଉଁଠି ସାମ୍ବାଦିକ ସୁରକ୍ଷିତ ନୁହନ୍ତି, ସେଇଠି ଗଣମାଧ୍ୟମର ସ୍ୱାଧୀନତା ପ୍ରଭାବିତ ହୋଇଥାଏ ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଜାଣିରଖିବା ଦରକାର ଯେ ଏକ ସୁସ୍ଥ ସମାଜର ପରିକଳ୍ପନା ଏକ ସ୍ୱାଧୀନ, ସଚେତନ ଓ ସମ୍ବେଦନଶୀଳ ଗଣମାଧ୍ୟମ ବିନା ଅସମ୍ଭବ।



ଡ. ଦେବୀଲାଲ ମିଶ୍ର
ଅଧ୍ୟାପକ, ରେଭେନ୍ସା ବିଶ୍ୱବିଦ୍ୟାଳୟ



# ଗଣତନ୍ତ୍ରକୁ ମଜଭୁତ କରିଥାଏ

**ଗଣତାନ୍ତ୍ରିକ ମୂଳଦୁଆକୁ ମଜଭୁତ୍ କରିଥାଏ ଗଣମାଧ୍ୟମ। ତେଣୁ ଗଣମାଧ୍ୟମର ସ୍ୱାଧୀନତା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୩କୁ 'ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ' ପାଳନ କରାଯାଉଛି। ଏହି ଦିବସ କେବଳ ଏକ ସ୍ମରଣୀୟ ଦିନ ନୁହେଁ, ବରଂ ଏହା ଏକ ଆହ୍ୱାନ ଏଭଳି ଦୁନିଆର ପରିକଳ୍ପନା ପାଇଁ, ଯେଉଁଠାରେ ସାମ୍ବାଦିକ ବିନା ଭୟ ଏବଂ ସଙ୍କୋଚରେ ସତ୍ୟକୁ ସାମ୍ନାକୁ ଆଣି ପାରିବା। ପ୍ରେସ ସ୍ୱାଧୀନତା ସମ୍ପର୍କିତ ପ୍ରସଙ୍ଗକୁ ନେଇ ଏମାନେ ଯାହା କୁହନ୍ତି ...**

### ସତ୍ୟ ଖବର ପରିବେଷଣର ସ୍ୱାଧୀନତା ମିଳୁ



ବର୍ତ୍ତମାନ ସମୟରେ ସ୍ୱାଧୀନତା ଶବ୍ଦର ପରିଭାଷା ବଦଳି ଯାଇଛି। କିଛି କ୍ଷେତ୍ରରେ ଆମେ ମତାମତକୁ ବଦଳାଇ ପାରିବା, ମାତ୍ର ସତ୍ୟକୁ କେବେବି ବଦଳାଇ ପାରିବା ନାହିଁ। କେତେକ ସମୟରେ ପରିବେଷଣ ହେଉଥିବା ଖବରରେ ସତ୍ୟାସତ୍ୟ ରହୁନାହିଁ। ଫଳରେ ଗଣମାଧ୍ୟମ ତାହାର ମୂଲ୍ୟବୋଧ ହରାଉଛି। ତେଣୁ ଏ ସବୁଦିଗକୁ ଧ୍ୟାନ ଦେଇ ସାମ୍ବାଦିକମାନଙ୍କୁ ସତ୍ୟ ଖବର ପରିବେଷଣର ସ୍ୱାଧୀନତା ଦିଆଯିବା ଦରକାର।

**– ଡ. ନଳିନୀ ପାତ୍ର,** ଏଚ୍‌ଓଡି, ଜର୍ନାଲିଜମ୍ ଆଣ୍ଡ ମାସ୍ କମ୍ୟୁନିକେଶନ୍, ବିଜେବି ମହାବିଦ୍ୟାଳୟ

### ଦାୟିତ୍ୱପୂର୍ଣ୍ଣ, ନୈତିକତା ରହିବା ଆବଶ୍ୟକ



ତୃଣମୂଳସ୍ତରରେ କାମ କରୁଥିବା ରିପୋର୍ଟର ବା ସାମ୍ବାଦିକଙ୍କ ଠାରୁ ଆରମ୍ଭ କରି ମାଲିକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଦାୟିତ୍ୱପୂର୍ଣ୍ଣ, ନୈତିକତା ଆଦି ଗୁଣ ରହିବା ଜରୁରୀ। ଲୋକଙ୍କ ବାସ୍ତବ ସମସ୍ୟାକୁ ସର୍ବ ସମ୍ମୁଖକୁ ଆସିବା ଦରକାର। ଏଥିସହ ବିନା ଭୟରେ ସତ୍ୟ ଖବର ପରିବେଷଣ କରିବା ଆବଶ୍ୟକ। ତେବେ ହିଁ ପ୍ରେସ୍ ସ୍ୱାଧୀନତା ଦିବସର ପ୍ରକୃତ ମୂଲ୍ୟ ମିଳି ପାରିବ।

**– ଡ. ସନ୍ତୋଷ କୁମାର ବିଶ୍ୱାଳ,** ଆସୋସିଏଟ୍ ପ୍ରଫେସର, ଜର୍ନାଲିଜମ୍ ଆଣ୍ଡ ମାସ୍ କମ୍ୟୁନିକେଶନ୍

### ଏମାନଙ୍କୁ ପ୍ରେରଣା ଦରକାର



ବର୍ତ୍ତମାନ ଓଡ଼ିଶାରେ ସାମ୍ବାଦିକମାନେ ଅନେକ ଚାପ ଓ ବିପଦରେ କାମ କରୁଛନ୍ତି, ରାଜନୈତିକ ହସ୍ତକ୍ଷେପ, ଆର୍ଥିକ ଅସୁରକ୍ଷା ଓ ସାମାଜିକ ଆକ୍ରମଣ ସେମାନଙ୍କ ସ୍ୱାଧୀନତାକୁ ହରଣ କରୁଛି। ଏହି ଦିବସରେ ଆମେ ସାମ୍ବାଦିକମାନଙ୍କୁ ନିର୍ଭୀକ ହେବାକୁ, ସତ୍ୟର ସୁରକ୍ଷା କରିବାକୁ ଓ ଗଣତନ୍ତ୍ରର ପ୍ରହରୀ ହେବାକୁ ପ୍ରେରଣା ଦେବା ଜରୁରୀ। ଓଡ଼ିଶାରେ ଗଣମାଧ୍ୟମର ମର୍ଯ୍ୟାଦା ଫେରାଇ ଆଣିବାକୁ ସରକାର, ସମାଜ ଓ ସାମ୍ବାଦିକମାନେ ଏକାଠି ହୋଇ ସ୍ୱଚ୍ଛ, ନୈତିକ ଓ ମୁକ୍ତ ସାମ୍ବାଦିକତାର ସ୍ୱପ୍ନ ସାକାର କରିବା ଆବଶ୍ୟକ।

**– ସୁରଜ କୁମାର ବେହେରା,** ଜର୍ନାଲିଜମ୍ ଛାତ୍ର

### ଗଣମାଧ୍ୟମର ସୁରକ୍ଷା ଜରୁରୀ



ବିଶ୍ୱରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ଗଣମାଧ୍ୟମର ଭୂମିକା। ଅତୁଳନୀୟ। କିନ୍ତୁ ପରିବର୍ତ୍ତନର ସୁଅରେ ଆଜି କେଉଁଠି ନା କେଉଁଠି ଗଣମାଧ୍ୟମ ବାଟବଣା ହେଉଛି। ପୁଣି 'ଗଣମାଧ୍ୟମ' ଏବେ ଖବର ପରିବେଷଣ କରି ହିଂସାର ଶିକାର ହେଉଛି। ତେଣୁ ଗଣମାଧ୍ୟମର ସୁରକ୍ଷା ଏବେ ଜରୁରୀ ହୋଇପଡ଼ିଛି।

**– ଶୁଭଶ୍ରୀ ପରିଡ଼ା,** ଜର୍ନାଲିଜମ୍ ଛାତ୍ରୀ

### ଲୋକଙ୍କ ସ୍ୱର ହୋଇଛି ଗଣମାଧ୍ୟମ



ଗଣମାଧ୍ୟମ ଜନସାଧାରଣଙ୍କ ସ୍ୱାର୍ଥ ପ୍ରସଙ୍ଗରେ ଉଲ୍ଲେଖ କରିବା ସହ କ୍ଷମତାରେ ଥିବା ଲୋକଙ୍କୁ ଉତ୍ତରଦାୟୀ କରିବାକୁ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସଂପୂର୍ଣ୍ଣ ଅଂଶଗ୍ରହଣ କରିବାକୁ ପ୍ରୋତ୍ସାହିତ କରିଥାଏ। ଗଣମାଧ୍ୟମ ସବୁବେଳେ ଲୋକଙ୍କ ସ୍ୱର ହୋଇ ସମାଜର ତୃଣମୂଳସ୍ତରରୁ ସମସ୍ୟାକୁ ସମାଧାନ କରିବା ପାଇଁ ଅହରହ ପ୍ରୟାସ କରୁଛି।

**– ଦେବାଶିଷ ସାହୁ,** ଜର୍ନାଲିଜମ୍ ଛାତ୍ର

**ରିପୋର୍ଟ: ବନ୍ଦନା ସେଠୀ, ଭୁବନେଶ୍ୱର**

## ମାଟ୍ରିକ୍ ପରୀକ୍ଷାଫଳ

# ମେଧାବୀ ଛାତ୍ରୀଛାତ୍ରଙ୍କ ମୁହଁରୁ...

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇଛି। ପରିଶ୍ରମ ଅନୁସାରେ ଫଳ ମିଳିଥିବାରୁ ଅଧିକାଂଶ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି। ଏଥିସହ ଆଶା ଅନୁସାରେ କମ୍ ମାର୍କ ପାଇଥିବା ଛାତ୍ରୀଛାତ୍ର ଦୁଃଖ ପ୍ରକାଶ କରିଛନ୍ତି। ପୁଅଙ୍କ ଅପେକ୍ଷା ଝିଅମାନେ ଅଧିକ ମାର୍କ ରଖିଛନ୍ତି। ତେବେ ମାଟ୍ରିକ୍ ପରୀକ୍ଷାଫଳକୁ ନେଇ ବିଦ୍ୟାଳୟ ଓ ପରିବାରରେ ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଓ ପିଲାମାନେ ମିଠା ଖୁଆଇ ଖୁସି ମନାଇଛନ୍ତି।



ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇବା ପରେ କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

### ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତ ହେବି

ମୁଁ ୯୩% ମାର୍କ ରଖି ଆମ ସ୍କୁଲର ଟପ୍ପର ହୋଇଥିବାରୁ ବହୁତ ଖୁସି ଲାଗୁଛି। ପ୍ରତିଦିନ ୬ଘଣ୍ଟା ପାଠପଢୁଥିଲି। ଘରେ ମୋ ପରୀକ୍ଷାଫଳକୁ ନେଇ ସମସ୍ତେ ବହୁତ ଖୁସି ଅଛନ୍ତି। ଯୁକ୍ତ ୨ ବିଜ୍ଞାନ ପଢ଼ିବି। ୟୁପିଏସ୍‌ସି ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବି। ତେବେ ମୋର ଏହି ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କୁ ବହୁତ ଧନ୍ୟବାଦ ଜଣାଇବି।

**– ଶୁଭଶ୍ରୀ ପଟ୍ଟନାୟକ, ଛାତ୍ରୀ, ୟୁନିଟ୍–୬ ସରକାରୀ ଉଚ୍ଚବିଦ୍ୟାଳୟ, ଭୁବନେଶ୍ୱର**

### ଆଶା ଅନୁସାରେ ଫଳ ମିଳିଛି, ଡାକ୍ତର ହେବି

ଆଶା ଥିଲା ମୁଁ ୯୫ ପ୍ରତିଶତ ମାର୍କ ରଖିବି। ମୋର ପରିଶ୍ରମ ହିସାବରେ ହିଁ ଫଳ ମିଳିଛି। ମୁଁ ପ୍ରତିଦିନ ୧୩ରୁ ୧୪ ଘଣ୍ଟା ପାଠପଢ଼େ। ପରୀକ୍ଷା ପ୍ରସ୍ତୁତିରେ ଗୁରୁଜୀ ଗୁରୁମା ମୋତେ ସହାୟତା କରିଥିଲେ। ଏଥିସହ ଘରେ ମାମା, ଦିଦି ମୋ ପାଠପଢ଼ାରେ ଅଧିକ ଧ୍ୟାନ ଦେଉଥିଲେ। ଭବିଷ୍ୟତରେ ଜଣେ ଭଲ ଡାକ୍ତର ହେବାର ଲକ୍ଷ୍ୟ ରଖିଛି।

**– ସୌରଜିତ ପ୍ରଧାନ, ସରସ୍ୱତୀ ଶିଶୁ ମନ୍ଦିର, ବରଗଡ଼, ଭୁବନେଶ୍ୱର**

### ଠିକ୍ ମୂଲ୍ୟାୟନ ହୋଇ ନ ଥିବାରୁ ଆଶାଠାରୁ ମାର୍କ କମିଲା

ପରୀକ୍ଷା ପାଇଁ ମୁ ବହୁତ ପରିଶ୍ରମ କରୁଥିଲି। ସ୍କୁଲ ଓ ଟ୍ୟୁଶନ ବ୍ୟତୀତ ଦିନକୁ ୬ରୁ ୭ ଘଣ୍ଟା ପାଠ ପଢୁଥିଲି। ୯୭ରୁ ୯୮% ମାର୍କ ରହିବାର ଆଶା ଥିଲା, କିନ୍ତୁ ରହିଛି ୯୪%। ଠିକ୍‌ରେ ମୂଲ୍ୟାୟନ ହୋଇ ନ ଥିବାରୁ ସାହିତ୍ୟ, ଗଣିତ ଓ ସାମାଜିକ ବିଜ୍ଞାନରେ କମ୍ ମାର୍କ ଆସିଛି। ପରୀକ୍ଷାଫଳକୁ ନେଇ ମୁଁ ବହୁତ ଦୁଃଖିତ। ମୋର ବୋର୍ଡ଼ କର୍ତ୍ତୃପକ୍ଷକୁ ଅନୁରୋଧ ଯେ, ଠିକ ମୂଲ୍ୟାୟନ କରାଯାଉ ଓ ମୋତେ ପ୍ରକୃତ ନ୍ୟାୟ ମିଳୁ।

**– ଶୁଭମ୍ ପ୍ରଧାନ, ଭୀମଟାଙ୍ଗି ସରସ୍ୱତୀ ଶିଶୁ ମନ୍ଦିର, ଭୁବନେଶ୍ୱର**

### ପରିଶ୍ରମ ହିସାବରେ କମ୍ ମାର୍କ ମିଳିଛି

ମୋର ଆଶା ଥିଲା ୯୦ ପ୍ରତିଶତରୁ ଅଧିକ ମାର୍କ ରଖିବି। ହେଲେ ମିଳିଛି ୯୦%। ମୋ ପରିଶ୍ରମ ହିସାବରେ ମୋତେ ଠିକ୍ ମାର୍କ ମିଳିନି। ସେଥିପାଇଁ ମତେ ବହୁତ ଦୁଃଖ ଲାଗୁଛି। ଆଗକୁ ଆହୁରି ପରିଶ୍ରମ କରିବି। ଯୁକ୍ତ୨ରେ ବିଜ୍ଞାନ ବିଷୟରେ ପାଠପଢ଼ିବି ଓ ଭବିଷ୍ୟତରେ ଜଣେ ଭଲ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

**–ପ୍ରିୟଙ୍କା ମୁଦୁଲି, କ୍ୟାପିଟାଲ ହାଇସ୍କୁଲ, ଭୁବନେଶ୍ୱର**

### ପ୍ରତିଦିନ ୫ରୁ ୬ ଘଣ୍ଟା ପାଠପଢ଼େ

ମାଟ୍ରିକ୍‌ରେ ମୋର ୫୨୫ ମାର୍କ ରହିଛି। ଆଶା ଓ ପରିଶ୍ରମ ଅନୁସାରେ ଠିକ୍ ମାର୍କ ମିଳିଛି। କିଛି ବିଷୟରେ ଅଧିକ ମାର୍କର ରହିବ ବୋଲି ଭାବିଥିଲି। ସ୍କୁଲ ଓ ବିଦ୍ୟାଳୟରେ ସବୁବେଳେ ମନ ଦେଇ ପାଠପଢୁଥିଲି। ଘରେ ମଧ୍ୟ ପ୍ରତିଦିନ ୫ରୁ ୬ ଘଣ୍ଟା ପଢ଼େ। ମୋର ଏହି ସଫଳତା ପଛରେ ମୋ ମା' ବହୁ ସହଯୋଗ କରନ୍ତି।

**–ସିଦ୍ଧାର୍ଥ ମହାନ୍ତି, କ୍ୟାପିଟାଲ ହାଇସ୍କୁଲ, ଭୁବନେଶ୍ୱର**

### ଗୁରୁଜନଙ୍କ ଆଶୀର୍ବାଦ ଥିଲେ ସଫଳତା ସବୁବେଳେ

ମୁଁ ଦିନକୁ ପ୍ରାୟ ୯ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ଆଶା ଅନୁଯାୟୀ ୯୫.୫% ମାର୍କ ରଖିଛି। ଓଡ଼ିଶାରେ ୯୨ ନମ୍ବର ସ୍ଥାନରେ ରହିଛି। ଆଶା ଅନୁସାରେ ଅଧିକ ମାର୍କ ରହିଥିବାରୁ ମୁଁ ବହୁତ ଖୁସି। ସାର୍ ଓ ଦିଦିଙ୍କ ସହିତ ବାପା ମାଆ ମୋତେ ପାଠପଢ଼ାରେ ବହୁତ ସାହାଯ୍ୟ କରିଥିଲେ। ଗୁରୁଜନଙ୍କ ଆଶୀର୍ବାଦ ଥିଲେ ସଫଳତା ସବୁବେଳେ।

**– ପ୍ରତ୍ୟାଶା ବିଶ୍ୱାଳ, ଭୀମଟାଙ୍ଗି ସରସ୍ୱତୀ ଶିଶୁ ମନ୍ଦିର, ଭୁବନେଶ୍ୱର**

### କମର୍ସ ପାଠ ପଢ଼ିବି, ସରକାରୀ ଚାକିରି କରିବି

ମୋର ପରୀକ୍ଷାରେ ୪୮୩ ମାର୍କ ରହିଛି। ଅଧିକ ମାର୍କ ରହିବ ବୋଲି ଭାବିଥିଲି, କିନ୍ତୁ କମିଯାଇଛି। ଆଗକୁ ମୁଁ କମର୍ସ ପଢ଼ିବି। ଭବିଷ୍ୟତରେ ସରକାରୀ ଚାକିରି କରିବାକୁ ଲକ୍ଷ୍ୟ ରଖିଛି। ପାଠ ପଢ଼ିବାରେ ଘର ଲୋକଙ୍କର ଭୂମିକା ବହୁତ ରହିଛି। ମୋର ସଫଳତାର ସବୁ ଶ୍ରେୟ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ମାଆବାପାଙ୍କୁ ଦେବି।

**– ଏସ୍. ଲିଙ୍ଗରାଜ ରେଡ୍ଡୀ, କ୍ୟାପିଟାଲ ହାଇସ୍କୁଲ, ଭୁବନେଶ୍ୱର**

### ଆଗକୁ ନର୍ସିଂ କରି ଲୋକଙ୍କ ସେବା କରିବି

ମୋର ପରୀକ୍ଷା ଭଲ ହୋଇଥିଲା। ଆଶା କରିଥିଲି ୯୦ ପ୍ରତିଶତରୁ ଅଧିକ ରଖିବି ବୋଲ। କିନ୍ତୁ ୫୦୨ ମାର୍କ ରଖିଛି। ଆଗକୁ ମୁଁ ବିଜ୍ଞାନରେ ଯୁକ୍ତ ୨ ପଢ଼ିବି। ତା' ପରେ ନର୍ସିଂ କରି ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛି। ପରିବାରର ସମସ୍ତ ସଦସ୍ୟଙ୍କୁ ମୋ ସଫଳତାର ଶ୍ରେୟ ଦେବି।

**–ସସ୍ମିତା ସାହୁ, ୟୁନିଟ –୬ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର**

### ପରୀକ୍ଷାଫଳ ଶୁଣି ଖୁସି ଲାଗୁଛି

ମୁଁ ଆଶା ଅନୁସାରେ ମାର୍କ ରଖିପାରି ନାହିଁ। ତଥାପି ମୁଁ ମୋର ପରୀକ୍ଷାଫଳରେ ଖୁସି ଅଛି। ମୋ ସଫଳତା ପଛରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ବହୁ ପରିଶ୍ରମ କରିଥିଲେ। ସେମାନେ ପାଠପଢ଼ା ପ୍ରତି ସବୁବେଳେ ଧ୍ୟାନ ଦେଉଥିଲେ। ଆଗକୁ ମୁଁ ମୋ ବିଦ୍ୟାଳୟ ସହିତ ବାପା, ମାଆଙ୍କ ନାମକୁ ଉଜ୍ଜ୍ୱଳ କରିବାକୁ ଚେଷ୍ଟା କରିବି।

**– ଶୁଭରଞ୍ଜନ ବାରିକ, ବିବେକାନନ୍ଦ ସ୍କୁଲ, ୟୁନିଟ୍–୪, ଭୁବନେଶ୍ୱର**

### ବୈଜ୍ଞାନିକ ହେବା ପାଇଁ ଆଶା ରଖିଛି

ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଦେବଗଡ଼ ଜିଲାରେ ଟପ୍ପର ହୋଇଥିବା ଜାଣି ଖୁସି ଲାଗିଲା। ପରୀକ୍ଷା ପାଇଁ ପ୍ରାୟ ୮ ଘଣ୍ଟା ପରିଶ୍ରମ କରୁଥିଲି। ସଫଳତାର ଶ୍ରେୟ ମା', ବାପା, ମାଇଁ ଓ ମାମୁଙ୍କୁ ଦେବି। ଭବିଷ୍ୟତରେ ଅଧିକ ପରିଶ୍ରମ କରିବା ସହ ବୈଜ୍ଞାନିକ ହେବା ପାଇଁ ଆଶା ରଖିଛି।

**– ଧନେଶ୍ୱର ବିଶି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଦେବଗଡ଼**

### ଡାକ୍ତର ହୋଇ ସେବା କରିବି

ଦିନକୁ ସ୍କୁଲ ସମୟକୁ ଛାଡି ୧୦ରୁ ୧୨ଘଣ୍ଟା ପରିଶ୍ରମ କରୁଥିଲି। ମୋ ପରିଶ୍ରମ ଅନୁଯାୟୀ ମୋତେ ୫୮୩ ନମ୍ବର ମିଳିଛି। ଏହି ସଫଳତାର ଶ୍ରେୟ ମା', ବାପା ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦେଉଛି। ଭବିଷ୍ୟତରେ ଡାକ୍ତର ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛି।

**– ଲିପ୍‌ସିତା ସାହୁ, ବାଗୁଡ଼ି ନୋଡ଼ାଲ ହାଇସ୍କୁଲ, ସୋର, ବାଲେଶ୍ୱର**

## କଠିନ ପରିଶ୍ରମ, ଅଧ୍ୟବସାୟ ହିଁ ସଫଳତାର ଚାବିକାଠି: ଉଚ୍ଚଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ୨।୫ (ସୁଚିସ୍ମିତା ସାହୁ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ମାଟ୍ରିକ୍ ପରୀକ୍ଷା ଫଳପ୍ରକାଶ ପାଇଥିବାବେଳେ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ସେ ବିଦ୍ୟାର୍ଥୀଙ୍କ ସଫଳ ଏବଂ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି। ଏକ ବାର୍ତ୍ତାରେ ମନ୍ତ୍ରୀ ସୂରଜ କହିଛନ୍ତି, ମାଟ୍ରିକ୍ ପରୀକ୍ଷା ହେଉଛି ଛାତ୍ରୀଛାତ୍ରଙ୍କ କ୍ୟାରିୟରର ପ୍ରଥମ ସୋପାନ। ମାଟ୍ରିକ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ସମସ୍ତ ବିଦ୍ୟାର୍ଥୀମାନଙ୍କୁ ମୁଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ହିଁ ସଫଳତାର ଚାବିକାଠି। ଆଜି ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ବିଦ୍ୟାର୍ଥୀମାନେ ଆଗାମୀ ଦିନରେ ମଧ୍ୟ ନିଜର ପରିଶ୍ରମ ଜାରି ରଖିବେ। ଉଚ୍ଚଶିକ୍ଷା ଲାଭ କରି ନିଜ ପାଇଁ ଏକ ସ୍ୱର୍ଣ୍ଣିମ ଭବିଷ୍ୟତର ନିର୍ମାଣ କରିବେ ବୋଲି ମୁଁ ଆଶା କରୁଛି। ଏଥିସହ ଆଜିର ମାଟ୍ରିକ୍ ପରୀକ୍ଷାଫଳରେ ଆଶାନୁରୂପକ ଫଳ ପାଇ ନ ଥିବା ବିଦ୍ୟାର୍ଥୀମାନେ ହତୋତ୍ସାହିତ ନ ହୋଇ ଆଗାମୀ ଦିନରେ ଅଧିକ ପରିଶ୍ରମ କରି ସଫଳତା ଅର୍ଜନ କରନ୍ତୁ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ କହିଛନ୍ତି।

## ଖୋର୍ଦ୍ଧା ଜିଲାରେ ପାସ୍ ହାର ୯୭.୩୧%

**ଖୋର୍ଦ୍ଧା, ୨।୫ (ପ୍ରଭାତ ପାଣିଗ୍ରାହୀ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲାରେ ୩୩୮ ବିଦ୍ୟାଳୟର ୨୬୯୦୭ ଜଣ ପରୀକ୍ଷା ଦେଇଥିଲେ। ୨୩୦ଜଣ ଅନୁପସ୍ଥିତ ରହିଥିଲେ। ୨୫୯୫୯ଜଣ ପାସ୍ କରିଛନ୍ତି। ସେଥିରୁ ୧୩୧୫୨ ଛାତ୍ର ଏବଂ ୧୨୮୦୭ ଛାତ୍ରୀ ରହିଛନ୍ତି। ଜିଲାରେ ପାସ୍ ହାର ୯୭.୩୧ପ୍ରତିଶତ ରହିଛି। ଏ–୧ରେ ୧୭୫, ଏ–୨ରେ ୭୯୨, ବି–୧ରେ ୨୨୪୭, ବି–୨ରେ ୪୭୮୦, ସିରେ ୭୨୦୦, ଡିରେ ୭୧୮୪, ଇରେ ୩୫୮୧ଜଣ ରହିଥିବା ବେଳେ ୭୧୮ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଖୋର୍ଦ୍ଧା ଜିଲା ଏ–୧ ଏବଂ ଏ–୨ରେ ଓଡ଼ିଶାରେ ୪ର୍ଥ ସ୍ଥାନରେ ରହିଥିବା ବେଳେ ଶତପ୍ରତିଶତ ବିଦ୍ୟାଳୟ ତାଲିକାରେ ୧୦ନଂ. ସ୍ଥାନରେ ରହିଛି। ପିଲାଙ୍କ ଏହି ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଏବଂ ଜିଲାପାଳ ଚଞ୍ଚଳ ରାଣା ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପଟେ ଚଳିତ ବର୍ଷ ଏକାଧିକ ଛାତୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଏବଂ ଅକୃତକାର୍ଯ୍ୟ ହୋଇଥିବାରୁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାରେ ଦୁର୍ବଳ ଶିକ୍ଷାବ୍ୟବସ୍ଥା ନେଇ ବୁଦ୍ଧିଜୀବୀ, ଶିକ୍ଷାବିତ୍‌ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ତର୍ଜମା କରିବାକୁ ସାଧାରଣରେ ଦାବି ହୋଇଛି।




କଟକସ୍ଥିତ ବୋର୍ଡ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଶୁକ୍ରବାର ମାଟ୍ରିକ ପରୀକ୍ଷାଫଳ ପୁସ୍ତିକାକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉନ୍ମୋଚନ କରୁଛନ୍ତି।

> ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। –ଶ୍ରୀମା

-ରାମାନୁଚାର୍ଯ୍ୟଙ୍କ ଜୟନ୍ତୀ,
ଶନିଶ୍ଚର ମହାଯଜ୍ଞ



# ସିପିସି ଓ କେନ୍ଦ୍ର କର୍ମଚାରୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ର ସରକାର ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ (ସିପିସି) ଗଠନ ପାଇଁ ସ୍ୱୀକୃତି ଦେବାର ପ୍ରାୟ ୪ ମାସ ବିତିଗଲାଣି କିନ୍ତୁ ଏଯାବତ୍ ସେଭଳି ନୂଆ ପଦକ୍ଷେପ ନିଆଯାଇନାହିଁ। ଏବେ ଗୁଞ୍ଜରଣ ସୃଷ୍ଟି ହେଉଛି ଯେ, ପ୍ରକ୍ରିୟାରେ ଅଗ୍ରଗତି ହେଉଛି। କିନ୍ତୁ ଏଥିରେ ତ୍ୱରିତ୍ ପଦକ୍ଷେପ ନେବା ବଦଳରେ ଅମଲାତନ୍ତ୍ରର ଅଭିଯୋଗ ଉଠୁଥିବା ମନେ ହେଉଛି। ସରକାର ସିପିସି ଗଠନ ଚୂଡ଼ାନ୍ତ କରିବା ପାଇଁ ସାବଧାନ ସହକାରେ ଧୀରେ ଧୀରେ ଆଗକୁ ବଢ଼ିବା ସହ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ବାଛୁଛନ୍ତି। ତାହା ଠିକ୍, ତଥାପି ଆମେ ଟିମ୍ ଗଠନ ସମ୍ପର୍କରେ କହୁଛୁ, ଚୂଡ଼ାନ୍ତ ଚିଠା କଥା କିମ୍ବା ବିଚାର ବିମର୍ଶ ବିଷୟରେ କହୁନାହୁଁ। କେନ୍ଦ୍ର ସରକାରୀ କର୍ମଚାରୀଙ୍କର ୧୦ ବର୍ଷରେ ଦରମା ଓ ପେନ୍ସନ ସମୀକ୍ଷା କରିବାର ପରମ୍ପରା ରହିଛି । ଏହା ଜୀବନଯାପନର ଖର୍ଚ୍ଚ, ଆର୍ଥିକ ସ୍ଥିତି ଓ ମୁଦ୍ରାସ୍ଫୀତି ବିଷୟ ବିଚାରକୁ ନେଇ କରାଯାଏ। ଏହା ଠିକ୍ କଥା। କିନ୍ତୁ ଏହା ପାଖାପାଖି ୫୦ ଲକ୍ଷ କେନ୍ଦ୍ର କର୍ମଚାରୀ ଓ ପେନ୍ସନଭୋଗୀଙ୍କୁ ପ୍ରଭାବିତ କରୁଥିବାବେଳେ ଏହି ପ୍ରକ୍ରିୟାକୁ ଜରୁରୀଭିତ୍ତିରେ ଆରମ୍ଭ କରିବା ଅନିବାର୍ଯ୍ୟ ବୋଲି ବିଚାର କରିବା ଉଚିତ ଥିଲା। କିନ୍ତୁ ଏହା ପରିବର୍ତ୍ତେ, ଶିଥିଳତା ଲକ୍ଷ୍ୟ କରାଯାଉଛି। ଗତ ସପ୍ତାହରେ, ଏକ ଔପଚାରିକ ଚିଠି ଜାରି କରାଯାଇ ଡେପୁଟେଶନ ଆଧାରରେ ୩୫ଟି ପଦବୀ ପୂରଣ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏଥିରୁ ବଖାପଡୁଛି, କାର୍ଯ୍ୟାଳୟର ପୁନର୍ଗଠନ ପ୍ରକ୍ରିୟା ଏବେ ବି ଚାଲିଛି। ଯଦି ସବୁ କିଛି ଠିକ୍‌ଠାକ୍ ଚାଲେ, ତେବେ ଅଷ୍ଟମ ସିପିସି ୨୦୨୬ ମଧ୍ୟ ଭାଗରେ ଏହାର ରିପୋର୍ଟ ଦାଖଲ କରିବ। ପୂର୍ବର ଦରମା ଓ ପେନ୍ସନର ପୁନଃନିର୍ଦ୍ଧାରଣ ୨୦୨୭-୨୮ରେ ହୋଇପାରେ। ବେତନକୁ ମହଙ୍ଗାମାଡ଼ ହେଉଥିବାବେଳେ, ଲୋକଙ୍କୁ ଅଧିକ ସମୟ ଅପେକ୍ଷା କରିବାକୁ କୁହାଯାଉଛି। ମନେରଖିବାକୁ ହେବ ଯେ, ଲୋକଙ୍କ ବାସ୍ତବ ଖର୍ଚ୍ଚକୁ ଲକ୍ଷ୍ୟକରି ଶୀଘ୍ର ପଦକ୍ଷେପ ନେବା ଦରକାର ଏବଂ ଏହା ହିଁ ଉପଯୁକ୍ତ ସମୟ।

### ଆଗରେ ୧୯୯୪ ବ୍ୟାଚ

ସରକାର ତାଙ୍କର ବାବୁମାନଙ୍କୁ ଅଦଳବଦଳ କରିବା ସମୟରେ କିଛି ଉତ୍ତେଜନା ବା ପ୍ରଶାସନିକ ହଲଚଲ ଦେଖିବାକୁ ମିଳିଥାଏ। ଏହା ନିୟମିତ ଭାବେ ପ୍ରକାଶ ପାଉଥିଲେ ମଧ୍ୟ ତାହା ଅନେକ କ୍ଷେତ୍ରରେ ଅଜଣା ରହିଯାଏ। କିନ୍ତୁ ଏଥର ସମସ୍ୟା ସାମ୍ନାକୁ ଆସିଛି। ନିକଟରେ କରାଯାଇଥିବା ସଦ୍ୟତମ ଅଦଳବଦଳର ଏକ ତାଲିକାଠାରୁ ଅଧିକ କିଛି ବିଷୟ ସାମ୍ନାକୁ ଆସିଛି। ଅଦଳବଦଳରେ ଆଗୁଆ ରହିଛି ୧୯୯୪ ବ୍ୟାଚ ଆଇଏଏସ୍। ଏକ ପଦକ୍ଷେପ କ୍ରମେ, ଏହି ବ୍ୟାଚ୍‌ର ୯ ଜଣ ଅଧିକାରୀଙ୍କୁ ଅତିରିକ୍ତ ସଚିବରୁ ସଚିବ ପଦବୀକୁ ପଦୋନ୍ନତି ଦିଆଯାଇଛି ଏବଂ ଆଉ ଦୁଇ ଜଣଙ୍କୁ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତ କରାଯାଇଛି। ଗୋଟିଏ ବ୍ୟାଚରୁ ୧୧ ଜଣ ଏବେ ଭାରତରେ ଅମଲାତନ୍ତ୍ରିକ ଶୀର୍ଷରେ ବସିଛନ୍ତି। ଏହିସବୁ ଅଧିକାରୀଙ୍କ ମଧ୍ୟରୁ ଅନେକେ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ଏବଂ କ୍ୟାବିନେଟ ସଚିବ ଭାବେ କାର୍ଯ୍ୟ କରିସାରିଛନ୍ତି। କାର୍ଯ୍ୟରତ ରାଜସ୍ୱ ସଚିବ ଅରବିନ୍ଦ ଶ୍ରୀବାସ୍ତବ ଏବକାର ପଦୋନ୍ନତି ପାଇବା ପର୍ଯ୍ୟନ୍ତ ପିଏମ୍‌ଓରେ ଥିଲେ। ଆର୍ଥିକ ବ୍ୟାପାର ସଚିବ ଭାବେ ନିଯୁକ୍ତ ହୋଇଥିବା ଅନୁରାଧା ଠାକୁର ପୂର୍ବରୁ କ୍ୟାବିନେଟ ସଚିବ ରହିଥିଲେ। ଏହି ସବୁ ନିଯୁକ୍ତି ସେମାନଙ୍କୁ ଭାରତର ବିତ୍ତୀୟ ଏବଂ ଆର୍ଥିକ ନୀତି ପରିଚାଳନାର କେନ୍ଦ୍ରରେ ରଖିଛି। ଏଭଳି ପଦକ୍ଷେପ ଗୋଟିଏ ବ୍ୟାଚ୍‌କୁ ନେଇ ପ୍ରଶାସନିକ ନେତୃତ୍ୱର ଏକୀକରଣ, ସମ୍ଭବତଃ ମୂଲ୍ୟାୟନ କେନ୍ଦ୍ରର ପ୍ରାଥମିକତାକୁ ପ୍ରତିପାଦନ କରୁଛି। ଏକାବେଳକେ ଗୋଟିଏ ବ୍ୟାଚର ଆଇଏଏସ୍‌ଙ୍କ ପଦୋନ୍ନତି ଅପ୍ରତ୍ୟାଶିତ ନୁହେଁ। କିନ୍ତୁ ଯେଉଁଭଳି ଭାବେ ଯେଉଁ ସ୍ତରରେ ସେମାନଙ୍କୁ ନିଯୁକ୍ତ କରାଯାଇଛି ତାହା ଗୁରୁତ୍ୱପୂର୍ଣ୍ଣ।

### ଗୁପ୍ତା ମଞ୍ଚ ଧରିଲେ

ସାତବର୍ଷ ପୂର୍ବେ ଏନ୍‌ଏସ୍‌ଇ ଇଣ୍ଟରନ୍ୟାଶନାଲ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ-ଆଇଏକ୍ସ) ଧୁମ୍‌ଧାମରେ ଗିଫ୍ଟ ସିଟି (ଗୁଜରାଟ ଇଣ୍ଟରନ୍ୟାଶନାଲ ଫାଇନାନ୍ସ ଟେକ୍ ସିଟି)ରେ ଆରମ୍ଭ କରାଯାଇଥିଲା। ବିଶ୍ୱ ଅର୍ଥନୀତିରେ ଏହି ସହର ପରବର୍ତ୍ତୀ ସିଙ୍ଗାପୁର କିମ୍ବା ଲଣ୍ଡନ ହେବ ବୋଲି ଅଧିକାଂଶ ଲୋକେ ଗ୍ରହଣ କରିନେଇଥିଲେ। ହେଲେ ଏଯାବତ ପ୍ରଚାରପ୍ରସାର ତୁଳନାରେ ଅଗ୍ରଗତି ଠିକ୍ ଭାବେ ହୋଇପାରିନାହିଁ। ଏକ ଯତ୍ନଶୀଳ ଢାଞ୍ଚା ଓ ରାଜନୈତିକ ଇଚ୍ଛାଶକ୍ତି ଗଠନ କରିବା ପରିବର୍ତ୍ତେ, ଏନ୍‌ଏସ୍‌ଇ-ଆଇଏକ୍ସ ଫିକା ପଡ଼ିଯାଇଛି। ପୂର୍ବତନ ଅର୍ଥ ସଚିବ ଓ ବିନିବେଶ କ୍ଷେତ୍ରରେ ଦାୟିତ୍ୱ ବହନ କରିଥିବା ନୀରଜ କୁମାର ଗୁପ୍ତା ଏନ୍‌ଏସ୍‌ଇ-ଆଇଏକ୍ସର ଚେୟାରମ୍ୟାନ ଏବଂ ପବ୍ଲିକ ଇଣ୍ଟରେଷ୍ଟ ଡାଇରେକ୍ଟର ଭାବେ ଯୋଗଦେଇଛନ୍ତି। ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର ଏବଂ ଏକ୍ସଚେଞ୍ଜ ଟ୍ରେଡ୍ ଫଣ୍ଡକୁ ନିୟନ୍ତ୍ରଣ କରିବାରେ ତାଙ୍କର ଗଭୀର ଅଭିଜ୍ଞତା ଓ ନୀତି ପୁନର୍ଗଠନର ନେତୃତ୍ୱରେ ଦଶନ୍ଧି ବ୍ୟାପୀ ଅଭିଜ୍ଞତା ରହିଛି। ତେବେ ଗୁପ୍ତାଙ୍କ ନିଯୁକ୍ତି ଏନ୍‌ଏସ୍‌ଇ-ଆଇଏକ୍ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ତେବେ ଗିଫ୍ଟସିଟିର ଏକୀକୃତ ନିୟାମକ ଆଇଏଫ୍‌ଏସ୍‌ସିଏ କିଛି ନୂତନତ୍ୱ ଆଣିପାରିନାହିଁ। ଏହା ସେବି ଓ ଆର୍‌ବିଆଇର ପୁରୁଣା ନିୟାମକ ଉପରେ ନିର୍ଭର କରୁଛି । ସ୍ପଷ୍ଟ ଭାବେ କହିବାକୁ ଗଲେ ଆଇଏଫ୍‌ଏସ୍‌ସିଏ ଏହାକୁ ହଟାଇବାକୁ ଚାହୁଁନାହିଁ। ଏନ୍‌ଏସ୍‌ଇ-ଆଇଏକ୍ସକୁ ଏକ ବିତ୍ତୀୟ ଆକର୍ଷକ କରିବାକୁ ସିଙ୍ଗାପୁରଠାରୁ ଅଧିକ କାରବାର ସୁବିଧା ପ୍ରଦାନ କରିବା ହେବ । ଅର୍ଥାତ୍ ତ୍ୱରିତ୍ ସ୍ୱୀକୃତି, ଅନୁପାଳନ ଏବଂ ଏକ ସ୍ମାର୍ଟ ନିବେଶକ ନିୟମ ଆଣିବାକୁ ପଡ଼ିବ । ତେବେ ନିୟାମକଗୁଡ଼ିକୁ ସେହିଭଳି କରିବା ଉପାୟ ଗୁପ୍ତା ଜାଣନ୍ତି ଏବଂ ଏହି ସମୟରେ ସେ ଏହା ପ୍ରମାଣ କରିପାରିବେ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 3 | 2 | | |
| | | 7 | | | | | | 1 |
| | | | | 8 | 1 | | 3 | 7 |
| 6 | | 5 | 3 | | | | | |
| | 4 | | 6 | | | | 9 | |
| 2 | | | | 7 | | | | |
| | | 8 | | | | | 4 | |
| | | 1 | | 5 | | 7 | | |
| | | | 2 | 4 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 6 | 7 | 8 | 4 | 2 | 5 | 9 |
| 5 | 7 | 9 | 2 | 6 | 1 | 4 | 8 | 3 |
| 2 | 8 | 4 | 5 | 3 | 9 | 7 | 1 | 6 |
| 6 | 5 | 7 | 1 | 9 | 3 | 8 | 4 | 2 |
| 9 | 2 | 8 | 4 | 7 | 6 | 1 | 3 | 5 |
| 4 | 3 | 1 | 8 | 5 | 2 | 6 | 9 | 7 |
| 8 | 9 | 3 | 6 | 1 | 7 | 5 | 2 | 4 |
| 1 | 6 | 2 | 3 | 4 | 5 | 9 | 7 | 8 |
| 7 | 4 | 5 | 9 | 2 | 8 | 3 | 6 | 1 |

ଗତ ସଂସ୍କରଣର ଉତ୍ତର

# ନର୍କ ଓ ସ୍ୱର୍ଗର ଧାରଣା



ସହଦେବ ସାହୁ

ପ୍ରାୟ ପ୍ରତି ଧର୍ମର ଅନୁଗତମାନେ କହନ୍ତି, ସେମାନଙ୍କ ଧର୍ମରେ ବିଶ୍ୱାସ କରୁ ନ ଥିବା ଲୋକେ ନର୍କକୁ ଯିବେ, ସେମାନେ ନିଜେ ଯେ ଅନ୍ୟ ଧର୍ମର ବିଶ୍ୱାସୀମାନଙ୍କ ମତରେ ନର୍କକୁ ଯିବେ ଭୁଲିଯାଆନ୍ତି। ଏକ ଧର୍ମର ପ୍ରଚାରକ ଅନ୍ୟ ଧର୍ମର ଅନୁଗାମୀ ହୋଇ ନ ଥିବାରୁ ନର୍କକୁ ଯିବ – ଅର୍ଥାତ୍ ଦୁନିଆରେ ସବୁ ଲୋକ ନର୍କକୁ ଯିବେ, କେହି ସ୍ୱର୍ଗକୁ ଯିବେ ନାହିଁ। ସ୍ୱର୍ଗର ଧାରଣା ତେବେ ଅଳୀକ। ଏସବୁ ସାଧାରଣ ଜ୍ଞାନର ଅଭାବ ଯୋଗୁ ଘଟିଥାଏ। ଜ୍ଞାନ ଲୋକକୁ ବିଜ୍ଞ ଓ ସମର୍ଥ କରିଥାଏ, ଉତ୍ତମ ନାଗରିକ କରିଥାଏ। ସେଇଥିପାଇଁ କୁହାଯାଏ 'ଶିକ୍ଷା-ବିହୀନ ଗଣତନ୍ତ୍ର ସୀମାହୀନ ପ୍ରବଞ୍ଚନା': ଡିମୋକ୍ରାସି ୱିଦାଉଟ୍ ଏଜୁକେଶନ ଇଜ୍ ହିପୋକ୍ରାସି ୱିଦାଉଟ୍ ଲିମିଟେଶନ। କୌଣସି ଗୋଟିଏ ଗୀତ ବା କବିତାର ମାନେ ବୁଝିବାକୁ କାଲ୍‌କୁଲସ୍ ଭଳି ଉଚ୍ଚତର ଗଣିତ ଦରକାର ହୁଏ ନାହିଁ। କିନ୍ତୁ ସଙ୍ଗୀତ କିଭଳି ବାହାରୁଛି ଓ କବିତା ଲେଖିବା ପଛରେ ମଣିଷର ମୁଣ୍ଡ କିପରି କାମ କରୁଛି, ସେଗୁଡ଼ିକୁ ଜାଣିବାରେ ବିଶେଷ ଜ୍ଞାନ, ବିଜ୍ଞାନ, ସହାୟକ ହୁଏ। ନିୟମରେ ଚାଲିବାକୁ ନିୟମିତ କୁହାଯାଏ। ଏହାର ଓଲଟା ହେଉଛି ଘଟଣାଚକ୍ରରେ ବା ସଂଯୋଗକ୍ରମେ, ହଠାତ୍ ବା ଚାନ୍ସରେ ଘଟିବା। ପ୍ରକୃତି ଯେ ନିୟମାନୁଗତ, ତା'ର କାର୍ଯ୍ୟପ୍ରଣାଳୀ ନିୟମିତ, ଏ କଥା ଆଦି ମାନବ ଜାଣି ନ ଥିଲା, ବଣ ଜଙ୍ଗଲରେ ଅନ୍ୟ ପ୍ରାଣୀମାନଙ୍କ ଭଳି ତିଷ୍ଠିଥିଲା। ୧୨ ଲକ୍ଷ ବର୍ଷ ତଳେ ପୃଥିବୀରେ ମଣିଷ ସଂଖ୍ୟା ୫୫ ହଜାର ପାଖାପାଖି ଥିଲା ବୋଲି ବୈଜ୍ଞାନିକମାନେ ଅନୁମାନ କରନ୍ତି। ସେମାନେ ଚଳୁଥିଲେ ଯେପରି ଆଜି ଜଙ୍ଗଲର ପ୍ରାଣୀମାନେ ଚଳନ୍ତି। ୨୦,୦୦୦ ବର୍ଷ ତଳେ ଗତ ବରଫ ଯୁଗ ଶେଷ ହେଲା ବେଳକୁ ମଣିଷ ସଂଖ୍ୟା ୧୦ ଲକ୍ଷ ହେଲା। ପରବର୍ତ୍ତୀ ୧୫୦୦୦ ବର୍ଷରେ ଧୀରେ ଧୀରେ ବିବର୍ତ୍ତନ ଘଟି ଖ୍ରୀଷ୍ଟପୂର୍ବ ୫୦୦୦ ବେଳକୁ (ଅର୍ଥାତ୍ ଆଜିଠୁ ପ୍ରାୟ ୭୨୦୦ ବର୍ଷ ତଳେ) ମାନବ ସଂଖ୍ୟା ୫୦ ଲକ୍ଷ ହୋଇଗଲା। ପରବର୍ତ୍ତୀ କାଳରେ ମଣିଷର ସାମାଜିକ ଓ ଅର୍ଥନୈତିକ ଜୀବନରେ ଏଭଳି ପରିବର୍ତ୍ତନ ଘଟିଲେ ଯେ ୧୮୦୦ ଖ୍ରୀଷ୍ଟାବ୍ଦ ବେଳକୁ ୧୦୦ କୋଟି ହୋଇଗଲା, ଆଉ ୧୨୫ ବର୍ଷ ଭିତରେ ଏବେ ୮୦୦ କୋଟି ହୋଇଗଲାଣି। ଏ ଶତାବ୍ଦୀ ଶେଷ ବେଳକୁ ୧୦୦୦ କୋଟି ହୋଇଯାଇଥିବ।

ପ୍ରାରମ୍ଭରେ ଫଳମୂଳ ସଂଗ୍ରହ ତଥା ବନ୍ୟଜନ୍ତୁ



ଶିକାର ଉପରେ ନିର୍ଭରଶୀଳ ଯାଯାବର ଜୀବନ ହେଉ କି ପରେ କୃଷିଭିତ୍ତିକ ସ୍ଥାୟୀ ବସବାସ ଜୀବନ ହେଉ ବଳବାନ୍‌ର ଦୁର୍ବଳ ଉପରେ ଉତ୍ପୀଡ଼ନ ଚାଲୁ ରହିଲା। ଯେତେ ପ୍ରକାର ଶାସନ ବ୍ୟବସ୍ଥା ହେଲେ ବି, ନୀତି ନିୟମ କଲେ ବି ବଳବାନ୍‌ର ନିରୀହ ଉପରେ ଅତ୍ୟାଚାରକୁ ବା ବଳବାନ୍ ଗୋଷ୍ଠୀର ଦୁର୍ବଳ ଗୋଷ୍ଠୀ ଉପରେ ନିର୍ଯାତନାକୁ ରୋକିହେଲା ନାହିଁ – ଶାସନର ଅନ୍ତରାଳେ ଘଟିଲା। ପ୍ରତିକାର ରୂପେ ଯୁଗେ ଯୁଗେ ଋଷିପ୍ରତିମ ବ୍ୟକ୍ତିମାନେ ପ୍ରଚାରକଲେ ସମାଜକୁ ବାନ୍ଧିରଖିବା ବା ଧରି ରଖିବାର ନିୟମ – ଧର୍ମ: ଯେ ଯାହାର ଧର୍ମ ନ ପାଳିଲେ ସଂସାରକୁ ନିୟନ୍ତ୍ରଣ କରୁଥିବା ଶକ୍ତି – ଈଶ୍ୱର/ଆଲ୍ଲା/ଲର୍ଡ/ଗଡ୍ – ଜୀବନ ଶେଷରେ ଦଣ୍ଡ ଦେବେ। ଏପରି ସବ୍‌ଜାନତା ଐଶ୍ୱରିକ ଶକ୍ତିର ଅବତାରଣା କଲାବେଳେ ତାଙ୍କର ରହିବା ସ୍ଥାନ ବି ତ ଦେଖାଇବାକୁ ପଡ଼ିବ। ତାକୁ କୁହାଗଲା ସ୍ୱର୍ଗ। ଈଶ୍ୱର ଦଣ୍ଡ ଦେଲେ ସେ ତ ପୁଣି ଦଣ୍ଡ ଭୋଗିବା ସ୍ଥାନ ଦେଖାଇବେ, ତାହା ହେଲା ନର୍କ। ଧର୍ମପ୍ରଚାରକମାନେ କହିଲେ ଯେ ସେ ସବୁ ଦେଖୁଛନ୍ତି, ଲୁଚାଛପା କାମ ବି, ଯାହା ଅଧର୍ମ ବା ଧର୍ମାନୁମୋଦିତ ନୁହେଁ ତାହା ପାପ, ତାହା କଲେ ନର୍କ ଭୋଗିବାକୁ ପଡ଼ିବ। ଧର୍ମର ଅନୁଗତମାନେ ଧର୍ମ ବା ନିୟମ ସବୁ ପାଳନକଲେ ସଂସାର ସୁଖଶାନ୍ତି ନଷ୍ଟ ହେବନାହିଁ, ମଣିଷର ଜୀବନ ଧର୍ମପରାୟଣ ହେଉଥିବାରୁ ଈଶ୍ୱର ଏଭଳି ଧର୍ମାଲୁକୁ ସ୍ୱର୍ଗକୁ ନେଇଯିବେ ବୋଲି ଆଶା ଦିଅନ୍ତି ଧର୍ମପ୍ରଚାରକମାନେ। ଗୀତାରେ କୁହାଯାଇଛି ଧର୍ମପ୍ରଚାରକ ନ କହି ଧର୍ମସଂସ୍ଥାପକ କୁହାଯାଇଛି, କାରଣ ପ୍ରଚଳିତ ଧର୍ମକୁ ଶୁଦ୍ଧକରି ସ୍ଥାପନ କରିବା ହିଁ ସଂସ୍ଥାପନ। ଗୀତାରେ ପ୍ରଚଳିତ ଧର୍ମ ହେଉଛି ସନାତନ ବା ପାରମ୍ପରିକ ଧର୍ମ, ଯାହା ସେତେବେଳେ ବର୍ଣ୍ଣଭିତ୍ତିକ ବା ଜାତିଭିତ୍ତିକ ଥିଲା।

ମଣିଷ ଦେଖିଥିବ ପରିବେଶ ଓ ଜଳବାୟୁର କ୍ରମାନ୍ୱୟତା ବା ପର୍ଯ୍ୟାୟ ଅଛି, ଯେତେବେଳେ ପର୍ଯ୍ୟାୟର ବ୍ୟତିକ୍ରମ ଅର୍ଥାତ୍ (ପ୍ରାକୃତିକ) ବିପର୍ଯ୍ୟୟ ଘଟିଥିବ, ସେ ଭାବିଥିବ କୌଣସି ନୈସର୍ଗିକ ଶକ୍ତି ପରିବେଶକୁ ନିୟନ୍ତ୍ରିତ କରୁଛି, ତାହାର ବିଭାବ ମାନ ପରିବେଶ ତଥା ମଣିଷର ଜୀବନକୁ ନିୟନ୍ତ୍ରିତ କରୁଛି। ସେଇଠୁ ଧର୍ମର ଧାରଣା ଦୃଢ଼ୀଭୂତ ହୋଇଥିବ, ନିଜେ ନିୟମ (ଧର୍ମ) ନ ମାନିଲେ ଅକାଳ (ବିପଦ) ଆସିବ, ଯେଉଁ ବିପଦକୁ ଅକ୍ତିଆର କରିପାରି ନ ଥିବ ତାକୁ ଈଶ୍ୱରଙ୍କ ଅଭିଶାପ ବୋଲି ଧରିନେଇ ପୂଜାପାଠ କରିଥିବ। ଖାଦ୍ୟ ସଂଗ୍ରହ ସହ ଆଶ୍ରୟସ୍ଥଳୀ ସୁବିଧା ଘେନି ବିଭିନ୍ନ ଅଞ୍ଚଳରେ ବିଚ୍ଛିନ୍ନ ହୋଇ ରହିଥିବାରୁ ଭାଷା ଭିନ୍ନ ହେଲା ତ ଦେବଦେବୀଙ୍କ ନାଁ ଭିନ୍ନ ଦେଲା। ପ୍ରକୃତିର ନିୟମିତତାକୁ ଲକ୍ଷ୍ୟକରି ମଧ୍ୟ ସେମାନେ ଭାବୁଥିଲେ ପୃଥିବୀ ସମସ୍ତଙ୍କର କେନ୍ଦ୍ର, ଉପରର ଆକାଶ ହେଉଛି ସ୍ୱର୍ଗ, ତଳେ କିଛି ଜାଣି ନ ହେଉଥିବା ପରିବେଶ ହେଉଛି ନର୍କ।

ବ୍ରହ୍ମାଣ୍ଡରେ ସୌରମଣ୍ଡଳ ବାହାରେ ବି ପୃଥିବୀ ଭଳି ବହୁ ଗ୍ରହ (ଏକ୍ସୋପ୍ଲାନେଟ୍) ଅଛି, କୌଣସି କୌଣସି ଏକ୍ସୋପ୍ଲାନେଟ୍‌ରେ ମଣିଷ ଭଳି ବା ମଣିଷଠାରୁ ଜ୍ଞାନୀ ଜୀବ ଥାଇପାରନ୍ତି, ବୈଜ୍ଞାନିମାନେ ସେଗୁଡ଼ିକୁ ଠାବ କରିବାର ଟେକ୍ନୋଲୋଜି ଏଯାଏ ପାଇନାହାନ୍ତି, ଅଥବା ଏକ୍ସୋପ୍ଲାନେଟ୍‌ର ଅଧିବାସୀମାନେ ଏଯାଏ ଆମ ସହ ସମ୍ପର୍କ ରଖିପାରିନାହାନ୍ତି। ଏମିତି ବହୁ ସଂସାର ଅଛି, ଯେଉଁଠି ଗ୍ରହର ଦୃଶ୍ୟଭାଗ ସ୍ୱର୍ଗ ଓ ଅଦୃଶ୍ୟ ନିମ୍ନଭାଗ ପାତାଳ ବା ନର୍କ କୁହାହେଉଥିବ। ତେଣୁ ଏବେ ଭାବିବା କଥା ଯେ ମନର ଅବସ୍ଥା ଉପରେ ନର୍କ ଓ ସ୍ୱର୍ଗର ଧାରଣା ପର୍ଯ୍ୟବସିତ ; ଅନିୟମ କାମ ମନରେ ଯେଉଁ ଦୁଃଖ ଓ କଷ୍ଟ ଆଣେ ତାହା ନର୍କ, ଆଉ ଭଲ କାମ ମନରେ ଯେଉଁ ସୁଖ ଓ ଖୁସି ଆଣେ ତାହା ସ୍ୱର୍ଗ। ଭଲ କାମ କରିବା ଓ କାହାରିକୁ ଦୁଃଖ ନ ଦେବା ହେଉଛି ଧର୍ମ। ପ୍ରଚାରକ ବା ଅବତାର ଶୁଣାଇଥିବା କେତେକ ରୀତିନୀତି ମାନିବାକୁ ସେହି ପ୍ରଚାରକଙ୍କ ନାଁରେ ଧର୍ମ ବୋଲି କହିବା ଆମର ଭୁଲ୍, ପ୍ରଚାରକ ନିଜେ ଧର୍ମର ନାଁ ଦେଇନାହାନ୍ତି, ସେମାନଙ୍କ ଅନୁଗତମାନେ ବା ଶିଷ୍ୟମାନେ ହିଁ ତାଙ୍କ ନାମାନୁସାରେ ଧର୍ମର ନାମ ରଖିଛନ୍ତି। ମହମ୍ମଦ ଜନ୍ମରୁ ଇସ୍‌ଲାମ ନ ଥିଲେ, ବୁଦ୍ଧ ଜନ୍ମରୁ ବୌଦ୍ଧ ନ ଥିଲେ, ଯିଶୁ ଜନ୍ମରୁ ଖ୍ରୀଷ୍ଟିଆନ୍ ନ ଥିଲେ ; ଜନ୍ମରୁ ବିଧର୍ମୀ ଥିବା ବ୍ୟକ୍ତି ତ ଧର୍ମପ୍ରଚାରକ! ପ୍ରତ୍ୟେକେ କେତେକ ସାମାଜିକ ରୀତିନୀତି ବଖାଣିଥିଲେ ଓ ସେଗୁଡ଼ିକୁ ଅନୁସରଣକଲେ ମଣିଷ ଜୀବନ ସୁଖମୟ ହେବ ବୋଲି ପ୍ରଚାର କରିଥିଲେ। ଆଉ ହିନ୍ଦୁ ତ ଏକ ସଂସ୍କାର ମାତ୍ର, ଯାହା ମୌସୁମୀ ଅଞ୍ଚଳର ଜଳପୁଷ୍ଟ ଭୂଇଁରେ ବଞ୍ଚିରହିବାର ଧର୍ମ।

sahadevas@yahoo.com

# ମାଟିର ମହକ



ଡ. ସୀତାକାନ୍ତ ତ୍ରିପାଠୀ

ଯୁଗେ ଯୁଗେ ମାଟିକୁ ନେଇ ବିବାଦ ରହିଆସିଛି। ମାଟିର ଗୁଣ ଯଥା ଉର୍ବର, ଅନୁର୍ବର, ସମତଳ, ଜଙ୍ଗଲ, ପାହାଡ଼-ପର୍ବତ ଇତ୍ୟାଦି କଥା କହି ବିଚାର କରନ୍ତି ନାହିଁ ବରଂ ତାକୁ ଆଧାର କରି ନିଜର ପରିଚୟ ଜାହିର କରିବା ହେଉ କିମ୍ବା ତାକୁ ଅଧିକାର କରି ନେଇ ନିଜ ବୀରତ୍ୱର ସନ୍ତକ ଭାବେ ଅନ୍ୟମାନଙ୍କ ଆଗରେ ବାହୁସ୍ଫୋଟ ମାରି ଭୟଭୀତ କରିବା ହେଉ ସବୁଠି ତା' ପ୍ରତି ଥିବା ଆକର୍ଷଣ ବାରି ହୋଇ ପଡ଼େ। ଫରକ ହେଉଛି ମାଟି ପ୍ରତି ମମତା ଆଉ ମାଟିରୁ ଜନ୍ମ ନେଇଥିବା ମଣିଷ, ଜୀବଜନ୍ତୁ ତଥା ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦ ସହିତ ସମ୍ପର୍କର ସୂତାଖିଅ। ଆମେ ସମସ୍ତେ ଆମ ମାଟିକୁ ନେଇ ଗର୍ବ କରୁ । ସୁବିସ୍ତୀର୍ଣ୍ଣ ମାଟି ଉପରେ ବିଭିନ୍ନ ସୀମାରେଖା ଟାଣି ନିଜର ଦେଶ, ରାଜ୍ୟ, ଭାଷା ଆଦି ବିଭିନ୍ନ ପରିଚୟ ସୃଷ୍ଟି କରୁ। ମା' ଯେମିତି ଆମ ଜୀବ ସାର ମୂଳ ପିଣ୍ଡ ଠିକ୍ ସେହିଭଳି ମାଟି ମଧ୍ୟ ସୃଷ୍ଟି ଏବଂ ସମ୍ଭାବନାର ମୂଳ ଆଧାର, ଯେଉଁଥିପାଇଁ ଆମେ କହୁ ''ମାଟି ନୁହେଁ ସିଏ ଆମ ମା' ଟି''। ପଞ୍ଚମହାଭୂତରେ ଗଢ଼ା ଆମର ଜୀବନ ହେଉ କିମ୍ବା ଉତ୍ପାଦନ ପ୍ରକ୍ରିୟାର ଏକ ମୁଖ୍ୟ ମାଧ୍ୟମ ଭାବେ ବିବେଚିତ ହେଉଥିବା ମାଟିର ଗୁରୁତ୍ୱ ସବୁଠି ବାରି ହୋଇ ପଡ଼ିଥାଏ। ଯଦି ଆମ ଜୀବନ, ସମ୍ପର୍କ, ଅର୍ଥନୀତି, ରାଜନୀତି ସବୁକିଛି ଏହି ମାଟି ଉପରେ ନିର୍ଭରଶୀଳ ତା'ହେଲେ ଏହାର ମହକକୁ ଭୁଲିଯାଇ ଆମେ ତା' ଉପରେ ଅତ୍ୟାଚାର କରୁଛୁ କାହିଁକି? ପ୍ରଜାପତିର ଡେଣା ଲାଗିଗଲା ପରେ ସିଏ ଯେମିତି ଏ ଫୁଲରୁ ସେ ଫୁଲକୁ ଉଡ଼ିବୁଲେ ସେହିଭଳି ଭାବେ ଯେଉଁ ମାଟି ଆମକୁ ବଡ଼ କରି ଦୁନିଆରେ ବଞ୍ଚିବା ଶିଖାଇ ଛୋଟରୁ ବଡ଼ କରି ଗଢ଼ିଥାଏ ତା' ପ୍ରତି ଥିବା କର୍ତ୍ତବ୍ୟକୁ ପାସୋରି ଦେଇ ଆମେ ଅନ୍ୟ କେଉଁ ମାଟିର ବାସ୍ନାରେ ବିମୋହିତ ହୋଇ ଫୁରକିନା ଉଡ଼ିଯିବା କ'ଣ ବିଜ୍ଞତାର ପରିଚୟ? ଏହି ମାଟି ପ୍ରତି ଥିବା ମମତାକୁ ଆଧାର କରି ରାମାୟଣରେ ବର୍ଣ୍ଣିତ ଏକ ଶ୍ଳୋକ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ।

ଲଙ୍କାପତି ରାବଣର ନିଧନ ପରେ ଯେତେବେଳେ ଶ୍ରୀରାମଚନ୍ଦ୍ରଙ୍କୁ ସ୍ୱର୍ଣ୍ଣମୟୀ ଲଙ୍କାରେ ରାଜା ହେବା ପାଇଁ ତାଙ୍କର ସହଯୋଗୀ ତଥା ଭ୍ରାତା ଲକ୍ଷ୍ମଣ ଅନୁରୋଧ କଲେ ତାଙ୍କ ପାଟିରୁ ବାହାରି ପଡ଼ିଲା ''ଅୟି ସ୍ୱର୍ଣ୍ଣମୟୀ ଲଙ୍କା ନମେ ରୋଚତେ ଲକ୍ଷ୍ମଣ ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ''। ଅର୍ଥାତ୍ ରାମଚନ୍ଦ୍ରଙ୍କୁ ନିଜ ମାଟି ଅଯୋଧ୍ୟା ଆଗରେ ଲଙ୍କାର ସମସ୍ତ ସମ୍ପଦ ଐଶ୍ୱର୍ଯ୍ୟ ତୁଚ୍ଛ ଲାଗିଥିଲା। କେବଳ ପରିସ୍ଥିତି, ପରିବେଶ ତଥା ଆବଶ୍ୟକତା ଦୃଷ୍ଟିକୋଣରୁ ଲଙ୍କାକୁ ଆକ୍ରମଣ କରି ବିଜୟପ୍ରାପ୍ତ କରିଥିଲେ ମଧ୍ୟ ସିଏ ନିଜର ମାତୃଭୂମିକୁ ଫେରି ଆସିବାକୁ ଶ୍ରେୟସ୍କର ମଣିଥିଲେ। ବିଶ୍ୱବିଜୟୀ ଆଲେକଜାଣ୍ଡାର ମଧ୍ୟ ବିଭିନ୍ନ ଦେଶକୁ ଆକ୍ରମଣ କରି ନିଜର ଅଧିକାର ଜାହିର କରି ସାରିବା ପରେ ନିଜ ମାତୃଭୂମିକୁ ଫେରିଯିବା ପାଇଁ ଶ୍ରେୟସ୍କର ମନେକରିଥିଲେ।



ବେପାର, ବଣିଜ, କର୍ମସଂସ୍ଥାନ ତଥା ଶିକ୍ଷାଲାଭ ନିମିତ୍ତ ମଣିଷ ନିଜ ମାଟିର ସୀମାରେଖା ଛାଡ଼ି ଅନ୍ୟମାଟିକୁ ଯାଏ। ଆଶା ଆଶଙ୍କାରେ ଯାଇଥିବା ଲୋକମାନେ ଯେତେବେଳେ ନୂଆ ମାଟି, ପାଣି, ପବନ ଦ୍ୱାରା ଆକର୍ଷିତ ହୁଅନ୍ତି ସେତେବେଳେ ଧୀରେ ଧୀରେ ନିଜ ମାଟିର ମହକ ଆଉ ସେମାନଙ୍କୁ ବିଶେଷଭାବେ ଆକର୍ଷିତ କରିପାରେ ନାହିଁ ବରଂ ନିଜକୁ ଦୂରେଇ ନେଇ ସେମାନେ ନୂଆ ଜାଗାରେ ଖାପ ଖୁଆଇ ଚଳିବାର ଆଦବକାଇଦା ଧୀରେ ଧୀରେ ଶିଖିଯାଇ ପ୍ରବାସୀ ଭାବେ ରହିବାକୁ ଉଚିତ ମନେକରିଥାଆନ୍ତି। ବେଳେବେଳେ ଏମିତି ହୁଏ ନିଜ ଭାଷା, ଜ୍ଞାନ, ସଂସ୍କୃତି ତଥା ଭାସ୍କର୍ଯ୍ୟର ପ୍ରଚାର ଓ ପ୍ରସାରକୁ ଅଣଦେଖା କରି ତା'ର ଉଚିତ ସମ୍ମାନ କରିବା ତଥା ଭୁଲିଯିବା ସହିତ ନିଜ ପିଲାମାନଙ୍କୁ ସେଗୁଡ଼ିକୁ ଶିଖାଇବା ପାଇଁ ଠିକ୍ ମନେକରନ୍ତି ନାହିଁ। ଆଜିର ବୈଶ୍ୱୀକରଣ ଏବଂ ଉଦାରବାଦୀ ଅର୍ଥନୀତି ଯୁଗରେ ସମଗ୍ର ବିଶ୍ୱ ଏକ ପରିବାର ସଦୃଶ ମନେହେଲେ ମଧ୍ୟ ଦେଶ-ଦେଶ ମଧ୍ୟରେ ଥିବା ସୂକ୍ଷ୍ମ ବିଶେଷତ୍ୱ, ଅଦ୍ୱିତୀୟ ଭାବକୁ ଆଧାର କରି ସୃଷ୍ଟି ହେଉଥିବା ବିଭେଦତା ଆଜି ପ୍ରଶମିତ ହେବା ଜାଗାରେ ବଢ଼ିବାରେ ଲାଗୁଛି। ଯାହାଫଳରେ ଯେଉଁ ମାଟି ମା'କୁ ପର କରି ଅନ୍ୟ ମାଟି ମା'କୁ ଆଦର କରୁଥିଲେ ତା'ରି ପାଖକୁ ଫେରି ଆସିବାର ଅବକାଶ ସୃଷ୍ଟି ହେଉଛି। ମା' ତ ସର୍ବଂସହା, ନିଜ ସନ୍ତାନମାନଙ୍କୁ ପର କରିବ ବା କେମିତି? ତାର ଦୁଇ ହାତ ସବୁବେଳେ ସନ୍ତାନମାନଙ୍କୁ କୋଳେଇ ନେବା ପାଇଁ ତ' ଆଗ୍ରହୀ !

ଅନ୍ୟପକ୍ଷରେ ଆମେ ଯେଉଁମାନେ ମା' ପାଖରେ ସବୁଦିନ ପାଇଁ ରହୁ ତା'ର ଅନ୍ତର କଥା ବୁଝିବାରେ ପ୍ରାୟତଃ ଅସମର୍ଥ। ଜାତି, ଧର୍ମ, ଭାଷା ଆଦି ବିଭିନ୍ନ ତତ୍ତ୍ୱକୁ ନେଇ ଆମ ଭିତରେ ଝଗଡ଼ା ଆଉ ଅଶାନ୍ତି। ମା' ପାଖରେ ତ ସମସ୍ତ ସନ୍ତାନ ସମାନ। ତାକୁ ଆଧାର କରି ଯେଉଁ ଭିନ୍ନ ଭିନ୍ନ ପରିଚୟ ସୃଷ୍ଟି କରୁଛୁ ତାକୁ କ'ଣ ଭଲ ଲାଗୁଥିବ ? ଭବିଷ୍ୟତକୁ ଅଣଦେଖା କରି, ହାନି-ଲାଭର ବିଚାର ନ କରି ତା' ଉପରେ ଯେଉଁ ଅତ୍ୟାଚାର କରୁଛୁ ତାହା କ'ଣ ଆମ ସ୍ନେହ-ଶ୍ରଦ୍ଧାର ନିଦର୍ଶନ? ମା'ର ସ୍ୱାସ୍ଥ୍ୟ, ଶିକ୍ଷା, ମନ ଉପରେ ଯେମିତି ଶିଶୁର ଭବିଷ୍ୟତ ନିର୍ଭର କରେ ମାଟିର ମାନ ଉପରେ ମଧ୍ୟ ସଭ୍ୟତା ନିର୍ଭରଶୀଳ। ଯେଉଁ ମାଟିର ମହକ ଟିକକକୁ ନେଇ ଆମେ ଗର୍ବ କରୁ ଆମମାନଙ୍କ ପାଇଁ ଯଦି ତାହା ଦୁର୍ଗନ୍ଧରେ ରୂପାନ୍ତରିତ ହୁଏ ତାହା ଆମକୁ ଭଲ ଲାଗିବ ତ? ତେଣୁ ଆମ ମାଟି-ପାଣି-ପବନର ସ୍ୱତନ୍ତ୍ରତାକୁ ବଜାୟ ରଖିବା ପାଇଁ ଆମେ ସମସ୍ତେ କାୟ-ମନ ବାକ୍ୟରେ ବଚନବଦ୍ଧ ହେବା ଦରକାର ନ ହେଲେ ଆମେ ପରିଚୟବିହୀନ, ବିବର୍ଣ୍ଣ ପରିଚୟ କିମ୍ବା ଭିନ୍ନ ପରିଚୟ ନେଇ ବଞ୍ଚିବା ହିଁ ସାର ହେବ।

ଭଦ୍ରକ, ମୋ: ୯୭୭୮୭୬୪୩୯୪

## ଏଇ ଭାରତରେ

ଭାରତର ବିଭିନ୍ନ ଅଞ୍ଚଳରେ ଭ୍ରାମ୍ୟମାଣ ଲାଇବ୍ରେରି ଲୋକଙ୍କ ପାଖରେ ବହି ପହଞ୍ଚାଇ ଦେଇପାରୁଛି। ଉତ୍ତରାଖଣ୍ଡ ଓ ରାଜସ୍ଥାନରେ ଏହି ଲାଇବ୍ରେରି ଚାଲିଛି ଘୋଡ଼ା ଓଟଙ୍କ ସାହାଯ୍ୟରେ। ଉତ୍ତରାଖଣ୍ଡର ଦୁର୍ଗମ ଗାଁ ଗୁଡ଼ିକୁ ଘୋଡ଼ା ଲାଇବ୍ରେରି ଯାଇ ଲୋକଙ୍କ ପାଖରେ ପହଞ୍ଚିଯାଉଛି। ଏହି ଲାଇବ୍ରେରି ଖୋଲିଛନ୍ତି ଶୁଭମ ବଧାନି। ସେ ଘୋଡ଼ା ପିଠିରେ ବ୍ୟାଗଗୁଡ଼ିକରେ ବହି ଲଦି ବିଭିନ୍ନ ଗାଁରେ ଲୋକଙ୍କୁ ବହି ଦେଉଛନ୍ତି। ଘୋଡ଼ା ଲାଇବ୍ରେରି ପ୍ରତି ଛୋଟପିଲାମାନେ ଆକର୍ଷିତ ହେଉଛନ୍ତି ଓ ବହି ନେଇ ପଢୁଛନ୍ତି। ଏହି ଲାଇବ୍ରେରି ପ୍ରତି ସପ୍ତାହରେ ଥରେ ବିଭିନ୍ନ ଗାଁରେ ବୁଲୁଛି। ସେହିଭଳି ରାଜସ୍ଥାନରେ ରଙ୍ଗିନ କନା ଓ ବେଲୁନରେ ସଜ୍ଜିତ ଓଟଗାଡ଼ି ଲାଇବ୍ରେରି ଗାଁକୁ ଗାଁ ବୁଲି ଲୋକଙ୍କୁ ବହି ଦେଉଛି। ବିଶେଷକରି ଗଳ୍ପ ବହି ଓ ପିଲାଙ୍କ ପାଇଁ ଅନେକ ଶିକ୍ଷଣୀୟ ବହି ରହିଛି ଏହିସବୁ ଲାଇବ୍ରେରିରେ। ଦିଲ୍ଲୀରେ ଭ୍ରାମ୍ୟମାଣ ଲାଇବ୍ରେରି ବୁକ୍‌ୱର୍ମ ବସ୍‌ରେ ଚାଲୁଛି। ବସ୍‌ରେ ଚାଲିଥିବା ଲାଇବ୍ରେରିରେ ଲୋକେ ବସି ପଢ଼ିବାର ବ୍ୟବସ୍ଥା ହୋଇଛି। ଏହାକୁ ଲୋକେ କହୁଛନ୍ତି ସଞ୍ଚାର ଗ୍ରନ୍ଥାଳୟ। ମୁମ୍ବାଇରେ ମଧ୍ୟ ଏକ ଭ୍ରାମ୍ୟମାଣ ମରାଠୀ ଗ୍ରନ୍ଥ ସଂଗ୍ରହାଳୟ ପ୍ରତିଦିନ ୫ଟି ସ୍ଥାନକୁ ଯାଉଛି। ଏଥିରେ ୧୦,୦୦୦ ବହି ରହିଛି। ଗୋଟିଏ ସ୍ଥାନରେ ତାହା ଅତିବେଶିରେ ଦେଢ଼ ଘଣ୍ଟା ରହୁଛି। ଭ୍ରାମ୍ୟମାଣ ଲାଇବ୍ରେରିରୁ ଲୋକେ ବହି ନେଇ ପଢୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩ ମେ ୧୯୭୬

- ରାଜ୍ୟର ୩ଟି ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନଙ୍କୁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଧାର୍ଯ୍ୟ କରିଥିବା ଦରମା ହାରରେ ଦରମା ଦିଆଯିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି।
- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ବୋକାରୋଠାରେ ରୁଷ୍-ଭାରତ ସହଯୋଗିତାର ଉଜ୍ଜ୍ୱଳତମ ନିଦର୍ଶନ ବିରାଟ ଇସ୍ପାତ ପ୍ରକଳ୍ପର 'ହଟ୍‌ଷ୍ଟ୍ରିପ୍ ମିଲ୍' ଉଦ୍‌ଘାଟିତ।

## ଚିରନ୍ତନୀ

ସିନେମା ଯିବାକୁ ଟ୍ୟାକ୍ସିରେ ଚଢ଼ି
ତରୁଣ ବନ୍ଧୁ ଡାକଇ ଆସ
''ଛାତିର ବ୍ରୋଚ୍‌ଟା ଦିଏ ମୁଁ ସଜାଡ଼ି
ନ ହେଲେ ନ ହେଉ ଆଇ ଏ ପାଶ।''

–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜନଔଷଧିର ମୂଲ୍ୟକୁ ନେଇ ଦ୍ୱନ୍ଦ୍ୱ

ମହାଶୟ,

ପ୍ରଧାନମନ୍ତ୍ରୀ ଜନଔଷଧି ଦୋକାନଗୁଡ଼ିକରେ ଜେନେରିକ ମେଡିସିନଗୁଡ଼ିକ ସର୍ବାଧିକ ୭୦ରୁ ୮୦ ପ୍ରତିଶତ କମ୍ ମୂଲ୍ୟରେ ମିଳୁଛି ବୋଲି କେନ୍ଦ୍ର ସରକାରଙ୍କ ତରଫରୁ ବାରମ୍ବାର ସୂଚନା ଦିଆଯାଉଛି । ମାତ୍ର କେଉଁ ଔଷଧି କେତେ ରିହାତି ଦରରେ ମିଳୁଛି, ତାହା ଗ୍ରାହକମାନେ ଜାଣିବାର ସୁବିଧା ନାହିଁ । ଏହାର ସୁଯୋଗ ନେଇ ଦୋକାନୀମାନେ ନିର୍ଦ୍ଦିଷ୍ଟ ଔଷଧକୁ ବିଭିନ୍ନ ଦରରେ ବିକ୍ରି କରୁଛନ୍ତି । ଗୋଟିଏ ଉଦାହରଣରୁ କଥାଟି ସ୍ପଷ୍ଟ ହୋଇପାରିବ । ଗ୍ୟାସ ଔଷଧ ପାଣ୍ଟାପାଷ୍ଟ ଡି.ଏସ୍.ଆର୍.ର ଏମ୍‌ଆର୍‌ପି ୧୬୩ ଟଙ୍କା ଲେଖାଥିବା ବେଳେ କେତେକ ଦୋକାନୀ ୨୦ ଟଙ୍କାରେ ବିକ୍ରି କରୁଥିବା ବେଳେ ଅନ୍ୟ ଦୋକାନୀ ୯୦ ଟଙ୍କା ଦରରେ ବିକ୍ରି କରୁଛନ୍ତି । ଏହିପରି ଭାବରେ ଗ୍ରାହକମାନଙ୍କୁ ଶୋଷଣ କରାଯାଉଛି । ଏଣୁ ପ୍ରତ୍ୟେକ ଔଷଧରେ ପ୍ରକୃତ ବିକ୍ରିମୂଲ୍ୟ ଲେଖାଗଲେ ଲୋକମାନେ ଉପକୃତ ହୁଅନ୍ତେ ଓ ଔଷଧର ପ୍ରକୃତ ବିକ୍ରି ମୂଲ୍ୟକୁ ନେଇ ଦ୍ୱନ୍ଦ୍ୱ ଦୂର ହୋଇପାରିବ । କେନ୍ଦ୍ର ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ପୁରୀରେ ମାଙ୍କଡ଼ ଉତ୍ପାତ

ମାଙ୍କଡ଼ ଉତ୍ପାତ ପୁରୀ ସହରରେ ଏକ ପୁରାତନ ସମସ୍ୟା ହେଲେ ବି ଖରାଦିନେ ଖାଦ୍ୟ ଓ ପାନୀୟ ଅଭାବରୁ ଜଙ୍ଗଲୀ ମାଙ୍କଡ଼ ମଧ୍ୟ ବସତି ଅଭିମୁଖୀ ହେବାରୁ ଏହା ଏକ ନୂତନ ଓ ଭିନ୍ନ ସମସ୍ୟା ସୃଷ୍ଟି କରୁଛି । ଶ୍ରୀମନ୍ଦିର ପରିସର ଓ ପାର୍ଶ୍ୱବର୍ତ୍ତୀ ସାହି/ବସ୍ତିରେ ମାଙ୍କଡ଼ମାନେ ସାହିବାସିନ୍ଦା ଓ ଦର୍ଶନାର୍ଥୀ ତଥା ପର୍ଯ୍ୟଟକମାନଙ୍କ ଖାଦ୍ୟପଦାର୍ଥ ଓ ମନିପର୍ସ, ଭ୍ୟାନିଟ୍ ଲୁଟିନେଉଛନ୍ତି । ଭୟରେ ଲୋକମାନେ ଛାତ ଉପରକୁ ଯାଇପାରୁନାହାନ୍ତି । ତେଣେ ଗଛ, ପତ୍ର, ଫୁଲ ଓ ଫଳ ମାଙ୍କଡ଼ଙ୍କ କବଳରୁ ବର୍ତ୍ତିପାରୁ ନାହିଁ । ବାଟୁଳିଖଡ଼ା, ବଡ଼ ବାଉଁଶ ଆତ୍ମରକ୍ଷାର ମାଧ୍ୟମ ହୋଇଛି ଓ ସାଇକେଲ ଟାୟାରରେ ଲୁହାକଣ୍ଟା ମାଳ ଟିଭି ଆଣ୍ଟିନା ସୁରକ୍ଷା କବଚ ସାଜିଛି । ଏହାର ଉପଚାର କେବେ ?

–ଡି.ପି ତ୍ରିପାଠୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭିଜିଲାନ୍ସ ଜାଲରେ ସହକାରୀ ମତ୍ସ୍ୟ ଅଧିକାରୀ, ସହଯୋଗୀ

**ସୋନପୁର/ଓଡ଼ଗାଁ,୨।୫(ମୃତ୍ୟୁଞ୍ଜୟ ଶତପଥୀ/ଆଦର୍ଶ କୁମାର ପଟ୍ଟନାୟକ)**


ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା(ଏମ୍‌ଏମ୍‌କେୱାଇ)ରେ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଡବ୍ଲ୍ୟୁଏସ୍‌ଏଚ୍‌ଜି)ଠାରୁ ଲାଞ୍ଚ ନେଉଥିବା ବେଳେ ଗୁରୁବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହକାରୀ ମତ୍ସ୍ୟ ଅଧିକାରୀ ବିଭୂତି ଭୂଷଣ ପ୍ରଧାନ ଓ ସହଯୋଗୀ ବାବୁଲାଲ ବାରିକ୍ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସହଯୋଗୀ ବାରିକ୍ ବୀରମହାରାଜପୁର ବସ୍‌ଷ୍ଟାଣ୍ଡ ନିକଟରେ ଲାଞ୍ଚ ନେଉଥିବା ବେଳେ ସମ୍ବଲପୁର ଭିଜିଲାନ୍ସ ପକ୍ଷରୁ ପ୍ରଥମେ ତାଙ୍କୁ ଓ ପରେ ସୁବର୍ଣ୍ଣପୁର ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ପ୍ରଧାନଙ୍କୁ ଗିରଫ କରାଯାଇଛି। ଏଥିସହ ସୁବର୍ଣ୍ଣପୁର ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ଅଧିକାରୀଙ୍କ ସୁବର୍ଣ୍ଣପୁର ସହର ରାମକୃଷ୍ଣନଗରସ୍ଥିତ ଭଡ଼ା ଘର ଓ ନୟାଗଡ଼ ଜିଲା ଓଡଗାଁ ଏନ୍‌ଏସି ଦଳକସାହିସ୍ଥିତ ପୈତୃକ ଘର ଏବଂ ସହଯୋଗୀ ବାରିକ୍‌ଙ୍କ ବୀରମହାରାଜପୁର ଖମ୍ବେଶ୍ୱରୀପାଲି ଘରେ ଏକକାଳୀନ ଚଢାଉ କରାଯାଇଛି। ସୁବର୍ଣ୍ଣପୁର, ସମ୍ବଲପୁର, ବରଗଡ଼ ଓ ଖୋର୍ଦ୍ଧା ଭିଜିଲାନ୍ସ ବିଭାଗର ୪ଟି ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା(ନଂ. ୧୦/୨୫) ରୁଜୁ କରାଯାଇଛି। ମିଳିଥିବା ସୂଚନା ମୁତାବକ, ବୀରମହାରାଜପୁର ବ୍ଲକ ବଡ଼ଖମାର ରାଧାପୁର ରମା ମେଟାକାନୀ ଡବ୍ଲ୍ୟୁଏସ୍‌ଏଚ୍‌ଜି ପଞ୍ଚାୟତ ପୋଖରୀକୁ ଲିଜ୍ ନେଇ ମାଛଚାଷ କରି ଆସୁଛନ୍ତି। ମାଛ ଉତ୍ପାଦନ ବୃଦ୍ଧି ପାଇଁ ଖାଦ୍ୟ, ମାଛ ଯାଆଁଳ ଓ ଅନ୍ୟ ସାମଗ୍ରୀ କିଣିବା ସକାଶେ ଡବ୍ଲ୍ୟୁଏସ୍‌ଏଚ୍‌ଜିଗୁଡ଼ିକୁ ରାଜ୍ୟ ସରକାର ଏମ୍‌ଏମ୍‌କେୱାଇରେ ଲକ୍ଷାଧିକ ଟଙ୍କାର ଇନ୍‌ପୁଟ୍ ସହାୟତା ପ୍ରଦାନ କରୁଛନ୍ତି। ଡବ୍ଲ୍ୟୁଏସ୍‌ଏଚ୍‌ଜିର ଦ୍ୱିତୀୟ ପର୍ଯ୍ୟାୟ ସବ୍‌ସିଡି ରିଲିଜ୍ କରିବା ପାଇଁ ସହକାରୀ ମତ୍ସ୍ୟ ଅଧିକାରୀ ପ୍ରଧାନ ୪୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସମ୍ପୃକ୍ତ ଡବ୍ଲ୍ୟୁଏସ୍‌ଏଚ୍‌ଜି ଏତେ ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରିବା ପରେ ଅଧିକାରୀ ୩୦ ହଜାର ଟଙ୍କା ଦେବାକୁ କହିଥିଲେ। ଡବ୍ଲ୍ୟୁଏସ୍‌ଏଚ୍‌ଜିର ସଞ୍ଜିତା ମିର୍ଦ୍ଧା ବାଧହୋଇ ଏ ସମ୍ପର୍କରେ ସୁବର୍ଣ୍ଣପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ବୀରମହାରାଜପୁର ବସ୍‌ଷ୍ଟାଣ୍ଡକୁ ଆସି ବାବୁଲାଲ ବାରିକଙ୍କୁ ଉକ୍ତ ଟଙ୍କା ଦେବାକୁ ମତ୍ସ୍ୟ ଅଧିକାରୀ ପ୍ରଧାନ କୁଆଡେ କହିଥିଲେ। ଯୋଜନା ଅନୁସାରେ ସଞ୍ଜିତା ଅଧିକାରୀଙ୍କ ସହଯୋଗୀ ବାରିକଙ୍କୁ ରାସାୟନିକ ରଙ୍ଗ ବୋଳା ୩୦ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ତାଙ୍କୁ ଗିରଫ କରିଥିଲେ। ତାଙ୍କ ନିକଟରୁ ରଙ୍ଗବୋଳା ନୋଟ୍ ଜବତ କରାଯାଇଥିଲା। ଏହି ସମୟରେ ସୁବର୍ଣ୍ଣପୁର ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍ ଡବ୍ଲ୍ୟୁଏସ୍‌ଏଚ୍‌ଜିର ଫାଇଲ ଯାଞ୍ଚ କରିବା ସହ ହେଡ୍‌କ୍ୱାର୍ଟର୍ସ ଦାୟିତ୍ୱରେ ଥିବା ସହକାରୀ ମତ୍ସ୍ୟ ଅଧିକାରୀ ପ୍ରଧାନଙ୍କୁ ଗିରଫ କରିଥିଲେ। ସୁବର୍ଣ୍ଣପୁର ଭିଜିଲାନ୍ସ ଡିଏସ୍‌ପି ରୀତାଞ୍ଜଳି ପଧାନଙ୍କ ନେତୃତ୍ୱରେ ସମ୍ବଲପୁର ଡିଏସ୍‌ପି ହେମାମାଳିନୀ ନାୟକ, ବରଗଡ ଇନ୍ସପେକ୍ଟର ତୁଷାରକାନ୍ତ ମହାପାତ୍ର ଓ ଟିମ୍ ମତ୍ସ୍ୟ ଅଧିକାରୀଙ୍କ ସୁବର୍ଣ୍ଣପୁର ଅଫିସ ଓ ଅନ୍ୟ ସ୍ଥାନରେ ଚଢ଼ାଉ କରିଥିଲେ।


ବିଭୂତି ଭୂଷଣ ପ୍ରଧାନ


ବାବୁଲାଲ ବାରିକ

- ସବ୍‌ସିଡି ପାଇଁ ଡବ୍ଲ୍ୟୁଏସ୍‌ଏଚ୍‌ଜିଠାରୁ ଲାଞ୍ଚ
- ଉଭୟଙ୍କ ଘରୁ ମିଳିଲା ନଗଦ ୪.୭ ଲକ୍ଷ
- ୪ ସ୍ଥାନରେ ଏକକାଳୀନ ଚଢ଼ାଉ

ମତ୍ସ୍ୟ ଅଧିକାରୀଙ୍କ ଭଡ଼ାଘରେ ଚଢାଉ ସମୟରେ ନଗଦ ୩ଲକ୍ଷ ୫୮ହଜାର ୭୦୦ଟଙ୍କା ଓ ବାରିକ୍‌ଙ୍କ ଘରେ ଚଢାଉ ସମୟରେ ୪୮ହଜାର ୬୧୦ଟଙ୍କା ମିଶାଇ ଉଭୟଙ୍କ ଠାରୁ ମୋଟ ୪ଲକ୍ଷ ୭ହଜାର ୩୧୦ଟଙ୍କା ଜବତ ହୋଇଛି। ସେହିପରି ମତ୍ସ୍ୟ ଅଧିକାରୀଙ୍କ ନୟାଗଡ଼ ଜିଲା ଦଳକ ସାହିସ୍ଥିତ ୨ ମହଲା ପୈତୃକ ବାସଭବନରେ ଡିଏସ୍‌ପି ଚନ୍ଦ୍ରକଳା ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରି କାଗଜପତ୍ର ଯାଞ୍ଚ କରିଥିବା ଜଣାପଡିଛି। ବିଭୂତିଙ୍କ ଚାକିରି କାଳ ସମ୍ପର୍କରେ ମଧ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସେ ୨୦।୦୩।୨୦୨୩ରେ ସରକାରୀ ଚାକିରି ପାଇବା ସହ ବୀରମହାରାଜପୁର ସହକାରୀ ମତ୍ସ୍ୟ ଅଧିକାରୀ ଭାବେ ଯୋଗଦେଇଥିଲେ। ଶୁକ୍ରବାର ଅପରାହ୍ନରେ ଉଭୟଙ୍କୁ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବଲାଙ୍ଗୀର ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।


ନୟାଗଡ଼ ଜିଲା ଓଡଗାଁ ସହର ଦଳକସାହିସ୍ଥିତ ପୈତୃକ ବାସଭବନ।

# ଆମ୍ବୁଲାନ୍ସ ଧକ୍କାରେ ଯୁବକଙ୍କ ମୃତ୍ୟୁ


କ୍ଷତିପୂରଣ ଦାବିରେ ପରିବାର ଓ ସମ୍ପର୍କୀୟ ରାସ୍ତା ଅବରୋଧ କରିଛନ୍ତି।

**ବେହେରା,୨।୫(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ବେହେରା ବିଜୁ ଏକ୍ସପ୍ରେସ୍ ଛକ ନିକଟରେ ଗୁରୁବାର ୧୦୮ ଆମ୍ବୁଲାନ୍ସ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛଣାଣବାହେଲି ପଞ୍ଚାୟତ ରାବନଗୁଡ଼ା ଗ୍ରାମର ଗଣ୍ଡାରାମ ଗୋପାଳ (୨୮)। ସୂଚନା ଅନୁସାରେ ଗଣ୍ଡାରାମ ବେହେରା ବିଜୁ ଏକ୍ସପ୍ରେସ୍ ୱେସ୍ଥିତ ଏକ ଫାଷ୍ଟଫୁଡ୍ ଦୋକାନରେ ମିସ୍ତ୍ରି ଭାବେ କାମ କରନ୍ତି। ଗୁରୁବାର ସକାଳୁ ସେ ସାଇକେଲ ଯୋଗେ ନିଜ ଗାଁରୁ ବେହେରା ଆସୁଥିବା ବେଳେ ନବରଙ୍ଗପୁରରୁ କଣ୍ଟାବାଞ୍ଜି ଯାଉଥିବା ୧୦୮ ଆମ୍ବୁଲାନ୍ସ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଓ ଆମ୍ବୁଲାନ୍ସ କର୍ମଚାରୀ ଉଦ୍ଧାର କରି ପର୍ଲା ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଘଟଣା ପରେ ପରିବାର ଓ ପରିଜନ କ୍ଷତିପୂରଣ ଦାବିରେ ବିଜୁ ଏକ୍ସପ୍ରେସ୍ ୱେରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ କୋକସରା ଆଇଆଇସି ସ୍ନିଗ୍ଧାରାଣୀ ସୁନା, ଧର୍ମଗଡ଼ ଆଇଆଇସି, ଧର୍ମଗଡ଼ ତହସିଲଦାର ଲୋକଙ୍କୁ ବୁଝାଶୁଝା କରିବା ସହ ସରକାରୀ ନିୟମ ମୁତାବକ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା। କୋକସରା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ କୋକସରା ଥାନାରେ ୧୩୦/୨୫ରେ ମାମଲା ରୁଜୁ ହୋଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
ONE DRIVER and ONE COOK (Female)
Lodging and Fooding arrangements is ours only for Bhubaneswar.
9338675380, 7894505580

WANTED
Applications are invited for temporary appointment for Jr. Steno, Data Entry Operator, Accounts Assistant, Accounts Officer and Assistant Secretary in the office of Odisha State Bar Council, Cuttack. For details visit the official website of Odisha State Bar Council :
www.odishabarcouncil.org

WANTED
LADIES OFFICE EXECUTIVE
RAHIBA GHARA FREE
Attached Bathroom
KHAIBA FREE
Salary 10000 + Bonus 50000 to 100000 annual + other benefits
PHULANAKHARA, CUTTACK
7809525452

See Career Appointment on every Wednesday & Saturday

# ସହାୟତାରୁ ବଞ୍ଚିତ ଦିବ୍ୟାଙ୍ଗ ଜିଲାପାଳଙ୍କ ଦ୍ୱାରସ୍ଥ

**ନୂଆପଡ଼ା,୨।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲାର ଦିବ୍ୟାଙ୍ଗମାନେ ସରକାରୀ ସୁବିଧାରୁ ବଞ୍ଚିତ ରହିଛନ୍ତି। ଏହାକୁ ନେଇ ଅକ୍ଷମ ସଂଗଠନର ଜିଲା ସଭାପତି ଭକ୍ତବନ୍ଧୁ ଧରୁଆଙ୍କ ନେତୃତ୍ୱରେ ଦିବ୍ୟାଙ୍ଗମାନେ ଗୁରୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଅନୁଯାୟୀ, ୨୦୨୪ ଅଗଷ୍ଟ ୨୧ରେ କୋମନା ବ୍ଲକ କୋନାବିରା ଗାଁର ଦିବ୍ୟାଙ୍ଗ କପିଳଦେବ ରାଉତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସରକାରୀ ସହାୟତା ପାଇଁ ଆବେଦନ କରିଥିଲେ। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ତାଙ୍କ ପରିବାର ଅଭାବ ଅନଟନରେ କାଳ କାଟୁଛନ୍ତି। ସେହିପରି ସୋସେଙ୍ଗ ପଞ୍ଚାୟତ ଅଡାର ଗାଁର ଜଳଧର ମାଝି ଓ ରୂପସିଂ ପହରିଆଙ୍କୁ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ୮୦ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣ ପତ୍ର ମିଳିଛି । ଉଭୟ ମାସିକ ୧୨ ଶହ ଟଙ୍କା ଲେଖାଏ ଦିବ୍ୟାଙ୍ଗ ଭତା ପାଉଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁ ସେମାନେ ୩୫ ଶହ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଦୁଇବର୍ଷ ହେବ ସୁନାବେଡା ଗାଁର ମଞ୍ଜେଶ୍ୱର ମାଝି ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଅସହାୟ ଜୀବନ ବିତାଉଛନ୍ତି। ସିଲଭା ପଞ୍ଚାୟତ ଠାକୁରପାଲି ଗାଁର ଦିବ୍ୟାଙ୍ଗ ଯୁବକ ଦୂରାକାନ୍ତ ରଣା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଆବେଦନ କରିଥିଲେ ମଧ କୌଣସି ସୁଫଳ ପାଇନାହାନ୍ତି। ସେମାନଙ୍କୁ ସରକାରୀ ଯୋଜନାରେ ସାମିଲ କରି ସ୍ୱାବଲମ୍ବୀ କରିବାକୁ କପିଳଦେବ, ଜଳଧର, ରୂପସିଂ, ମଞ୍ଜେଶ୍ୱର, ଦୂରାକାନ୍ତ ପ୍ରମୁଖ ଦାବି କରିଛନ୍ତି ।


ଜିଲାପାଳଙ୍କ ନିକଟକୁ ଅଭିଯୋଗ ପାଇଁ ଆସିଥିବା ଦିବ୍ୟାଙ୍ଗମାନେ।

# କୁକୁର କାମୁଡ଼ାରେ ହରିଣ ମୃତ

**ଝାରସୁଗୁଡା,୨।୫(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ସଦର ବ୍ଲକ ଦୁର୍ଲଗା ଗ୍ରାମରେ ଶୁକ୍ରବାର କୁକୁର କାମୁଡ଼ାରେ ଏକ ହରିଣର ମୃତ୍ୟୁ ଘଟିଛି। ହରିଣଟି ସୁନ୍ଦରଗଡ଼ ଜଙ୍ଗଲ ପାର୍ଶ୍ୱରୁ ଖାଦ୍ୟ ଅନ୍ୱେଷଣରେ ଆସୁଥିବାବେଳେ କେତେକ କୁକୁର ତାକୁ କାମୁଡିଥିଲେ। ସ୍ଥାନୀୟ ଲୋକେ କୁକୁରଙ୍କ କବଳରୁ ହରିଣକୁ ଉଦ୍ଧାର କରି ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ। ଝାରସୁଗୁଡା ରେଞ୍ଜର ବିଜୟ କୁମାର ପ୍ରଧାନ ପହଞ୍ଚି ହରିଣକୁ ନେଇ ଜିଲା ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ। ଦିଆଯାଇଥିଲା। ହେଲେ କିଛି ସମୟ ପରେ ହରିଣର ମୃତ୍ୟୁ ଘଟିଥିଲା।

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTCSBPOT81
ତା.26.04.2025ରିଖ
କାର୍ଯ୍ୟର ନାମ : "ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ସରଲା-ଶାସନ ମଧ୍ୟରେ ତୃତୀୟ ଲାଇନ୍ ଓ ଚତୁର୍ଥ ଲାଇନ୍ କାର୍ଯ୍ୟ ସମ୍ବନ୍ଧୀୟ ଶାସନ ଷ୍ଟେସନଠାରେ ସଂକେତ ଏବଂ ଦୂରସଂଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ, ମହତ୍ୱପୂର୍ଣ୍ଣ (Critical) ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ (EI)ର ଯୋଗାଣ, ସଂସ୍ଥାପନ ଓ ପ୍ରଚଳନ ଏବଂ ସରଲା ଷ୍ଟେସନରେ M/S KYOSAN ନିର୍ମିତ ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ (EI)ର ପରିବର୍ତ୍ତନ।"
ଆନୁମାନିକ ମୂଲ୍ୟ : ₹ 20,26,88,159/-, EMD : ₹ 11,63,500/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।
ଇ-ଟେଣ୍ଡର ବନ୍ଦ/ଖୋଲାଯିବା ତାରିଖ ଓ ସମୟ : ତା.19.05.2025ରିଖ 1500 ଘଟିକାରେ ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ : www.ireps.gov.in ରେ ଉପଲବ୍ଧ ହେବ। ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।
ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ ନିର୍ମାଣ/ସମ୍ବଲପୁର
PR-16/CI/25-26

OFFICE OF THE PRINCIPAL
PANCHAYAT SAMITI COLLEGE, BELPARA, DIST : BALANGIR
E-mail : psc_belpara@yahoo.co.in
No. 529 Date : 02.05.2025
Wanted
An interview for the following posts shall be held in the office of the undersigned. Interested eligible candidates may apply with Xerox copy of all testimonials/documents to attend the interview by 20.05.2025. The date of interview shall be informed to the shortlisted candidates.

| Posts | No. of Posts | Minimum Qualification |
|---|---|---|
| 1 - Lecturer In Botany | 01 | 55% in concerned subject in P.G. |
| 2 - Lecturer In Zoology | 01 | 55% in concerned subject in P.G. |
| 3 - Head Clerk | 01 | B.A./B.Sc/B.Com (Retired person preferable with 30 years or above experience having below 65yr of age.) |
| 4 - Watchman | 01 | 7th pass (Retired person preferable having below 65yr of age) |

Sd./- Principal
Panchayat Samiti College, Belpara, Dist. : Balangir

भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान
I.C.A.R-Central Institute of Freshwater Aquaculture
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha
Advertisement No. 06/2025-26 Date of Insertion- 02.05.2025
वॉक–इंन–इंटरव्यू
भा.कृ.अनु.प– केन्द्रीय मीठाजल जीव पालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में 01 (एक) यंग प्रोफेशनल–II पद की भर्ती के लिए दिनांक 19.05.2025 को पू.10.00 बजे वॉक–इंन–इंटरव्यू बजे आयोजित किया जायेगा। अधिक जानकारी हेतु कृपया भा.कृ.अनु.प–सीफा वेबसाइट http://www.cifa.nic.in पर जाएं।
WALK-IN INTERVIEW
A Walk-in-Interview will be held on 19.05.2025 at ICAR-CIFA, Bhubaneswar at 10.00 A.M. for 01 (one) no. of Young Professional-II, (YP-II) (purely on contractual basis) work under the ICAR Research Project "Genome Editing in Aquaculture" at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to ICAR-CIFA website: http://www.cifa.nic.in.
मुख्य जाँचकर्ता/Principal Investigator

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
NOTICE INVITING TENDER
T.No. TPWODL/AK/O/SER/ 2500000940 Date. 03.05.2025
TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :
RC For Meter Reading, Spot Billing, Colored Bill printing for Non SBM consumers and Bill Distribution at TPWODL.
Interested bidders are to submit Tender Participation Fee and Authorization Letter through email on or before 09th May 2025, 22:00Hrs., after which the link from e-Tender system shall be shared with them.
For detailed tender documents of the above-mentioned tender, please visit Tender section of www.tpwesternodisha.com. All details for participating in tender is given in the tender document.
All future correspondence regarding the tender, bid submission, date extension etc. will take place with the participating bidders only through E-Tender system.
Sd/- Head- Contracts & Procurement

# କ୍ଷତି ପୂରଣ ଦାବିରେ ରାସ୍ତାରୋକୋ


ସେରସୁଆଁତଲ ଛକରେ ରାସ୍ତାରୋକୋ କରାଯାଇଛି।

**ସମ୍ବଲପୁର,୨।୫(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ଶାସନ ଥାନା ଅଧିନସ୍ଥ ସେରସୁଆଁତଲ ଛକରେ ଗୁରୁବାର ସନ୍ଧ୍ୟାରେ ହୋଇଥିବା ସଡ଼କ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଶୁକ୍ରବାର ସକାଳେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ସକାଳ ୧୦ଟାରୁ ପୂର୍ବାହ୍ନ ୧୨ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଯୋଗୁ ଯାତାୟତ ବନ୍ଦ ରହିଥିଲା। ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। କୁକୁଡାପାଲି ରାଜସ୍ୱ ନିରୀକ୍ଷକ ସିମନ୍ତିନୀ ମହାନ୍ତୀ ଘଟଣା ସ୍ଥଳକୁ ଆସି ଲୋକଙ୍କ ସହ ଆଲୋଚନା କରିଥିଲେ। ଶେଷରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଶାସନ ଥାନା ପୋଲିସ ଘଟଣା ସ୍ଥଳରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲା। ସୂଚନାଯୋଗ୍ୟ, ପରମାଣପୁର ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବୋଲେରୋ ସେରସୁଆଁତଲ ଛକ ରାସ୍ତା କଡରେ ଠିଆ ହୋଇଥିବା ଲୋକଙ୍କ ଉପରେ ମଡେଇ ଦେଇଥିଲା। ଗୁରୁତରଙ୍କୁ ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସିକ୍ରାପାଲି ଗ୍ରାମର ଅକ୍ଷୟ ଚାନ୍ଦଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ୬ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଖୁଲିଆର ମୃତ୍ୟୁଞ୍ଜୟ ବାରିକଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଭିମସାରକୁ ସ୍ଥାନାନ୍ତର କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

**ସେରସୁଆଁତଲ ଛକରେ ହିଟ୍ ଆଣ୍ଡ ରନ୍: ଜଣେ ମୃତ,୬ ଗୁରୁତର**

इंडियन बैंक Indian Bank
इलाहाबाद ALLAHABAD
ଆଞ୍ଚଳିକ କାର୍ଯ୍ୟାଳୟ,
ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭
ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ରଣଦାତା ଭାବେ **ଇଣ୍ଡିଆନ ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହି ଶାଖାର ରଣଗ୍ରହୀତା/ଜାମିନ୍‌ଦାରଙ୍କ ବିରୁଦ୍ଧରେ ତାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

| ଜଗତସିଂହପୁର ଶାଖା<br>ରଣଗ୍ରହୀତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା ଏବଂ ରଣ ଆକାଉଣ୍ଟ ନଂ. | ରଣ ପରିମାଣ | ୨୪.୦୪.୨୦୨୫ ସୁଦ୍ଧା ବକେୟା ଦେୟ | ନୋଟିସ୍ ତାରିଖ/ ଏନ୍‌ପିଏ ତାରିଖ |
|---|---|---|---|
| **(୧) ମେସର୍ସ ଓରଚିଡ୍ ମାର୍ଟ (ରଣଗ୍ରହୀତା-ପାର୍ଟନରସିପ୍ ଫାର୍ମ)**, ସା: ସେଣ୍ଟ୍ରାଲ ମାର୍କେଟ, ପୋ./ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୦୩, **(୨)ଶ୍ରୀ ମହମ୍ମଦ ଜାମିଲ୍ (ମ୍ୟାନେଜିଂ ପାର୍ଟନର/ବନ୍ଧକଦାତା)**, ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର-୭୫୪୧୦୩, **(୩)ଶ୍ରୀ ସେଖ୍ ଆମିନସ୍ ସାଜ୍ଜିଦିନ୍,(ପାର୍ଟନର/ବନ୍ଧକଦାତା)**, ପିତା: ମହମ୍ମଦ ସେକ୍‌ୱାଜ୍, ଓହଳ, ଜଗତସିଂହପୁର-୭୫୪୧୦୩, **(୪)ଶ୍ରୀ ସେଖ୍ ମଜହର ଅଲୀ (ପାର୍ଟନର)**, ପିତା: ଶେଖ୍ ଅଥର ଅଲୀ, ଠିକଣା: ପିତେଇପୁର, ଜଗତସିଂହପୁର, ପିନ୍- ୭୫୪୧୦୬ ।<br>**ରଣ ଆକାଉଣ୍ଟ ନଂ.**ଓସିସି-୬୪୭୯୩୦୯୦୩୩, ଜିଇସିଏଲ୍‌ଏସ୍- ୭୩୦୭୦୩୧୭୮୧ । | ଓସିସି-<br>ଟ.୨,୨୫,୦୦,୦୦୦/-<br>ଜିଇସିଏଲ୍‌ଏସ୍-<br>ଟ.୨୬,୭୦,୦୦୦/- | ଓସିସି-<br>ଟ.୨,୩୬,୧୪,୩୩୩/-<br>ଜିଇସିଏଲ୍‌ଏସ୍-<br>ଟ.୧୨,୨୪,୭୬୭/-<br>ସମୁଦାୟ:<br>ଟ.୨,୪୮,୩୯,୧୦୦/- | ୨୪.୦୪.୨୦୨୫<br>/<br>୦୪.୦୪.୨୦୨୫ |

ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ

**ସମ୍ପତ୍ତି ନଂ.୧: ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୧୮୭/୨୦୮୬, ଖାତା ନଂ.୫୨୫/୭୮୪, ମୌଜା: ଦେଉଳିଗ୍ରାମେଶ୍ୱର, ଜଗତସିଂହପୁର, ଏରିଆ: ଏ୦.୬୦ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ନଂ.୧୫୬୮, ଦକ୍ଷିଣ- ରାସ୍ତା ଏବଂ ଉମେଶ ଚନ୍ଦ୍ର ପରିଡା, ପୂର୍ବ- ପ୍ଲଟ ନଂ.୧୮୭/୧୯୯୪ (ଦିପ୍ତିରାଣୀ କାନୁନ୍‌ଗୋ), ପଶ୍ଚିମ- ଗ୍ରାମ ରାସ୍ତା । **ସମ୍ପତ୍ତି ନଂ.୨: (କ)ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୪୯୫, ୪୯୬/୧୨୮୪, ଖାତା ନଂ.୨୫୮/୬୨୨, ଏରିଆ: ଏ୦.୦୪୫ ଡିସିମିଲି, ମୌଜା: ମାଧପୁର, ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର- ନିଜ ପ୍ଲଟ ନଂ.୪୯୬, ଦକ୍ଷିଣ- ରାସ୍ତା ଏବଂ ପ୍ଲଟ ନଂ.୪୯୪, ପୂର୍ବ- ପ୍ଲଟ ନଂ.୪୯୯, ପଶ୍ଚିମ- ପ୍ଲଟ ନଂ.୪୯୨, **(ଖ)ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୪୯୬, ଖାତା ନଂ.୨୫୮/୬୨୦, ଏରିଆ: ୦.୦୪୫ ଡିସିମିଲି, ମୌଜା: ମାଧପୁର, ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର-ଉତ୍ତର- ପ୍ଲଟ ନଂ.୪୯୭, ଦକ୍ଷିଣ- ପ୍ଲଟ ନଂ.୪୯୫, ୪୯୬/୧୨୮୪ (ମହମ୍ମଦ ଜାମିଲ୍), ପୂର୍ବ- ପ୍ଲଟ ନଂ.୪୯୯, ପଶ୍ଚିମ- ପ୍ଲଟ ନଂ.୪୯୨ । **ସମ୍ପତ୍ତି ନଂ.୩: ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୫୯୫, ଖାତା ନଂ.୨୩୧/୨୦୩, ମୌଜା: ଓହଳ, ଜଗତସିଂହପୁର, ଏରିଆ: ଏ୦.୦୪୦ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ଗୁରୁ ଚରଣ ବେହେରା, ଦକ୍ଷିଣ- ରାସ୍ତା, ପୂର୍ବ- ନିଲୋଫେରେ ଯାଜେଦିନ୍, ପଶ୍ଚିମ- ପ୍ଲଟ ନଂ.୧୨୦୯ । **ସମ୍ପତ୍ତି ନଂ.୪: ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୬୪୪/୪୪୯୨, ଖାତା ନଂ.୪୯୪/ ୧୪୩୫, ମୌଜା: ପାରଙ୍ଗ, ଅନୁଗୁଳ, ଏରିଆ: ଏ୦.୧୩ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ନିଜ ପ୍ଲଟ (ପ୍ଲଟ ନଂ.୬୪୩), ଦକ୍ଷିଣ- କନ୍ଦର୍ପ ସାହୁ, ପୂର୍ବ- ସିଉଳା ପାତ୍ର, ପଶ୍ଚିମ- ଦେବ ସିଂ । **ସମ୍ପତ୍ତି ନଂ.୫: ଶ୍ରୀ ସେଖ୍ ଆମିନସ୍ ସାଜ୍ଜିଦିନ୍** ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୫୯୬/୧୫୯୬, ଖାତା ନଂ.୨୩୧/୨୧୯, ମୌଜା: ଓହଳ, ଜଗତସିଂହପୁର, ଏରିଆ: ଏ୦.୦୮ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ଗୁରୁ ଚରଣ ବେହେରା, ଦକ୍ଷିଣ- ରାସ୍ତା, ପଶ୍ଚିମ- ସେଖ୍ ଆଇନୁଜ୍ ଯାଜେଦିନ୍, ପୂର୍ବ- ନିଲୋଫେରେ ଯାଜେଦିନ୍ ।

ଆପଣମାନେ, ଉପରୋକ୍ତ ରଣଗ୍ରହୀତା/ଜାମିନ୍‌ଦାରମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ରଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ରଣ ପରିଶୋଧର ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଉପର ଲିଖିତ ତାରିଖରେ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣ ସୁରକ୍ଷିତ ରଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଆପଣଙ୍କୁ ଜଣାଇ ଦିଆଯାଉଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ର ଧାରା ୧୩(୧୩) ନୀୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ୱା ଲିଜ୍ କିମ୍ୱା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ପଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ/ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ୱା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ ।

ସ୍ଥାନ- ଭୁବନେଶ୍ୱର, ତାରିଖ- ୦୨.୦୫.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ

# କାଠଘୋଡ଼ା

**ଅନୁବାଦ ଗଳ୍ପ**

ମୂଳ ଇଂରାଜୀ : ଡେଭିଡ ହର୍ବଟ ଲରେନ୍ସ
ଅନୁସୃଜନ : ଲଳିତ ମୋହନ ମିଶ୍ର



ଜଣେ ମହିଳାଙ୍କର କାହାଣୀ ଏମିତି ଯେ, ସେ ଅପାର ସୁନ୍ଦରୀ ଏବଂ ସାମର୍ଥ୍ୟବତୀ ; କିନ୍ତୁ ତାଙ୍କୁ ଭାଗ୍ୟ ସାଥ୍ ଦେଉ ନଥିଲା। ପ୍ରେମ ପାଇଁ ସେ ବିବାହ କରିଥିଲେ, କିନ୍ତୁ ସେ ପ୍ରେମ ଅସଲି ବଦଳରେ ନକଲି ହେଲା। ସେ ସୁସ୍ଥ ଏବଂ ସୁନ୍ଦର ସନ୍ତାନର ଜନନୀ ହେଲେ, କିନ୍ତୁ ସେ ଅନୁଭବ କରୁଥିଲେ ସନ୍ତାନ ତାଙ୍କ ପାଇଁ ଏକ ବୋଝ। ସେ ସନ୍ତାନ ପ୍ରତି ହୃଦୟରୁ ମମତା ଦେଇପାରିବେ ନାହିଁ। ଏପରିକି ପିଲାମାନଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ଥିଲା ଭିନ୍ନ।

ପିଲାମାନେ ନିଜ ମା'ଠାରୁ ସ୍ନେହ ଶ୍ରଦ୍ଧା ଭଲପାଇବାର ଅଭାବ ଅନୁଭବ କରି ପାରୁଥିଲେ। ଏଭଳି ପରିସ୍ଥିତିରେ ମହିଳା ଜଣକ ପିଲାମାନଙ୍କର ଅଭାବକୁ ଦୂର କରିବାକୁ ଚେଷ୍ଟା କରୁଥିଲେ, କିନ୍ତୁ ସେ ଜାଣି ପାରୁ ନଥିଲେ ଅଭାବର ବାସ୍ତବତା।

ସେ ପିଲାମାନଙ୍କ ପାଖରେ ରହି ଅନୁଭବ କରନ୍ତି, ତାଙ୍କ ହୃଦୟରେ କୌଣସି ଭାବନା ନାହିଁ। ଏହି କଥାଟି ତାଙ୍କୁ ବ୍ୟଥିତ କରେ। ପିଲାମାନଙ୍କର ଅସହଜତା ଅପେକ୍ଷା ତାଙ୍କୁ କେମିତି ସ୍ନେହରେ ବାନ୍ଧି ରଖିବେ ସେଥିପ୍ରତି ଦୃଷ୍ଟି ଦେଉଥିଲେ। ତାଙ୍କ ହୃଦୟରେ ଏକ ନିରନ୍ତର ଭାବନା ଆସୁଥିଲା, ତାଙ୍କର କଠିନ ହୃଦୟରେ ପିଲାଙ୍କ ପ୍ରତି କୌଣସି ଆକର୍ଷଣର ସ୍ଥାନ ନାହିଁ। ଏକଥା ସବୁ ମହିଳାଙ୍କର କି, ଏ ଅଜବ ଆଚରଣ ସମସ୍ତଙ୍କର କି, ସର୍ବଦା ମନକୁ ଆନ୍ଦୋଳିତ କରୁଥାଏ। ବାହାରେ ଦେଖୁଥିବା ଲୋକମାନେ କୁହନ୍ତି – ବାଃ! ବହୁତ ବଢ଼ିଆ ମାଆ। ପ୍ରକୃତ ବାସ୍ତବତା କ'ଣ... ତାହା କେବଳ ସେ ମା' ଓ ତାଙ୍କର ପିଲାମାନେ ଜାଣିଥିଲେ। ସତ କଥା ଏହା ଯେ, ମା' ଓ ପିଲାମାନେ ପରସ୍ପରର ଆଖିରେ ଏସବୁ ପଢ଼ିପାରୁଥିଲେ।

ମହିଳାଙ୍କର ଗୋଟିଏ ପୁଅ ଓ ଦୁଇଟି ଝିଅ। ସେମାନେ ଏକ ସୁନ୍ଦର ଘରେ ରହୁଥିଲେ। ସେଠି ଏକ ବଗିଚା ଥିଲା। ସେଥିରେ ଅନେକ ଚାକରବାକର। ପିଲାମାନେ ନିଜକୁ ପଡ଼ୋଶୀଙ୍କ ତୁଳନାରେ ଶ୍ରେଷ୍ଠ ମଣୁଥିଲେ। ସେମାନେ ଲୋକଦେଖାଣିଆ ଖୁସିରେ ଛାଣ୍ଟକାଣ୍ଟରେ ରହୁଥିଲେ, କିନ୍ତୁ ଘର ଭିତରର ବାତାବରଣ ଭାରି ଓଜନିଆ ଓଜନିଆ ଥିଲା। ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ନଥିଲା। ସେମାନଙ୍କର ଆୟ ଅଧିକ ନଥିଲା, ଯାହା ଫଳରେ ସେମାନଙ୍କର ସାମାଜିକ ସ୍ଥିତି କଷ୍ଟକର। ବାପା ସହରର ଏକ ଅଫିସରେ କାମ କରୁଥିଲେ। ଅଫିସରେ ପ୍ରଗତି ପାଇଁ ଅନେକ ସୁଯୋଗ ଥିଲେ ମଧ୍ୟ ସେ ଏହାର ସୁଫଳ ପାଇ ପାରୁ ନଥିଲେ। ଅର୍ଥକୁ ନେଇ ପରିବାରରେ ସଦାସର୍ବଦା ଅସନ୍ତୋଷ ଲାଗି ରହୁଥିଲା।

ଥରେ ସେ ମହିଳା ଜଣକ କହିଲେ– ହେଉ, ଏଥର ମୁଁ କିଛି କାମଧନ୍ଦା ଆରମ୍ଭ କରିବି। କିନ୍ତୁ ତାଙ୍କର କୌଣସି ଅଭିଜ୍ଞତା ଥିଲା ନା ଯୋଜନା। ବହୁତ ବୁଝି ବିଚାରି ଚିନ୍ତା କଲା ପରେ ସେ କାମରେ ହାତ ଦେଲେ, କିନ୍ତୁ ସେ ସେଥିରେ ଅସଫଳ ହେଲେ। ଅପରପକ୍ଷେ ବିଫଳତା ତାଙ୍କୁ ଅନେକ ଦୁଶ୍ଚିନ୍ତାରେ ପକାଇଦେଲା। ପିଲାମାନେ ବଡ଼ ହୋଇ ହୋଇ ଯାଉଥିଲେ। ପାଠପଢ଼ାରେ ବହୁତ ଅର୍ଥ ବ୍ୟୟ ହେଉଥିଲା। ଅର୍ଥର ଆବଶ୍ୟକତା ହେତୁ ଘରେ ପ୍ରାୟ ଅସନ୍ତୋଷ ବଢୁଥିଲା। ଏପରି ଭାବରେ ପରିବାର ପାଇଁ ସେହି ଘରଟି ଏକ ଅଭିଶପ୍ତ ଘର ପାଲଟିଗଲା। ଯେଉଁ ଘରୁ ସର୍ବଦା ଏକ ଅକଥନୀୟ ଶବ୍ଦ ପ୍ରତିଧ୍ୱନିତ ହେଉଥିଲା– ଟଙ୍କା ଦରକାର, ଟଙ୍କା... ଘରର ପିଲାମାନଙ୍କ ମନରେ ଏହି ଶବ୍ଦଟି ନିରନ୍ତର ଗୁଞ୍ଜରିତ ହେଉଥିଲା। ଯଦିଓ ଏ ବିଷୟରେ କିଏ କାହାକୁ କିଛି କହିବାର ନଥିଲା। ହୃଦୟକୁ ଅନୁରଣିତ କରୁଥିବା ଏହି ଶବ୍ଦ ଖ୍ରୀଷ୍ଟମାସ ସମୟରେ ମଧ୍ୟ ସେମାନେ ଶୁଣିବାକୁ ପାଇଲେ।

ଅନ୍ୟ ଘରେ ସେମାନଙ୍କର ମା'ବାପା ନାମୀଦାମୀ ଆକର୍ଷଣୀୟ ଖେଳନା ଆଣି ତାଙ୍କ ପିଲାମାନଙ୍କୁ ଦେଉଥିଲେ। ସେମାନଙ୍କ ଘର ଖେଳନାରେ ଭର୍ତ୍ତି ହୋଇ ଯାଉଥିଲା। ଅତି ସୁନ୍ଦର ଚମତ୍କାର ନୂଆ କରି ଝୁଲୁଥିଲା କଣ୍ଢେଇ 'କାଠର ଘୋଡ଼ା'। ଭଲ ଭାବରେ ସଜ୍ଜିତ ହୋଇଥିବା ସୁନ୍ଦର କଣ୍ଢେଇଘର, କ'ଣ ନଥିଲା ସେଠାରେ ଏବଂ ତା' ମଧ୍ୟରେ ଗୁଞ୍ଜରିତ ହେଉଥିଲା, ସମସ୍ତ ଆନନ୍ଦ ଉଲ୍ଲାସ କିନ୍ତୁ ହୃଦୟର କୋଣରେ ଅନୁରଣିତ ହେଉଥିଲା– ଟଙ୍କା ଦରକାର, ଟଙ୍କା...। ହୃଦୟର ଏହି ନୀରବ ଶବ୍ଦ ପିଲାମାନଙ୍କ ହସିବା ଖେଳିବା ହଠାତ୍ ବନ୍ଦ କରି ଦେଉଥିଲା। ସେମାନେ ନୀରବରେ ପରସ୍ପର ଆଖିର ଭାବ ଓ ଭାଷା ବୁଝି ପାରୁଥିଲେ। ସେମାନେ ଅନୁମାନ କରୁଥିଲେ ଆମରି ଭଳି ପ୍ରତ୍ୟେକ ପିଲା କ'ଣ ଏମିତି ଦଶା ଭୋଗୁଛନ୍ତି ? 'ଆମକୁ ଟଙ୍କା ଦରକାର'ର କାନ୍ଦ ସେମାନେ ଶୁଣିଛନ୍ତି କି ନାହିଁ। ପ୍ରତ୍ୟେକ ପିଲାଙ୍କ ମୁହଁକୁ ଦେଖି ଜାଣିଯାଆନ୍ତି ଯେ, ଏହି ଶବ୍ଦଟି ସମସ୍ତଙ୍କ ପାଖରେ ପହଞ୍ଚିଛି ?

ଟଙ୍କାର ଆବଶ୍ୟକତା ବୋଲି ନିରନ୍ତର ଜପମାନ ଅବସ୍ଥାରେ ଝୁଲୁଥିବା କାଠ ଘୋଡ଼ାଟି ବି ଶୁଣିଲା। ତା' ମନର ବେଗ ଭାଙ୍ଗି ଯାଉଥିଲେ ମଧ୍ୟ ଯିବାକୁ ହଁ କଲା। ହାତ ତିଆରି ସୁନ୍ଦର ହସୁଥିବା ଗୋଲାପୀ କଣ୍ଢେଇଟି ମଧ୍ୟ ସେହି ଶବ୍ଦକୁ ଶୁଣିଲା ଏବଂ ତା'ର ହସ ଗଭୀର ଏବଂ ଗମ୍ଭୀର ହେବାକୁ ଲାଗିଲା। ଏହା ସତ୍ତ୍ୱେ କେହି କାହାକୁ ଏ ବିଷୟରେ ଜଣାଇଲେ ନାହିଁ। ଏହି ଶବ୍ଦଟି ସର୍ବତ୍ର ଗୁଞ୍ଜରିତ ହେଉଥିଲା। ଯେମିତି ଆମେ ସମସ୍ତେ ନିରନ୍ତର ନିଃଶ୍ୱାସପ୍ରଶ୍ୱାସ ନେଉଛେ, କେହି କାହାକୁ ନିଃଶ୍ୱାସପ୍ରଶ୍ୱାସ ବିଷୟରେ କହିବାର ଆବଶ୍ୟକତା ପଡ଼େନାହିଁ। ଠିକ୍ ସେହିପରି 'ମୋତେ ଟଙ୍କା ଦରକାର' ଏ ବିଷୟରେ କାହାକୁ କହିବାର ଆବଶ୍ୟକତା ନଥିଲା।

ଗୋଟିଏ ଦିନ ପୁଅ ପଲ୍ ମା'ଙ୍କୁ କହିଲା, ''ଆମ ପାଖରେ ନିଜସ୍ୱ କାର୍ କାହିଁକି ନାହିଁ? ଆମେ ସବୁବେଳେ ଆଈ ମା'ଙ୍କ କାର୍ ନେଉଛେ, ନଚେତ୍ ଟ୍ୟାକ୍ସି ଡାକୁଛେ କାହିଁକି?'' କାରଣ ଆମ ପାଖରେ ଟଙ୍କା ନାହିଁ, ମା' ଉତ୍ତର ଦେଲେ। କିନ୍ତୁ କାହିଁକି? କାରଣ ତୁମ ବାପାଙ୍କ ଭାଗ୍ୟରେ ସେସବୁ ଲେଖା ନାହିଁ। ପଲ୍ ଗୋଟିଏ ମିନିଟ୍ ପାଇଁ ନୀରବ ରହିଲା, ତା'ପରେ ପୁଣି ପଚାରିଲା, ମା' ଭାଗ୍ୟର ଅର୍ଥ କ'ଣ ଟଙ୍କା କି?

ନାହିଁରେ ପୁଅ ସେମିତି ନୁହେଁ କିନ୍ତୁ ଅର୍ଥରୁ ଭାଗ୍ୟର ଉଦୟ, ଓଃ! ମା' ତେବେ ଭାଗ୍ୟ କ'ଣ ? ପଲ୍‌ର ପରବର୍ତ୍ତୀ ପ୍ରଶ୍ନ– ଯଦି ତୁମ କପାଳର ରେଖା ଅଙ୍କିତ କରୁଅଛି, ଅବା ତୁମ କର୍ମରେ ଲେଖାଅଛି, ତେବେ ତୁମ ପାଖକୁ ଆପେ ଆପେ ଅର୍ଥ ଆସିଯିବ। ଏଥିପାଇଁ ତ କୁହାଯାଏ ଧନବାନ୍ ହୋଇ ଜନ୍ମ ନେବା ଅପେକ୍ଷା ଭାଗ୍ୟବାନ୍ ହୋଇ ଜନ୍ମ ନେବା ଶ୍ରେୟସ୍କର। ମା' ପୁଅକୁ ବୁଝାଇଲେ। ପଲ୍ ଆହୁରି ଜିଜ୍ଞାସୁ ହୋଇଗଲା। ତା'ହେଲେ ତୁମର ଏବଂ ବାପାଙ୍କର ଦୁହିଁଙ୍କର ଭାଗ୍ୟ ଖରାପ?

ହଁ, ମହିଳା ଜଣକ ରାଗିକରି କହିଲେ, କିନ୍ତୁ ପଲ୍ ପାଖରେ ଏବେ ବି ଆହୁରି ପ୍ରଶ୍ନ– କାହିଁକି?

ମୁଁ ଜାଣେ ନାହିଁ କି କେହି ବି ଜାଣନ୍ତି ନାହିଁ ମନୁଷ୍ୟ ହତଭାଗା କାହିଁକି? ପ୍ରକୃତରେ, କେହି ଭାଗ୍ୟବାନ୍ ନୁହନ୍ତି? ଆଶ୍ଚର୍ଯ୍ୟ ହୋଇଗଲା ପଲ୍। ପଲ୍ ମା'ଙ୍କ ମୁଖମଣ୍ଡଳରୁ ତାତ୍ତ୍ୱିକ ପାଠ ବୁଝିବାକୁ ଚେଷ୍ଟା କଲା। ଯାହା କହିଲେ ସେଥିରେ ସତ୍ୟ କେତେ? ଆଚ୍ଛା ସେ କଥାକୁ ଛାଡ଼ିଦିଅ। ପଲ୍ ଦୃଢ଼ ସ୍ୱରରେ କହିଲା, ମୁଁ ଜଣେ କର୍ମବାନ ଭାଗ୍ୟବାନ ମନୁଷ୍ୟ। ମା' ହସି ହସି କହିଲେ, କେମିତି ? ପଲ୍ କେବଳ ମା'ଙ୍କ ମୁହଁକୁ ଚାହିଁ ରହିଲା। ସେ ନିଜେ ଜାଣି ନଥିଲେ କିପରି ସେ ଏହା କହିଲେ। ତଥାପି ସେ ଟିକିଏ କ୍ଷୁବ୍ଧ ହୋଇ କହିଲେ, ଭଗବାନ ମୋତେ ଜନ୍ମ ଦେଇଛନ୍ତି।

ଆପଣ ନିଶ୍ଚୟ ମୋତେ କହିଥିଲେ। ମହିଳା ଜଣକ ହସି ହସି କହିଲେ, କିନ୍ତୁ ସେ ଯଥାର୍ଥ କଥା କହୁଥିବା ବେଳେ ତାଙ୍କ ସ୍ୱରରେ ସାମାନ୍ୟ କଟୁତା ଆସିଯାଇଥିଲା।

ମୁଁ ତୁମକୁ ସତ କହୁଛି ମା'। ପଲ୍ ଅନୁଭବ କଲା ମା' ତା' କଥାକୁ ବିଶ୍ୱାସ କରୁନାହାନ୍ତି। ସେ ନିଶ୍ଚିତ କଲା ମା' ଯେପରି ତା' କଥା ପ୍ରତି ଦୃଷ୍ଟି ଦେବେ। ସେ ମଧ୍ୟ ସେଠାରୁ ଚାଲିଗଲେ ଏବଂ ନିଜ ଭାଗ୍ୟର ପ୍ରମାଣ ଦେବା ପାଇଁ ସଂକଳ୍ପିତ ହେଲେ। ପଲ୍ ତାଙ୍କ ଭାଗ୍ୟର ସଙ୍କେତ ଖୋଜିବାକୁ ଲାଗିଲା। ଏବେ ସେ ସର୍ବଦା ଚାହୁଁଥିଲା ଭାଗ୍ୟ ଦରକାର... ଭାଗ୍ୟ...।

ମୋ: ୯୪୩୭୯୮୫୮୬୬

## ପୁସ୍ତକ ପରିଚୟ

### ପବନର ଦେହ



**କବି:** ସେନାପତି ପ୍ରଦ୍ୟୁମ୍ନ କେଶରୀ
**ପ୍ରକାଶକ:** ଟାଇମ୍‌ପାସ୍, ବରମୁଣ୍ଡା, ଭୁବନେଶ୍ୱର–୩
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୯୫/–

ଆଲୋଚ୍ୟ କବିତା ସଂକଳନରେ ମୋଟ ୪୫ଟି କବିତା ପତ୍ରସ୍ଥ। ପ୍ରତ୍ୟେକଟି କବିତାରେ କବିଙ୍କର ଏକ ନିଜସ୍ୱ ବିନ୍ଧାଣିପଣ ବାରିହୁଏ। ସାଧାରଣରୁ ସାଧାରଣ ଅନୁଭୂତିଠୁଁ ଆରମ୍ଭ କରି ଅସାଧାରଣ ଅନୁଭବଯାଏଁ– ସବୁକୁ ସେ କବିତା କରିଦିଅନ୍ତି। ଏକ ଅବିଚ୍ଛିନ୍ନ ପ୍ରବହମାନତା ରହିଥାଏ ତାଙ୍କର ପ୍ରାୟ କବିତାରେ। କେତୋଟି ଦୃଷ୍ଟାନ୍ତ ଆମେ ନେଇପାରିବା– ୧. ''ବର୍ଷାରାତିରେ ଥରିଥରି କୁକୁରଟିଏ ଆସି/ ଦୁଆରେ ବହୁତ ବେଳଯାଏ ବସେ,/ ବସିବସି ପୁଣି ଫେରିଯାଏ।/ କେଜାଣି କାହିଁକି ନିଶାଡ଼ି ପରି/ ପବନ ଅଭଦ୍ରାମି କରେ ବର୍ଷାରାତିରେ/ ଦେହର ଥାନ ଅଥାନରେ ମୁହଁ ପୂରାଏ! x x ବାହାର ଅନ୍ଧାରଠାରୁ/ ଭିତର ଅନ୍ଧାର ଆହୁରି ବେଶୀ ଭୟଙ୍କର ଦିଶେ!/ ଥରେ ଥରେ ବର୍ଷାରାତିରେ/ ଝରକା, କାନ୍ଥ, କବାଟ କେହି ନ ଥାନ୍ତି/ ନିଜ ନିଜ ଜାଗାରେ।'' (ବର୍ଷାରାତିରେ, ପୃ:୧), ୨. ''ଧାନବିଲରେ/ ଟହଲୁଥିବା ପବନ/ ବିଲହିଡ଼ରେ ବସି/ ଢୁଳୋଉଥିବା ଜହ୍ନରାତି/ ଭଲପାଇବା ବଦଳରେ/ କେବେ ବନ୍ଧକ ରଖେନା/ କାହା ମନର ଖୁସି।/ ଖରାତରାଙ୍କୁ ବୋଧ ଦେଉଦେଉ/ ବୁଢ଼ା ହେଲାଣି ପାହାଡ଼/ ତଥାପି ତା' ପଥର ଚଟାଣରେ/ କେତେ ସ୍ୱପ୍ନ ବିଛାଡ଼ି ହୋଇ ପଡ଼ିଛି/ ବେଳେବେଳେ ଇଚ୍ଛା ହେଉଛି/ ଏ ନଈବାଲିରେ/ ଜାଣିଜାଣି ହଜେଇ ଦେବାକୁ/ ହାତମୁଦି।'' (ହାତମୁଦି, ପୃ:୬୫)। ପ୍ରଥମ ଉଦ୍ଧୃତିର ପ୍ରଥମାଂଶ 'ବର୍ଷାରାତିରେ... ମୁହଁପୂରାଏ'ରେ ସ୍ଥୂଳ ଜାଗତିକତା, ଯାହା ସମସ୍ତଙ୍କ ଆଖିକୁ ଦିଶେ। ମାତ୍ର ଏହାର ଦ୍ୱିତୀୟାଂଶ 'ବାହାର ଅନ୍ଧାରଠାରୁ... ନିଜନିଜ ଜାଗାରେ' ନିହିତ ସୂକ୍ଷ୍ମତା ଯାହା କେବଳ କବି–ଆଖିକୁ ଦିଶେ। ସେହିପରି ଦ୍ୱିତୀୟ ଉଦ୍ଧୃତିର ପ୍ରଥମାଂଶ 'ଧାନବିଲରେ... ବୁଢ଼ା ହେଲାଣି ପାହାଡ଼' ହେଉଛି ଅଲଗା ବାଗରେ ପ୍ରକୃତିର ଚିତ୍ର, ମାତ୍ର ଦ୍ୱିତୀୟାଂଶ 'ବେଳେବେଳେ... ହାତମୁଦି' ହେଉଛି ଅସଲ କବିତା, ଯାହାକୁ ଶବ୍ଦଙ୍କର ଘଟାଟୋପ ଭିତରୁ ଅତି ଯତ୍ନରେ ଆବିଷ୍କାର କରନ୍ତି କବି। ପ୍ରଦ୍ୟୁମ୍ନଙ୍କର ଏହି କବିତାଗ୍ରନ୍ଥ ଏହିପରି ଅନେକ ଉଚ୍ଚାଙ୍ଗ କବିତାରେ ନିଟୋଳ। ଆଶା, ପୁସ୍ତକଟି ଓଡ଼ିଆ ପାଠିକାପାଠକଙ୍କୁ ନାନାଭାବେ ପ୍ରବୋଧିତ କରିବ।

### ଚିତ୍ରମୟ ପିଲାଦିନ



**ଲେଖିକା:** ମନୋରମା ବିଶ୍ୱାଳ ମହାପାତ୍ର
**ପ୍ରକାଶକ:** ବନଫୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର–୧୦
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୧୦/–

ଆଲୋଚ୍ୟ ଗ୍ରନ୍ଥଟି ଏକ ଆତ୍ମଜୀବନୀ ଗ୍ରନ୍ଥ, ଯଦିଓ କେବଳ ପିଲାଦିନକୁ ନେଇ। ବହିଟିର ଆରମ୍ଭ–ମଲାଟର କାନିସୀରେ ଡ. ପ୍ରସନ୍ନ ମିଶ୍ର ଲେଖିଛନ୍ତି: ''ସମସାମୟିକ କଳାକ୍ଷେତ୍ରରେ ପୁରୁଣା ସମ୍ପର୍କର ସେତୁ ଭାଙ୍ଗିପଡ଼ିବାର ଶବ୍ଦ ଶୁଣାଯାଉଥିବାବେଳେ ମନୋରମାଙ୍କ କବିତାରେ ସେସବୁ ମଙ୍ଗଳସୂତ୍ର ବା ଗଣ୍ଠିଆଳ ଭଳି ସୁରକ୍ଷିତ। ବାପ, ମାଆ, ପୁଅଝିଅ ଆଦି ସମ୍ପର୍କଗୁଡ଼ିକୁ ମନୋରମା ନୂଆକରି ଜୀବନ୍ୟାସ ଦେଇଛନ୍ତି। ଧରିରଖିବାର ସୂତ୍ର ହେଉଛି ଆବେଗ, ଯାହା ମନୋରମାଙ୍କ ହୃଦୟରେ ଏତେ ବେଶୀ ଗଚ୍ଛିତ ଅଛି ଯେ ଆଜୀବନ ଶେଷ ହେବନି।'' ବହିଟି ପୁଣି ସମର୍ପିତ ପ୍ରିୟ ଗାଁ 'ଜଗାଇ'କୁ। ମୋଟ ୨୦ଟି ପରିଚ୍ଛେଦ ବହିରେ। ଏଥିରେ ତୃତୀୟ ଶ୍ରେଣୀର ସହପାଠୀ ସାବିତ୍ରୀ ରଣା, ହିରାମଣିଠୁଁ ଆରମ୍ଭ କରି ପୋଖରୀଆଡ଼ିର ଗଇଁଶ ଫୁଲ, ବାପାଙ୍କ ହାରମୋନିୟମ, କ୍ଷୀରପା, ମାମୁଘର ଗାଁ, ଭୂତଗପର ସଞ୍ଜ, ପ୍ରଥମ ଗୀତ ଶିଖିବା, ମୀନାବଜାରରେ ପ୍ରଥମ କବିତା ପ୍ରକାଶ, ଭଦ୍ରକର ଗୋପୀନାଥ ପ୍ରେସ୍, ସାନଭାଇ, କବି ବିଦ୍ୟୁତ୍‌ପ୍ରଭା, ପ୍ରଥମ ଅଭିନୟ ଓ ଦୂର ପାହାଡ଼ ନାଟକ ଏବଂ ପ୍ରିୟ ବାନ୍ଧବୀ ସାଳନ୍ଦୀ ଆଦି ପାଇଁ ସୁରକ୍ଷିତ ଥାଏ ଲୋଟିପଡ଼ିବାର ଜାଗା। ଭଦ୍ରକରେ ଦିଅର ଅଧ୍ୟାପକ ସନାତନ ମହାନ୍ତିଙ୍କ ଘରେ ବିଦ୍ୟୁତ୍‌ପ୍ରଭାଙ୍କ ସହ ସାକ୍ଷାତ୍‌ର କଥା ଉଲ୍ଲେଖ କରି ମନୋରମା କହନ୍ତି– ଏଡ଼େ ବଡ଼ କବି ହୋଇ ବି କିପରି ସେ ସରଳ ଏବଂ ମତ ରଖନ୍ତି ଯେ, 'ବର୍ତ୍ତମାନ ସମୟରେ ଏପରି ଭଲ ମଣିଷ କଥା କଳ୍ପନା କରାଯାଇପାରେନା।' ସାଳନ୍ଦୀ ନଈ ସମ୍ପର୍କରେ ନିଜର ଅନୁଭୂତି ବଖାଣିବାକୁ ଯାଇ ଲେଖିକା କହନ୍ତି: ''ସାଳନ୍ଦୀ କ'ଣ ମାତୃସତ୍ତା/ ଯାହା ପାଖରେ ଘଡ଼ିଏ ବସିଲେ ସବୁ ଦୁଃଖ ଅପସରିଯାଏ। ଶୀତଳ ପବନର ପଣତ କାନିରେ ବିଷାଦର ସ୍ୱେଦବିନ୍ଦୁ ପୋଛି ହୋଇଯାଏ। x x ସାଳନ୍ଦୀ ତ ମାଆ ପରି।'' (ପ୍ରିୟ ବାନ୍ଧବୀ ସାଳନ୍ଦୀ: ପୃ:୭୭)। ସମଗ୍ର ବହିଟି କୁଳୁକୁଳୁ ହୋଇ ବହିଯାଉଥିବା ଏକ ଝରଣା ପରି ମୂଳରୁ ଶେଷଯାଏ ଗୀତିମୟ। ଦୂରଦୂର ସ୍ମୃତିର ରୋମନ୍ଥନ ବହିଟିର ପ୍ରତି ପୃଷ୍ଠାକୁ କରିଛି ଏକ ଏକ ଅସରା ଉତ୍ସବ।

## କବିତା

### ଜୀବନ

**ଅଖିଳ କୁମାର ମିଶ୍ର**

ସାଙ୍ଗଟିଏ ସମୟେ ସମୟେ ପ୍ରଶ୍ନଟିଏ ପଚାରେ–
ଜୀବନରେ ଶେଷ କ'ଣ ? ମୃତ୍ୟୁ ତ ଜଣା ଭଲକି/
ଆଉ କ'ଣ ଏମିତି ଅଛି ଯାହା ସୂଚାଇଦିଏ
ଜୀବନଟା ସରିଗଲା ବୋଲି।

ନିରବ ଆତତାୟୀ ପରି ବିତୁଥିବା
ଦିବାରାତ୍ରର ଭେଳିକି– ଚାରିଦିନର ଏ ଯାତ୍ରା
ବାସ୍ ଦେଖୁ ଦେଖୁ ସରିଯିବ।

ବନ୍ଧୁ ମତେ ନୈରାଶ୍ୟବାଦୀ କହନ୍ତି–
ମନ ମଉଜକୁ ନେଇ ବଞ୍ଚିବାର ଚଲାପାତ୍ରରେ ଢାଳନ୍ତି
କହନ୍ତି ସେ, ଡରାଅନି ପରିଣତିକୁ ବର୍ଣ୍ଣନା କରି,
ହଜାର ଭୁଲ୍‌କୁ କହିଦେଇ ହଇରାଣ କରନାହିଁ।

ଏତେ ବଡ଼ ବି ନୁହ ଜୀବନ,
ଯେ ଚାଲୁଥିବ ଚାଲୁଥିବ ସରୁ ନ ଥିବ କେବେ–
ଏତେ ସହଜ ବି ନୁହ ସେ, ଦେଖୁ ଦେଖୁ
ଚିହ୍ନା ପରିଚୟ ହେଇଯିବ।

ଏ ଜୀବନ କଟେନା,
ଖାଲି ଅଭିମାନରେ, ସତମିଛରେ,
ଲାଳସା କି ଈର୍ଷାରେ।

ଅବସର ସମୟ ନେଇ ଥରେ ବାହାରି ଆସ,
ମନଖୋଲା ଗପିବା। ଜୀବନରେ,
ଖୋଲା ଆକାଶ ତଳେ।

ମୋ: ୭୯୭୮୩୬୬୭୬୦

### ବାଟହୁଡ଼ା ଋତୁର କବିତା ଲେଖା

**ସୁରେଖା ମହାପାତ୍ର**

ଚନ୍ଦ୍ରିକା ବଣରେ
ଆଜି ହାତୀ ପ୍ରଜାପତିର
ପ୍ରେମରେ ପାଗଳ ସାଜିଛି!
ଅମାବାସ୍ୟା ରାତିରେ
ଜହ୍ନ ଖୋଜି ଖୋଜି
ଗଛ, ଲତା, ବିଲ, ବଣ, ମଣିଷ ସବୁକୁ
ପାଦ ତଳେ ମକଚି ଦେଇଛି।

ପ୍ରଜାପତି ତା'ପ୍ରେମର ଦର୍ପକୁ,
ହାତୀର ସଂହାରରେ ତଉଲୁଛି
ନିଜକୁ ସତୀ ଆଉ ହାତୀକୁ ଶିବ ଭାବୁଛି।
ଏ ଜନ୍ମରେ ସେମାନେ ରୂପ ବଦଳେଇ
ପୃଥିବୀକୁ ଆସିଛନ୍ତି।

ଧେତ୍ ପ୍ରେମକୁ କ'ଣ ମନ ଆଉ ଅନ୍ତରରେ
ସବୁଦିନ ବାନ୍ଧି ହେବ!
ମନର କିଛି ଅବାସ୍ତବ କଳ୍ପନାକୁ ବି
କଲେବଲେ କଉଶଳେ
ରୂପରେଖ ଦେବାକୁ ହିଁ ହେବ।

ପ୍ରଜାପତି ଜାଣେ ଏ ପୃଥିବୀରେ
ପ୍ରେମ ଖାଲି ଗୋଟେ ବାଜି!
ଜୀବନର ଏକ ଇଚ୍ଛାକୃତ ଚିଠା!

ମୋ: ୯୯୩୭୦୧୧୦୬୬

### ନୂଆ ଆକାଶର ସନ୍ଧାନେ

**ଚିନ୍ମୟୀ ପଣ୍ଡା**

ସବୁ ନୂଆନୂଆ ଲାଗେ, ଯେବେ ତୁ ହସୁ
ସବୁକିଛି ଅଲଗା ଲାଗେ ଯେବେ ତୁ ହସୁ।

ଭାରି ଲାଗୁଥିବା ମନକୁ
ଆ' ଲଦି ଦେ ମୋ' କାନ୍ଧରେ।
ଅଟକି ରହିଛି ଛାତିଏ କୋହ,
ଖାଲି କରିଦେ ମୋ' କାନିରେ।
ମୋ' ପଣତରେ କୁହୁକ
ମହମହ ସ୍ୱପ୍ନର ମହକ
ଭାସିଯା' ଏଇ ରଙ୍ଗରେ,
ବୁଡ଼ିଯା' ଏଇ ରୂପରେ,
ଦୁନିଆ ବୁଡ଼ିଥାଉ ତା'ର ଅନ୍ଧାରରେ।

ଆ... ଆ... ମୋ' ଧନ ଆ...
ଲୁଚିଯା ଲୁଚିଯା ମୋ' କାନିରେ,
ଯେମିତି ପ୍ରଖର ଝରଣାର ସ୍ୱର ଲୁଚିଯାଏ,
ନଦୀ, ପାହାଡ଼, ଜଙ୍ଗଲ ହଜିଯାଏ
ତୁ ବି ହଜି ଯା' ସେମିତି ସେହି ଜଙ୍ଗଲରେ।

ନା... ନା... ନା... ତୁ ଦେଖିନା
ନେସି ହୋଇଯାଉଥିବା ଧୂସର ଆକାଶକୁ
ପିଇ ଯାଉଥିବା ଲୁହକୁ
ବେଘର ହେଉଥିବା ହାତୀର କାନ୍ଦକୁ
ତେଲିଆ ପାଣିରେ ଆକ୍ରାମାକ୍ରା ତିମିକୁ
ବନ୍ଦ... ବନ୍ଦ... ବନ୍ଦ କରିଦେ କାନ
ଶୁଣିବାକୁ ଚେଷ୍ଟା କରନା,
ବଂଶ ବୁଡ଼ିବା ବେଳେ ଅଭିଶାପ
ଦେଉଥିବା ସେ ପକ୍ଷୀକୁ
ଲୋପ ପାଇ ଆସୁଥିବା
ଶେଷ ଗଛର ବିକଳ ରାଗିଣୀକୁ।

ଯାଉ... ଯାଉ... ଯାଉ
ସବୁ ମରିହଜି ଯାଉ ନିଆଁଗିଳା ଚୁଲିକୁ ଯାଉ
ତୁ ହଜି ଯା', ଭିଜି ଯା', ଶୋଇ ଯା'
ମୋ' କୋଳରେ, ମୋ' କାନ୍ଧରେ,
ମୋ' ରଙ୍ଗରେ, ମୋ' ରୂପରେ।

ମୋ' ରଙ୍ଗବୋଳା ଓଠରେ,
ମୋ' ମିଛିମିଛିକା ପ୍ରେମରେ।
ଆ... ଧନ ଆ...

ମୋ: ୯୮୬୧୧୯୧୯୬୯

### ଦୁଇଟି ଏକପଦୀ

**ଜଗଦୀଶ ସାହୁ**

**ଭୋକ**

ପେଟ ନୁହେଁ ମନର
ବାର ବାର ଖାଇବା ପରେ ବି
ଭୋକ ମରେନା
ବଢୁଥାଏ ନଈବଢ଼ି ପରି
ସମୟ ସୁଅରେ ଚରିତ୍ରକୁ
ମାରୁଥାଏ ବୁଡ଼ାଇ ବୁଡ଼ାଇ!

**ନିଆଁ**

ଚୁଲି, ଗ୍ୟାସ୍, ଆଞ୍ଚ ନିଆଁଠାରୁ
ଭୟଙ୍କର ଏ ନିଆଁ
ଥରେ ଜଳିଲେ ସହଜରେ ଲିଭେନା
ଯାହାର ଅନ୍ୟ ନାମ କାମନା!

ମୋ: ୯୦୭୮୧୮୫୬୧୬

## କାଳକାଳକୁ



**''ନୀରୋ ଇତିହାସର ଏକ ସମ୍ରାଟ୍ ନୁହନ୍ତି, ଆଜିର ଗଣତନ୍ତ୍ରରେ ବି ବହୁଲୋକ ଅଛନ୍ତି ଯେଉଁମାନେ 'ନୀରୋ' ଆପାଦମସ୍ତକ।''**
**– ଚନ୍ଦ୍ରନାଥ ମିଶ୍ର 'ଅମର'**

**ଚନ୍ଦ୍ରନାଥ ମିଶ୍ର 'ଅମର'**ଙ୍କ ଜନ୍ମ ମିଥିଳାରେ ୨ ମାର୍ଚ୍ଚ ୧୯୨୫ରେ ଓ ପରଲୋକ ୧ ଏପ୍ରିଲ ୨୦୨୧ରେ, ୯୬ ବର୍ଷ ବୟସରେ। ସେ ଏକାଧାରରେ କବି, ଔପନ୍ୟାସିକ, କଥାକାର ଓ ଅଭିନେତା। ତାଙ୍କର ବହୁପଠିତ କବିତାଗ୍ରନ୍ଥ ମଧ୍ୟରୁ କେତୋଟି ହେଉଛି– 'ଯୁଗଚକ୍ର' (୧୯୫୨), 'ଋତୁପ୍ରିୟା' (୧୯୬୩) ଓ 'ଆଶା–ଦିଶା' (୧୯୭୫)। ମୈଥିଳୀ ସାହିତ୍ୟକୁ ସ୍ମରଣୀୟ ଅବଦାନ ପାଇଁ ବହୁ ପୁରସ୍କାର ଓ ସମ୍ମାନ ସହିତ ତାଙ୍କୁ ମିଳିଛି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର (୧୯୮୩) ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ଫେଲୋଶିପ୍ (୨୦୧୦)। ୧୯୬୪ରେ ମୁକ୍ତିଲାଭ କରିଥିବା ପ୍ରଥମ ମୈଥିଳୀ ଚଳଚ୍ଚିତ୍ର 'କନ୍ୟାଦାନ'ର ସେ ଥିଲେ ସଂଳାପ–ଲେଖକ ଓ ଅଭିନେତା। ୧୯୪୩ରେ ଦରଭଙ୍ଗାରେ ପ୍ରତିଷ୍ଠିତ 'ନବରତ୍ନ ଗୋଷ୍ଠୀ'ର ସେ ଥିଲେ ପ୍ରତିଷ୍ଠାତା ସମ୍ପାଦକ।

# କାଳିଜାଇରେ

**ଆଭାସ ଗଳ୍ପ**

ଜ୍ୟୋତ୍ସ୍ନାରାଣୀ ପଣ୍ଡା



ଘାଲିକୋଟ ପାଖରେ ଅନେକ ସମୟ ରହିଲି, କିନ୍ତୁ କାଳିଜାଇ ଯିବା ସୁଯୋଗ ପାଇ ନ ଥିଲି। ଥରେ ଜଣେ ସାହିତ୍ୟିକା ପ୍ରୋଗ୍ରାମ କଲେ। କେତେଜଣ ମିଶିକି ଗଲୁ। ବାଲୁଗାଁଠୁ କାଳିଜାଇ ପର୍ଯ୍ୟନ୍ତ ନାଆରେ ଗଲୁ। ଗଲାବେଳେ ଚିଲିକାର ଅପରୂପ ସୌନ୍ଦର୍ଯ୍ୟ ଭାରି ଭଲ ଲାଗୁଥାଏ। ରବିବାର ହୋଇଥିବାରୁ ଅନେକ ଛାତ୍ରୀଛାତ୍ର ଓ ପରିବାର ପିକ୍‌ନିକ୍ ପାଇଁ ଆସିଥାନ୍ତି। ନାନା ପ୍ରକାର ଦୋକାନ ବଜାର ବସିଥାଏ। ପାହାଡ଼ ଉପରେ ଠିଆହୋଇ ମୁଁ ଏକଲୟରେ ଚିଲିକାକୁ ଚାହିଁ ରହିଥାଏ। ସୁନୀଳ ଜଳରାଶି ମଝିରେ ପାହାଡ଼, କେଉଟ ମାଛଧରା ଡଙ୍ଗା ନେଇ ଯାଉଥିବା ଦୃଶ୍ୟ, ଯାତ୍ରୀ ଯିବାଆସିବା ପାଲଟଣା ନୌକାର ଦୃଶ୍ୟ ଅତ୍ୟନ୍ତ ସୁନ୍ଦର ଦିଶୁଥାଏ। କିନ୍ତୁ କାହିଁକି କେଜାଣି ମୋ' ମନଟା ଉଦାସ ଉଦାସ ଲାଗୁଥାଏ। ସତେ ଯେମିତି କ'ଣ ହଜିଯାଇଛି। ଏମିତି ଭାରାକ୍ରାନ୍ତ ମନନେଇ ବ୍ରହ୍ମପୁର ଫେରିଲି।

ତା'ପରଦିନ ଜଣେ ସ୍ୱେଚ୍ଛାସେବୀ ଭଉଣୀ ଆସି ନିମନ୍ତ୍ରଣ କଲେ। ଆମ ସଂସ୍ଥା ତରଫରୁ ନାଟକଟିଏ ମଞ୍ଚସ୍ଥ କରୁଛୁ, ଆପଣ ନିଶ୍ଚୟ ଆସିବେ। ମୁଁ ପହଞ୍ଚିଲା ବେଳକୁ ନାଟକ ଆରମ୍ଭ ହୋଇଯାଇଥିଲା। କାଳିଜାଈର ମାଆ ଭୂମିକାରେ ଯେଉଁ ଭଉଣୀ ଜଣକ ଅଭିନୟ କରୁଥାନ୍ତି ଅତି ଚମତ୍କାର ହୃଦୟସ୍ପର୍ଶୀ ଅଭିନୟ। କାନ୍ଦି କାନ୍ଦି ଭୂଇଁରେ ଲୋଟୁ ଥାଆନ୍ତି। ଚେତା ହରେଇ ପଡୁ ଥାଆନ୍ତି। ପାଖରେ ଠିଆ ହୋଇଥାନ୍ତି ଜାଈର ବାପା। ମା' କହୁଥାନ୍ତି, ଜାଈ! ମୋ' ଧନ ଲୋ... କୁଆଡ଼େ ହଜିଗଲୁ ଲୋ ମୋ' ମାଆ! ମୁଁ ତୋ' ପାଇଁ ସବୁ ରାନ୍ଧି ଦେଇଛି। ସଜ ପଖାଳ, ବାରି ଶାଗ ଖରଡ଼ା, ଆଳୁ ପୋଡ଼ା, ବଡ଼ିଚୂରା, ବସାଦହି, ସବୁ ରଖିଛି। ତୋ' ବାପା ତୋ' ପାଇଁ ନାଲି ଛିଟ କପ୍ତାଟା ବାଲୁଗାଁ ହାଟରୁ ପରା ଆଣିଛନ୍ତି। ଗାଧୋଇ ଆସିଛୁ। ବାଳରୁ ପାଣି ନିଗିଡ଼ି ପଡୁଛି। ଆଲୋ ପାଗଳୀ! ଥଣ୍ଡା କାଶ ଧରିବ। ଆ' ତୋ ମୁଣ୍ଡଟା ପୋଛିଦେବି। ପାଣି ବୋହି ପଡୁଛି। ଏମିତି କେତେ କ'ଣ କହୁଥାଆନ୍ତି।

ତା'ପରେ ଚେତା ହରେଇଲେ। ଚେତା ପାଇ ପୁଣି କହୁଥାନ୍ତି– ତୋ' ବାପାଙ୍କୁ କେତେ ନେହୁରା ହେଲି ସେ ଚିଲିକା ମଝିରେ ସାତ ତାଳ ପାଣିରେ ମୋ' ପିଲାକୁ ଦିଅନି ବୋଲି, ହେଲେ ସିଏ କ'ଣ ମୋ' କଥା ଶୁଣିଲେ! ପିଠି କରି ଗଲୁ ଯେ, ଆଉ ଲେଉଟିଲୁନି। ଲୋକ କହୁଛନ୍ତି ତୁ କାଳେ ଦେବୀ ହେଇଯାଇଛୁ। (ଜୋର୍‌ରେ ହସିଲେ) ତା'ପରେ ପୁଣି କାନ୍ଦି କାନ୍ଦି କହିଲେ– ତୁ ତ ମୋ' ବାୟାଣିଟା। ତୁ କି ଦେବୀ ହେଇଚୁ ବା! ଆ ଆ ତୋ' ମୁଣ୍ଡ କୁଣ୍ଡେଇ ଦେବି। ତିଅଣ ଶାଗ ସବୁ ଥଣ୍ଡା ହେଇଗଲାଣି। ଆଲୋ ଜାଈ... ଜାଈ ଲୋ, କହି କହି ମୂର୍ଚ୍ଛା ହୋଇଗଲେ ସେ। ଯବନିକା ପଡ଼ିଲା।

ମୁଁ ଘରକୁ ଫେରିଲି। ମୋ' ଉଦାସୀନତାର କାରଣଟା ମୁଁ ବୁଝିଗଲି।

ମୋ: ୯୩୩୭୬୨୨୦୯୮

## ସଂକ୍ଷେପରେ

### ନାବାଳିକା ପୀଡ଼ିତାଙ୍କୁ ଗଣବଳାତ୍କାର

**ଡେପୁଟି ଜେଲରଙ୍କ ନାଁରେ ଅପହରଣ ମାମଲା**

ଭୋପାଳ,୨।୫

ମଧ୍ୟପ୍ରଦେଶର ଶାହଡୋଲ ଜିଲାରେ ଜଣେ ୧୭ ବର୍ଷୀୟାଙ୍କୁ ୪ ଜଣ ୨ ଦିନ ଧରି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କୁ ଅପହରଣକରି ଆଣି ଜଣେ ଡେପୁଟି ଜେଲର ତାଙ୍କୁ ଏକ ହୋଟେଲ ରୁମ୍‌ରେ ରଖିଥିଲେ। ପୋଲିସ ଡେପୁଟି ଜେଲରଙ୍କ ନାଁରେ ଅପହରଣ ମାମଲା ରୁଜୁ କରିବା ସହ କେତେଜଣଙ୍କୁ ଗିରଫ କରିଛି। ନାବାଳିକା ଜଣକ ଗତ ୨୯ ତାରିଖରେ ନିଖୋଜ ହୋଇଥିବା ଅଭିଯୋଗ ହୋଇଥିଲା। ମାଆଙ୍କ ଅଭିଯୋଗକ୍ରମେ ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଶାହଡୋଲ ଜିଲାର ଏକ ହୋଟେଲର ବନ୍ଦ କୋଠରିରୁ ପୀଡ଼ିତାଙ୍କୁ ଠାବ କରାଯାଇଥିଲା। ପୀଡ଼ିତାଙ୍କ କହିବା ଅନୁଯାୟୀ, ଗତ ୨୯ ତାରିଖରେ ସବୀର ଖାନ୍ ନାମକ ଯୁବକ ତାଙ୍କୁ ମୋଟରସାଇକେଲରେ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେଠାରେ ସମୀର ଓ ତାଙ୍କ ସହଯୋଗୀ ଛୋଟୁ ମୁସଲମାନ ତାଙ୍କୁ ବଳାତ୍କାର କରିଥିଲେ। ୩୦ ତାରିଖରେ ତାଙ୍କୁ ଶାହଡୋଲ ରେଳଷ୍ଟେଶନରେ ଛାଡ଼ିଦେଇଯିବା ପରେ ଅନ୍‌ମୋଲ ନାମକ ଅନ୍ୟଜଣେ ଅଭିଯୁକ୍ତ ତାଙ୍କୁ ନେଇଥିଲା। ସେ ଓ ତାଙ୍କ ସାଙ୍ଗ ଶକିବ ଖାନ୍ ଏକ ନଦୀ ନିକଟରେ ତାଙ୍କୁ ବଳାତ୍କାର କରିଥିଲେ। ସେହିଦିନ ରାତିରେ ବିହାର ସବ୍‌ଜେଲ୍‌ର ଡେପୁଟି ଜେଲର ତାଙ୍କୁ କାରରେ ଆଣି ଏକ ହୋଟେଲରେ ଛାଡ଼ିବା ବନ୍ଦ କରି ରଖିଥିଲେ। ପୋଲିସ ଉକ୍ତ ସ୍ଥାନକୁ ଟ୍ରାକ୍ କରି ପୀଡ଼ିତାଙ୍କୁ ହୋଟେଲ ରୁମ୍‌ରୁ ମୁକ୍ତ କରିଥିଲା। ୨୦୨୪ରେ ପୀଡ଼ିତା ଜଣକ ଘରୁ ପଳାଇଥିବାବେଳେ ୫ ଜଣଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିଲେ ବୋଲି ଜଣାପଡ଼ିଛି।


### ଦିଲ୍ଲୀରେ ବର୍ଷା ଯୋଗୁ କାନ୍ଥ ପଡ଼ି ୪ ମୃତ

ନୂଆଦିଲ୍ଲୀ,୨।୫

ଦିଲ୍ଲୀ ସମେତ ଉତ୍ତର ଭାରତର ବିଭିନ୍ନ ରାଜ୍ୟରେ ଶୁକ୍ରବାର ସକାଳେ ଲଗାଣ ବର୍ଷା ଯୋଗୁ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବହୁ ରାସ୍ତା ଜଳାର୍ଣ୍ଣବ ହୋଇଛି। ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳରେ ବର୍ଷା ପବନରେ ବହୁ ଗଛ ଉପୁଡ଼ିପଡ଼ିଛି। ଦିଲ୍ଲୀର ନଜଫଗଡ଼ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ଘର କାନ୍ଥ ଭୁଶୁଡ଼ି ଜଣେ ୨୮ ବର୍ଷୀୟ ମହିଳା ଓ ତାଙ୍କର ୩ ପିଲାଙ୍କ ମୃତ୍ୟୁ ଘଟିଛି। ସେହିପରି ଦ୍ୱାରକା ଛାୱ୍‌ଲା ଅଞ୍ଚଳରେ କାନ୍ଥ ପଡ଼ି ୩ ଜଣ ଆହତ ହୋଇଛନ୍ତି। ଦିଲ୍ଲୀ, ଗୁରୁଗ୍ରାମ, ଫରିଦାବାଦ ଏବଂ ମଥୁରାରେ ରାସ୍ତା ଜଳାର୍ଣ୍ଣବ ହୋଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଟ୍ରାଫିକ୍ ଜାମ୍ ଯୋଗୁ ବିଭିନ୍ନ ରାସ୍ତାରେ ଗାଡ଼ିଗୁଡ଼ିକର ଲମ୍ବା ଧାଡ଼ି ଲାଗିରହିଥିଲା। ଦିଲ୍ଲୀର ମିଣ୍ଟୋ ବ୍ରିଜ୍, ଆଇଟିଓ, ଆର୍.କେ.ପୁରମ୍‌ର ମେଜର ସୋମନାଥ ମାର୍ଗ ଏବଂ କାନପୁରରେ ରାସ୍ତାଘାଟ ପାଣିରେ ବୁଡ଼ିରହିଥିବାରୁ ଟ୍ରାଫିକ୍ ଜାମ୍ ହୋଇଛି। ବର୍ଷା ପବନ ଯୋଗୁ ଦିଲ୍ଲୀରେ ଅବତରଣ କରିବାକୁ ଥିବା ୩ଟି ବିମାନକୁ ଜୟପୁର ଓ ଅହମଦାବାଦ ଏୟାରପୋର୍ଟକୁ ପଠାଯାଇଥିବାବେଳେ ୨୦୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣରେ ବିଳମ୍ବ ହୋଇଥିଲା।

# ପାକ୍‌ରେ ଆତଙ୍କ, ପିଓକେରେ ଅନିଶ୍ଚିତତା

**➤୧,୦୦୦ ମଦ୍ରାସା ବନ୍ଦ ➤ହୋଟେଲ ଛାଡ଼ୁଛନ୍ତି ପର୍ଯ୍ୟଟକ ➤ସୁରକ୍ଷା ପାଇଁ ବଙ୍କର ପ୍ରସ୍ତୁତ**



ୱାଘା ସୀମାରେ ପରିଚୟପତ୍ର ସମ୍ପର୍କିତ ଦସ୍ତାବିଜ ଦେଖାଉଛନ୍ତି ପାକିସ୍ତାନୀ ନାଗରିକ।

ନୂଆଦିଲ୍ଲୀ/ଶ୍ରୀନଗର/ଇସ୍‌ଲାମାବାଦ,୨।୫

ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ପର୍ଯ୍ୟଟନସ୍ଥଳ ବୈସରନ୍‌ରେ ଆତଙ୍କବାଦୀମାନେ ୨୬ ହିନ୍ଦୁଙ୍କୁ ଗୁଳିକରି ହତ୍ୟାକରିବା ପରେ ଭାରତ ଏହି ଆକ୍ରମଣ ପାଇଁ ପାକିସ୍ତାନକୁ ଦାୟୀ କରି ପଡ଼ୋଶୀ ଦେଶ ବିରୋଧରେ ଅନେକ ପଦକ୍ଷେପ ନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଇତିମଧ୍ୟରେ ଅନେକ ଥର ପାକିସ୍ତାନକୁ ମୁହଁତୋଡ଼ ଜବାବ ଦିଆଯିବ ବୋଲି ଚେତାବନୀ ଦେଇସାରିଲେଣି। ଏପରି କି ପହଲଗାମ୍ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ସ୍ଥାନ, ସମୟ ଓ ଢଙ୍ଗ ବାଛିବାକୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବଳକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି। ଫଳରେ ଭାରତ ପଟୁ ସମ୍ଭାବ୍ୟ ଆକ୍ରମଣ ଆଶଙ୍କାରେ ପାକିସ୍ତାନୀ ସେନା ୨୦୨୧ର ଅସ୍ତ୍ରବିରତି ଚୁକ୍ତିକୁ ଉଲ୍ଲଂଘନ କରି ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ତୁହାକୁ ତୁହା ଗୁଳିବର୍ଷା ଓ ମୋର୍ଟାର ମାଡ଼ କରୁଛି। ଭାରତୀୟ ଯବାନମାନେ ମଧ୍ୟ ଏହାର ମୁହଁତୋଡ଼ ଜବାବ ଦେଉଥିବା ସେନା ପକ୍ଷରୁ କୁହାଯାଉଛି। କିନ୍ତୁ ପାକିସ୍ତାନ ଉପରେ କୌଣସି ବଡ଼ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଭାରତ କେତେବେଳେ ଆକ୍ରମଣ କରିବ ବୋଲି ପାକିସ୍ତାନୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ନୂଆଦିଲ୍ଲୀର ନୀରବତାକୁ 'ଝଡ଼ ପୂର୍ବର ଶାନ୍ତ ସ୍ଥିତି' ବୋଲି ଇସ୍‌ଲାମାବାଦ ମନେକରୁଥିବା ସେଠାକାର ଜଣେ ସୁରକ୍ଷା ବିଶ୍ଳେଷକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ପହଲଗାମ୍ ଆକ୍ରମଣ ପରେ ଏହି ଗଣହତ୍ୟା ପାଇଁ ଦି ରେଜିଷ୍ଟାନ୍ସ ଫୋର୍ସ (ଟିଆର୍‌ଏଫ୍) ନିଜକୁ ଦାୟୀ କରିଥିଲା। ଟିଆର୍‌ଏଫ୍ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ପ୍ରତି ଆନୁଗତ୍ୟ ପ୍ରକାଶ କରୁଥିବାରୁ ଏହା ପଛରେ ହାଫିଜ୍ ସୟିଦ୍(୭୭)ଙ୍କ ଭୂମିକା ଥିବା କୁହାଯାଉଛି। ହାଫିଜ୍‌ଙ୍କୁ ନିପାତ କରିବା ପାଇଁ ଭାରତୀୟ ସୁରକ୍ଷା ବଳ କୌଣସି ସମୟରେ ପାକିସ୍ତାନ ଭୂଖଣ୍ଡରେ ବଡ଼ ଆକ୍ରମଣ କରିପାରେ ବୋଲି ଇସ୍‌ଲାମାବାଦ୍ ମନେକରୁଛି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥାଗୁଡ଼ିକ ସେନା ସହ ସମନ୍ୱୟ ରଖି ହାଫିଜ୍‌ଙ୍କ ସୁରକ୍ଷାରେ ସ୍ପେଶିଆଲ ସର୍ଭିସେସ୍ ଗ୍ରୁପ୍ (ଏସ୍‌ଏସ୍‌ଜି)କୁ ନିୟୋଜିତ କରିଛନ୍ତି। ଲାହୋରର ମୋହଲ୍ଲା ଜୋହରରେ ଥିବା ତାଙ୍କ ଘର ବାହାରେ ଅତିରିକ୍ତ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ଏପରି କି ହାଫିଜ୍‌ଙ୍କ ଘରଠାରୁ କିଛି କି.ମି. ପର୍ଯ୍ୟନ୍ତ ଅଞ୍ଚଳକୁ ସିସିଟିଭି ସର୍ଭିଲାନ୍ସ ଭିତରେ ରଖାଯାଇଛି। ସେହିପରି ହାଫିଜ୍‌ଙ୍କ ନେଟ୍‌ୱର୍କ ସୁଦୃଢ଼ ଥିବା ପାକ୍-ଅଧିକୃତ କଶ୍ମୀର (ପିଓକେ) ମଧ୍ୟ ସମ୍ଭାବ୍ୟ ଆକ୍ରମଣ ଆଶଙ୍କା ଘାରିଛି। ଏଥିପାଇଁ ପିଓକେରେ ଥିବା ୧,୦୦୦ରୁ ଊର୍ଦ୍ଧ୍ୱ ମଦ୍ରାସାକୁ ବନ୍ଦ କରିଦିଆଯାଇଛି। ମୁଜାଫରାବାଦ୍ ଏବଂ ଏଲ୍‌ଓସି ସଂଲଗ୍ନ ସହରଗୁଡ଼ିକର ସ୍କୁଲ ପରିସରରେ ପିଲାଙ୍କୁ ନିଆଁ ଲିଭାଇବା, ଆହତଙ୍କ ଚିକିତ୍ସା କରିବା ଆଦି ତାଲିମ୍ ଦିଆଯାଉଛି। ସୀମାରୁ ମାତ୍ର ୩ କି.ମି. ଦୂରରେ ଥିବା ଚକୋଠି ଭଳି ଗ୍ରାମଗୁଡ଼ିକରେ ମାତାପିତାମାନେ ପିଲାଙ୍କୁ ଘରୁ ଛାଡୁନାହାନ୍ତି। ଅନେକ ସୀମାନ୍ତ ଗ୍ରାମରେ ବଙ୍କରକୁ ଆତ୍ମଗୋପନ ଲାଗି ପ୍ରସ୍ତୁତ କରି ରଖାଯାଇଛି। ଏଲ୍‌ଓସି ସଂଲଗ୍ନ ୧୩ ବିଧାନସଭା ନିର୍ବାଚନମଣ୍ଡଳୀରେ ୨ ମାସ ପାଇଁ ଖାଦ୍ୟ ମହଜୁଦ୍ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ପିଓକେ ପ୍ରଧାନମନ୍ତ୍ରୀ ଚୌଧରୀ ଅନ୍‌ୱର ଉଲ୍ ହକ୍ ସୂଚନା ଦେଇଛନ୍ତି। ପ୍ରାକୃତିକ ଶୋଭାରାଜିକୁ ନେଇ ଗ୍ରୀଷ୍ମରେ ୩ ଲକ୍ଷ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ନୀଲମ୍ ଉପତ୍ୟକା ଖାଲି ହେବାରେ ଲାଗିଛି। ପର୍ଯ୍ୟଟକମାନେ ଯୁଦ୍ଧ ଆଶଙ୍କାରେ ହୋଟେଲଗୁଡ଼ିକୁ ଛାଡ଼ି ପଳାୟନ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୪୮ ହୋଟେଲ ଖାଲି ହେଲାଣି। ସ୍ଥାନୀୟ ବ୍ୟବସାୟ ଉପରେ ଏହାର ପ୍ରଭାବ ପଡ଼ିଥିବା ହୋଟେଲ ବ୍ୟବସାୟୀ ରଫାକତ୍ ହୁସେନ୍ କହିଛନ୍ତି।

## ପାକ୍ ସେନା, ଆଇଏସ୍‌ଆଇ ସହାୟତାରେ ଏଲ୍‌ଇଟି ରଚିଥିଲା ଆକ୍ରମଣ ଷଡ଼ଯନ୍ତ୍ର

ନୂଆଦିଲ୍ଲୀ,୨।୫

ପାକିସ୍ତାନୀ ସେନା ଓ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ସହାୟତାରେ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ପହଲଗାମ୍ ଆକ୍ରମଣର ଷଡ଼ଯନ୍ତ୍ର ରଚିଥିଲା। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ଦାଖଲ ପ୍ରାଥମିକ ରିପୋର୍ଟରେ ଏହିବିଷୟ ପ୍ରଘଟ ହୋଇଛି। ଆତଙ୍କବାଦ ନିରୋଧୀ ସଂଘୀୟ ସଂସ୍ଥା ଏନ୍‌ଆଇଏ କଶ୍ମୀର ଉପତ୍ୟକାର ପ୍ରାୟ ୨୦ ଓଭରଗ୍ରାଉଣ୍ଡ ୱର୍କର (ଓଜିଡବ୍ଲ୍ୟୁ)ଙ୍କୁ ଚିହ୍ନଟ କରିଛି, ଯେଉଁମାନେ ଆକ୍ରମଣକାରୀମାନଙ୍କୁ ବିଭିନ୍ନ ପ୍ରକାର ସହଯୋଗ କରିଥିଲେ। ଏହି ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଏନ୍‌ଆଇଏ ଜେରା କରୁଥିବା ସୂତ୍ରରୁ ପ୍ରକାଶ।

ଏନ୍‌ଆଇଏ ଓଜିଡବ୍ଲ୍ୟୁ ନିସାର ଅହମଦ୍ ଓରଫ ହାଜି ଏବଂ ମୁସ୍ତାକ୍ ହୁସେନ୍‌ଙ୍କୁ ଜମ୍ମୁସ୍ଥିତ କୋଟ ଭଲାୱାଲ ଜେଲରେ ରଖି ପଚରାଉଚରା କରୁଛି। ଉଭୟେ ଏଲ୍‌ଇଟି ସହଯୋଗୀ ଭାବେ ପରିଚିତ। ୨୦୨୩ରେ ସେନା ଗାଡ଼ିକୁ ଭଟା ଧୁରିଆନ୍ ଓ ଟୋଟାଗଲିରେ ହୋଇଥିବା ଆକ୍ରମଣରେ ସମ୍ପୃକ୍ତ ଥିବା ଏନ୍‌ଆଇଏ ଜାଣିବାକୁ ପାଇଛି। ସେହିପରି ଦୁଇ ମୁଖ୍ୟ ସନ୍ଦିଗ୍ଧ ତଥା ପାକିସ୍ତାନୀ ନାଗରିକ ହାଶମି ମୁସା ଓରଫ୍ ସୁଲେମାନ୍ ଏବଂ ଅଲୀ ଭାଇ ଓରଫ ତଲ୍‌ହା ଭାଇ ଆକ୍ରମଣ ପୂର୍ବରୁ ସେମାନଙ୍କ ହ୍ୟାଣ୍ଡଲର୍ସଙ୍କ ସହ ନିରନ୍ତର ଯୋଗସୂତ୍ରରେ ଥିଲେ। ଆକ୍ରମଣକାରୀମାନେ ଘଟଣାର ଅନେକ ସପ୍ତାହ ପୂର୍ବରୁ କଶ୍ମୀରରେ ଅନୁପ୍ରବେଶ କରିଥିଲେ। ସ୍ଥାନୀୟ ଓଜିଡବ୍ଲ୍ୟୁମାନେ ସେମାନଙ୍କୁ ସବୁ ପ୍ରକାର ସହାୟତା ଦେଇଥିବା ଜଣାପଡ଼ିଛି। ଏନ୍‌ଆଇଏ ଟିମ୍ ଆକ୍ରମଣସ୍ଥଳରୁ ୪୦ଟି କ୍ୟାଟ୍ରିଜ୍ ଜବତ କରିଛି। ଅଦ୍ୟାବଧି ୨,୮୦୦ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଇଛି। ୧୫୦ରୁ ଊର୍ଦ୍ଧ୍ୱ ଜଣଙ୍କୁ ହାଜତରେ ରଖାଯାଇଛି।

## ପାକିସ୍ତାନୀ ପରିବାରକୁ ପ୍ରତ୍ୟର୍ପଣରୁ ସୁରକ୍ଷାଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨।୫(ପି.ଟି.)

ଭିଜା ଅବଧି ଶେଷ ହେବା ପରେ ମଧ୍ୟ ଭାରତରେ ବସବାସ କରୁଥିବା ଏକ ପାକିସ୍ତାନୀ ପରିବାରର ୬ ସଦସ୍ୟଙ୍କ ପରିଚୟ ଦସ୍ତାବିଜ ଯାଞ୍ଚ ସମ୍ପର୍କିତ ଏକ ଆଦେଶ ନ ଦିଆଯିବା ଯାଏ ସେମାନଙ୍କ ବିରୋଧରେ ପ୍ରତ୍ୟର୍ପଣ ଭଳି କଠୋର କାର୍ଯ୍ୟାନୁଷ୍ଠାନ ନ ନେବାକୁ ଶୁକ୍ରବାର ସୁପ୍ରିମକୋର୍ଟ ଭାରତୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ପରିବାରର ସଦସ୍ୟମାନେ କଶ୍ମୀରରେ ରୁହନ୍ତି। ସେମାନଙ୍କ ପୁଅ ବେଙ୍ଗାଲୁରୁରେ କାର୍ଯ୍ୟ କରନ୍ତି। ପହଲଗାମ୍ ଆକ୍ରମଣ ପରେ ଭାରତ ସରକାର ପାକିସ୍ତାନୀମାନଙ୍କୁ ବିଦା କରିବାରେ ଲାଗିଥିବାବେଳେ ଏହି ପରିବାର ପାଇଁ ଅଡୁଆ ପରିସ୍ଥିତି ଉପୁଜିଛି। ଫଳରେ ଅହମଦ ଟେରେକ୍ ବୁଟ୍ ଓ ତାଙ୍କ ଘରର ୫ ସଦସ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭାରତର ବୈଧ ଦସ୍ତାବିଜ ଦେଖାଇବା ପରେ ମଧ୍ୟ ସେମାନଙ୍କୁ ପାକିସ୍ତାନକୁ ପଠାଇବା ପାଇଁ ଭାରତୀୟ ଅଧିକାରୀମାନେ ୱାଘା ସୀମାକୁ ନେଇଥିଲେ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ସେମାନଙ୍କ ଆବେଦନର ଶୁଣାଣି କରି କହିଛନ୍ତି, ଏହା ଏକ ମାନବୀୟ ପ୍ରସଙ୍ଗ ହୋଇଥିବାରୁ ଦସ୍ତାବିଜ ଯାଞ୍ଚରେ ଅସୁବିଧାକୁ ନେଇ ପରିବାର ଜମ୍ମୁ-କଶ୍ମୀର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ।

## ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର

ଭୋପାଳ,୨।୫

ମଧ୍ୟପ୍ରଦେଶର ମାଣ୍ଡଲାରେ ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କୁ ୩ ଦିନ ଗୋଟିଏ ଘରେ ବନ୍ଦ ରଖି ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଘର ଜବଲପୁର ହୋଇଥିବାବେଳେ ୬ ମାସ ପୂର୍ବରୁ ମାଣ୍ଡଲା ଅଞ୍ଚଳର ରାଜନ ନାମକ ଜଣେ ଅଭିଯୁକ୍ତଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା। ଉଭୟ ପରସ୍ପର ମଧ୍ୟରେ ଚାଟିଂ କରୁଥିଲେ। କାହ୍ନା ଟାଇଗର ରିଜର୍ଭକୁ ବୁଲାଇନେବା ନାଁରେ ରାଜନ ଛାତ୍ରୀଙ୍କୁ ମାଣ୍ଡଲା ଡାକିଥିଲା। ଗତ ୨୬ ତାରିଖରେ ଛାତ୍ରୀ ଜଣକ ପହଞ୍ଚିବା ପରେ ରାଜନ ତାଙ୍କୁ ତା'ର ଜଣେ ସାଙ୍ଗ ଘରକୁ ନେଇ ସେଠାରେ ସେମାନେ ୩ ଦିନ ପର୍ଯ୍ୟନ୍ତ ବଳାତ୍କାର କରିଥିଲେ ବୋଲି ପୋଲିସ କହିଛି। ବୁଧବାର ଅପରାହ୍ଣରେ ପୀଡ଼ିତାଙ୍କୁ ୨ ଜଣ ଆଣି ମାଣ୍ଡଲା ବସ୍‌ଷ୍ଟାଣ୍ଡରେ ଛାଡ଼ିବା ସହ ଗଣବଳାତ୍କାର ସମ୍ପର୍କରେ କାହାକୁ କହିଲେ, ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ।

# ଆନ୍ଧ୍ରରେ ୫୮,୦୦୦ କୋଟିର ପ୍ରକଳ୍ପ

**ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ**

ଅମରାବତୀ,୨।୫(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଆନ୍ଧ୍ରପ୍ରଦେଶରେ ୫୮,୦୦୦ ଟଙ୍କା ମୂଲ୍ୟର ୯୪ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ 'ଡ୍ରିମ୍ ପ୍ରୋଜେକ୍ଟ' କୁହାଯାଉଥିବା ରାଜଧାନୀ ଅମରାବତୀ ସହର ନିର୍ମାଣକୁ ମଧ୍ୟ ପୁନର୍ବାର ଆରମ୍ଭ କରାଯାଇଛି। ଅମରାବତୀ ନିର୍ମାଣ ପାଇଁ ୪୯,୦୦୦ କୋଟି ଟଙ୍କା ମୂଲ୍ୟର ୭୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି, ଯେଉଁଥିରେ ରାଜ୍ୟ ବିଧାନସଭା, ସଚିବାଳୟ, ହାଇକୋର୍ଟ ବିଲ୍ଡିଂ ଏବଂ ବିଚାରପତିମାନଙ୍କ ଆବାସିକ ବାସଭବନ ରହିଛି । ଏଥିସହିତ ୫,୨୦୦ ପରିବାର ପାଇଁ ଗୃହନିର୍ମାଣ କରାଯିବ। ଏହା ବ୍ୟତୀତ କେତେକ ଭିତ୍ତିଭୂମି ଏବଂ ବନ୍ୟା ପ୍ରଶମନ ପ୍ରକଳ୍ପ ରହିଛି। ପ୍ରଧାନମନ୍ତ୍ରୀ ୫,୦୨୮ କୋଟି ଟଙ୍କା ବ୍ୟୟରେ ୯ଟି କେନ୍ଦ୍ରୀୟ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସେଥିମଧ୍ୟରେ କ୍ରିଷ୍ଣା ଜିଲାର ନାଗାୟାଲଙ୍କାରେ ଡିଆର୍‌ଡିଓର ମିଶାଇଲ ଟେଷ୍ଟିଂ ସେଣ୍ଟର, ଭାଇଜାଗରେ ୟୁନିଟିମଲ୍, ରେଲ୍ ଓଭରବ୍ରିଜ୍ ଏବଂ ୬ଟି ଜାତୀୟ ରାଜପଥ ପ୍ରକଳ୍ପ ରହିଛି।



ଅମରାବତୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ସ୍ୱାଗତ କରୁଛନ୍ତି।

# ସୋନିଆ, ରାହୁଲଙ୍କୁ କୋର୍ଟ ନୋଟିସ

**ନ୍ୟାଶନାଲ ହେରାଲ୍ଡ ପିଏମ୍‌ଏଲ୍‌ଏ ମାମଲା**

ନୂଆଦିଲ୍ଲୀ,୨।୫(ପି.ଟି.)

ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ନୋଟିସ ଜାରି କରିଛନ୍ତି। ଚାର୍ଜସିଟ୍ ସମ୍ପର୍କରେ ଜାଣିବା ସମୟରେ ସେମାନଙ୍କର 'ଶୁଣାଣି ଅଧିକାର' ଉପଲବ୍ଧ ଥିଲା ବୋଲି ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗ୍ନେ କହିବା ସହ ପରବର୍ତ୍ତୀ ଶୁଣାଣି ମେ' ୮କୁ ଧାର୍ଯ୍ୟ କରିଛନ୍ତି।

୨୦୧୪ ଜୁନ୍ ୨୬ରେ ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ଅଭିଯୋଗକୁ ମାଜିଷ୍ଟ୍ରେଟ୍ କୋର୍ଟ ବିଚାରକୁ ନେବା ପରେ ୨୦୨୧ରେ ଇଡି ଏହାର ତଦନ୍ତ ଭାର ଗ୍ରହଣ କରିଥିବାବେଳେ ନିକଟରେ ଚାର୍ଜସିଟ୍ ଦାଖଲ କରିଛି। ଆସୋସିଏଟେଡ୍ ଜର୍ନାଲ ଲିଃ (ଏଜେଏଲ୍)ର ୨,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତିକୁ ଜାଲିଆତି ଉପାୟରେ ଦଖଲ କରିବାକୁ ମନିଲଣ୍ଡରିଂ ହୋଇଥିଲା। ଏଥିରେ କଂଗ୍ରେସ ଦଳର ପ୍ରଥମ ପରିବାର ସମେତ କେତେଜଣ ଖ୍ୟାତନାମା ରାଜନେତା, ସ୍ୱର୍ଗତ ମୋତିଲାଲ ଭୋରା, ଓସ୍କାର ଫର୍ନାଣ୍ଡିଜ୍, ସାମ୍ ପିଟ୍ରୋଡ଼ା, ଘରୋଇ କମ୍ପାନୀ ୟଙ୍ଗ୍ ଇଣ୍ଡିଆ ପ୍ରମୁଖ ଆପରାଧିକ ଷଡ଼ଯନ୍ତ୍ରରେ ସାମିଲ ଥିବା ଇଡି ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଥିଲା। ୟଙ୍ଗ୍ ଇଣ୍ଡିଆରେ ସୋନିଆ ଏବଂ ରାହୁଲଙ୍କର ସର୍ବାଧିକ ୩୮ ପ୍ରତିଶତ ଲେଖାଏ ଅଂଶଧନ ରହିଛି। ପୂର୍ବରୁ ଇଡି ଉଭୟଙ୍କୁ ଦୀର୍ଘ ସମୟ ଜେରା କରିଥିଲା।

# ଗଣମାଧ୍ୟମ ସ୍ୱାଧୀନତା: ୧୫୧ତମ ସ୍ଥାନରେ ଭାରତ

**ବୈଶ୍ୱିକସ୍ତରରେ ନିମ୍ନମୁଖୀ**

ନୂଆଦିଲ୍ଲୀ,୨।୫

ବୈଶ୍ୱିକ ଗଣମାଧ୍ୟମ ସ୍ୱାଧୀନତା ୨୦୨୫ରେ ସର୍ବକାଳୀନ ନିମ୍ନ ସ୍ତରରେ ପହଞ୍ଚିଥିବା ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ (ଆର୍‌ଏସ୍‌ଏଫ୍) ପକ୍ଷରୁ ଶୁକ୍ରବାର ପ୍ରକାଶିତ ବାର୍ଷିକ ର୍‍ୟାଙ୍କିଙ୍ଗ୍ ରିପୋର୍ଟରେ କୁହାଯାଇଛି। ଇଣ୍ଟରନ୍ୟାଶନାଲ ପ୍ରେସ୍ ଫ୍ରିଡମ୍ ଡେ'ର ଦିନକ ପୂର୍ବରୁ ଫ୍ରାନ୍ସର ଅଣଲାଭଦାୟକ ସଂଗଠନ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି ଯେ, ଭାରତ ସମେତ ବିଶ୍ୱର ଅର୍ଦ୍ଧାଧିକ ଜନସଂଖ୍ୟା ରହୁଥିବା ଦେଶଗୁଡ଼ିକରେ ସ୍ଥିତି ଅତ୍ୟନ୍ତ ଗମ୍ଭୀର। ୧୮୦ଟି ଦେଶ ମଧ୍ୟରେ ଭାରତର ସୂଚକାଙ୍କ ୧୫୧ ରହିଛି। ୨୦୨୪ରେ ଭାରତ ୧୫୯ତମ ସ୍ଥାନରେ ଥିଲା। ଗତ ୨୩ ବର୍ଷ ହେଲା ଆର୍‌ଏସ୍‌ଏଫ୍ ପ୍ରେସ୍ ସ୍ୱାଧୀନତାର ଅନୁଧ୍ୟାନ କରିଆସୁଥିବାବେଳେ ଚଳିତ ବର୍ଷ ଏହାର ମୁଖ୍ୟ ସୂଚକାଙ୍କ ସର୍ବନିମ୍ନ ସ୍ତରରେ ପହଞ୍ଚିଛି।



ପ୍ରତ୍ୟେକ ଦେଶରେ ଖବରଦାତାମାନଙ୍କ ଉପରେ ହିଂସାକାଣ୍ଡ ସଂଖ୍ୟା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ତଥ୍ୟାବଳୀକୁ ବିଚାରକୁ ନେଇ ବିଶେଷଜ୍ଞମାନେ ଉକ୍ତ ସୂଚକାଙ୍କ ପ୍ରସ୍ତୁତ କରିଛନ୍ତି। ସେମାନେ କୌଣସି ଦେଶ ବା ଅଞ୍ଚଳର ସ୍ଥିତିକୁ ୫ଟି ବର୍ଗ ଯଥା ରାଜନୈତିକ, ଆଇନଗତ, ଅର୍ଥନୈତିକ, ସାମାଜିକ-ସାଂସ୍କୃତିକ ଏବଂ ସୁରକ୍ଷାଗତ ଦୃଷ୍ଟିକୁ ବିଚାରକୁ ନେଇ ଆକଳନ କରିଛନ୍ତି। ଗତ ଜାନୁଆରୀରେ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ ଆମେରିକାର ପ୍ରେସ୍ ସ୍ୱାଧୀନତା ଅତ୍ୟନ୍ତ ଖରାପ ସ୍ଥିତିକୁ ଖସିଆସିଥିବା ରିପୋର୍ଟରେ କୁହାଯାଇଛି। ଟ୍ରମ୍ପ ପ୍ରଶାସନ ଅନୁଷ୍ଠାନଗୁଡ଼ିକୁ ଅସ୍ତ୍ର କରିବା ସହ ସ୍ୱାଧୀନ ଗଣମାଧ୍ୟମକୁ ସହାୟତା ହ୍ରାସ କରିଛି ଓ ଖବରଦାତାମାନଙ୍କୁ ଅଣଦେଖା କରୁଛି। ଆମେରିକା ସୂଚକାଙ୍କ ୨୦୨୪ ତୁଳନାରେ ୨ ସ୍ଥାନ ତଳକୁ ଖସି ୫୭ରେ ରହିଛି, ଯାହା ପଶ୍ଚିମ ଆଫ୍ରିକାର ସିଏରା ଲିଓନ୍ ପଛରେ ରହିଛି। ୟୁରୋପ୍‌ରେ ସାମ୍ବାଦିକମାନେ ସର୍ବାଧିକ ସ୍ୱାଧୀନତା ପାଉଥିବାବେଳେ ୧୮୦ଟି ଦେଶ ମଧ୍ୟରେ ଚାଇନା, ଉତ୍ତରକୋରିଆ ଏବଂ ଇରିଟ୍ରିଆ ସର୍ବନିମ୍ନ ର୍‍ୟାଙ୍କ୍‌ରେ ରହିଛି। ପ୍ରେସ୍ ସ୍ୱାଧୀନତାରେ ଶୀର୍ଷ ୧୦ଟି ସ୍ଥାନରେ ରହିଥିବା ଦେଶଗୁଡ଼ିକ ହେଲେ ନରୱେ, ଇଷ୍ଟୋନିଆ, ନେଦରଲାଣ୍ଡସ୍, ସୁଇଡେନ୍, ଫିନ୍‌ଲାଣ୍ଡ, ଡେନ୍‌ମାର୍କ, ଆୟର୍ଲାଣ୍ଡ, ପର୍ତ୍ତୁଗାଲ, ସୁଇଜରଲାଣ୍ଡ ଏବଂ ଚେକ୍ ଗଣରାଜ୍ୟ। ପୂର୍ବବର୍ଷ ଜର୍ମାନୀ ୧୦ମ ସ୍ଥାନରେ ଥିବାବେଳେ ଏଥର ୧୧ତମ ସ୍ଥାନକୁ ଖସିଛି।

ଇସ୍ରାଏଲ୍‌ର ଗାଜା ଆକ୍ରମଣ ଯୋଗୁ ପାଲେଷ୍ଟିନୀୟ ଖବରଦାତାମାନେ ସର୍ବାଧିକ ଅସୁବିଧା ମଧ୍ୟରେ ରହିଛନ୍ତି। ଇସ୍ରାଏଲୀ ସେନା ଅନେକ ନ୍ୟୁଜ୍‌ରୁମ୍‌କୁ ଧ୍ୱଂସ କରିଦେଇଥିବାବେଳେ ପ୍ରାୟ ୨୦୦ ସାମ୍ବାଦିକଙ୍କ ମୃତ୍ୟୁ ଘଟିଛି। ୧୮ ମାସରୁ ଊର୍ଦ୍ଧ୍ୱ ହେଲା ଗାଜା ଷ୍ଟ୍ରିପ୍‌କୁ ଇସ୍ରାଏଲ୍ ଅବରୋଧ କରି ରଖିଥିଲା। ଇସ୍ରାଏଲ୍‌ର ମଧ୍ୟ ପ୍ରେସ୍ ସ୍ୱାଧୀନତା ର୍‍ୟାଙ୍କ ୧୧ରୁ ୧୧୨ତମ ସ୍ଥାନକୁ ଖସିଥିବା ରିପୋର୍ଟରେ କୁହାଯାଇଛି।

# ବିବାଦରେ ଏଜାଜ୍ ଖାନ୍‌ଙ୍କ 'ହାଉସ୍ ଆରେଷ୍ଟ'

**ଏନ୍‌ସିଡବ୍ଲ୍ୟୁ ନୋଟିସ୍ ପରେ ହଟାଇଲା ଉଲ୍ଲୁ**

ମୁମ୍ବାଇ,୨।୫

ଅଭିନେତା ଏଜାଜ୍ ଖାନ୍‌ଙ୍କ ରିଆଲିଟି ଶୋ' 'ହାଉସ୍ ଆରେଷ୍ଟ'ରେ ଯୌନ ଉଦ୍ଦୀପକ କଣ୍ଟେଣ୍ଟକୁ ନେଇ ବିବାଦ ଉଠିବା ପରେ ଓଭର ଦି ଟପ୍ (ଓଟିଟି) ଉଲ୍ଲୁ ଏହାକୁ ହଟାଇ ଦେଇଛି। ଆଡଲ୍ଟ କଣ୍ଟେଣ୍ଟ ପାଇଁ ପରିଚିତ ଉଲ୍ଲୁ ଆପ୍‌ରେ ଏବେ 'ହାଉସ୍ ଆରେଷ୍ଟ' ସର୍ଚ୍ଚ କଲେ ଏଥିରେ କୌଣସି ରେଜଲ୍ଟ ଆସୁନାହିଁ। ଉକ୍ତ ଶୋ'ର ଏକ ଶର୍ଟ ଭିଡିଓ କ୍ଲିପ୍‌କୁ ନେଇ ରାଜନେତାଙ୍କଠାରୁ ଆରମ୍ଭ କରି ସୋସିଆଲ ମିଡିଆ ପର୍ଯ୍ୟନ୍ତ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଉଲ୍ଲୁ ଆପ୍ ଏପରି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛି। ଏଥିରେ ଏଜାଜ୍ ମହିଳା ପ୍ରତିଯୋଗୀମାନଙ୍କୁ କ୍ୟାମେରା ସାମ୍ନାରେ ଅନ୍ତରଙ୍ଗ କାର୍ଯ୍ୟକଳାପରେ ଲିପ୍ତ ରହିବାକୁ ବାଧ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଏପରି କି ଶୁଟିଂ ବେଳେ ଏଜାଜ୍‌ଙ୍କ ବ୍ୟକ୍ତିଗତ ପ୍ରଶ୍ନ ଓ ଉତ୍ତେଜକ କଥାବାର୍ତ୍ତା ଉପରେ ମଧ୍ୟ କେତେଜଣ ମହିଳା ପ୍ରତିଯୋଗୀ ଆପତ୍ତି ଉଠାଇଥିଲେ। ଜାତୀୟ ମହିଳା କମିଶନ୍ (ଏନ୍‌ସିଡବ୍ଲ୍ୟୁ) ଏନେଇ ଉଲ୍ଲୁ ସିଇଓ ବିଭୁ ଅଗ୍ରୱାଲ ଏବଂ ଏଜାଜ୍ ଖାନ୍‌ଙ୍କୁ ସମନ କରିଛନ୍ତି।




ଶିବସେନା (ୟୁବିଟି)ର ରାଜ୍ୟ ସଭା ସଦସ୍ୟ ପ୍ରିୟଙ୍କା ଚତୁର୍ବେଦୀ ଗୁରୁବାର ଏହାର ଏକ କ୍ଲିପ୍‌କୁ ଏକ୍ସ'ରେ ଶେୟାର କରିଥିଲେ। ଏଭଳି 'ଅଶ୍ଳୀଳ କଣ୍ଟେଣ୍ଟ'ଗୁଡ଼ିକୁ କାହିଁକି ନିଷିଦ୍ଧ କରାଯାଉନାହିଁ ବୋଲି ପ୍ରିୟଙ୍କା ପ୍ରଶ୍ନ କରିଥିଲେ। ବିଗ୍ ବସ୍‌ର ପୂର୍ବତନ କଣ୍ଟେଷ୍ଟାଣ୍ଟ ତଥା 'ରକ୍ତଚରିତ୍ର' ଭଳି ଅଳ୍ପ କେତୋଟି ଫିଲ୍ମରେ ଅଭିନୟ କରିଥିବା ଏଜାଜ୍‌ଙ୍କୁ ମେ' ୯ରେ ହାଜର ହେବାକୁ ଏନ୍‌ସିଡବ୍ଲ୍ୟୁଙ୍କ ନିର୍ଦ୍ଦେଶ ରହିଛି।

# ବଳାତ୍କାର ଅଭିଯୁକ୍ତଙ୍କ ଘର ଭାଙ୍ଗିବାକୁ ନୋଟିସ

**ହସ୍ତକ୍ଷେପ କଲେ ହାଇକୋର୍ଟ**

ଡେରାଡୁନ୍,୨।୫

ଉତ୍ତରାଖଣ୍ଡର ନୈନିତାଲରେ ଶିଶୁ ଯୌନ ନିର୍ଯାତନା ସୁରକ୍ଷା ଆଇନ (ପୋକ୍‌ସୋ) ମାମଲାରେ ଅଭିଯୁକ୍ତ ଜଣେ ୬୫ ବର୍ଷୀୟଙ୍କ ଘର ଏବଂ ଦୋକାନ ଭାଙ୍ଗିବା ପାଇଁ ନୋଟିସ ଜାରି ହୋଇଥିଲା। ଉତ୍ତରାଖଣ୍ଡ ହାଇକୋର୍ଟ ଏଥିରେ ହସ୍ତକ୍ଷେପ କରି ଜିଲା ପ୍ରଶାସନ, ପୌର ପରିଷଦ ଏବଂ ପୋଲିସ୍‌କୁ ଭର୍ତ୍ସନା କରିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟର ଉଲ୍ଲଂଘନ କରିପାରିବ ନାହିଁ ବୋଲି ହାଇକୋର୍ଟ ପୌର ପରିଷଦକୁ କହିଛନ୍ତି।

ଗତ ଏପ୍ରିଲ ୧୨ରେ ଜଣେ ୧୨ ବର୍ଷୀୟା ବାଳିକାଙ୍କୁ ଉସ୍‌ମାନ ନାମକ ବ୍ୟକ୍ତି ବଳାତ୍କାର କରିଥିବା ପୋଲିସରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉସ୍‌ମାନଙ୍କ ଅଫିସ ଥିବା ମାର୍କେଟର କେତେକ ଦୋକାନ ଓ ରେଷ୍ଟୁରାଣ୍ଟକୁ ବିକ୍ଷୋଭକାରୀ ଭାଙ୍ଗିଦେଇଥିଲେ। ଉସ୍‌ମାନଙ୍କ ଘର ଭାଙ୍ଗିବା ପାଇଁ ନୋଟିସ ମିଳିବା ପରେ ତାଙ୍କ ସ୍ତ୍ରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମୁଖ୍ୟ ବିଚାରପତି ଜି. ନରେନ୍ଦ୍ର ଏବଂ ଜଷ୍ଟିସ୍ ରବନ୍ଦ୍ର ମୈଥାନୀଙ୍କ ଖଣ୍ଡପୀଠ ଅଦାଲତ ଅବମାନନା ନୋଟିସ ଜାରି କରିବା ସହ ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି। ସରକାରୀ କର୍ତ୍ତୃପକ୍ଷ କୌଣସି ଅଭିଯୁକ୍ତଙ୍କ ଘର ଭାଙ୍ଗିବାକୁ ହେଲେ କେଉଁସବୁ ପଦ୍ଧତି ଅବଲମ୍ବନ କରିବେ ତାହା ସର୍ବୋଚ୍ଚ ଅଦାଲତ ପୂର୍ବରୁ ସ୍ପଷ୍ଟ କରିଛନ୍ତି। ପୋଲିସକୁ ଭର୍ତ୍ସନା କରି ମୁଖ୍ୟ ବିଚାରପତି କହିଥିଲେ, ପୋଲିସ ଅପାରଗତା ଯୋଗୁ ସବୁକିଛି ସମସ୍ୟା ସୃଷ୍ଟି ହୋଇଛି। ପୋଲିସ ସଜାଗ ଥିଲେ ଦୋକାନ ଭଙ୍ଗାରୁଜା ଓ ପୋଡ଼ାଜଳା ହୋଇ ନ ଥାନ୍ତା। ଉକ୍ତ ଅପରାଧୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଖଣ୍ଡପୀଠ ପୋଲିସକୁ ପ୍ରଶ୍ନ କରିଛନ୍ତି।

# ଏକତରଫା ପ୍ରେମରୁ ନାବାଳିକାଙ୍କୁ ହତ୍ୟା

## ହତ୍ୟାକାରୀ ଗିରଫ, ଜେଜେବିରେ ନାବାଳକ

ଗୋପାଳପୁର, ୨।୫(ନବୀନ ରାଜ ଆଚାରୀ)

ଏକତରଫା ପ୍ରେମ କରି ବିଫଳ ହେବା ପରେ ଗୁରୁବାର ଭୋର ସମୟରେ ଗୋପାଳପୁର ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକ ଓ ତାଙ୍କ ସମ୍ପର୍କୀୟ ନାବାଳକ ଭାଇ ମିଶି ଜଣେ ନାବାଳିକାଙ୍କୁ ହତ୍ୟା କରିଛନ୍ତି। ଏନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ନୂଆ କରାପୁଲୀ ଗ୍ରାମର ଅଞ୍ଜଳି ସାହୁ (୧୭)। ପୋଲିସ ଶୁକ୍ରବାର ହତ୍ୟାକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମୁନା ଖାନ୍ (୨୦)। ତାଙ୍କ ସମ୍ପର୍କୀୟ ଜଣକ ନାବାଳକ ହୋଇଥିବାରୁ ତାଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ (ଜେଜେବି)ରେ ହାଜର କରାଯାଇଛି।

ମୁନା ନୂଆ କରାପୁଲୀ ଗ୍ରାମର ନାବାଳିକା ପ୍ରୀତି ସାହୁ ଓରଫ ଅଞ୍ଜଳିଙ୍କୁ ଏକତରଫା ପ୍ରେମ କରି ତାଙ୍କୁ ପ୍ରେମ ନିବେଦନ କରି ଆସୁଥିଲେ। ମାତ୍ର ଅଞ୍ଜଳି ଏହାକୁ ପ୍ରତ୍ୟାଖାନ କରୁଥିଲେ। ଆଇଟିଆଇ ପ୍ରଥମ ବର୍ଷର ଛାତ୍ରୀ ଥିବା ଅଞ୍ଜଳିଙ୍କର ମୁନାଙ୍କ ଭଉଣୀଙ୍କ ସହ ପରିଚିତ ଥିଲା। ବିଭିନ୍ନ ସମୟରେ ତାଙ୍କୁ ମୁନା ହଇରାଣ କରୁଥିବାରୁ ମାର୍ଚ୍ଚ ୨୭ରେ ଉଭୟ ଗ୍ରାମର ଭଦ୍ରଲୋକ ଓ ପରିବାର ଲୋକେ ଏକ ବୈଠକରେ ଉପସ୍ଥିତ ରହି ଏହାର ସମାଧାନ କରିଥିଲେ। ଏହା ସତ୍ତ୍ୱେ ମୁନା ଅଞ୍ଜଳିଙ୍କ ପିଛା ଛାଡ଼ି ନ ଥିଲେ। ହୋଟେଲ କରି ପରିବାର ଚଳାଉଥିବା ଅଞ୍ଜଳିଙ୍କ ମା'ବାପା ଓ ଭାଇ ଗୁରୁବାର ଭୋର ସାଢ଼େ ୪ଟାରେ ଦୋକାନ ଖୋଲିବାକୁ ଯାଇଥିଲେ। ଅଞ୍ଜଳି ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ମୁନା ଓ ସମ୍ପର୍କୀୟ ଭାଇ ଘର ପଛପଟୁ ପ୍ରବେଶ କରିଥିଲେ। ଅଞ୍ଜଳିଙ୍କ ସହିତ ମୁନାଙ୍କ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ନାବାଳକ ଜଣକ ଘରେ ଥିବା ଏକ ଶାବଳରେ ଅଞ୍ଜଳିଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ଅଞ୍ଜଳି ତଳେ ପଡ଼ିଯାଇଥିଲେ। ପରେ ମୁନା ଶାବଳରେ ଦୁଇ ଥର ଅଞ୍ଜଳିଙ୍କ ମୁଣ୍ଡକୁ ପିଟିଥିଲେ। ପରେ ସେ ଅଞ୍ଜଳିଙ୍କ ଡାହାଣ ହାତକୁ ବ୍ଲେଡରେ କାଟି ଦେଇଥିଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଅଞ୍ଜଳିଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ଦୁର୍ଘଟଣା ରୂପ ଦେବାକୁ ମୁନା ଓ ନାବାଳକ ଘରେ ଥିବା ଏକ ଚୁଲି ଜଳାଇ ଗ୍ୟାସ ଚୁଲାକୁ ଖୋଲି ଦେଇ ଫେରାର ହୋଇଯାଇଥିଲେ। ସକାଳ ସାଢେ ୭ଟାରେ ଅଞ୍ଜଳିଙ୍କ ଭାଇ ଜଳଖିଆ ଧରି ପହଞ୍ଚି ଘର କବାଟ ପିଟି ଡାକିଥିଲେ। ମାତ୍ର ଅଞ୍ଜଳି କବାଟ ଖୋଲି ନ ଥିଲେ। ଖବର ପାଇ ମା'ବାପା ପହଞ୍ଚିବା ପରେ ସମସ୍ତେ ବାରିପଟୁ ଘରେ ପଶି ଝିଅକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ।

ବ୍ରହ୍ମପୁର ଏସ୍‌ପି ଡା ସର୍ବଣା ବିବେକ ଏମ, ବ୍ରହ୍ମପୁର ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା ଓ ଗୋପାଳପୁର ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ମେଡିକାଲକୁ ପଠାଇଥଲେ। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଛି। ଅଞ୍ଜଳିଙ୍କ ବାପା ପ୍ରଫୁଲ୍ଲ ସାହୁଙ୍କ ଅଭିଯୋଗ କ୍ରମେ ୧୨୬/୨୫ ନମ୍ବରରେ ହତ୍ୟା ମାମଲା ରୁଜୁ ହୋଇଛି। ମୁନା ଓ ନାବାଳକଙ୍କୁ ବ୍ରହ୍ମପୁର ଲାଞ୍ଜିପଲୀ ଅଞ୍ଚଳରୁ ପୋଲିସ ଧରି ପଚାରା ଉଚରା କରିଥିଲା। ପରେ ଶୁକ୍ରବାର ପୋଲିସ ମୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଘରୁ ଡାକିନେଇ ଯୁବକଙ୍କୁ ହତ୍ୟା

କୁଜଙ୍ଗ, ୨।୫(ମନୋଜ ପ୍ରଧାନ)


ରମାକାନ୍ତ ବେହେରା

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମରେ ଗୁରୁବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ଏନେଇ କୁଜଙ୍ଗ ପୋଲିସ ୩ ଜଣଙ୍କୁ ଅଟକ ରଖିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ମୃତ ଯୁବକ ହେଲେ ମଙ୍ଗରାଜପୁରର ରମାକାନ୍ତ ବେହେରା। ସ୍ତ୍ରୀ ନୀଳିମା ବେହେରାଙ୍କ ଅଭିଯୋଗ ଆଧାରରେ ଥାନାରେ ମାମଲା (ନଂ. ୧୬୫/୨୫) ରୁଜୁ ହୋଇଛି।

ନୀଳିମାଙ୍କ ଅଭିଯୋଗ ଅନୁଯାୟୀ, ସ୍ୱାମୀ ରମାକାନ୍ତ ରୋଷେୟା ଭାବେ କାର୍ଯ୍ୟ କରନ୍ତି। ଗୁରୁବାର ରୋଷେଇ କାର୍ଯ୍ୟ ସାରି ରାତି ପ୍ରାୟ ୮ଟାରେ ଘରକୁ ଫେରିଥିଲେ। ନୀଳିମା ପାରାଦୀପ ମାର୍କେଟରେ ପରିବା ବ୍ୟବସାୟ କରନ୍ତି। ସେ ବେପାର କାର୍ଯ୍ୟ ସାରି ରାତି ପ୍ରାୟ ସାଢେ ୧୦ଟାରେ ଘରକୁ ଫେରୁଥିବା ସମୟରେ ଗାଁରେ ଥିବା ଷ୍ଟାଡିୟମ ସମ୍ମୁଖରେ ଅଭିଯୁକ୍ତ ଟିକୁ ଜେନା, ବୁଢନ ଜେନା, ପାପୁନି ଜେନା, ପ୍ରଶାନ୍ତ ଜେନା, ତପନ ଜେନା, ବାବାଜୀ ଜେନା ପ୍ରମୁଖ ବଡ଼ପାଟିରେ ତାଙ୍କ ସ୍ୱାମୀଙ୍କୁ ଗାଳିଗୁଲଜ କରୁଥିଲେ। ନୀଳିମା ଘରେ ପହଞ୍ଚିବା ବେଳକୁ ସ୍ୱାମୀ ଫୋନରେ କାହା ସହ ଉଚ୍ଚ ସ୍ୱରରେ କଥା ହେଉଥିଲେ। ଏବିଷୟରେ ନୀଳିମା ପଚାରିବାରୁ ସମ୍ପୃକ୍ତ ଯୁବକମାନଙ୍କ ସହ ରମାକାନ୍ତ କଥା ହେଉଥିବା କହିଥିଲେ। ସମ୍ପୃକ୍ତ ଯୁବକମାନେ ତାଙ୍କୁ ଷ୍ଟାଡିୟମ ନିକଟକୁ ଡାକୁଥିବା ଜଣାଇଥିଲେ। ନୀଳିମା ସେଠାକୁ ଯିବାକୁ ସ୍ୱାମୀଙ୍କୁ ବାରଣ କରିଥିଲେ ମଧ୍ୟ ସେ ନ ଶୁଣି ଚାଲିଯାଇଥିଲେ। ଏହାପରେ ନୀଳିମା ଓ ତାଙ୍କ ଦୁଇପୁଅ ଯାଇ ରମାକାନ୍ତଙ୍କୁ ଷ୍ଟାଡିୟମରୁ ଡାକି ଆଣିଥିଲେ। ସମସ୍ତେ ରାତିରେ ଶୋଇବା ପରେ ବାରମ୍ବାର ଫୋନ କଲ୍ ଆସିବାରୁ ରମାକାନ୍ତ କେତେବେଳେ ଉଠି ପଳାଇ ଯାଇଥିଲେ। ହଠାତ ରାତି ପ୍ରାୟ ୩ଟାରେ ଅଭିଯୁକ୍ତ ପ୍ରଶାନ୍ତ ନୀଳିମାଙ୍କ ଘରେ ପହଞ୍ଚି ରମାକାନ୍ତ କ୍ଷତାକ୍ତ ଅବସ୍ଥାରେ ଚଉରାପିଣ୍ଡିରେ ପଡିଛି। ବୋଧହୁଏ ତାଙ୍କୁ କୁକୁର କାମୁଡ଼ି ଦେଇଛି ବୋଲି କହି ଚାଲି ଯାଇଥିଲେ। ନୀଳିମା ରମାକାନ୍ତଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ପୋଲିସ ଓ ଆମ୍ବୁଲାନ୍ସରେ ଖବର ଦେଇଥିଲେ। ଆମ୍ବୁଲାନ୍ସରେ ତାଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ରମାକାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ରମାକାନ୍ତଙ୍କ ସାନ ଭାଇ କାଳିଆ ବେହେରା କିଛି ବର୍ଷ ପୂର୍ବେ ଏହି ଥାନା ଅନ୍ତର୍ଗତ ହରିଜନ ସାହିର ଜଣେ ଝିଅଙ୍କୁ ପ୍ରେମ ବିବାହ କରିଥିଲେ। ସେମାନଙ୍କର ଏକ କନ୍ୟାସନ୍ତାନ ଥିଲାବେଳେ କାଳିଆଙ୍କ ସ୍ତ୍ରୀ ଝିଅକୁ ଛାଡ଼ି ଅନ୍ୟ ଜଣେ ଯୁବକଙ୍କ ସହ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନେ କାଳିଆଙ୍କ ସ୍ତ୍ରୀଙ୍କ ସମ୍ପର୍କୀୟ ହୋଇଥିବାରୁ ଏନେଇ ରମାକାନ୍ତଙ୍କ ପରିବାର ସହ ସେମାନଙ୍କ ଶତ୍ରୁତା ଲାଗି ରହିଥିଲା। ଏହି ଘଟଣାକୁ କେନ୍ଦ୍ର କରି ରମାକାନ୍ତଙ୍କୁ ହତ୍ୟା କରାଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ଯୁବତୀଙ୍କୁ ଛୁରିଭୁସି ବନ୍ଧାହେଲେ ପ୍ରେମିକ

## ଗୁରୁତର ଯୁବତୀଙ୍କ ବୟାନ ରେକର୍ଡ

ବ୍ରହ୍ମପୁର, ୨।୫(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲା ଅନ୍ତର୍ଗତ ନିମଖଣ୍ଡି ଥାନା ଅଞ୍ଚଳରେ ଶୁକ୍ରବାର ଜଣେ ଯୁବତୀଙ୍କୁ ଜଣେ ଯୁବକ ଛୁରି ଭୁସିଦେଇଛନ୍ତି। ଯୁବତୀ ଜଣକ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଆକ୍ରମଣକାରୀ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଟାଉନ୍ ଥାନା ଅନ୍ତର୍ଗତ ବିଜିପୁରର କିରଣ ବେହେରା (୨୫)। ତାଙ୍କ ନିକଟରୁ ଛୁରି ଜବତ କରାଯାଇଛି।

ଦିଗପହଣ୍ଡି ଅଞ୍ଚଳର ଯୁବତୀଙ୍କ ପରିବାର କିଛିବର୍ଷ ହେଲା ବ୍ରହ୍ମପୁରରେ ଘରଭଡ଼ା ନେଇ ରହୁଛନ୍ତି। ଯୁବତୀଙ୍କୁ ଗତ ଦୁଇବର୍ଷ ହେଲା କିରଣ ଭଲ ପାଉଥିଲେ। ଉଭୟେ ଫୋନ୍‌ରେ କଥାବାର୍ତ୍ତା ହେଉଥିଲେ। କିଛିଦିନ ତଳେ ଯୁବତୀଙ୍କ ବାପାଙ୍କ ଦେହାନ୍ତ ହୋଇଥିଲା। ତେଣୁ ସେ କିରଣଙ୍କଠାରୁ ଦୂରେଇ ରହିବାକୁ ଚାହୁଁଥିଲେ। ଅନ୍ୟପଟେ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ମା'ଝିଅ ଘର ନିକଟରେ ଏକ ଜଳଖିଆ ଦୋକାନ କରିଥିଲେ। ଗୁରୁବାର ରାତିରେ କିରଣ ଯୁବତୀଙ୍କୁ ଫୋନ କରିଥିଲେ। ହେଲେ ସେ ତାଙ୍କୁ ତାଗିଦ କରି ଆଉ ଫୋନ ନ କରିବାକୁ କହିଥିଲେ। ଫୋନ୍ କଲେ ଥାନାରେ ଅଭିଯୋଗ କରିବେ ବୋଲି କହିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ କିରଣ ଶୁକ୍ରବାର ସକାଳ ପ୍ରାୟ ୮ଟାରେ ଦୋକାନରୁ ଘରକୁ ଆସିଥିବା ଯୁବତୀଙ୍କୁ ବାରମ୍ବାର ଛୁରି ଭୁସି ଚାଲିଥିଲେ। ଫଳରେ ଯୁବତୀ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ପଡ଼ୋଶୀଙ୍କଠାରୁ ଖବରପାଇ ମା' ଦୋକାନରୁ ଘରକୁ ଆସି ଝିଅକୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।

# ଶ୍ରମିକଙ୍କୁ ପିଟି ହତ୍ୟା

## ଶ୍ରମିକ ଦିବସରେ ଆଖିବୁଜିଲେ
### ୫ ଶ୍ରମିକ ଗୁରୁତର

ଯାଜପୁର/ଧର୍ମଶାଳା, ୨।୫
(ହର୍ଷବର୍ଦ୍ଧନ ବେହେରା/ବଟକୃଷ୍ଣ ପରିଡ଼ା)


ଅରଜିତ ଜେନା


ଅରଜିତ ଦେହରେ ଚେଙ୍କ ଓ ମାଡ଼ ଚିହ୍ନ

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଷ୍ଟୋନ କ୍ରଶର ୟୁନିଟ୍‌ର ମାଲିକ ଓ କର୍ମଚାରୀମାନେ ୬ ଜଣ ଶ୍ରମିକଙ୍କୁ ଗରମ ଲୁହାରଡ଼୍‌ରେ ନିସ୍ତୁକ ମାଡ଼ ମାରିବା ଅଭିଯୋଗ ହୋଇଛି। ଏହି ଘଟଣା ଏପ୍ରିଲ ୨୭ରେ ଘଟିଥିବାବେଳେ ମେ ୧ ତାରିଖ ଶ୍ରମିକ ଦିବସରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ହେଲେ ଜାରକା ଗ୍ରାମର ଅରଜିତ ଜେନା(୨୨)। ଗୁରୁତର ଆହତ ଅନ୍ୟ ଶ୍ରମିକମାନେ ହେଲେ ଜ୍ଞାନରଞ୍ଜନ ବେହେରା, ବିକାଶ ବେହେରା, ବୁବୁ ବେହେରା, ପଦ୍ମଲୋଚନ ପାଳ ଏବଂ ବିକାଶ ମଲ୍ଲିକ। ଏନେଇ ମୃତ ଶ୍ରମିକଙ୍କ ବାପା ଅଜୟ କୁମାର ଜେନା ଯାଜପୁର ଜିଲା ଧର୍ମଶାଳା ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାହେବା ସୁଦ୍ଧା ପୋଲିସ କାହାରିକୁ ଗିରଫ କରି ନ ଥିଲା।

ଅଭିଯୋଗ ଅନୁଯାୟୀ, ଜେନାପୁର ଥାନା ଅନ୍ତର୍ଗତ ରାହାଡ଼ପୁରଠାରେ ଥିବା ପଦ୍ମାବତୀ କ୍ରଶରରେ ଅରଜିତ ଗତ ୩ ମାସ ହେଲା ଶ୍ରମିକ ଭାବେ କାମ କରୁଥିଲେ। ଗତ ୨୭ ତାରିଖରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅରଜିତଙ୍କ ମୋବାଇଲ ଫୋନକୁ ଯୋଗାଯୋଗ ହୋଇପାରି ନ ଥିଲା। ଫଳରେ ତାଙ୍କ ମା'ବାପା ଉକ୍ତ କ୍ରଶରରେ ପହଞ୍ଚି କର୍ମଚାରୀମାନଙ୍କୁ ତାଙ୍କ ପୁଅ ବିଷୟରେ ପଚାରି ବୁଝିଥିଲେ। ସେଠାରେ ସେମାନେ ଜାଣିବାକୁ ପାଇଲେ ଯେ, ତାଙ୍କ ପୁଅଙ୍କୁ କ୍ରଶର ମାଲିକଙ୍କ ବାସଭବନରେ ରଖାଯାଇଛି। ସେଠାରେ ପହଞ୍ଚିବା ପରେ ସେମାନେ ଦେଖିବାକୁ ପାଇଥିଲେ ଯେ, ଅରଜିତଙ୍କ ଶରୀରର ବିଭିନ୍ନ ଅଙ୍ଗରେ ଲୁହାରଡ୍ ଚେଙ୍କ ଦିଆଯିବା ସହ ଲୁହା ଶିକୁଳିରେ ବାନ୍ଧି ଏକ ଘରେ ବନ୍ଦୀ କରି ରଖାଯାଇଛି। ପୁଅର ଛାତିକୁ ଆକ୍ରମଣ ହୋଇଥିବାରୁ ସେ ଠିକ୍ ଭାବେ କଥା ହୋଇପାରୁ ନ ଥିଲେ। ଏପରି କି ଅଣ୍ଡକୋଷକୁ ବାରମ୍ବାର ଆଘାତ କରିବାରୁ ସେଠାରୁ ରକ୍ତ ବାହାରୁଥିଲା। ସେଠାରେ କ୍ରଶର କର୍ମଚାରୀମାନେ ଅନ୍ୟ କେତେଜଣ ଶ୍ରମିକଙ୍କୁ ମଧ୍ୟ ବନ୍ଦୀ କରି ରଖିଥିଲେ। ଅରଜିତଙ୍କୁ ଘରକୁ ନେବାକୁ କହିବାରୁ ତାଙ୍କ ବାପାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ବହୁ କାକୁତିମିନତି କରିବାରୁ ସାଦା କାଗଜରେ ଦସ୍ତଖତ କରି ପୁଅକୁ ନେଇଯାଅ ବୋଲି କ୍ରଶର କର୍ମଚାରୀମାନେ କହିଥିଲେ। ମାଡ଼ ମାରିବା ସଂକ୍ରାନ୍ତରେ ବାହାରେ କହିଲେ ତୁମ ପରିବାରର ସମସ୍ତଙ୍କୁ ହତ୍ୟା କରାଯିବ ବୋଲି କ୍ରଶର କର୍ମଚାରୀମାନେ ଅରଜିତଙ୍କୁ ଧମକ ଦେଇଥିଲେ। ଏପରି କି ସେମାନେ ମୋବାଇଲରେ ଭିଡିଓ ଶୁଟ୍ ମଧ୍ୟ କରିଥିଲେ। ମା'ବାପା ନିରୁପାୟ ହୋଇ ସେମାନଙ୍କ ସର୍ତ୍ତଗୁଡ଼ିକ ମାନି ସାଦାକାଗଜରେ ଦସ୍ତଖତ କରି ଅରଜିତଙ୍କୁ ଘରକୁ ରାତି ୨ଟା ୧୫ ମିନିଟରେ ନେଇଥିଲେ। ଫଳରେ ଡାକ୍ତରଖାନା ନେବାକୁ ସମ୍ଭବ ହୋଇ ପାରି ନ ଥିଲା। ୨୮ ତାରିଖ ସକାଳେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅରଜିତଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଅରଜିତଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ଶ୍ରମିକ ଦିବସ ଅର୍ଥାତ ମେ ୧ ତାରିଖ ରାତି ୩ଟା ୩୦ ମିନିଟରେ ଅରଜିତଙ୍କ ମୃତ୍ୟୁ ହୋଇଥିଲା। ହତ୍ୟାକାଣ୍ଡରେ ଯେଉଁମାନଙ୍କ ସମ୍ପୃକ୍ତି ରହିଛି ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଅଜୟ ନିବେଦନ କରିଛନ୍ତି। ଅରଜିତଙ୍କ ମୂଳ ଘର ବ୍ରହ୍ମବରଦା ଥାନା ଅଞ୍ଚଳର କାଳିକାଘୋଡ଼ା ବୋଲି ଜଣାପଡ଼ିଛି। କ୍ରଶରରେ ବହୁ ଟଙ୍କାର ହେର୍‌ଫେର୍ ହେବା ପରେ ପରିଚାଳକ ଓ ଅନ୍ୟ ଜଣେ କର୍ମଚାରୀ ଶ୍ରମିକମାନଙ୍କୁ ସନ୍ଦେହଘେରରେ ରଖି ପଚରାଉଚରା କରିଥିଲେ ବୋଲି ଜଣାପଡ଼ିଛି।

ଅଭିଯୋଗ ହେବା ପରେ ଜେନାପୁର ଥାନାଧିକାରୀ ନିରୁପମା ଜେନା, ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା, ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝି ତଦନ୍ତ ଆରମ୍ଭ କରିଛନ୍ତି। ଜେନାପୁର ଥାନା ଅଞ୍ଚଳରେ ଘଟଣା ଘଟିଥିବା ବେଳେ ମୃତକଙ୍କ ଘର ଧର୍ମଶାଳା ଥାନା ଅଧୀନରେ ହୋଇଥିବାରୁ ମାମଲା ସେଠାରେ ପଞ୍ଜୀକୃତ ହୋଇଛି। ଶେଷ ଖବର ମିଳିବା ବେଳକୁ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ଧର୍ମଶାଳା ପୋଲିସ ୨୫୮/୨୫ ନମ୍ବରରେ ଏକ ହତ୍ୟା ମାମଲା ରୁଜୁ କରି ଜଣେ ଅଭିଯୁକ୍ତଙ୍କୁ ଅଟକ ରଖିଥିବା ଜଣାପଡିଛି।

## Business

# ସୁନା ଚାହିଦା ବାର୍ଷିକ ଆଧାରରେ ୧୭୦% ବୃଦ୍ଧି

ଭୁବନେଶ୍ୱର, ୨।୫



କ୍ରମାଗତ ଭାବେ ସୁନା ଦର ବୃଦ୍ଧି ଏବଂ ଇଟିଏଫରେ ନିବେଶ ବଢ଼ିବା ଯୋଗୁ ବିଶ୍ୱବ୍ୟାପୀ ସୁନା ଚାହିଦାରେ ଅହେତୁକ ବୃଦ୍ଧିଘଟିଥିଲା ବୋଲି ୱାର୍ଲ୍ଡଗୋଲ୍ଡକାଉନ୍ସିଲ (ଡବ୍ଲ୍ୟୁଜିସି) ର ପ୍ରଥମ ତ୍ରୈମାସିକ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡସ ରିପୋର୍ଟରୁ ଜଣାପଡ଼ିଛି। ସେହିଭଳି ୨୦୨୫ ପ୍ରଥମ ତ୍ରୈମାସିକ ମଧ୍ୟରେ ଅତ୍ୟଧିକ ପରିମାଣର ସୁନା ଚାହିଦା ବୃଦ୍ଧି ଏବଂ ଉଚ୍ଚ ମୂଲ୍ୟରେ ମୋଟ ତ୍ରୈମାସିକ ସୁନା ଚାହିଦା (ଓଟିସି ସମେତ) ୧୨୬୦ ଟନ୍ ରହିଥିଲାବେଳେ ଏହା ବାର୍ଷିକ ଆଧାରରେ ୧% ବୃଦ୍ଧି ହୋଇଛି, ଯେତେବେଳେ ସୁନା ମୂଲ୍ୟ ଆଉନ୍ସ ପିଛା ୩୦୦୦ ଡଲାର ଅତିକ୍ରମ କରିଛି। ସେହିପରି ଗୋଲ୍ଡ ଇଟିଏଫର ପୁନରୁଦ୍ଧାର ମୋଟ ନିବେଶ ଚାହିଦାକୁ ଦ୍ୱିଗୁଣିତ କରିବା ସହ ୫୫୨ ଟନରେ ପହଞ୍ଚାଇଛି, ଯାହା ବାର୍ଷିକ ଆଧାରରେ ୧୭୦% ବୃଦ୍ଧି ହୋଇଛି। ଏହା ୨୦୨୨ର ପ୍ରଥମ ତ୍ରୈମାସିକ ପରଠାରୁ ସର୍ବାଧିକ ବୋଲି କୁହାଯାଉଛି। ବିଶ୍ୱବ୍ୟାପୀ ଇଟିଏଫରେ ନିବେଶ ବୃଦ୍ଧି ପାଇବା ଫଳରେ ପ୍ରଥମ ତ୍ରୈମାସିକରେ ସୁନା ଚାହିଦା ମୋଟ ୨୨୬ ଟନ ରହିଛି, କାରଣ ମୂଲ୍ୟ ବେଗ ଏବଂ ଟାରିଫ ନୀତି ଅନିଶ୍ଚିତତା ନିବେଶକଙ୍କୁ ଏକ ସୁରକ୍ଷିତ ନିବେଶ ଭାବେ ସୁନା ଆଡକୁ ଆକର୍ଷିତ କରିଥିଲା। ଚାଇନ୍‌ର ଖୁଚୁରା ନିବେଶରେ ବୃଦ୍ଧି ଯୋଗୁଁ ଗୋଲ୍ଡ ବାର ଓ କଏନ ଚାହିଦା ବାର୍ଷିକ ଆଧାରରେ ୩% ବୃଦ୍ଧି ହୋଇ ୧ମ ତ୍ରୈମାସିକରେ ୩୨୫ଟନକୁ ବୃଦ୍ଧି ପାଇଛି, ଯାହାକି ଏହାର ୨ୟ ସର୍ବୋଚ୍ଚ ତ୍ରୈମାସିକ ବୃଦ୍ଧି ହାସଲ କରିଥିଲା। ଆମେରିକାରେ ଚାହିଦା ବାର୍ଷିକ ଆଧାରରେ ୨୨% ହ୍ରାସ ପାଇଥିବାବେଳେ ୟୁରୋପରେ ଏହା ୧୨ ଟନର ଏକ ସାଧାରଣ ରିକଭରି ହାସଲ କରିଛି, କିନ୍ତୁ ଗତ ବର୍ଷର ସମାନ ତ୍ରୈମାସିକରେ ଏକ ଖୁବ୍ ନିମ୍ନ ସ୍ତରରେ ଥିଲା। କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ବର୍ତମାନ ସେମାନଙ୍କର ଶୁଦ୍ଧ କ୍ରୟର କ୍ରମାଗତ ୧୬ତମ ବର୍ଷରେ ପ୍ରବେଶ କରିଛନ୍ତି, ଯାହା ଅନ୍ତର୍ଜାତୀୟ ଅନିଶ୍ଚିତତା ମଧ୍ୟରେ ୧ମ ତ୍ରୈମାସିକରେ ସୁନା ଭଣ୍ଡାରରେ ୨୪୪ ଟନ ବୃଦ୍ଧି କରିଛି। ଏ ସମ୍ପର୍କରେ ୱାର୍ଲ୍ଡଗୋଲ୍ଡ କାଉନ୍ସିଲର ବରିଷ୍ଠ ବଜାର ବିଶ୍ଲେଷକ ଲୁଇସ ଷ୍ଟ୍ରିଟ କହିଛନ୍ତି, ବିଶ୍ୱ ବଜାରଗୁଡିକ ପାଇଁ ଏହା ଏକ ଜଟିଳ ଆରମ୍ଭ ଥିଲା। କାରଣ ବାଣିଜ୍ୟ ଅସ୍ଥିରତା, ଆମେରିକାର ଅପ୍ରତ୍ୟାଶିତ ନୀତି ଘୋଷଣା, ସ୍ଥାୟୀ ଭୂ-ରାଜନୈତିକ ଉତ୍ତେଜନା ଏବଂ ମାନ୍ଦାବସ୍ଥା ଫେରିବାର ଭୟ ନିବେଶକଙ୍କ ପାଇଁ ଏକ ଅତ୍ୟଧିକ ଅନିଶ୍ଚିତାପୂର୍ଣ୍ଣ ପରିବେଶ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ସୁନା ପାଇଁ ନିବେଶ ଚାହିଦା ୨୦୧୯ ପରଠାରୁ ପ୍ରଥମ ତ୍ରୈମାସିକ ଚାହିଦାର ସର୍ବୋଚ୍ଚ ସ୍ତର ପାଇଁ ବାଟ ଫିଟାଇଛି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ, ୨।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୬୦ (୨୫୯.୭୫) ପଏଣ୍ଟ ବୃଦ୍ଧି ଘଟି ୮୦,୫୦୨ (୮୦,୫୦୧.୯୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୨(୧୨.୫୦) ପଏଣ୍ଟ ବଢ଼ି ୨୪,୩୪୭ (୨୪,୩୪୬.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।


# ଭଗୱତ ସିଂହ ଭାକୁନି ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ

ଭୁବନେଶ୍ୱର, ୨।୫


ଭଗୱତ ସିଂହ ଭାକୁନ

ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ ଉପ ମହାପ୍ରବନ୍ଧକ ଭଗୱତ ସିଂହ ଭାକୁନି ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଭାକୁନି ବ୍ୟାଙ୍କର ନୂଆଦିଲ୍ଲୀସ୍ଥିତ ଫ୍ଲାଗ୍‌ଶିପ୍ କର୍ପୋରେଟ୍ ସେଣ୍ଟରରେ ଶାଖା ମୁଖ୍ୟ ରୂପେ କାର୍ଯ୍ୟରତ ଥିଲେ। ୨୦୦୬ରେ ସେ ୟୁକୋ ବ୍ୟାଙ୍କର ପ୍ରୋବେସନାରି ଅଫିସର ଭାବେ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ସେ ଉତ୍ତରାଖଣ୍ଡ, ନୂଆଦିଲ୍ଲୀ, ପଞ୍ଜାବ, ହରିୟାଣା ଏବଂ ଚଣ୍ଡିଗଡ଼ ଭଳି ଅଞ୍ଚଳର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦ ପଦବୀରେ କାର୍ଯ୍ୟ କରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିଭିନ୍ନ କ୍ଷୁଦ୍ର ଓ ବୃହତ୍ ଶାଖାରେ ଶାଖା ମୁଖ୍ୟ ରୂପେ କାର୍ଯ୍ୟ କରିଛନ୍ତି। ଜଣେ ଦକ୍ଷ ବ୍ୟାଙ୍କର ଭାବେ ଭାକୁନିଙ୍କର ଋଣ, ବିଦେଶୀ ମୁଦ୍ରା ବିନିମୟ ଓ ଅନ୍ତର୍ଜାତୀୟ ବାଣିଜ୍ୟରେ ବିଶେଷ ଆଗ୍ରହ ରହିଛି। ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସେ ବୃହତ୍ ଋଣ, କୃଷି, ରିଟେଲ୍ , ଏମ୍‌ଏସ୍‌ଏମ୍‌ଇ ଋଣ ସହ କାସା କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବେ ବୋଲି ମତପ୍ରକାଶ କରିଛନ୍ତି।

# କେ. ନରସିଂହା ରେଡ୍ଡୀ ଏନ୍‌ଟିପିସି କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ


କେ. ନରସିଂହା ରେଡ୍ଡୀ

ତାଳଚେର, ୨।୫(ମନୋଜ ନନ୍ଦ)

ଏନ୍‌ଟିପିସି ତାଳଚେର କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଏବଂ ପ୍ରକଳ୍ପ ମୁଖ୍ୟ (ଏଚ୍‌ଓପି) ଭାବେ କରିବେଦ୍ଧ ନରସିଂହା ରେଡ୍ଡୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ୫ ସେପ୍ଟେମ୍ବର ୧୯୮୯ରେ ସେ ଏନ୍‌ଟିପିସି ଯାନ୍ତ୍ରିକ ରକ୍ଷଣାବେକ୍ଷଣ ବିଭାଗରେ କାର୍ଯ୍ୟନିର୍ବାହୀ ପ୍ରଶିକ୍ଷକ ଭାବରେ ଯୋଗ ଦେଇଥିଲେ। ସେବେଠାରୁ ସେ ବିଭିନ୍ନ ପରିଚାଳନା, ପ୍ରକଳ୍ପ ପରିଚାଳନା, ପ୍ରକଳ୍ପ ଯୋଜନା ଏବଂ ମନିଟରିଂ ଆଦି କ୍ଷେତ୍ରରେ କାର୍ଯ୍ୟକରି ବହୁ ଅଭିଜ୍ଞତା ଅର୍ଜନ କରିଛନ୍ତି। ଆନ୍ଧ୍ରପ୍ରଦେଶର ମୂଳ ବାସିନ୍ଦା ରେଡ୍ଡୀ କହଲଗାଁଓ, ସୀମାଦ୍ରି, ବାରହ ରିହାଣ୍ଡ ଏବଂ ଫରିଦାବାଦ ସମେତ ପ୍ରମୁଖ ଏନ୍‌ଟିପିସି ପାୱାର ଷ୍ଟେଶନଗୁଡ଼ିକର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ସେ ଏନ୍‌ଟିପିସି ନେତୃତ୍ୱଙ୍କ ପ୍ରତି ସେମାନଙ୍କ ବିଶ୍ୱାସ ଏବଂ ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ସେ ସମାଜର ସାମଗ୍ରିକ ବିକାଶରେ ଯୋଗଦାନ ଦେବା ଏବଂ ସ୍ୱଚ୍ଛ ଓ ସୁଲଭ ଶକ୍ତି ସହିତ ଭାରତର ପ୍ରଗତିକୁ ଶକ୍ତି ପ୍ରଦାନରେ ଏନ୍‌ଟିପିସିର ଦୃଷ୍ଟିକୋଣକୁ ହାସଲ କରିବା ପାଇଁ ନିରନ୍ତର ପ୍ରୟାସ କରିବାରେ ଏନ୍‌ଟିପିସିର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏନ୍‌ଟିପିସି କଣିହାଁ ପରିବାର କେ. ନରସିଂହା ରେଡ୍ଡୀଙ୍କୁ ସ୍ୱାଗତ କରିବା ସହ ତାଙ୍କର ସଫଳ ଏବଂ ପ୍ରଭାବଶାଳୀ କାର୍ଯ୍ୟକାଳ ପାଇଁ ଶୁଭେଚ୍ଛା ଜଣାଇଛି।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆରେ ବିଶ୍ୱ ଇସ୍ପାତ ଦିବସ ପାଳିତ

ଭୁବନେଶ୍ୱର, ୨।୫



ଇସ୍ପାତ ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ବିତରଣ କରାଯାଉଛି।

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆର ସମସ୍ତ କାର୍ଯ୍ୟ ପରିସରରେ ବିଶ୍ୱ ଇସ୍ପାତ ଦିବସ ପାଳିତ ହୋଇଯାଇଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ୍‌ରେ ମଧ୍ୟ ବିଶ୍ୱ ଇସ୍ପାତ ଦିବସ ପାଳନ କରାଯାଇଥିଲା। ଏପରିକି କାର୍ଯ୍ୟକ୍ଷେତ୍ରରେ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ପ୍ରୋତ୍ସାହିତ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମ କମ୍ପାନୀର ପାରାଦୀପ ପେଲେଟ ପ୍ଲାଣ୍ଟ ଏବଂ ଡାବୁନା ସ୍ଥିତ ବେନିଫିସିଏସନ ପ୍ଲାଣ୍ଟରେ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, କମ୍ପାନୀ ପକ୍ଷରୁ ୨ ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲାବେଳେ ପ୍ରଥମ ଦିନରେ 'ଏକ ନିରାପତ୍ତା ସଂସ୍କୃତି' ଉପରେ ଧ୍ୟାନକେନ୍ଦ୍ରିତ କରି ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଉପରେ ଏକାଧିକ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହାର ଉଦ୍ଦେଶ୍ୟ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସମସ୍ତ କାର୍ଯ୍ୟକ୍ଷମ ସ୍ଥାନରେ ଏକ ସମାନ ନିରାପତ୍ତା ସଂସ୍କୃତି ସୃଷ୍ଟି କରିବା ଏବଂ ଆପଦ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ କରିବା। ଏପରିକି ସୁରକ୍ଷା ଟିମ୍ ଏକ ସାମୂହିକ ରକ୍ଷଣାବେକ୍ଷଣ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଉଭୟ ପ୍ଲାଣ୍ଟରେ କର୍ମଚାରୀ ଏବଂ ସହଯୋଗୀଙ୍କ ପାଇଁ କୁଇଜ ପ୍ରତିଯୋଗିତା ଆୟୋଜନ କରିଥିଲେ। କର୍ମଚାରୀମାନେ ମଧ୍ୟ ନିରାପତ୍ତା ସମ୍ବନ୍ଧୀୟ ଶପଥ ନେବା ସହ ନିରାପତ୍ତାକୁ ସବୁଠାରୁ ଗୁରୁତ୍ୱ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଶେଷ ଦିନ ଉଭୟ ପ୍ଲାଣ୍ଟରେ ବିପଦ ସନ୍ଧାନ, ପୋଷ୍ଟର ଓ ସ୍ଲୋଗାନ ପ୍ରତିଯୋଗିତା, କବିତା ଓ ପ୍ରବନ୍ଧ ଲେଖା ପ୍ରତିଯୋଗିତା, ଉଦ୍ଧାର କାର୍ଯ୍ୟ ଉପରେ ନାଟକ ଭଳି ଦଳଗତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯାହା କାର୍ଯ୍ୟକ୍ଷେତ୍ରରେ ନିରାପତ୍ତା ଏବଂ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଜନ ସଚେତନତା ସୃଷ୍ଟି କରିଥିଲା। ଏଥିରେ ବରିଷ୍ଠ ନେତୃବୃନ୍ଦ, କର୍ମଚାରୀ, ସହଯୋଗୀ ଓ ଅଂଶୀଦାରମାନଙ୍କୁ ସମ୍ବୋଧିତ କରିବା ସହ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସେହିପରି ଏହି ସମାରୋହରେ କର୍ମଚାରୀମାନେ ଆଲୋଚନା କରିବା ସହ ମଞ୍ଚରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଅତ୍ୟାଧୁନିକ ଜଳ କିଓସ୍କର ଶୁଭାରମ୍ଭ

ଭୁବନେଶ୍ୱର, ୨।୫

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅତ୍ୟାଧୁନିକ ଜଳ କିଓସ୍କର ଶୁଭାରମ୍ଭ କରାଯାଇଛି। ଏପରିକି ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସହଜ ପାନୀୟ ଜଳ ଯୋଗାଣ ସହ କମ୍ପାନୀର ଝାରସୁଗୁଡ଼ା କାର୍ଯ୍ୟ ପରିସରରେ କର୍ମଚାରୀଙ୍କ ସୁସ୍ଥତାକୁ ସୁରକ୍ଷିତ ରଖିବା ପାଇଁ ଅନେକ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି। ଚଳିତ ଗ୍ରୀଷ୍ମଋତୁରେ ଏହି ଅଞ୍ଚଳରେ ଅତ୍ୟଧିକ ତାପମାତ୍ରାର ପ୍ରତିକ୍ରିୟାରେ ଆସିଛି। ଅଧିକ ଗରମ ଏବଂ ଆର୍ଦ୍ରତାର ଦୀର୍ଘ ସମୟ ପର୍ଯ୍ୟନ୍ତ ସଂସ୍ପର୍ଶରେ ରହିବା ଦ୍ୱାରା ମାନବ ଶରୀର ଉପରେ ପ୍ରତିକୂଳ ପ୍ରଭାବ ପଡ଼ିପାରେ ବୋଲି କୁହାଯାଉଛି। ଫଳରେ ଗୁରୁତର କ୍ଳାନ୍ତି ଏବଂ ଶରୀର କ୍ଳାନ୍ତି ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ଏବଂ ଗରମ ପ୍ରବାହ ପରିସ୍ଥିତି ସମୟରେ ପର୍ଯ୍ୟାପ୍ତ ଜଳ ଯୋଗାଣର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବା ପାଇଁ କମ୍ପାନୀ ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ମଧ୍ୟରେ ଉଚ୍ଚ-ପଦାର୍ଥ ସାର୍ବଜନୀନ ଅଞ୍ଚଳରେ ଏକାଧିକ ଜଳ କିଓସ୍କ ସ୍ଥାପନ କରାଯାଇଛି। ଏହି କିଓସ୍କଗୁଡ଼ିକ ସଫା, ନିରାପଦ ପାନୀୟ ଜଳ ପାଇଁ ନିରବଚ୍ଛିନ୍ନ ପ୍ରବେଶ ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ, ପ୍ରଚଣ୍ଡ ଗ୍ରୀଷ୍ମ ପରିସ୍ଥିତି ସହ ଲଢ଼ିବା ପାଇଁ ବାସିନ୍ଦାଙ୍କୁ ଅତ୍ୟନ୍ତ ଆବଶ୍ୟକ ଆଶ୍ୱସ୍ତି ପ୍ରଦାନ କରିବ। ଏହାର ପ୍ଲାଣ୍ଟ କାର୍ଯ୍ୟ ମଧ୍ୟରେ ବେଦାନ୍ତ ଉଚ୍ଚ-ତାପମାନ ପରିବେଶରେ କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କୁ ସମର୍ଥନ କରିବା ପାଇଁ ଏକ ବ୍ୟାପକ 'ଗ୍ରୀଷ୍ମକାଳୀନ କଲ୍ୟାଣ କାର୍ଯ୍ୟକ୍ରମ' ମଧ୍ୟ ଆରମ୍ଭ କରିଛି। ଏହି ପଦକ୍ଷେପରେ ଓଆର୍‌ଏସ୍ (ମୌଖିକ ପୁନଃ ହାସଲ ସମାଧାନ) ଷ୍ଟେଶନ ସ୍ଥାପନ ଅନ୍ତର୍ଭୁକ୍ତ, ଯାହା ଶରୀରର ଇଲେକ୍ଟ୍ରୋଲାଇଟ୍ସ ଏବଂ ଥଣ୍ଡା ଜଳ ବିତରକକୁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷେତ୍ରରେ ରିଚାର୍ଜ କରିବାରେ ସାହାଯ୍ୟ କରିଥାଏ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମ ଚାରିପାଖରେ ଥିବା ସମ୍ପ୍ରଦାୟ ଏବଂ ଆମର ଦଳର ସଦସ୍ୟଙ୍କ ମଙ୍ଗଳ ପାଇଁ ଗଭୀର ଭାବେ ପ୍ରତିବଦ୍ଧ ରହିଛୁ। ଏପରିକି ସେମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ନିରନ୍ତର ନୂତନ ଉପାୟ ଖୋଜୁଛୁ।

# ଜାମସେଦପୁର-ଗୋଆ ଫାଇନାଲ ଆଜି



ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଗୋଆ ଏବଂ ଜାମ୍‌ସେଦପୁର ଦଳର ଅଧିନାୟକ ଓ କୋଚ୍‌।

**ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସମ୍ମାନଜନକ କଳିଙ୍ଗ ସୁପର କପ୍‌ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଶନିବାର ଅନୁଷ୍ଠିତ ହେବ। ଫାଇନାଲରେ ପରସ୍ପରର ସମ୍ମୁଖୀନ ହେବେ ଜାମସେଦପୁର ଏଫ୍‌ସି ଓ ଏଫ୍‌ସି ଗୋଆ। ପ୍ରତିଯୋଗିତାର ଶେଷ ରୋମାଞ୍ଚ ପୂର୍ବରୁ ଶୁକ୍ରବାର ଟ୍ରଫି ଉନ୍ମୋଚନ ଉତ୍ସବ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ଏଫ୍‌ସି ଗୋଆ ମୁଖ୍ୟ କୋଚ୍‌ ମାନୋଲୋ ମର୍କ୍ୱେଜ ଓ ଅଧିନାୟକଓଡେଇ ଓନାଇଣ୍ଡିଆ ଏବଂ ଜାମସେଦପୁର ଏଫ୍‌ସି ମୁଖ୍ୟ କୋଚ୍‌ ଖଲିଦ ଜମିଲ ଓ ଖେଳାଳି ନିଖିଲ ବାର୍ଲା ଉପସ୍ଥିତ ରହି ଟ୍ରଫି ଉନ୍ମୋଚନ କରିଛନ୍ତି।

ଦୀର୍ଘ ୧୩ ଦିନର ଲଢ଼େଇ ପରେ କଳିଙ୍ଗ ସୁପର କପ୍‌ର ଟାଇଟଲ ଟକ୍କର ଅନୁଷ୍ଠିତ ହେବାକୁ ଯାଉଛି। ୧୫ ଦଳକୁ ନେଇ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଏବେ ଗୋଆ ଓ ଜାମସେଦପୁର ଟାଇଟଲ ପାଇଁ ଲଢ଼ିବେ। ଜାମସେଦପୁର ପ୍ରଥମଥରପାଇଁ ଫାଇନାଲରେ ପ୍ରବେଶ କରିଥିବାବେଳେ ଗୋଆ ଦଳ ୨୦୧୯ରେ ଚାମ୍ପିୟନ ହୋଇ ସାରିଛି। ତେଣୁ ସୁପର କପ୍‌ର ଇତିହାସରେ ଗୋଆ ପ୍ରଥମ ଦଳଭାବେ ଦ୍ୱିତୀୟ ଥର ଚାମ୍ପିୟନ ହେବାକୁ ଲକ୍ଷ୍ୟ ରଖିଛି। ଗୋଆ ଦଳ ୨୦୨୧ରେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ ଟାଇଟଲ ଜିତିଥିଲା। ତେଣୁ ୪ ବର୍ଷ ବ୍ୟବଧାନରେ ଏହି ଦଳ ମହାଦେଶୀୟ ଫୁଟବଲରେ ପୁଣି ନିଜର ଉପସ୍ଥିତି ଜାହିର କରିବାକୁ ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ପୂର୍ବରୁ ୨ ଥର ସୁପର କପ୍‌ର ସେମିଫାଇନାଲରେ ପରାଜିତ ହୋଇଥିବାବେଳେ ଏଥର ଚମତ୍କାର ପ୍ରଦର୍ଶନ ଜାରି ରଖି ପ୍ରଥମଥର ଫାଇନାଲରେ ପାଦ ରଖିଛି। ୨୦୨୩ରେ ଏହି ଦଳ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ର ପ୍ଲେ-ଅଫ୍‌ରେ ପରାଜିତ ହୋଇଥିଲା। ତେଣୁ ଏଥର ସୁପର କପ୍‌ରେ ଚାମ୍ପିୟନ ହୋଇ ଏସୀୟ ପ୍ରତିଯୋଗିତା ପାଇଁ ଟିକେଟ ହାସଲ ଲକ୍ଷ୍ୟରେ ରହିଛି ଏହି ଦଳ। ''ଶନିବାରର ଫାଇନାଲ ଆମପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ପ୍ରଥମଥରପାଇଁ

## କଳିଙ୍ଗ ସୁପର କପ୍‌ ଟ୍ରଫି ଉନ୍ମୋଚିତ

ଅମେ ଏସୀୟ ପ୍ରତିଯୋଗିତାକୁ ଯୋଗ୍ୟତା ପାଇବା ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଆମେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବୁ'' ବୋଲି ଶୁକ୍ରବାର ଅନୁଷ୍ଠିତ ପ୍ରି-ମ୍ୟାଚ ଖବରଦାତା ସମ୍ମିଳନୀରେ ଜାମସେଦପୁର ଏଫ୍‌ସି ମୁଖ୍ୟ କୋଚ୍‌ ଖଲିଦ ଜମିଲ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏଫ୍‌ସି ଗୋଆ ମୁଖ୍ୟ କୋଚ୍‌ ମାନୋଲୋ ମାର୍କ୍ୱେଜ କହିଛନ୍ତି ଯେ, ''ଏସୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ ସୁଯୋଗ ଥିବାରୁ ଯେ କୌଣସି ଦଳ ନିଶ୍ଚିତ ମୋଟିଭେଟ ହେବ। ୪ ବର୍ଷ ପୂର୍ବରୁ ଏଫ୍‌ସି ଗୋଆ ଚାମ୍ପିୟନ୍ସ ଲିଗ୍‌ ଖେଳି ସାରିଛି। ଜାମସେଦପୁର ଏଫ୍‌ସି କେବେହେଲେ ସୁଯୋଗ ପାଇନାହିଁ। ମାତ୍ର ଏବେ ଉଭୟ ଦଳର ଲକ୍ଷ୍ୟ ଏକ ରହିବ''।

ସୁପର କପ୍‌ରେ ଏଫ୍‌ସି ଗୋଆ ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ଏହା ଚତୁର୍ଥ ମୁକାବିଲା ହେବ। ଫଳରେ ଟୁର୍ନାମେଣ୍ଟ ଇତିହାସରେ ଉଭୟ ଦଳ ପରସ୍ପରକୁ ସର୍ବାଧିକ ଥର ଭେଟିବାର ରେକର୍ଡ କରିବେ। ପୂର୍ବ ୩ ମ୍ୟାଚରେ ୨୧ ଗୋଲ ସ୍କୋର ହୋଇ ସାରିଛି। ତେଣୁ ଶନିବାର ମ୍ୟାଚ ମଧ୍ୟ ତୀବ୍ର ସଂଘର୍ଷପୂର୍ଣ୍ଣ ହେବା ଆଶା ରହିଛି। ୨୦୧୮ ଓ ୨୦୧୯ରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଗୋଆ ଦଳ ଯଥାକ୍ରମେ ୫-୧ ଓ ୪-୩ ଗୋଲରେ ବିଜୟୀ ହୋଇଥିଲା। ମାତ୍ର ୨୦୨୩ ଗ୍ରୁପ୍‌ ପର୍ଯ୍ୟାୟରେ ଜାମସେଦପୁର ଦଳ ୫-୩ ଗୋଲ ବ୍ୟବଧାନରେ ବିଜୟ ହାସଲ କରିଥିଲା। ଏଥର ସୁପର କପ୍‌ରେ କିନ୍ତୁ ଗୋଆ ବିପକ୍ଷରେ ଜାମସେଦପୁର ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଫତୋର୍ଦାରେ ଅନୁଷ୍ଠିତ ମ୍ୟାଚରେ ୨-୧ ଓ ଫୁର୍ନାସେରେ ଅନୁଷ୍ଠିତ ମୁକାବିଲାରେ ୩-୧ରେ ଗୋଆକୁ ପରାସ୍ତ କରିଥିଲା। ତେଣୁ ଆଗାମୀ ମ୍ୟାଚରେ ପରାଜୟର ପ୍ରତିଶୋଧ ନେବାକୁ ଗୋଆ ନିଶ୍ଚିତ ଚେଷ୍ଟା କରିବ। ''ପ୍ରତି ଗେମ୍‌ ଭିନ୍ନ। ଚଳିତ ସିଜନର ଆଇଏସ୍‌ଏଲ୍‌ରେ ଆମେ ଯଦିଓ ୨ଟି ଯାକ ମ୍ୟାଚରେ ଜାମସେଦପୁର ଏଫ୍‌ସି ନିକଟରୁ ପରାଜିତ ହୋଇଛୁ ତେବେ ଓଭରଅଲ୍‌ ଷ୍ଟାଣ୍ଡିଂରେ ଦ୍ୱିତୀୟ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛୁ। ଏପରିକି ଜାମସେଦପୁର ଏଫ୍‌ସିଠାରୁ ୧୦ ପଏଣ୍ଟ ଅଧିକ ପାଇଛୁ। ତେଣୁ ଅତୀତରେ କ'ଣ ହୋଇଥିଲା ତା'ର କିଛି ମାନେନାହିଁ। ଆଗାମୀ ମ୍ୟାଚରେ କେଉଁ ଦଳ କିପରି ପ୍ରଦର୍ଶନ କରୁଛି ତା' ଉପରେ ଅନେକ କିଛି ନିର୍ଭର କରିବ'' ବୋଲି ମର୍କ୍ୱେଜ ପ୍ରକାଶ କରିଛନ୍ତି। ଜମିଲ ମଧ ମର୍କ୍ୱେଜଙ୍କୁ ସମର୍ଥନ କରିଛନ୍ତି।

ଆଇଏସଏଲ୍‌ରେ ୪୬ଟି ଗୋଲ ବରଣ କରିଥିବା ଜାମସେଦପୁର ଏଫ୍‌ସି ଆଶ୍ଚର୍ଯ୍ୟଜନକ ଭାବେ ଚଳିତ ସୁପର କପ୍‌ରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଗୋଲ ବରଣ କରିନାହିଁ। ହାଇଦ୍ରାବାଦ ଏଫ୍‌ସିକୁ ୨-୦ରେ ହରାଇବାପରେ ଏହି ଦଳ ନର୍ଥଇଷ୍ଟ ବିପକ୍ଷ ଗୋଲଶୂନ୍ୟ ଡ୍ର ମ୍ୟାଚରେ ପେନାଲ୍ଟି ଶୁଟ୍‌ ଆଉଟରେ ବିଜୟୀ ହୋଇଥିଲା। ଏହାପରେ ମୁମ୍ବାଇ ସିଟି ଏଫ୍‌ସିକୁ ସେମିଫାଇନାଲରେ ୧-୦ରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଗୋଆ ୩-୦ରେ ଗୋକୁଲମ୍‌ କେରଳ ଓ ୨-୧ରେ ପଞ୍ଜାବ ଏଫ୍‌ସିକୁ ହରାଇବାପରେ ସେମିଫାଇନାଲରେ ମୋହନ ବାଗାନ ସୁପର ଜାଏଣ୍ଟକୁ ୩-୧ରେ ହରାଇ ଟାଇଟଲ ପର୍ଯ୍ୟାୟରେ ପ୍ରବେଶ କରିଛି। ତେଣୁ ଟ୍ରଫି ପାଇଁ ଏଥର ଲଢ଼େଇ ଜୋରଦାର ହେବା ଏକପ୍ରକାର ନିଶ୍ଚିତ ହୋଇଛି।

**କଳିଙ୍ଗ ସୁପର କପ୍‌**
**(ଆଜିର ମ୍ୟାଚ)**
**ଏଫ୍‌ସି ଗୋଆ**
**ବନାମ**
**ଜାମସେଦପୁର**
**ସମୟ: ରାତି ୭.୩୦**
**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ୩**

# ଦ୍ୱିତୀୟ ସ୍ଥାନରେ ଗୁଜରାଟ

**ଅହମଦାବାଦ, ୨।୫ (ପି.ଟି.)**

ଶୁବମନ ଗିଲ୍‌, ସାଇ ସୁଦର୍ଶନ ଓ ଜୋଟ ବଟଲରଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଗୁଜରାଟ ଟାଇଟନ୍ସ ଆଇପିଏଲ୍‌ରେ ଶୁକ୍ରବାର ସନରାଇଜର୍ସ ହାଇଦ୍ରାବାଦକୁ ୩୮ ରନରେ ପରାସ୍ତ କରିଛି। ଗୁଜରାଟ ଦ୍ୱାରା ଧାର୍ଯ୍ୟ ୨୨୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି ହାଇଦ୍ରାବାଦ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୧୮୬ ରନ କରିପାରିଥିଲା। ଦଳ ପକ୍ଷରୁ ଅଭିଷେକ ଶର୍ମା ସର୍ବାଧିକ ୭୪ ରନ ( ୪୧ ବଲ୍‌, ୪ ଚୌକା, ୬ ଛକା) କରିଥିଲେ। ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ବିଜୟୀ ଦଳର ପ୍ରସିଦ୍ଧ କ୍ରିଷ୍ଣା ଓ ମହମ୍ମଦ ସିରାଜ ଦୁଇଟି ଲେଖାଏଁ ଉଇକେଟ ହାସଲ କରିଥିଲେ। ଏହି ବିଜୟ ଦ୍ୱାରା ଗୁଜରାଟ ୧୦ ମ୍ୟାଚରୁ ୭ ବିଜୟ ୩ ପରାଜୟ ସହ ୧୪ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

ଟସ୍‌ ହାରି ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୨୨୪ ରନ କରଥିଲା। ସାଇ ସୁଦର୍ଶନ (୪୮ରନ, ୨୩ ବଲ୍‌, ୯ ଚୌକା) ଓ ଅଧିନାୟକ ଶୁବମନ ଗିଲ୍‌ (୭୬ରନ, ୩୮ ବଲ୍‌, ୧୦ ଚୌକା ଓ ୨ ଛକା) ଦଳକୁ ଭଲ ଆରମ୍ଭ ଦେଇଥିଲେ। ସୁଦର୍ଶନ ଖେଳର ୬.୫ ଓଭର ପର୍ଯ୍ୟନ୍ତ ତିଷ୍ଠି ପାରିଥିଲେ। ସେ ଆଉଟ୍‌ ହେବା ବେଳକୁ ଓପନିଂ ଯୋଡ଼ିରେ ୮୭ରନ ସଂଗ୍ରହ ହୋଇସାରିଥିଲା। ପରେ ଗିଲ୍‌ଙ୍କ ସହ ଉଇକେଟକିପର ଜୋସ୍‌ ବଟଲର ଯୋଗଦେଇଥିଲେ। ତେବେ ୧୩ତମ ଓଭରରେ ହର୍ସେଲ ପଟେଲ/କ୍ଲାସେନ ରନ ଆଉଟ କରି ଗିଲ୍‌ଙ୍କ ଇନିଂସର ଅବସାନ ଘଟାଇଥିଲେ। ପରେ ବଟଲର (୬୪ରନ, ୩୭ ବଲ୍‌, ୩ଚୌକା ଓ ୪ଛକା) ଓ ୱାଶିଂଟନ ସୁନ୍ଦର (୨୧ରନ)ଙ୍କ ମଧ୍ୟରେ ତୃତୀୟ ଉଇକେଟରେ ୫୭ରନର ଭଲ ପାର୍ଟନରଶିପ୍‌ ହୋଇଥିଲା। ଶେଷ ଭାଗରେ ଜୟଦେ ଉନାଡକଟ ଚମତ୍କାର ବୋଲିଂ କରି ୩୫ ରନ ବିନିମୟରେ ଗୁଜରାଟର ୩ଟି ଉଇକେଟ ଖସାଇ ଦେଇଥିଲେ।



ଶଟ୍‌ ଖେଳିବା ଅବସରରେ ଶୁବମନ ଗିଲ୍‌।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୨୨୪/୬ (ଶୁବମନ ଗିଲ୍‌-୭୬, ଜୋସ ବଟଲର-୬୪,ସାଇ ସୁଦର୍ଶନ-୪୮, ଜୟଦେବ ଉନାଡକଟ-୩/୩୫, ଜିଶାନ ଅଲି-୧/୪୨, ପ୍ୟାଟ କୁମିନ୍ସ-୧/୪୦। ସନ୍‌ ରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୧୮୬/୬ (ଅଭିଷେକ ଶର୍ମା-୭୪, ହେନ୍‌ରିଚ୍‌ କ୍ଲାସେନ-୨୩; ପ୍ରସିଦ୍ଧ କ୍ରିଷ୍ଣା-୨/୧୯, ମହମ୍ମଦ ସିରାଜ-୨/୩୩)।

## ଆଇପିଏଲ୍‌ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୭ | ୩ | ୦ | ୧୪ | +୦.୫୨୧ |
| ପଞ୍ଜାବ କିଙ୍ଗ୍ସ | ୧୦ | ୬ | ୩ | ୧ | ୧୩ | +୦.୧୯୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୩୬୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୫ | ୧ | ୯ | +୦.୦୮୦ |
| ରାଜସ୍ଥାନ ରୟାଲ୍ସ | ୧୧ | ୩ | ୮ | ୦ | ୬ | -୦.୭୮୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୩ | ୭ | ୦ | ୬ | -୧.୧୯୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୨ | ୮ | ୦ | ୪ | -୧.୨୧୧ |

# ଶ୍ରୀସନ୍ଥ ୩ବର୍ଷ ସସ୍‌ପେଣ୍ଡ

**ଥିରୁଭାନନ୍ତପୁରମ, ୨।୫ (ପି.ଟି.)**

ଚାମ୍ପିୟନ୍ସ ଟ୍ରଫି ପାଇଁ ସଞ୍ଜୁ ସାମ୍‌ସନଙ୍କୁ ଭାରତୀୟ କ୍ରିକେଟ ଦଳରୁ ବାଦ୍‌ ଦିଆଯିବା ବିବାଦୀୟ ପ୍ରସଙ୍ଗରେ ମିଥ୍ୟା ଓ ଅପମାନଜନକ ବୟାନ ଦେଇଥିବାରୁ କେରଳ କ୍ରିକେଟ ଆସୋସିଏଶନ (କେସିଏ) ପୂର୍ବତନ ଭାରତ ପେସ୍‌ ବୋଲର ଏସ୍‌. ଶ୍ରୀସନ୍ଥଙ୍କୁ ୩ ବର୍ଷ ସସ୍‌ପେଣ୍ଡ କରିଛି। ଏପ୍ରିଲ ୩୦ରେ କୋଚିରେ କେସିଏର ସ୍ୱତନ୍ତ୍ର ସାଧାରଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶ୍ରୀସନ୍ଥ ବର୍ତ୍ତମାନ କେରଳ କ୍ରିକେଟ ଲିଗ୍‌ରେ କୋଲାମ ଏରିଜ ନାମକ ଏକ ଫ୍ରାଞ୍ଚାଇଜ୍‌ର ସହ-ମାଲିକ ଅଛନ୍ତି। ପୂର୍ବରୁ ତାଙ୍କ ବିବାଦୀୟ ଟିପ୍ପଣୀକୁ ନେଇ ଶ୍ରୀସନ୍ଥଙ୍କ ସହିତ କୋଲାମ ଏରିଜ, ଅଲାପୁଝା ଟିମ୍‌ ଲିଡ୍‌ ଓ ଅଲ୍ଲାପୁଝା ରିପ୍ଲେସ ଫ୍ରାଞ୍ଚାଇଜ୍‌ ଦଳକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଫ୍ରାଞ୍ଚାଇଜ ଟିମ୍‌ଗୁଡ଼ିକ ସନ୍ତୋଷଜନକ ଉତ୍ତର ଦେଇଥିବାରୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ତେବେ ଟିମ୍‌ ମ୍ୟାନେଜମେଣ୍ଟର ସଦସ୍ୟ ନିଯୁକ୍ତି ବେଳେ ଅଧିକ ସାବଧାନତା ଅବଲମ୍ବନ କରିବା ଲାଗି ପରାମର୍ଶ ଦେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସୂଚନାଯୋଗ୍ୟ, ଶ୍ରୀସନ୍ଥ ଦୁଇଟି ବିଶ୍ୱକପ୍‌ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ। ଏକ ମାଲାୟାଲମ ଟେଲିଭିଜନ ଚ୍ୟାନେଲରେ ଏକ ପ୍ୟାନେଲ ସହିତ ଆଲୋଚନା ବେଳେ ସେ ରାଜ୍ୟ କ୍ରିକେଟ ଆସୋସିଏଶନ ଓ ସାମସନଙ୍କୁ ନେଇ ତାଙ୍କର ମନ୍ତବ୍ୟ ଦେଇଥିଲେ। ଏଥିରେ ସେ ସାମସନଙ୍କ ପ୍ରତି ତାଙ୍କର ସମର୍ଥନ ଜ୍ଞାପନ କରିବା ସହ କେରଳର ଅନ୍ୟ ଖେଳାଳିଙ୍କୁ ସୁରକ୍ଷା ପ୍ରଦାନ କରିବା ଦିଗରେ କାର୍ଯ୍ୟକରିବେ ବୋଲି ପ୍ରତିଜ୍ଞାବଦ୍ଧ ହୋଇଥିଲେ। ବିଜୟ ହଜାରେ ଟ୍ରଫି ପାଇଁ କେରଳ ଦଳରୁ ସାମ୍‌ସନଙ୍କୁ ବାଦ୍‌ଦିଆଯିବାରୁ ଭାରତର ଚାମ୍ପିୟନ୍ସ ଟ୍ରଫି ଦଳ ପାଇଁ ଏହି ଖେଳାଳିଙ୍କ ସମ୍ଭାବନାକୁ ପ୍ରଭାବିତ କରିଥିଲା ବୋଲି ଦର୍ଶାଇ ସେ କେସିଏକୁ ସମାଲୋଚନା କରିଥିଲେ।

# ନୀରଜ ଚୋପ୍ରା କ୍ଲାସିକ୍‌ରେ କିଶୋର

**ନୂଆଦିଲ୍ଲୀ, ୨।୫ (ପି.ଟି.)**

ଏସିଆନ ଗେମ୍ସ ରୌପ୍ୟ ବିଜେତା ଓଡ଼ିଶାର କିଶୋର ଜେନା ନୀରଜ ଚୋପ୍ରା କ୍ଲାସିକ୍‌ ଜାଭେଲିନ୍‌ ଥ୍ରୋରେ ଭାଗ ନେବେ। ଫଳରେ ଇଭେଣ୍ଟରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ୧୨ରେ ପହଞ୍ଚିଛି। ନୀରଜ ଚୋପ୍ରା କ୍ଲାସିକ ମେ ୨୪ରେ ବେଙ୍ଗାଲୁରୁସ୍ଥିତ ଶ୍ରୀକାନ୍ତିରାଭା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୨୯ ବର୍ଷୀୟ କିଶୋରଙ୍କ ବ୍ୟତୀତ ଭାରତର ଉଦୀୟମାନ ଜାଭେଲିନ୍‌ ଥ୍ରୋୟର ସଚିନ ଯାଦବ, ରୋହିତ ଯାଦବ ଓ ସାହିଲ ସିଲ୍‌ୱାଲ ପ୍ରମୁଖ ଏଥିରେ ଭାଗ ନେବେ। ସେମାନେ ଡବଲ ଅଲିମ୍ପିକ ପଦକ ବିଜେତା ନୀରଜଙ୍କ ସମେତ ବିଶ୍ୱର ଶ୍ରେଷ୍ଠ ଆଥ୍‌ଲେଟଙ୍କ ସହ ଅବତୀର୍ଣ୍ଣ ହେବାର ସୁଯୋଗ ପାଇବେ। ଏହି ନୂଆ ଜାଭେଲିନ୍‌ ଇଭେଣ୍ଟ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଦ୍ୱାରା 'ଏ' କାଟେଗୋରୀ ମାନ୍ୟତା ଲାଭ କରିଛି।

**ଆଇପିଏଲ୍‌ କାର୍ଯ୍ୟସୂଚୀ**
**(ଆଜିର ମ୍ୟାଚ)**
**ବେଙ୍ଗାଲୁରୁ**
**ବନାମ ଚେନ୍ନାଇ**
**ସ୍ଥାନ: ବେଙ୍ଗାଲୁରୁ**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ରାଜସ୍ଥାନର ପ୍ଲେ-ଅଫ୍‌ ଆଶା ଶେଷ

**ଜୟପୁର, ୨।୫ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍‌ (ଆଇପିଏଲ୍‌)ରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୧୦୦ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଏହି ପରାଜୟ ଦ୍ୱାରା ରାଜସ୍ଥାନ ଦଳର ପ୍ଲେ-ଅଫ୍‌ ଆଶା ଶେଷ ହୋଇଯାଇଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨ଉଇକେଟ ବିନିମୟରେ ୨୧୭ରନ କରିଥିଲା। ଜବାବରେ ରାଜସ୍ଥାନ ୧୬.୧ ଓଭରରେ ୧୧୭ ରନ କରି ଅଲଆଉଟ ହୋଇଯାଇଥିଲା। ଅନ୍ୟପକ୍ଷରେ ମୁମ୍ବାଇ ଏହି ବିଜୟ ଦ୍ୱାରା ପ୍ଲେ-ଅଫ୍‌ର ନିକଟତର ହୋଇଛି। ମ୍ୟାଚରେ ରୋହିତ ଶର୍ମା (୩୬ ବଲ୍‌ରୁ ୫୩ରନ) ଓ ର୍ୟାନ ରିକେଲଟନ (୩୮ ବଲ୍‌ରୁ ୬୧ରନ) ଚମତ୍କାର ଅର୍ଦ୍ଧଶତକ ସହ ଦଳକୁ ଭଲ ଆରମ୍ଭ ଦେଇଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୨୩ ବଲ୍‌ରୁ ୪୮) ଓ ସୂର୍ଯ୍ୟକୁମାର ଯାଦବ (୨୩ ବଲ୍‌ରୁ ୪୮) ଚିତ୍ତାକର୍ଷକ ବ୍ୟାଟିଂ କରି ମୁମ୍ବାଇ ଇନିଂସର ଫିନିଶିଂ ଟଚ୍‌ ଦେଇଥିଲେ। ଯଶପ୍ରୀତ ବୁମ୍‌ରା (୨/୧୫) ଓ ଟ୍ରେଣ୍ଟ ବୋଲ୍ଟ (୩/୨୮) ଓ ଲେଗ୍‌ ସ୍ପିନର କର୍ନ ଶର୍ମା (୩/୨୩) ପ୍ରଭାବୀ ବୋଲିଂ କରି ରାଜସ୍ଥାନ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇ ଦଳ ପାଇଁ ବୃହତ୍‌ ବିଜୟ ଆଣି ଦେଇଥିଲେ। ରାଜସ୍ଥାନ ଦଳର ରହସ୍ୟମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ମାତ୍ର ୨ଟି ବଲ୍‌ ସାମ୍ନା କରି ବିନା କୌଣସି ରନ୍‌ରେ ପ୍ୟାଭିଲିୟନ ଫେରିଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ : ୨୦ ଓଭରରେ ୨୧୭/୨ (ର୍ୟାନ ରିକେଲ୍‌ଟନ-୬୧, ରୋହିତ ଶର୍ମା-୫୩; ର୍ୟାନ ପରାଗ-୧/୧୨)। ରାଜସ୍ଥାନ ରୟାଲ୍ସ: ୧୬.୧ ଓଭରରେ ୧୧୭/ଅଲଆଉଟ (ଜୋଫ୍ରା ଆର୍ଚର-୩୦ ; କର୍ନ ଶର୍ମା-୩/୨୩, ଯଶପ୍ରୀତ୍‌ ବୁମ୍‌ରା-୨/୨୫, ଟ୍ରେଣ୍ଟ ବ୍ରିଜ୍‌-୩/୨୮)।

**Government of Odisha**
E-mail.ID-sectcrb_2006@yahoo.co.in, Tel/Fax-0671-2301751/2302751
**Corrigendum to Bid Identification No.CCE.Ctc(R&B) 17/2024-25**
Tender Reference No. CCE.Ctc. (R&B) 17/2024-25
No.B-74:The Bid availability period and Date of opening of the tenders have been modified due to unavoidable circumstances. The modified dates are as follows:-

| Sl. No. | Bid Identification No. | Bid Availability period as per Tender Notice | Revised Bid Availability period | Bid Opening Date as per Tender Notice | Revised opening Date |
|---|---|---|---|---|---|
| 1 | CCE.Ctc. (R&B) 17/2024-25 | 03.04.2025 to 5.30 hours of 17.04.2025 | 03.05.2025 to 5.30 Hours of 17.05.2025 | 19.04.2025 at 11.00 Hours | 19.05.2025 at 11.00 Hours |

All other terms and conditions remain unchanged. Further details can be seen from the website htpp://tendersodisha.gov.in.
OIPR-34012/11/0033/2526 Sd./- Chief Construction Engineer, Cuttack (R&B) Circle

**OFFICE OF THE ROURKELA MUNICIPAL CORPORATION**
**UDITNAGAR, ROURKELA, ODISHA-769012**
E-mail ID : rourkelamunicipality@gmail.com
No.5597 Date. 28.04.2025
**Tender Call Notice for Supply of Commercial Water Purifier for Aahaar Centres**
No.C-191 : Sealed Tenders are invited from the intending reputed Manufacturers/ Authorized Dealer having PAN and valid GST certificate for Supply of Commercial Water Purifier under Rourkela Municipal Corporation.
The sealed Tender should reach to the Commissioner, Rourkela Municipal Corporation, Uditnagar, Rourkela, Sundargarh-769012 on or before 07.05.2025 by 1.00 P.M. through postal/ courier/ speed post/ registered post or by hand. The Tender will be opened on 08.05.2025 at 11.30 A.M. in presence of the bidders who wish to attend.
Details terms and conditions of the tender process can be downloaded from the official website of Rourkela Municipal Corporation (www.rmc.nic.in).
The undersigned reserves the right to negotiate or reject / cancel any or all the ' tenders at any time without assigning any reason thereof.
Sd./- Commissioner
OIPR-13131/11/0126/2526 Rourkela Municipal Corporation

Annexure-1
**DISTRICT MINERAL FOUNDATION, JAJPUR**
**Request for Proposal (RFP)**
No.CAD-257:District Mineral Foundation (DMF), Jajpur invites Request for Proposal (RFP) in prescribed format from reputed organisations for "Selection of Bidder for providing Communicative Skills Training for Employability of college students in mining affected areas of Jajpur District under District Mineral Foundation, Jajpur".
The detail of the RFP is available in the district web portal i.e. **www.jajpur.odisha.gov.in**
Sd./-
Collector & Managing Trustee,
OIPR-30025/11/0010/2526 DMF, Jajpur

**OFFICE OF THE EXECUTIVE ENGINEER**
**MAYURBHANJ LIFT IRRIGATION DIVISION BARIPADA**
E-mail : olicbpd@ymail.com
**SHORT TENDER CALL NOTICE No. 4431 Dt. 25.04.2025**
**No.CAD-260** : Sealed Tenders are invited from interested reputed Travel Agencies / Tour operators or private individuals for providing 1 (One) No. of Non A.C Diesel driven Bollero having sitting capacity not more than ten including driver for official use by the officers under M.L.I Division, Baripada (details are given below) on monthly rent basis for 1 year from **01.06.2025 to 31.05.2026**. The Terms & conditions along with general information for hiring vehicle can be obtained from the office of the Executive Engineer, Mayurbhanj Lift Irrigation Division, Baripada on all working days between **9.00 AM to 1 P.M.** from **05.05.2025 to 09.05.2025** on payment of Rs. 118/- (Rupees One hundred Eighteen) only including 18% GST in shape of Demand Draft to be drawn in favour of the Executive Engineer, M.L.I. Division, Baripada payable at Baripada. The Tender completed in all respect should reach the undersigned on or before **13.05.2025 by 11.00 A.M.** and shall be opened on **14.05.2025** at **9.00 A.M.** in presence of the Bidders or their authorized representatives.
The authority reserves the right to accept or reject any or all the Tenders without assigning any reason thereof.
1. Vehicle used by the Executive Engineer, MLI Division, Baripada
Sd./- (Er. Amruta Kumar Bagh)
OIPR-32215/11/0004/2526 EXECUTIVE ENGINEER

**Government of Odisha, e-Procurement Notice**
**INVITATION FOR BIDS (IFB)**
**Bid Identification No. C.C.E.Dkl. (R&B) 01/2025-26**
**Email Id - sedklpwd@gmail.com**
**Letter No. 892/Dt. 25.04.2025**
**No.B-63** : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building works as detailed below :
1 Name of the work : Building works
2 No. of works : 02 (Two) Nos.
3 Estimated cost : **Rs. 3.96 Crore to 5.05 Crore (as given in column No. 03 of table)**
4 Cost of tender paper : Rs. 10,000.00
5 Class of contractor : 'A' Class **(as given in column No. 07 of table)**
6 Period of completion of work : 07 (Seven) to 09 (Nine) Calendar months **(as given in column No. 08 of table)**
7 Date and time of availability of bid document in the website : From Dt. 03.05.2025 to 05.00 P.M. of Dt. 17.05.2025
8 Date of opening of bid : Dt. 19.05.2025 at 11.00 A.M.
The bidders have to participate in ONLINE bidding only, further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Chief Construction Engineer
OIPR-34132/11/0028/2526 Dhenkanal (R&B) Circle, Dhenkanal

ଓଡ଼ିଶା ସରକାର No.A-102
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଆଖୁଆପଦା ଜଳସେଚନ ବିଭାଜନ
ଇମେଲ-akp.irrigationdivision@gmail.com
**'e'- Procurement Notice No.01/2025-26**
1. କାର୍ଯ୍ୟର ନାମ : ନଦୀ ବନ୍ଧ ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟ ସଂଖ୍ୟା : ୦୬ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୭.୦୦ ଲକ୍ଷରୁ ୭୫.୬୫ ଲକ୍ଷ
4. ଇ.ଏମ.ଡି (Bid Security) ଓ ବିଡ୍‌ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :
I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ,ଆଖୁଆପଦା
II. ଅନଲାଇନ Biddingର ସମୟସୀମା: ତା.୦୧.୦୫.୨୦୨୫ ଦିବା ୧୦ ଘଟିକାରୁ ତା.୦୮.୦୫.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ
III. Technical ଏବଂ Financial bid: ଖୋଲାଯିବାର ତାରିଖ ଓ ସମୟ ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୯.୦୫.୨୦୨୫ ଦିବା ୧୧.୩୦
IV. Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୧୯.୦୫.୨୦୨୫ ଦିବା ୧୧.୦୦ ଘଟିକା ସମୟରେ ।
ଅନ୍ୟାନ୍ୟ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି www.tendersorissa.gov.in
ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ,
OIPR-32548/11/0001/2526 ଆଖୁଆପଦା

**GOVERNMENT OF ODISHA** No.C-190
**OFFICE OF THE SUPERINTENDING ENGINEER**
**P.H. DIVISION, BALANGIR**
Email Id:eephbgr@yahoo.co.in Ph.No.(06652-234647)
**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. SE PH BGR 01 /2025-26 Dt.24.04.2025**
01. Name of the Work : 01 No.
02. Estimated Cost : Rs.947.19 Lakhs
03. Period of Completion : 18 Months
04. Date & Time of availability of bid document in the portal : From 11.00 AM of dt.06.05.2025 to 5.00 PM of dt.22.05.2025
05. Last date/time of receipt of bids in the portal : 5 PM of dt.22.05.2025
06. Date & Time of opening of bids : At 11.00 AM of dt.23.05.2025
07. Name and Address of the Officer Inviting Bid : Superintending Engineer P.H.Division, Balangir At- Tulsinagar Dist- Balangir- 767001
**Further details can be seen from the website https://tenders.ori.nic.in or www.tendersodisha.gov.in**
Sd./-Superintending Engineer
OIPR-13005/11/0031/2526 P.H.Division, Balangir

Government of Odisha
**OFFICE OF THE SUPERINTENDING ENGINEER**
**KANTABANJI (R&B) DIVISION**
E-mail ID : eerbkbj@rediffmail.com
**Bid Identification No. 04 / KBJ / 2025-26**
**No.B-66** : The **Superintending Engineer, Kantabanji (R&B) Division** on behalf of Governor of Odisha invites **Percentage Rate bid for Building works** detailed in the table below in **Single Cover (Composite Tender) ONLINE MODE** from the Class of Contractors mentioned in **Column-7** registered with the State Government and contractors of equivalent Grade / Class registered with Central Government / MES / Railways for execution of Civil works. The proof of registration from the appropriate authority shall be enclosed along with the bid.
1) No. of work : 03 Nos. (Single Cover)
2) Nature of work : Building work
3) Class of contractor : "D" & "C" Class
4) Approximate value of work : Rs. 15.00 Lakhs
5) Tender Cost : Rs. 6,000/-
6) Date and time of valiability of Bid documents in online : From Dt.02.05.2025, 8:00 A.M. to Dt.08.05.2025 up to 05:00 P.M.
7) Date of Opening : Dt.09.05.2025 at 11:30 A.M.
8) Other details can be seen in the bidding documents from the e-procurement portal "www.tendersodisha.gov.in"
9) The bidders have to participate in ONLINE bidding only. Further details can be seen from the website: www.tendersodisha.gov.in. All future corrigendum will be available on ONLINE MODE only.
Sd./- Superintending Engineer
OIPR-34099/11/0018/2526 Kantabanji (R&B) Division

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାଜା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜାଙ୍କୁ ରିମାଣ୍ଡରେ ନେବାକୁ ଆବେଦନ

କେନ୍ଦୁଝର,୨।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଓ ପରିବହନ କୋଅପରେଟିଭ ସୋସାଇଟିରେ ଆର୍ଥିକ ଘୋଟାଲାର ତଦନ୍ତ କ୍ରାଇମବ୍ରାଞ୍ଚ (ଅର୍ଥନୈତିକ ଶାଖା) ପକ୍ଷରୁ ଚାଲିଛି। ଘଟଣାରେ କ୍ରାଇମବ୍ରାଞ୍ଚ ବିଜେଡି ନେତା ରାଜା ଚକ୍ରଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ତଦନ୍ତକାରୀ ସଂସ୍ଥା ରାଜା ଚକ୍ରଙ୍କୁ ଅଧିକ ପଚରାଉଚରା କରିବାକୁ ଶୁକ୍ରବାର କେନ୍ଦୁଝର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୭ ଦିନ ପାଇଁ ରିମାଣ୍ଡରେ ନେବାକୁ ଆବେଦନ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ନେଇ ସଂସ୍ଥାର ସେ ସମୟର ସଭାପତି ଓ ସମ୍ପାଦକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ତଦନ୍ତ ବେଳେ ସଂସ୍ଥାରୁ ବହୁ ଅର୍ଥ ଦେଣନେଣ ଅଭିଯୋଗରେ ରାଜା ଚକ୍ରଙ୍କୁ ଗିରଫ କରି ବାଲେଶ୍ୱର ଜେଲରେ ରଖାଯାଇଛି। ବିଚାର ବାଲେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଚାଲିଥିବା ବେଳେ ପୂର୍ବରୁ ରାଜାଙ୍କୁ ରିମାଣ୍ଡରେ ନେଇ ତଦନ୍ତକାରୀ ସଂସ୍ଥା ପଚରାଉଚରା କରିଥିଲା। ଅନ୍ୟପକ୍ଷରେ ଉକ୍ତ ଘଟଣାରେ ଗିରଫ ହୋଇଥିବା ରାଜାଙ୍କ ଜାମିନ ଶୁଣାଣି ଅଗ୍ରାହ୍ୟ ହୋଇଥିବା ବେଳେ ଏବେ ଉଚ୍ଚ ନ୍ୟାୟାଳୟରେ ଜାମିନ ଆବେଦନ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଏଜେନ୍ସିରେ ହୋଇଥିବା ଘୋଟାଲାକୁ ନେଇ ସ୍ୱତନ୍ତ୍ର ଅଡିଟ୍‌କୁ ରିପୋର୍ଟକୁ କାର୍ଯ୍ୟକାରୀ କରି, ମାମଲା ରୁଜୁ କରାଯାଇଥିଲେ ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି।


ବିଶେଷଜ୍ଞ
ଅର୍ଶ
ଭଗନ୍ଦର
ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ବିଜେତାଙ୍କୁ ମିଳିବ ୫ ଲକ୍ଷ ଟଙ୍କା ପୁରସ୍କାର

## ଭାରତୀୟ ରେଳପଥ ଡିଜିଟାଲ ଘଣ୍ଟା ଡିଜାଇନ ପ୍ରତିଯୋଗିତା

ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)

ଭାରତୀୟ ରେଳପଥ ନୂତନ ଡିଜିଟାଲ ଘଣ୍ଟା ଡିଜାଇନ କରିବା ପାଇଁ ଏକ ଦେଶବ୍ୟାପୀ ପ୍ରତିଯୋଗିତା ଘୋଷଣା କରିଛି। ଏହି ପ୍ରତିଯୋଗିତାର ତିନୋଟି ବର୍ଗରେ ବୃତ୍ତିଗତ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିପାରିବେ। ଶ୍ରେଷ୍ଠ ପ୍ରତିଯୋଗୀଙ୍କ ଡିଜାଇନ ଭାରତୀୟ ରେଳପଥରେ ବ୍ୟବହାର ହେବା ସହ ତାଙ୍କୁ ୫ ଲକ୍ଷର ଟଙ୍କାର ପ୍ରଥମ ପୁରସ୍କାର ରାଶି ପ୍ରଦାନ କରାଯିବ। ଏହାସହ ତିନୋଟି ବର୍ଗର ପ୍ରତ୍ୟେକଙ୍କ ପାଇଁ ୫୦ହଜାର ଟଙ୍କାର ପାଞ୍ଚଟି ସାନ୍ତ୍ୱନା ପୁରସ୍କାର ରହିବ। ଅଂଶଗ୍ରହଣକାରୀମାନେ ମେ ୩୧ ତାରିଖ ମଧ୍ୟରେ ଅନଲାଇନରେ ସେମାନଙ୍କ ଡିଜାଇନ ଦାଖଲ କରିବାକୁ ପଡିବ। ଭାରତୀୟ ରେଳ ବୋର୍ଡ (ସୂଚନା ଏବଂ ପ୍ରସାର) ନିର୍ଦ୍ଦେଶକ ଦିଲୀପ କୁମାର କହିଛନ୍ତି, ଅଂଶଗ୍ରହଣକାରୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କର ମୌଳିକତାର ପ୍ରମାଣପତ୍ର ସହିତ ୱାଟରମାର୍କ କିମ୍ବା ଲୋଗୋ ବିନା ଉଚ୍ଚ ରିଜୋଲ୍ୟୁଶନରେ contest.pr@rb.railnet.gov.inରେ ଦାଖଲ କରିବାକୁ ପଡିବ। ଅଂଶଗ୍ରହଣକାରୀ ଏକାଧିକ ଡିଜାଇନ ଦାଖଲ କରିପାରିବେ। ଏଥିରେ ଏକ ସଂକ୍ଷିପ୍ତ ଧାରଣା ନୋଟ ରହିବ। କୌଣସି ବୌଦ୍ଧିକ ସମ୍ପତ୍ତି ଅଧିକାର କିମ୍ବା କପିରାଇଟ ଉଲ୍ଲଂଘନ ନ କରିବା ଆବଶ୍ୟକ। ସ୍କୁଲ ବର୍ଗରେ, ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଯୋଗ୍ୟ ଏବଂ ସେମାନଙ୍କୁ ଏକ ବୈଧ ସ୍କୁଲ ପରିଚୟପତ୍ର ଅପଲୋଡ୍ କରିବାକୁ ପଡିବ। କଲେଜ ବର୍ଗରେ ବର୍ତ୍ତମାନ ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ କିମ୍ବା କଲେଜରେ ନାମ ଲେଖାଇଥିବା ବ୍ୟକ୍ତିମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଅନ୍ୟ ସମସ୍ତେ ବୃତ୍ତିଗତ ବର୍ଗ ଅଧୀନରେ ରହିବେ।

# ନୂଆ ଭୁବନେଶ୍ୱର ଷ୍ଟେଶନରୁ ଗଡ଼ିବ ୩ ଟ୍ରେନ୍

ଭୁବନେଶ୍ୱର,୨।୫
(ଅନୁରାଧା ମହାରଣା)

ଭୁବନେଶ୍ୱରରୁ ଚଳାଚଳ କରୁଥିବା ୩ଟି ଟ୍ରେନ ପାଇଁ ଟର୍ମିନାଲ ପଏଣ୍ଟ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଟ୍ରେନ୍‌ଗୁଡିକ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନ ପରିବର୍ତ୍ତେ ନୂଆ ଭୁବନେଶ୍ୱର ଷ୍ଟଶନରୁ ଯାତ୍ରା ଆରମ୍ଭ କରିବେ। ଏହି ଟ୍ରେନଗୁଡ଼ିକ ମଧ୍ୟରେ ୧୧୦୨୦/୧୧୦୧୯ ଭୁବନେଶ୍ୱର-ସିଏସ୍‌ଏମ୍‌ଟି ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ, ୧୭୦୧୫/୧୭୦୧୬ ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଏବଂ ୨୨୮୧୯/୨୨୮୨୦ ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ରହିଛି। ଏହାଦ୍ୱାରା କଟକ, ଆଠଗଡ଼ ଓ ଉତ୍ତର ଭୁବନେଶ୍ୱର ଅଞ୍ଚଳବାସୀ ବିଶେଷଭାବରେ ଉପକୃତ ହେବେ।

ମେ ୧୧ରୁ ମୁମ୍ବାଇରୁ ଛାଡୁଥିବା ୧୧୦୧୯ ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ ଭୁବନେଶ୍ୱର ନୂତନ ଷ୍ଟେଶନରେ ଏହାର ଯାତ୍ରା ଶେଷ କରିବ। ପୂର୍ବ ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ, ଏହି ଟ୍ରେନ ରାତ୍ରି ୧୧ଟା ୫୫ରେ ଭୁବନେଶ୍ୱର ନୂତନ ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନ୍ ରାତ୍ରି ୧୨ଟା ୦୨ରେ ମଞ୍ଚେଶ୍ୱର ଷ୍ଟେଶନରେ ପହଞ୍ଚିବ ଏବଂ ୧୨ଟା ୦୪ରେ ଛାଡ଼ି ରାତ୍ରି ୧୨ଟା ୨୦ରେ ଭୁବନେଶ୍ୱର ନୂତନ ଷ୍ଟେଶନରେ ପହଞ୍ଚିବ। ୧୧୦୨୦ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ ମେ ୧୨ରୁ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନ ପରିବର୍ତ୍ତେ ଅପରାହ୍ଣ ୨ଟା ୪୦ରେ ଭୁବନେଶ୍ୱର ନୂତନ ଷ୍ଟେଶନରୁ ଛାଡ଼ିବ। ଏହି ଟ୍ରେନ ଅପରାହ୍ଣ ୨ଟା ୪୮ରେ ମଞ୍ଚେଶ୍ୱରରେ ପହଞ୍ଚି ଅପରାହ୍ଣ ୨ଟା ୫୦ରେ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନ ଅଭିମୁଖେ ଛାଡ଼ିବ ଓ ପରେ ଏହି ଟ୍ରେନ ପୂର୍ବ ନିର୍ଦ୍ଧାରିତ ସମୟରେ ମୁମ୍ବାଇ ଅଭିମୁଖେ ଯାତ୍ରା କରିବ। ସେହିପରି ମେ ୧୧ରୁ ସିକନ୍ଦରାବାଦରୁ ଛାଡୁଥିବା ୧୭୦୧୬ ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଭୁବନେଶ୍ୱର ନୂତନ ଷ୍ଟେଶନରେ ଯାତ୍ରା ଶେଷ କରିବ। ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନରେ ପହଞ୍ଚିବା ପରେ ଭୁବନେଶ୍ୱର ନୂତନ ଷ୍ଟେଶନ ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନ ଅପରାହ୍ଣ ୪ଟା ୦୪ରେ ମଞ୍ଚେଶ୍ୱରରେ ପହଞ୍ଚି ଅପରାହ୍ଣ ୪ଟା ୬ରେ ଛାଡ଼ିବ ଏବଂ ତା'ପରେ ଅପରାହ୍ଣ ୪ଟା ୨୫ରେ ଭୁବନେଶ୍ୱର ନୂତନ ଷ୍ଟେଶନରେ ପହଞ୍ଚିବ। ୧୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ ଓ ୨୨୮୧୯ ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ ମେ' ୧୨ରୁ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନ ପରିବର୍ତ୍ତେ ଭୁବନେଶ୍ୱର ନୂତନ ଷ୍ଟେଶନରୁ ବାହାରି ମଞ୍ଚେଶ୍ୱରରେ ପହଞ୍ଚିବ। ସେଠାରେ ରହଣି କରିବାପରେ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନ ଅଭିମୁଖେ ଯାତ୍ରା କରିବ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰କୈଳାସ ଚନ୍ଦ୍ର ତ୍ରିପାଠୀ
ଅବିଧିଆନନ୍ଦପୁର, ଓଡ଼ିଶା, ଜଗତ୍‌ସିଂହପୁର
ଆବିର୍ଭାବ: ୦୫।୦୧।୧୯୫୦
ତିରୋଧାନ: ୧୪।୦୫।୨୦୨୪

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପୁତ୍ର: କପୁ, ଲିପୁ,ବୋହୂ: ଗେହ୍ଲି, ଚିଙ୍କି, ଝିଅ: ସିଲୁ, ଜ୍ୱାଇଁ: ସିଲୁ, ନାତୁଣୀ: ଗୁଡ଼ିଆ, ଲାଡ୍‌ଲି, ଅର୍ଣ୍ଣିକା

ଧ-୩୬୮

### ଦ୍ୱାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



୰ଅମୂଲ୍ୟ ମୋହନ ଦାସ
ଆବିର୍ଭାବ : ତା.୧୧.୧୧.୧୯୪୨ରିଖ
ତିରୋଧାନ : ତା.୨୨.୦୪.୨୦୨୫ରିଖ

ଜଣେ ବାଗ୍ମୀ, ଶୃଙ୍ଖଳିତ, ସମୟାନୁବର୍ତ୍ତୀ, ସତ୍ୟନିଷ୍ଠ, କର୍ତ୍ତବ୍ୟପରାୟଣ, ନିଷ୍ଠାବାନ, ଛାତ୍ରବତ୍ସଳ ଏବଂ ସର୍ବୋପରି ଉଚ୍ଚ ଆଦର୍ଶବାଦୀ ଶିକ୍ଷକ ହିସାବରେ ଆପଣ ଚିର ସ୍ମରଣୀୟ ହୋଇ ରହିବେ। ଆପଣଙ୍କର ପବିତ୍ର ଆତ୍ମାର ସଦ୍ ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ
ପୁଅ, ଝିଅ, ବୋହୂ, ଭଉଣୀ, ପୁତୁରା, ଝିଆରୀ, ଭଣଜା, ଭାଣିଜୀ, ନାତି, ନାତୁଣୀ ଓ ଛାତ୍ର ଛାତ୍ରୀ ବୃନ୍ଦ।

ଧ-୩୬୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ନାରାୟଣ ପଟ୍ଟନାୟକ
ଜଗନ୍ନାଥ ନଗର, ଭୁବନେଶ୍ୱର

ଆପଣ ଚାଲିଯିବାର ଚାହୁଁ ଚାହୁଁ ବର୍ଷେ ହୋଇଗଲାଣି। ଆପଣଙ୍କ ଅନୁପସ୍ଥିତିକୁ ଆମେ ସବୁବେଳେ ଅନୁଭବ କରୁଛୁ। ଆପଣଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା ଆମ ପାଇଁ ଆଦର୍ଶ ହୋଇ ରହିବ। ଅମରାତ୍ମାର ସଦ୍‌ଗତି ହେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ: ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତୁଣୀ, ନାତି, ନାତୁଣୀଜ୍ୱାଇଁ, ନାତୁଣୀବୋହୂ ଓ ପଟ୍ଟନାୟକ ପରିବାରବର୍ଗ।

ଧ-୭୫୩୮୩

# Classified Everyday

0674-2580101, 9692975378

## REAL ESTATE



### SALE

**Duplex sale with gated society AIIMS Hospital, Bhubaneswar. 8455909543, 7735579312.** D-76262

National and International Project @ 3lakhs to 30lakhs Contact- 8917622925. D-367

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

**ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834.** D-76261

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260


**Bhubaneswar ତ୍ରିନାଥବଜାର, ଫୁଲନଖରା, ସମ୍ ହସ୍ପିଟାଲ-୨ ନିକଟରେ ଘରବାରୀ ପ୍ଲଟ୍ 1250/Sqft.ରେ ବିକ୍ରୟ କରାଯାଉଛି। Whatsapp: 9437011506, 6371462496.** D-356

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## CONSTRUCTION



Do you want to construct a building on your own plot please contact K.K. Construction. 7008268129, 9439143273. D-71397




Plot for warehouse 10,000- 15,000sqft. on rent at Khurda NH-16 (near Collector Office Chhak). Call: 7008649641, 8018822307, 7978560206 for location and details. D-303

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377




**Relax, Refresh your body, mind at Saikrupa SPA with best therapies. 7848011468.** D-363

Newly open Jyoti SPA positively health benefits (Expert therapist). 8458067955. D-76912

## LOST

ଆମ୍ଭେ ଶ୍ରୀମତୀ ଶ୍ରୀମୟୀ ଦାଶ, ବୟସ- ୩୩ବର୍ଷ, ସ୍ୱାମୀ- ତାରିଣୀ ପ୍ରସାଦ ଦାଶ, ସା- ସ୍ୱସ୍ତି କଲୋନୀ, ଜଗନ୍ନାଥପୁର, ପୋଷ୍ଟ- କେନ୍ଦୁଝରଗଡ଼, ଥାନା- ଟାଉନ, ଜିଲ୍ଲା- କେନ୍ଦୁଝର। ଆମ୍ଭେ ମୌଜା- ରାଙ୍କି, ଖାତା ନଂ.-447/2342, ପ୍ଲଟ୍ ନମ୍ବର- 190/4638ର ମାଲିକ ଅଟୁ। ଯାହାର ବିକ୍ରୟ କବଲା ID No.- 1002202080 ଏବଂ document (Regd. No.-11002202031 ତା 31.12.2022 କେଉଁଆଡ଼େ ହଜିଯାଇଅଛି। ଯାହାକୁ ବନ୍ଧକ ଦେଇ ଆମ୍ଭେ ଋଣ କରିବାକୁ ଇଚ୍ଛୁକ। ଯଦି କୌଣସି ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି ତେବେ 15 ଦିନ ମଧ୍ୟରେ secretary, Keonjhar Central cooperative Bank କେନ୍ଦୁଝରଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୩୬୭

## AFFIDAVIT

By virtue of an affidavit sworn before Executive Magistrate, Bahanaga, Balasore, date- 21.04.2025, I, Nalita Naik, Address: At- Athilabaj, P.O.- Avana, P.S.- Soro, Dist.- Balasore, Odisha, PIN- 756051, declare that I have changed my name from Namita Naik to Nalita Naik. Henceforth, I shall be known as Nalita Naik for all purpose.
Sd./- Nalita Naik
D-347

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit No.-2883, dtd10.03.2025 before the Executive Magistrate, Sambalpur, I, Anita Pujari, W/o- Keshav Tripathy, residing at Chandrasekharpur, Bhubaneswar, Dist.- Khordha, PIN-751024, declare that I have changed my name to Anita Tripathy. I shall be known as Anita Tripathy. Henceforth, for all purposes. D-359

I, Shrashti Gupta, W/o- Pankaj Gupta, R/o- Sohela, Dist.- Bargarh-768033 declare by this affidavit No.- 869 dated 10th April, 2025 that now onwards, I shall be known as Shrishti Jainarayan Gupta for all future purposes.
Shrishti Jainarayan Gupta
D-364

I, Dulal Meher, R/o. Village- Mankaman, P.O.- Anlapali, P.S.- Baunsuni, Dist.- Boudh, PIN- 762015 declare by this affidavit No.- 764, dated 01.05.25 sworn before the Executive Magistrate, Boudh that I have changed my minor son's name from Sanket Swaraj Meher to Sanket Raj Meher for all future purposes. D-365

I, Jadumani Sahu, R/o. Village- Tutusinga, P.O.- Murusundhi, P.S./Dist.- Boudh, PIN- 762014 declare by this affidavit No.- 765, dated 01.05.25 sworn before the Executive Magistrate, Boudh that I have changed my minor son's name from Sudhir Kumar Sahu to Sudhip Sahu for all future purposes. D-366

By virtue of an affidavit sworn before the Executive Magistrate, Padmapur, Dist.- Rayagada, dated 01.05.2025, I, Jayamini Palaka, D/o- Late Niranjan Palaka, resident of At-Godiabandha, P.O.-Godiabandha, P.S.-Padmapur, Dist.- Rayagada in the State of Odisha, PIN-765025 declare that I have changed my name from Jaymini Sabara (Old Name) to Jayamini Palaka (New Name). Henceforth, I shall be known as Jayamini Palaka for all purpose.
Sd./-Jayamini Palaka.
D-358

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

IN THE COURT OF JUDGE, FAMILY COURT, BHUBANESWAR
C.P. No.-166/2024
Sri Kamal Kumar Behera ...Petitioner
Versus
Smt. Diptimayee Sahoo .....Respondent

Smt. Diptimayee Sahoo, aged about 21 years, Wife of Kamal Kumar Behera & Daughter of Dilip Kumar Sahoo, resident of Village-Raibari, P.O.-Palli, Dist.-Jagatsinghpur, Odisha.

Whereas the above named petitioner has made application this Court that U/s-13(i)(a) Hindu Marriage Act, 1955.

You are hereby summoned to appear in this Court in person or by a pleader duly instructed and able to answer all material questions relating to the suit or who shall accompanied by same person able to answer all such questions on the day of 09.05.2025 at 10.30 AM to answer claim and you are direct to produce on that day all documents upon which you intend to rely support of your defence.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand and the seal of the Court this 11th day of April, 2025.
Sd./- Hon'ble Judge, Family Court, Bhubaneswar
D-76447

IN THE COURT OF JUDGE FAMILY COURT, BHUBANESWAR
CP-120/2024
Sri Kali Prasad Rath ....Petitioner
Versus
Smt. Elisa Swapna Sahoo .... Respondent

Elisa Swapna Sahoo, Aged about 35years, D/o- Srikanta Sahoo, W/o- Kali Prasad Rath, Resident of At- Type 4/13, Tank No.- 12 3rd Sector, Salt Lake Bidhan Nagar IB Market , North 24 Parganas, West Bengal presently residing At- Plot No.- 514, 2nd Floor Sailashree Vihar, P.S.- Chandrasekharpur, Bhubaneswar, Dist.- Khordha.

Whereas the above named petitioner has made application this Court that U/s-13 (I-a) (i-b) Hindu marriage Act 1955.

You are hereby summoned to appear in this Court in person or by a pleader duly instructed and able to answer all material questions relating to the suit or who shall accompained by the same person able to answer all such questions on the day of 26.06.25 at 10.30 AM to answer claim and you are direct to produce on that day all documents upon which you intend to rely support of your defence.

Take notice that in default of your apperance on the day before mentioned the suit will be heard and determined in your absence. Given under my hand and the seal of the court this 24th day April 2025.
Sd./- Hon'ble Judge, Family Court, Bhubaneswar.
D-76448

## ସଂକ୍ଷେପରେ

### କଲମପୁରରେ ଶ୍ରମିକ ଦିବସ ପାଳିତ

**କଲମପୁର, ୨।୫ (ଗଣେଶରାମ ବାଗ):** କଲମପୁର ବ୍ଲକ ହାରାମାଲ ଧାନମଣ୍ଡିଠାରେ ଗୁରୁବାର ଶ୍ରମିକ ଦିବସ ପାଳିତ ହୋଇଯାଇଛି। ରାଜ୍ୟ ଶ୍ରମିକ ୟୁନିୟନ ସମ୍ପାଦକ ତୀର୍ଥରାଜ ଦୁର୍ଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପ୍ରଶାନ୍ତ କୁମାର ନାଏକ ମୁଖ୍ୟ ଅତିଥି, ଯୁବ ସାମାଜିକ କର୍ମୀ ସାମନ୍ତ ଖମାରୀ ମୁଖ୍ୟବକ୍ତା ଓ ଜିଲା ସମ୍ପାଦକ ସୁବୋଧ କୁମାର କର, କୋକସରା ବ୍ଲକ୍ ସଭାପତି ବିସମ୍ବର ସାହୁ, ଆଇନଜୀବୀ ସୁଶୀଳ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନାମ ପଞ୍ଜୀକରଣ କରିବା ପରେ ସରକାରଙ୍କ ପକ୍ଷରୁ ଶ୍ରମିକମାନଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ବିଷୟରେ ଅତିଥିମାନେ କହିଥିଲେ। ପରମା ଠାକୁର ମଞ୍ଚ ପରିଚାଳନା କରିଥିଲେ।

### ଜୁନାଗଡ଼ରେ ଆଇନ ସଚେତନତା ଶିବିର

**ଜୁନାଗଡ଼, ୨।୫ (ସୁନୀଲ କୁମାର ସିଂହ):** ଗୁରୁବାର ଶ୍ରମିକ ଦିବସ ଅବସରରେ କଳାହାଣ୍ଡି ଜିଲା ଜୁନାଗଡ଼ କୋର୍ଟ ପରିସରରେ ସିଭିଲ ଜଜ୍ ଜିତେନ୍ଦ୍ର ସିଂ ରାଠୋରଙ୍କ ଅଧ୍ୟକ୍ଷତାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଠୋର ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବିଭିନ୍ନ ନିୟମ ଉପରେ ଆଲୋକପାତ କରିଥିବା ବେଳେ କ୍ୟାଡର ଏପିପି ଅଶୋକ କୁମାର ନାୟକ ଶ୍ରମିକମାନଙ୍କ ଅଧିକାର ବିଷୟରେ ଆଲୋଚନା କରିଥିଲେ। ସରକାରୀ ଓକିଲ ଦିଗମ୍ବର ନାଏକ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୁନାଗଡ଼ ଓକିଲ ସଂଘ ସଭାପତି ବାଳକୃଷ୍ଣ ଆଚାରୀ, ଶିଶିର ପଟ୍ଟନାୟକ, ଧନେଶ୍ୱର ନାଇକ ଉପସ୍ଥିତ ଥିଲେ। ଜୁନାଗଡ଼ ଏମ୍‌ଜିଏନ୍‌ଆରଇଜିଏସ୍‌ର ଏପିଓ ମିତାଲି ଦେବ ଶ୍ରମିକମାନଙ୍କ ରାଜ୍ୟ ଓ କେନ୍ଦ୍ର ସରକାର ଯୋଗାଉଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ।

### ରିଞ୍ଜା ସରପଞ୍ଚଙ୍କ ବିୟୋଗରେ ଶୋକ

**କର୍ଲାମୁଣ୍ଡା, ୨।୫ (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ଗ୍ରାମ ପଞ୍ଚାୟତ ସରପଞ୍ଚ ପଞ୍ଚାନନ ବାଗଙ୍କ ଶୁକ୍ରବାର ପରଲୋକ ହୋଇଛି। ତାଙ୍କୁ ୫୩ ବର୍ଷ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ସୂଚନାମତେ ସରପଞ୍ଚ ବାଗ ଦୀର୍ଘ ଦିନରୁ ଅସୁସ୍ଥ ଥିଲେ। ଗତ ବୁଧବାର ହଠାତ୍ ଗୁରୁତର ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କର ପତ୍ନୀ ଓ ଦୁଇ ପୁତ୍ରସନ୍ତାନ ଅଛନ୍ତି। ଶନିବାର ମୃତଦେହ ଗାଁରେ ପହଞ୍ଚିବା ପରେ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

### ମନ୍ଦିର ଓ ଠାକୁରଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ

**ଖଡ଼ିଆଳ, ୨।୫ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଭୁଲିଆସିକୁଆ ଜଗନ୍ନାଥ ମନ୍ଦିର ଓ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ସହ ଠାକୁରଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅଧିବାସ ଦିନ ଠାକୁରଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ମନ୍ଦିର ପ୍ରବେଶ, ସିଂହାସନ ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞ କର୍ତ୍ତା ଭାବରେ ବିବେକାନନ୍ଦ ମେହେର ଓ ଧର୍ମପତ୍ନୀ ଶାନ୍ତିଲତା ମେହେର କାର୍ଯ୍ୟ ସମ୍ପାଦନ କରିଥିଲେ। ପୁରୀର ୨ ପୂଜକ ନରସିଂ ମିଶ୍ର ଓ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମୁଖ୍ୟ ପୂଜକ ଭାବରେ ପ୍ରଫୁଲ୍ଲ ରଥ ଥିବାବେଳେ ଅନ୍ୟ ୩୦ଜଣ ପୂଜକ ସହଯୋଗ କରିଥିଲେ। ସଭାପତି ଚନ୍ଦୁଲାଲ ମେହେର, ଉପସଭାପତି ମୋହନ ଭୋଇ, ସମ୍ପାଦକ ହରିହର ମେହେର, ସହ ସମ୍ପାଦକ ଲିଙ୍ଗରାଜ ମେହେର, କୋଷାଧ୍ୟକ୍ଷ ପ୍ରେମାନନ୍ଦ ମେହେରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



ଅତିଥିମାନଙ୍କ ଦ୍ୱାରା ଶ୍ରମିକମାନଙ୍କୁ ସହାୟତା ପ୍ରଦାନ କରାଯାଉଛି।

# ୪୮୩ ଶ୍ରମିକଙ୍କୁ ମିଳିଲା ୩.୫୫ କୋଟି ସହାୟତା

**ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ**

**ଭବାନୀପାଟଣା, ୨।୫ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଟାଉଲ ହଲ୍‌ରେ ଗୁରୁବାର ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ(ରାଜସ୍ୱ)ବୈତାରୁ ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟ ଅତିଥି, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ବିଶିଷ୍ଟ ଅତିଥି ଓ ସାଂସଦ ପ୍ରତିନିଧି ଜୟଶଙ୍କର ନାଏକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଶ୍ରମିକ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରିବା ସହ ନିର୍ମାଣ ଶ୍ରମିକମାନଙ୍କ ପାଇଁ ରହିଥିବା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ଜିତମ ମାଝୀ କୋଠା ବା ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଜିଲାରେ ପଞ୍ଜୀକୃତ ସଙ୍ଗଠିତ ଓ ଅଣସଙ୍ଗଠିତ ଶ୍ରମିକଙ୍କ କଲ୍ୟାଣ ପାଇଁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସହାୟତା ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଯୋଗ୍ୟ ବିବେଚିତ ୭୩ ଶ୍ରମିକଙ୍କୁ ଶିକ୍ଷା ସହାୟତା ପାଇଁ ୬ ଲକ୍ଷ ୧୧ ହଜାର ୬ ଶହ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୨୦୭ ହିତାଧିକାରୀଙ୍କୁ ବିବାହ ସହାୟତା ପାଇଁ ୧ କୋଟି ୧ ଲକ୍ଷ ୭୫ ହଜାର, ୧୦ ଜଣ ହିତାଧିକାରୀଙ୍କୁ ପ୍ରସୂତିକାଳୀନ ସହାୟତା ପାଇଁ ୧ ଲକ୍ଷ, ୧୦୨ ଜଣ ହିତାଧିକାରୀଙ୍କୁ ମୃତ୍ୟୁ ସହାୟତା ୨ କୋଟି ୪୨ଲକ୍ଷ, ୯୧ଜଣ ହିତାଧିକାରୀଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ପାଇଁ ୪ ଲକ୍ଷ ୫୫ ହଜାର ପ୍ରଦାନ କରାଯାଇଥିଲା। ସମୁଦାୟ ୪୮୩ଜଣ ହିତାଧିକାରୀଙ୍କୁ ୩ କୋଟି ୫୫ ଲକ୍ଷ ୪୧ ହଜାର ୬ ଶହ ଟଙ୍କା ପ୍ରଦାନ କରାଯାଇଥିଲା। ଏହାସହ ୩ଜଣ ଅଣସଙ୍ଗଠିତ ଶ୍ରମିକଙ୍କୁ ୬ ଲକ୍ଷ ମୃତ୍ୟୁ ସହାୟତା ପ୍ରଦାନ କରାଯାଇଥିଲା। ନୂତନ ଭାବେ ପଞ୍ଜୀକୃତ ୬୦ ଜଣ ନିର୍ମାଣ ଶ୍ରମିକ ଓ ୪୦ଜଣ ଅଣସଙ୍ଗଠିତ ଶ୍ରମିକଙ୍କୁ ଅତିଥିଙ୍କ ଦ୍ୱାରା ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ୩୫୦ରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ଯୋଗଦେଇଥିଲେ।

## ଶ୍ରମିକମାନେ ହିଁ ସମାଜ ଗଠନର ଆଧାର

**ନୂଆପଡ଼ା, ୨।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ ମିଳିତ ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ପୋଲିସ ପଡିଆ କଲ୍ୟାଣ ମଣ୍ଡପଠାରେ ଜିଲାସ୍ତରୀୟ ଅନ୍ତଃରାଷ୍ଟ୍ରୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଅନ୍ୟତମ ଅତିଥି, ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ପାଢୀ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରମିକମାନେ ହିଁ ସମାଜ ଗଠନର ଆଧାର ବୋଲି କହିଥିଲେ। ଆଞ୍ଚଳିକ ଶ୍ରମ ଆୟୁକ୍ତ ରବିନ୍ଦ୍ର ବାର୍ଲା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରମିକମାନଙ୍କ କଲ୍ୟାଣ ପାଇଁ କରାଯାଇଥିବା ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ନିର୍ମାଣ ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ଶିକ୍ଷା, ବିବାହ, ମାତୃତ୍ୱ ଓ ମୃତ୍ୟୁକାଳୀନ ସହାୟତା ଇତ୍ୟାଦି ଯୋଜନାରେ ୨ କୋଟି ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ମଞ୍ଚ ପରିଚାଳନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ ଶ୍ରମିକମାନଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

## ୩ ମନ୍ଦିରର ରତ୍ନମୁଦ ଉତ୍ସବ ସମ୍ପନ୍ନ

**ଥୁଆମୂଳ ରାମପୁର, ୨।୫ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ମହକୁମାସ୍ଥିତ ମା' ମାଣିକେଶ୍ୱରୀ, ଶ୍ରୀଜଗନ୍ନାଥ ଓ ରାମେଶ୍ୱର ମହାଦେବଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୨୮ ତାରିଖ ସୋମବାରଠାରୁ କଳସଯାତ୍ରା ସହ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ବୁଧବାର ଅକ୍ଷୟ ତୃତୀୟାରେ ପୂଜାର୍ଚ୍ଚନା ପରେ ଯଜ୍ଞ ଅନୁଷ୍ଠାନର କର୍ତ୍ତାଙ୍କ ଦ୍ୱାରା ରତ୍ନମୁଦ ଉତ୍ସବର ଶୁଭ ଅନୁକୂଳ ହୋଇଥିଲା। ଏହାପରେ ଶ୍ରଦ୍ଧାଳୁ ବିଭିନ୍ନ ଶସ୍ୟ, ରତ୍ନାଦି ଭରଣ କରିଥିଲେ। ମାଣିକେଶ୍ୱରୀ ମନ୍ଦିର ଯଜ୍ଞ ଅନୁଷ୍ଠାନ ପାଇଁ ପୁରୀର ପ୍ରସିଦ୍ଧ ଦେବଶର୍ମା ସତ୍ୟନାରାୟଣ ତ୍ରିପାଠୀ ମୁଖ୍ୟ ପୁରୋହିତ ଓ ଚକ୍ରଧର ପଣ୍ଡା ପ୍ରମୁଖ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ଭାବେ ତାପସ କୁମାର ରାୟଗୁରୁ ଓ ଧର୍ମପତ୍ନୀ, ସତ୍ୟନାରାୟଣ ମୁଣ୍ଡଛିନା ଓ ତାଙ୍କ ଧର୍ମପତ୍ନୀ ଦାୟିତ୍ୱ ତୁଲାଇଥିଲେ। ଜଗନ୍ନାଥ ମନ୍ଦିର ପାଇଁ ମୁଖ୍ୟ ପୁରୋହିତ ଭାବେ ରାୟଗଡ଼ାର ଜଗନ୍ନାଥ ମହାପାତ୍ର ଏବଂ ତାଙ୍କ ସହଯୋଗୀ ଏବଂ ଏଥିରେ କର୍ତ୍ତା ଭାବେ ଶିବଶଙ୍କର ଦଳପତି ଓ ଧର୍ମପତ୍ନୀ ଏବଂ ରାମେଶ୍ୱର ମହାଦେବ ମନ୍ଦିର ଯଜ୍ଞରେ ପୂଜାର୍ଚ୍ଚନା ପାଇଁ ଜୟପାଟଣା ଅଞ୍ଚଳର ମୁଖ୍ୟ ପୁରୋହିତ ଶ୍ରୀପତି ଠାକୁର, କର୍ତ୍ତା ଭାବେ ପ୍ରଶାନ୍ତ କୁମାର ମୁଣ୍ଡଛିନା ଏବଂ ଧର୍ମପତ୍ନୀ କାର୍ଯ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓଙ୍କ ସହଯୋଗ କରିଥିଲେ। କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ, ନର୍ଲା ବିଧାୟିକା ମନୋରମା ମହାନ୍ତି, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପୋଡଯୋଶୀ, ପୂର୍ବତନ ବିଧାୟକ ବଳଭଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।


ଉତ୍ସବରେ ସାମିଲ ପୂଜକଙ୍କ ସହ ଶ୍ରଦ୍ଧାଳୁମାନେ।

## ନକଲି ପ୍ରମାଣପତ୍ରରେ ଶିକ୍ଷକ ଚାକିରି, ଆର୍‌ଡିସିଙ୍କୁ ଫେରାଦ

**ରିଷିଡ଼ା, ୨।୪ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲାର କର୍ଲାମୁଣ୍ଡା ସମେତ ବିଭିନ୍ନ ବ୍ଲକ୍‌ରେ ନକଲି ପ୍ରମାଣପତ୍ର ଦେଇ ବହୁ ଯୁବତୀଯୁବକ ଶିକ୍ଷକ ଚାକିରି କରୁଛନ୍ତି। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏ ନେଇ ଜିଲା ଆଦିବାସୀ ସଂଘ କ୍ଷୋଭ ପ୍ରକାଶକରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଗୁରୁବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସଂଘ ସଭାପତି ପ୍ରକାଶ ମାଝୀଙ୍କ ତତ୍ତ୍ୱାବଧାନରେ ଜିଲାର ମହେନ୍ଦ୍ର ପ୍ରଧାନୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପବିତ୍ର ଭୋଇ, ସୁମନ୍ତ ମାଝୀ, ସଂକୀର୍ତ୍ତନ ଭୋଇ, ଦୟାନିଧି ମାଝୀ, ସ୍ୱୟମ୍ବର ମିର୍ଦ୍ଧା, ମୋହନ ଶବର, ସରୋଜ ମାଝୀ, କୈଳାସ ଚନ୍ଦ୍ର ମାଝି, ହୃଦାନନ୍ଦ ମାଝୀ, ମହେନ୍ଦ୍ର ମାଝୀ, ଡିଙ୍ଗର ମୁଣ୍ଡା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ପଞ୍ଚପାଣ୍ଡବଙ୍କ ଅଜ୍ଞାତବାସ ନାଟକ ମଞ୍ଚସ୍ଥ

**ରିଷିଡ଼ା, ୨।୫ (ସୁଶାନ୍ତ ମଲ୍ଲିକ)** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା କନ୍ଧପଡ଼ା ରାଧାକୃଷ୍ଣ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଗୁରୁବାର ବିରାଟ ପର୍ବ ଆରମ୍ଭ ହୋଇଛି। ପ୍ରଥମ ରଜନୀରେ ପଞ୍ଚପାଣ୍ଡବଙ୍କ ଅଜ୍ଞାତବାସ ନାଟକ ମଞ୍ଚସ୍ଥ ହୋଇଥିଲା। ଏଠାରେ ଅକ୍ଷୟ ତୃତୀୟାଠାରୁ ୭ଦିନବ୍ୟାପୀ ମହାଭାରତ ପୁରାଣରୁ ସଂଗୃହୀତ ବିରାଟ ପର୍ବ ନାଟକ ମଞ୍ଚସ୍ଥ ହେବ। ଏଥିରେ ମନୁ ରାଜା ଦେବଦତ୍ତ ଭୋଇ, ଯୁଧିଷ୍ଠିର ସଞ୍ଜୟ ଧରୁଆ, ଭୀମ ହେମାଦ୍ରି ଭୋଇ, ଅର୍ଜୁନ ହିମାଂଶୁ ଭୋଇ, ନକୁଳ ଜଗବନ୍ଧୁ ବରିହା, ସହଦେବ ସମୀର ଭୋଇ, ବିରାଟ ଦଣ୍ଡପାଣି ଦଣ୍ଡସେନା, ଦ୍ୱାରି ନେପାଳ ମାଝି, ଦ୍ରୌପଦୀ ରିଙ୍କୁ ଭୋଇ ଅଭିନୟ କରୁଛନ୍ତି। କର୍ତ୍ତା ଦାୟିତ୍ୱରେ ଉର୍ମିଳା ଦଣ୍ଡସନା ରହିଛନ୍ତି।

## କଳାହାଣ୍ଡି ପାଇଁ ଅପୂରଣୀୟ କ୍ଷତି

**ଅଭିନେତା ଜଗନ୍ନାଥ ମୁଣ୍ଡଙ୍କ ପରଲୋକ**

**ଭବାନୀପାଟଣା, ୨।୫ (ଉତ୍ତମ କୁମାର ଦାଶ)**

ବରିଷ୍ଠ ଆଇନଜୀବୀ, ପ୍ରଖ୍ୟାତ ଅଭିନେତା ତଥା କଳାହାଣ୍ଡି ବ୍ରାହ୍ମଣ ସମାଜ ସଭାପତି ଜଗନ୍ନାଥ ମୁଣ୍ଡଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସମର୍ପଣ ଚଳଚ୍ଚିତ୍ରର ମୁଖ୍ୟ ଖଳନାୟକ ଚରିତ୍ର ଚଣ୍ଡିପ୍ରସାଦ ଭୂମିକାରେ ତାଙ୍କ ନିଖୁଣ ଅଭିନୟ ତାଙ୍କୁ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ପ୍ରଖ୍ୟାତ ଅଭିନେତାର ପରିଚୟ ଦେଇଥିଲା। ବହୁ ମଞ୍ଚ ନାଟକରେ ସେ ତାଙ୍କ ଅଭିନୟର ଛାପ ଛାଡ଼ିଯାଇଛନ୍ତି। ବ୍ରାହ୍ମଣ ସମାଜ କଳାହାଣ୍ଡିର ସଭାପତି ଭାବରେ ସମଗ୍ର ବ୍ରାହ୍ମଣ ସମାଜକୁ ସଂଗଠିତ କରିବାରେ ତାଙ୍କର ଅବଦାନ ପ୍ରଶଂସନୀୟ। କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ଉପସଭାପତି, ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଓ କଳାହାଣ୍ଡି ବାର୍‌ରେ ପବ୍ଲିକ ପ୍ରସିକ୍ୟୁଟର ଭାବରେ କାର୍ଯ୍ୟ କରିଥିଲେ। ସର୍ବୋପରି ସ୍ୱର୍ଗତ ମୁଣ୍ଡ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କ ବିୟୋଗ କଳାହାଣ୍ଡି ପାଇଁ ଅପୂରଣୀୟ କ୍ଷତି ବୋଲି ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲରେ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରକାଶ କରିଥିଲେ। ସଭାରେ କଳାହାଣ୍ଡି ଓକିଲ ସଂଘ ସଭାପତି ସୁଧାଂଶୁ ନନ୍ଦ, କଳାହାଣ୍ଡି ଲେଖକ କଳା ପରିଷଦର ସମ୍ପାଦକ ଭବନାଥ ରାୟଗୁରୁ, କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ସମ୍ପାଦକ କୃଷ୍ଣାବତାର ଦେଓ, ବରିଷ୍ଠ ନାଗରିକ ସଂଘ ସଭାପତି ବିଜୟ ହୋତା, କଳାହାଣ୍ଡି କଳାକାର ସଂଘର ଅବଦୁଲ କାଦିର, ଆର୍ଟ ଅଫ ଲିଭିଂର ଡାକ୍ତର ହେମାଙ୍ଗିନୀ ମେହେର, ସଂସ୍କାର ଭାରତୀର ପ୍ରଭାସ ଚନ୍ଦ୍ର ମିଶ୍ର, ଶୌଣ୍ଡିକ ସମାଜର ଗୋପାଳ ସାହୁ, ମହାବୀର ସାଂସ୍କୃତିକ ଅନୁଷ୍ଠାନ ତଥା ଜିଲା ସାମ୍ବାଦିକ ସଂଘ ସଭାପତି ଶାନ୍ତନୁ କୁମାର ବେହେରା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ଶରତ ନାୟକ, ନାରୀ ନେତ୍ରୀ ସୁନିତି ମୁଣ୍ଡ, ବ୍ରାହ୍ମଣ ସମାଜ କଳାହାଣ୍ଡିର ସଂଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ବ୍ରାହ୍ମଣ ସମାଜର ସାଧାରଣ ସମ୍ପାଦକ ସତ୍ୟନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଗୁରୁବାର ସକାଳେ ଭବାନୀପାଟଣାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଜଗନ୍ନାଥ ମୁଣ୍ଡଙ୍କ ପରଲୋକ ହୋଇଥିଲା। ତାରିଣୀ ମନ୍ଦିର ନିକଟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପାଦିତ ହୋଇଥିଲା। ଜ୍ୟେଷ୍ଠପୁତ୍ର ସମରେନ୍ଦ୍ର ମୁଣ୍ଡ ମୁଖାଗ୍ନି ଦେଇଥିଲେ।


ଜଗନ୍ନାଥ ମୁଣ୍ଡ।

## ମ୍ୟାଲେରିଆ ମୁକ୍ତ ବ୍ଲକ୍ ପାଇଁ ଆହ୍ୱାନ

**ଲାଞ୍ଜିଗଡ଼, ୨।୫ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ କୀଟନାଶକ ଉପଚାରିତ ମଶାରି ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟଅତିଥି ଓ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବିଡିଓ ଶଶାଙ୍କ ପାତ୍ର, ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେର, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ସମାଜସେବୀ ହରିଶଙ୍କର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଧାୟକ ଦିଶାରୀ ତାଙ୍କ ବକ୍ତବ୍ୟରେ ମଶାରୀ ବ୍ୟବହାର କଲେ ଆମେ ସବୁ ରୋଗରୁ ନିଜକୁ ସୁରକ୍ଷିତ ରଖିବା ସହ ସୁସ୍ଥ ଜୀବନଯାପନ କରିପାରିବା। ଲାଞ୍ଜିଗଡ ବ୍ଲକକୁ ମ୍ୟାଲେରିଆ ମୁକ୍ତ କରିବାକୁ ଆମକୁ ସଂକଳ୍ପ ନେବାକୁ ହେବ। ଏଥିପାଇଁ ସମସ୍ତେ ସଚେତନ ହେବାର ଅବଶ୍ୟକତା ରହିଛି ଓ ଜନସାଧାରଣ ଏହାକୁ ନିଜର ସାମାଜିକ ଦାୟିତ୍ୱ ଭାବି ଆଗେଇ ଆସିବାକୁ ହେବ ବୋଲି କହିଥିଲେ। ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ହିତେଶ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିପିଏମ୍ ମାନସ ରଞ୍ଜନ ସ୍ୱାଇଁ ପରିଚାଳନା କରିଥିବା ବେଳେ ବିପିଓ ମିତ୍ରଭାନୁ ଦାସ, ଏମ୍‌ଟିଏସ୍ ସଞ୍ଜୟ ଦାସଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ନିମନ୍ତ୍ରିତ ଅଭିଭାଷଣ, ପୁସ୍ତକ ଲୋକାର୍ପଣ ଉତ୍ସବ

**ଭବାନୀପାଟଣା, ୨।୫ (ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ ପକ୍ଷରୁ ନିମନ୍ତ୍ରିତ ଅଭିଭାଷଣ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁବ ସଂସ୍କାର ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ପଲ୍ଲିଶ୍ରୀ ପଟ୍ଟନାୟକ ଓ ଅଧ୍ୟାପିକା ଡ. ପ୍ରତ୍ୟାଶା ଧଳଙ୍କ ସମ୍ପାଦିତ 'ସମକାଳୀନ ସାହିତ୍ୟ ଚର୍ଚ୍ଚା' ପୁସ୍ତକ ଲୋକାର୍ପିତ ହୋଇଥିଲା। ସେହିପରି 'ସମକାଳୀନ ସାହିତ୍ୟର ପ୍ରାସଙ୍ଗିକତା' ପ୍ରସଙ୍ଗ ଉପରେ ବିଶିଷ୍ଟ ପ୍ରାବନ୍ଧିକ ଡ. ବେଣୁଧର ପାଢ଼ୀ ବକ୍ତବ୍ୟ ରଖିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଡ. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ବକ୍ତାଭାବେ ପ୍ରାବନ୍ଧିକ ଡ. ବେଣୁଧର ପାଢ଼ୀ, କୁଳସଚିବ ପୀତାମ୍ବର ଭୋଇ, ଓଡ଼ିଆ ବିଭାଗ ମୁଖ୍ୟ ଡ. ପଲ୍ଲିଶ୍ରୀ ପଟ୍ଟନାୟକ, ଅଧ୍ୟାପିକା ଡ. ପ୍ରତ୍ୟାଶା ଧଳ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ଡୋଳାମଣି ଧରୁଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ବାଲ୍ମୀକି କରୁଆଁ ସଭା ପରିଚାଳନା କରିଥିଲେ। ଯୁବ ଗାଳ୍ପିକ ଡିଲେଶ୍ୱର ରଣା ଧନ୍ୟବାଦ ଦେଇଥିଲେ।


ଅତିଥିଙ୍କ ଦ୍ୱାରା ପୁସ୍ତକ ଲୋକାର୍ପଣ କରାଯାଉଛି।

## ପାସ୍‌ହାର: କଳାହାଣ୍ଡିରେ ୯୫.୨୨%, ନୂଆପଡ଼ାରେ ୯୭.୦୫%

**ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ**

**ଭବାନୀପାଟଣା, ୨।୫ (ଉତ୍ତମ କୁମାର ଦାଶ)**

ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ଅପରାହ୍ନରେ ପ୍ରକାଶ ପାଇଛି। ଚଳିତ ବର୍ଷ କଳାହାଣ୍ଡି ଜିଲାରେ ପାସ୍ ହାର ୯୫.୨୨% ରହିଛି। ଜୟପାଟଣା ବ୍ଲକ ମୁଖିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଶ୍ରୀୟାଂଶୀ ସାହୁ ସର୍ବାଧିକ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ସେ ମୋଟ ୫୮୨ନମ୍ବର (୯୭%) ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜିଲାରେ ଚଳିତବର୍ଷ ଏ-୧ ଗ୍ରେଡରେ ୧୯ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଶ୍ରୀୟାଂଶିଙ୍କ ସମେତ ମୁଖିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଅନ୍ୱେଷ କୁମାର ଠାକୁର ୫୬୬ (୯୪.୩୩%), ଭବାନୀ ଶଙ୍କର ନାଗ ୫୬୦ (୯୩.୩୩%), ରାହୁଲ ବଣିଆ ୫୫୪ (୯୨.୩୩%), ଛାତ୍ରୀ ତନିଶା ରାଣୀ ରଥ ୫୫୩ (୯୨.୧୬%), ପ୍ରଗତିକା ପଟ୍ଟନାୟକ ୫୪୮ (୯୧.୩୩%), ଛାତ୍ର ଶୁଭାଶିଷ ଗୋପାଳ ୫୪୩ (୯୦.୫୦%), ଛାତ୍ରୀ ଅଙ୍କିତା ବେହେରା ୫୪୪ (୯୦.୬୬%), ଜୁନାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଅଂଶୁମାନ କଟା ୫୪୩ (୯୦.୫୦%), ଛାତ୍ରୀ ସ୍ମୃତି ପ୍ରଜ୍ଞା ସାହୁ ୫୪୩ (୯୦.୫୦%), ରାଜପୁର ସରକାରୀ ଅପଗ୍ରେଡ ହାଇସ୍କୁଲର ଛାତ୍ରୀ ପ୍ରଣତୀ ମିଶ୍ରା ୫୫୩ (୯୧.୧୬%), ଛାତ୍ର ଜିଜ୍ଞାସୁ ଶବର ୫୪୫ (୯୦.୮୩%), ଚିଚିଗୁଡା ନୋଡାଲ ହାଇସ୍କୁଲର ଛାତ୍ର ରିତିକ କୁମାର ମେହେର ୫୪୧ (୯୦.୧୬%), ମେଦିନିପୁର ପଞ୍ଚାୟତ ହାଇସ୍କୁଲର ଛାତ୍ର ଭୁପେଶ ନାଏକ ୫୫୪ (୯୨.୩୩%), ଭବାନୀପାଟଣା ପୋଲିସ ହାଇସ୍କୁଲ ଛାତ୍ରୀ ଝିଲି ସାହୁ ୫୬୦ (୯୩.୩୩%), ଦେପୁର ଏସ୍‌ଏସ୍‌ଡିଏଚ୍‌ଏସ୍ ଛାତ୍ର ଆୟୁଷ କୁମାର ସା ୫୪୬ (୯୧%), ଛାତ୍ରୀ ପ୍ରିୟଙ୍କା ସାହୁ ୫୫୦ (୯୧.୬୬%) ଓ କେସିଙ୍ଗା ବ୍ଲକ କଣ୍ଡୁପଡା ଜନତା ହାଇସ୍କୁଲର ଛାତ୍ର ଦୁଷ୍ମନ୍ତ ରଣା ୫୪୪ ନମ୍ବର (୯୦.୬୬%) ରଖି କୃତକାର୍ଯ୍ୟ ହୋଇଛନ୍ତି।

**କଳାହାଣ୍ଡି ଜିଲା ଟପ୍ପର**


ଶ୍ରୀୟାଂଶୀ ସାହୁ

**ନୂଆପଡ଼ା ଜିଲା ଟପ୍ପର**


ଶ୍ରେଷ୍ଠା ପଣ୍ଡା

**ନୂଆପଡ଼ା (ମକାରୁ ବେମାଲ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଶୁକ୍ରବାର ଅପରାହ୍ନରେ ପ୍ରକାଶିତ ହୋଇଛି। ରାଜ୍ୟରେ ପାସ୍‌ହାର ୯୩% ଥିବାବେଳେ ନୂଆପଡ଼ା ଜିଲାରେ ୯୭.୦୫% ରହିଛି। ଚଳିତଥର ଛାତ୍ରଙ୍କୁ ପଛରେ ପକାଇଛନ୍ତି ଛାତ୍ରୀ। କୋମନା ବ୍ଲକ ମୁଣ୍ଡାପାଲା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଶ୍ରେଷ୍ଠା ପଣ୍ଡା ୬ ଶହରୁ ୫୫୯ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି । ସିନାପାଲି ବ୍ଲକ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଝରଣା ମେହେର ୫୪୪ ମାର୍କ ରଖି ଜିଲାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସୂଚନା ଅନୁଯାୟୀ ଚଳିତ ଶିକ୍ଷାବର୍ଷରେ ଜିଲାର ୧୫୫ ବିଦ୍ୟାଳୟରେ ମୋଟ ୬୫୨୩ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକୃତ କରିଥିଲେ । ସେଥିରୁ ୧୫୬ ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ। ପରୀକ୍ଷା ଦେଇଥିବା ୬୩୬୭ ଜଣଙ୍କ ମଧ୍ୟରୁ ୩୦୩୪ ଜଣ ବାଳକ ଓ ୩୧୪୫ ଜଣ ବାଳିକା କୃତକାର୍ଯ୍ୟ ହୋଇଛନ୍ତି। ଏ-୧ରେ ୨ ଛାତ୍ରୀ ରହିଥିବା ବେଳେ ଏ-୨ରେ ୯୯ ଜଣ, ବି-୧ରେ ୮୮୬, ବି-୨ରେ ୧୮୦୩, ସି ଗ୍ରେଡରେ ୧୯୮୮, ଡି ଗ୍ରେଡରେ ୧୧୦୪, ଇ ଗ୍ରେଡ ୨୯୨ ଓ ଏଫ ଗ୍ରେଡରେ ୧୮୬ ଛାତ୍ରୀଛାତ୍ର ପାସ କରିଛନ୍ତି।

## ସଂକ୍ଷେପରେ

### ନବବଧୂ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

**ଯୌତୁକ ନିର୍ଯାତନା ଦେଉଥିଲେ ଶାଶୁଘର ଲୋକେ**

**ପଦ୍ମପୁର, ୨।୫(ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଜଗଦଲପୁର ଥାନା ଲହଙ୍ଗିର ଗ୍ରାମରେ ଗତ ବୁଧବାର ଜଣେ ନବବଧୂଙ୍କୁ ହତ୍ୟା କରାଯାଇଛି। ସେ ହେଲେ ମମତା ବରିହା। ଯୌତୁକ ପାଇଁ ମମତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ଏତଲା ଆଧାରରେ ଜଗଦଲପୁର ଥାନା ପୋଲିସ ନଂ. ୬୦/୨୫ରେ ମାମଲା ରୁଜୁ କରି ଶୁକ୍ରବାର ମମତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଧ୍ରୁବ ବେଷ୍ଟକାର ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ମେଲଛାମୁଣ୍ଡା ଥାନା ଜାମପାଲି ଗ୍ରାମର ରଜଗରାମ ବରିହାଙ୍କ ଏକମାତ୍ର ଝିଅ ମମତାଙ୍କର ଗତ ମାର୍ଚ୍ଚ ୨୬ ତାରିଖରେ ଲହଙ୍ଗିର ଗାଁର ଗୁଣନିଧି ବେଷ୍ଟକାରଙ୍କ ପୁଅ ଧ୍ରୁବଙ୍କ ସହ ବିବାହ ହୋଇଥିଲା। ମମତାଙ୍କୁ ଶାଶୁଘର ଲୋକମାନେ ଯୌତୁକ ପାଇଁ ଅନେକ ସମୟରେ ନିର୍ଯାତନା ଦେଉଥିଲେ। ଏ ନେଇ ସେ ଫୋନ୍ କରି ବାପଘର ଲୋକଙ୍କୁ ଜଣାଉଥିଲେ। ବୁଧବାର ଅପରାହ୍ନ ସାଢ଼େ ୪ଟାରେ ଉଉଣୀ ଅସୁସ୍ଥ ଅଛି ପଦ୍ମପୁର ଡାକ୍ତରଖାନାକୁ ଆସ ବୋଲି ମୃତ ମମତାଙ୍କ ଭାଇ ପୈଲୁସ୍ତଙ୍କୁ ଫୋନ କରି ଶାଶୁଘର ଲୋକେ ଜଣାଇଥିଲେ। ବାପଘର ଲୋକେ ପଦ୍ମପୁର ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ମମତାଙ୍କ ମୃତ୍ୟୁ ଘଟିସାରିଥିଲା। ଏ ନେଇ ଗୁରୁବାର ସନ୍ଧ୍ୟା ସାଢ଼େ ୭ଟାରେ ମମତାଙ୍କ ଭାଇ ଜଗଦଲପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପଦ୍ମପୁର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ମୃତକଙ୍କ ବାପ ଘର ଲୋକଙ୍କୁ ହସ୍ତାନ୍ତର କରିଥିଲା ବୋଲି ଜଗଦଲପୁର ଆଇଆଇସି ଅଭିମନ୍ୟୁ ଦୁର୍ଗ ସୂଚନା ଦେଇଛନ୍ତି।

### ଟ୍ରେଲରକୁ ପିଟିଲା ବାଇକ୍, ଚାଳକ ମୃତ

**ଅତାବିରା, ୨।୫(ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକ ରେଙ୍ଗାଲିକ୍ୟାମ୍ପ ଜାତୀୟ ରାଜପଥ ପାର୍ଶ୍ୱରେ ଶୁକ୍ରବାର ଏକ ଟ୍ରେଲରକୁ ବାଇକ୍ ଧକ୍କା ଦେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ଠାକୁରପଡ଼ା ଗ୍ରାମର ନାରାୟଣ ପାତ୍ର (୨୮)। ରେଙ୍ଗାଲିକ୍ୟାମ୍ପ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ଟ୍ରେଲର(ନଂ.ଓଆର ୧୪ଏକ୍ସ ୩୬୧୬) ଛିଡ଼ା ହୋଇଥିଲା। ସକାଳ ୬ଟାରେ ବାଇକ(ନଂ.ଓଡି ୧୭ଏସି ୭୦୪୯)ରେ ନାରାୟଣ ବରଗଡ଼ ପଟୁ ଆସୁଥିବା ସମୟରେ ଛିଡା ହୋଇଥିବା ଟ୍ରେଲରକୁ ପଛପଟୁ ଧକ୍କା ଦେଇଥିଲେ। ଏହି ଦୁର୍ଘଟଣା ପରେ ବଇକ୍ ଚାଳକ ନାରାୟଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେ ଭଟଲି ବ୍ଲକ ଅନ୍ତର୍ଗତ ତରକନା ଉଚ୍ଚ ବିଦ୍ୟାଳୟରେ ଖେଳ ଶିକ୍ଷକ ଭାବେ କାମ କରୁଥିଲେ। ନାରାୟଣ ନିଜ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାରେ ଶିକାର ହୋଇଥିଲେ।

### ବରପାଲି ଶୀତଳଷଷ୍ଠୀ ଥାଳ ଉଠିଲା

**ବରପାଲି, ୨।୫(ଚିତ୍ତରଞ୍ଜନ ସାହୁ):** ବରପାଲିର ଐତିହ୍ୟସମ୍ପନ୍ନ ଶୀତଳ ଷଷ୍ଠୀ ଯାତ୍ରାର ବୁଧବାର ଥାଳଉଠା କାର୍ଯ୍ୟ ଅନୁକୂଳ କରାଯାଇଛି। ପବିତ୍ର ଅକ୍ଷୟ ତୃତୀୟାରେ ପ୍ରତିବର୍ଷ ଏହି ଅନୁକୂଳ କାର୍ଯ୍ୟ କରାଯାଏ । ସକାଳେ ସ୍ଥାନୀୟ କପିଳେଶ୍ୱର ମନ୍ଦିରରେ ଯାତ୍ରା କମିଟି ପକ୍ଷରୁ ରୁଦ୍ରାଭିଷେକ କରାଯିବା ପରେ ଅପରାହ୍ନ ୫ଟାରେ ଭଣ୍ଡାର ଗୃହରୁ ଯାତ୍ରା କମିଟି ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି କପିଳେଶ୍ୱର ମନ୍ଦିରରେ ପହଞ୍ଚି ଥିଲେ। ଅନ୍ୟ ପକ୍ଷରେ ଚଳିତ ବର୍ଷ କନ୍ୟା ପକ୍ଷ ଦାୟିତ୍ୱ ନିର୍ବାହ କରୁଥିବା ବରପାଲି ଭୁଲିଆ ସମାଜର ଶୈବ ଭକ୍ତବୃନ୍ଦ ଶୋଭାଯାତ୍ରାରେ ନଗର ପରିକ୍ରମା କରି କପିଳେଶ୍ୱର ମନ୍ଦିରରେ ପହଞ୍ଚିବା ପରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇ ଥାଳଉଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯାତ୍ରା କମିଟିର ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ କୁମାର ତ୍ରିପାଠୀଙ୍କ ସମେତ ଯାତ୍ରା କମିଟିର ସଭ୍ୟ ତଥା ବରପାଲି ବହୁ ଶୈବ ଭକ୍ତ ଯୋଗ ଦେଇଥିଲେ। ଅନ୍ୟ ପକ୍ଷରେ ବରପାଲି ଭୁଲିଆ ସମାଜର ଶୈବ ଭକ୍ତ ତଥା ଚଳିତ ବର୍ଷ କନ୍ୟା ମାତାପିତା ସସ୍ମିତା ମେହେର ଓ ସଞ୍ଜୟ ମେହେର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୂଜକ ଭାବରେ ପଣ୍ଡିତ ହେମନ୍ତ ମିଶ୍ର, ପଣ୍ଡିତ ସଦାନନ୍ଦ ଦାଶଙ୍କ ସହ ମନ୍ଦିରର ପୂଜକଗଣ ସହଯୋଗ କରିଥିଲେ।

# ବାଘପାଲିରେ ଡବଲ୍ ମର୍ଡର, କାରଣ ଅସ୍ପଷ୍ଟ

**ବରଗଡ଼, ୨।୫(ପ୍ରେମାନନ୍ଦ ଖମାରୀ)**

- ଜଣେ ମୃତକ ଥିଲେ ପେସାଦାର ଅପରାଧୀ
- ଅନ୍ୟ ମୃତକଙ୍କ ପୁଅ ପୋଲିସ ହେପାଜତରେ
- ଆକସ୍ମିକ ଉତ୍ତେଜନାରୁ ହତ୍ୟାକାଣ୍ଡ ଘଟିଥିବା ଅନୁମାନ

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ବାଘପାଲି ଗ୍ରାମରେ ଗୁରୁବାର ଅପରାହ୍ନରେ ଡବଲ୍ ମର୍ଡର ହୋଇଛି। ଦିନ ଦ୍ୱିପ୍ରହରରେ ସଂଘଟିତ ଏହି ହତ୍ୟାକାଣ୍ଡ ସମସ୍ତଙ୍କୁ ସ୍ତବ୍ଧ କରିପକାଇଛି। ଏଥିରେ ଗ୍ରାମର ମଘା ଭୁଏ(୫୫) ଏବଂ ତରଣୀ ବାଗ(୩୫)ଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରୁ ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା, ଲୁହାରଡ଼ ଆଦି ଜବତ କରିଛି। ଶୁକ୍ରବାର ବରଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ହୋଇଛି। ଏ ନେଇ ଭେଡ଼େନ ଥାନା ପୋଲିସ ୨ଟି ହତ୍ୟା ମାମଲା(ନଂ.୯୯, ୧୦୦/୨୫) ରୁଜୁ କରିଛି। ସେହିପରି ଘଟଣା ପରେ ଫେରାର୍ ଥିବା ମୃତ ମଘାଙ୍କ ପୁଅ ନେପାଳ ଶୁକ୍ରବାର ସମ୍ବଲପୁରରେ ଧରାପଡ଼ିଥିବା ଭେଡ଼େନ ଥାନା ଆଇଆଇସି ସୁଶାନ୍ତ କୁମାର ଦାଶ କହିଛନ୍ତି। ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଆକସ୍ମିକ ଉତ୍ତେଜନାରୁ ଏଭଳି ଘଟିଥିବା ଅନୁମାନ କରାଯାଉଛି।



ପୋଲିସ ବାଘପାଲି ଡବଲ୍ ମର୍ଡର ଘଟଣାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଗୁରୁବାର ବାଘପାଲି ଗ୍ରାମରେ ଏକ ବିବାହ ଉତ୍ସବ ଚାଲିଥିଲା। ସେହି ଉତ୍ସବକୁ ସକାଳୁ ମୃତ ମଘାଙ୍କ ସମେତ ପରିବାର ଲୋକେ ଯାଇଥିଲେ। ସେଠାକୁ ମୃତ ତରଣୀ ମଧ ପହଞ୍ଚିଥିଲେ। ଅନ୍ୟପଟେ କିଛି ସମୟ ପରେ ସେଠାରୁ ତରଣୀ ମଘାଙ୍କ ଘର ସମ୍ମୁଖକୁ ଆସିଥିଲେ। ପରେ ମଘା ମଧ ସେଠାରେ ପହଞ୍ଚିଥିଲେ। ତେବେ ଅପରାହ୍ନ ପ୍ରାୟ ୩ଟାରେ ମଘାଙ୍କ ଘରେ ମଘା ଏବଂ ତରଣୀଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଜଣାପଡ଼ିଥିଲା। ଖବର ପାଇ ଘଟଣାସ୍ଥଳକୁ ବରଗଡ଼ ଦାୟିତ୍ୱରେ ରହିଥିବା ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି, ବରଗଡ଼ ଅତିରିକ୍ତ ଏସ୍‌ପି ଇନ୍ଦୁରେଖା ପଶ୍ଚିମକବାଟ, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ଭେଡ଼େନ ଥାନା ଆଇଆଇସି ସୁଶାନ୍ତ କୁମାର ଦାଶ ପ୍ରମୁଖ ପହଞ୍ଚି ମୃତଦେହ ଜବତ କରିଥିଲେ। ଘଟଣାସ୍ଥଳରେ ଉଭୟଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବାରୁ ସେମାନଙ୍କ ମଧରେ ଆକ୍ରମଣ, ପ୍ରତି ଆକ୍ରମଣ ହୋଇଥିବା ଅନୁମାନ ହୋଇଥିଲା। ଅନ୍ୟପଟେ ଘଟଣା ପରେ ମୃତମଘାଙ୍କ ପୁଅ ନେପାଳ ଫେରାର୍ ଥିଲେ। ତେବେ ହତ୍ୟାକାଣ୍ଡରେ ତାଙ୍କର ସମ୍ପୃକ୍ତି ଥିବା ସନ୍ଦେହରେ ପୋଲିସ ନେପାଳଙ୍କୁ ଧରି ଜେରା କରୁଥିବା ସୂଚନା ମିଳିଛି। ଜେରା ସରିବା ପରେ ହତ୍ୟାକାଣ୍ଡର ପ୍ରକୃତ ରହସ୍ୟ ପଦାକୁ ଆସିବ। ତେବେ ତରଣୀ ଜଣେ ପେସାଦାର ଅପରାଧୀ ଏବଂ ସେ ମଘାଙ୍କୁ ହତ୍ୟା କରିବା ପରେ ପ୍ରତିଶୋଧ ପରାୟଣ ହୋଇ ତରଣୀଙ୍କୁ ହତ୍ୟା କରାଯାଇଥିବା ସାଧାରଣରେ ଆଲୋଚିତ ହେଉଛି। ମୃତ ତରଣୀଙ୍କ ନାମରେ ୱାରେଣ୍ଟ ରହିଥିଲା ଏବଂ ଘଟଣା ଦିନ ସେ ଗ୍ରାମକୁ ଆସିଥିବା ସୂଚନା ମିଳିଛି।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ



ଠାକୁରଙ୍କ ପହଣ୍ଡି ଦେଖିବାକୁ ଶ୍ରଦ୍ଧାଳୁ, ଭକ୍ତମାନେ।

**ଗୋଡ଼ଭଗା, ୨।୫(ସୁରେଶ ଦାଶ)**

- ଯୋଗଦେଲେ ରାଜସ୍ୱ ମନ୍ତ୍ରୀ
- ରତ୍ନସିଂହାସନରେ ତିନି ଠାକୁର

ଅତାବିରା ବ୍ଲକ ଅନ୍ତର୍ଗତ ଗୋଡ଼ଭଗାରେ ନବ ନିର୍ମିତ ଜଗନ୍ନାଥ ଓ ଲକ୍ଷ୍ମୀ ମନ୍ଦିରର ଏପ୍ରିଲ ୨୪ ତାରିଖରୁ ସପ୍ତାହେ ଧରି ଚାଲିଥିବା ପ୍ରତିଷ୍ଠା ମହୋତ୍ସବ ବୁଧବାର ରାତିରେ ସମ୍ପନ୍ନ ହୋଇଛି। ସଭାପତି ସୁନୀଲ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଅତିଥିଭାବେ ଯୋଗଦେଇଥିଲେ। ପ୍ରତିଷ୍ଠା ମହୋତ୍ସବର ପୂର୍ଣ୍ଣାହୁତି ଦିନ ପ୍ରାତଃ କାଳେ ଆବାହିତ ଦେବଦେବୀଙ୍କ ଯଥା ବିହିତ ପୂଜନ କରାଯାଇ କର୍ତ୍ତା ସ୍ନାନ କରାଯାଇଥିଲା। ଏହାପରେ ଯୂପସ୍ଥାପନ, ଧ୍ୱଜାକଳସାଦି ସ୍ଥାପନ, ଅମୃତ ଲଗ୍ନେ ଦେବତା ପ୍ରବେଶ, ସ୍ୱର୍ଗଦ୍ୱାର ଉନ୍ମୋଚନ ଏବଂ ପୂର୍ଣ୍ଣାହୁତି କାର୍ଯ୍ୟରେ ଯଜ୍ଞ ବେଦୀରେ ପୂଜା ପାଉଥିବା କୁପ ମହାରାଜଙ୍କ ସ୍ଥାପନ ମନ୍ଦିରର ଈଶାନ୍ୟ କୋଣରେ କରାଯିବା ପରେ ମନ୍ଦିରରେ ଧ୍ୱଜାକଳସ, ଚକ୍ର ବିଶ୍ୱକର୍ମାଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା। ଏହାପରେ ଛେରାପହଁରା କରାଯାଇ ଠାକୁରଙ୍କ ଧାଡ଼ି ପହଣ୍ଡି କରାଯାଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ ପରେ ବଡଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ଜଗନ୍ନାଥଙ୍କୁ ଘଣ୍ଟ, ଶଙ୍ଖର ତାଳେତାଳେ ଜନ୍ମବେଦୀରୁ ନିଆଯାଇ ଯଜ୍ଞ ମଣ୍ଡପ ଓ ମନ୍ଦିର ବେଢ଼ା ପରିକ୍ରମା କରାଯାଇଥିଲା । ଏହାପରେ ସ୍ୱର୍ଗଦ୍ୱାର ଉନ୍ମୋଚନ କରାଯାଇ ଠାକୁରଙ୍କୁ ରତ୍ନସିଂହାସନରେ ସ୍ଥାପିତ କରାଯାଇଥିଲା। ସନ୍ଧ୍ୟାରେ ବ୍ରହ୍ମପୁରର ପ୍ରିନ୍ସ ଡ୍ୟାନ୍ସଗ୍ରୁପର କଳାକାରମାନେ ଦେଶାତ୍ମବୋଧକ ନୃତ୍ୟଗୀତ ପରିବେଷଣ କରିଥିବା ବେଳେ ଭଜନ ସମ୍ରାଟ ପଦ୍ମଶ୍ରୀ ଅନୁପ ଜଲୋଟା ଓ ଏଲ. ନିତେଶ କୁମାରଙ୍କ ଭଜନ ପରିବେଷିତ ହୋଇଥିଲା।

# ବରଗଡ଼ ଜିଲାରେ ପାସ୍‌ହାର ୯୭ ପ୍ରତିଶତ

**ବରଗଡ଼, ୨।୫(ପ୍ରେମାନନ୍ଦ ଖମାରୀ)**

**ମାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ବରଗଡ଼ ଜିଲା ରାଜ୍ୟରେ ତ୍ରୟୋଦଶ(୧୩ତମ) ସ୍ଥାନରେ ରହିଛି। ଜିଲାର ପାସ୍ ହାର ୯୭.୦୯ପ୍ରତିଶତ ରହିଛି। ଜିଲାରେ୧୬ହଜାର ୯୩୫ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୬ହଜାର ୨୫୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୩ଜଣ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ୩୮୩ଜଣ ଏ-୨, ୧୪୭୦ ବି-୧, ୩୧୮୨ ବି-୨, ୪୪୨୭ଜଣ ସି, ୪୫୯୮ଜଣ ଡି, ୨୧୫୦ଜଣ ଇ ଏବଂ ୪୮୨ଜଣ ଏଫ୍ ଗ୍ରେଡ୍‌ରେ ସଫଳ ହୋଇଛନ୍ତି। ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବବିତା ରଥ ୫୮୪ମାର୍କ(୯୭.୩୩ ପ୍ରତିଶତ) ରଖି ଜିଲା ଟପ୍ପର ହୋଇଛନ୍ତି। ସେହିପରି ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରାଜଶ୍ରୀ ସାହୁ ୫୭୬(୯୬ପ୍ରତିଶତ) ରଖି ଦ୍ୱିତୀୟ ଏବଂ ଭେଡ଼େନ ବ୍ଲକ ସାଲନା ପଞ୍ଚାୟତ ହାଇସ୍କୁଲର ଶ୍ରେୟସ କୁମାର ଦାଶ ୫୭୧ମାର୍କ(୯୫.୧୬ପ୍ରତିଶତ) ରଖି ତୃତୀୟ ହୋଇଛନ୍ତି। ବରପାଲି ବ୍ଲକ କନବାର ପିଏମଶ୍ରୀ ସରକାରୀ ହାଇସ୍କୁଲର ନିତିକ ପ୍ରଧାନ ୫୬୯(୯୪.୮୩ ପ୍ରତିଶତ), ରାଜବୋଡ଼ାସମ୍ବର ବ୍ଲକ ପଦ୍ମପୁର ସ୍ୱରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗଜେନ୍ଦ୍ର ମହାରଣା ୫୬୬(୯୪.୩୩ ପ୍ରତିଶତ), ଭେଡ଼େନ ବ୍ଲକ ସାଲନା ପଞ୍ଚାୟତ ହାଇସ୍କୁଲର ଅବିନାଶ ହୋତା ୫୬୫(୯୪.୧୬ ପ୍ରତିଶତ), ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆର୍ଯ୍ୟନ ସାହୁ ୫୬୨(୯୩.୬୭ ପ୍ରତିଶତ), ସୋହେଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନୈମେଶ କୁମାର ସାହୁ ୫୬୦(୯୩.୩୩ ପ୍ରତିଶତ), ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଜାମିନୀ ଦାଶ ୫୬୦(୯୩.୩୩ ପ୍ରତିଶତ), ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଚିନ୍ମୟୀ ମେହେର ୫୬୦(୯୩.୩୩ ପ୍ରତିଶତ), ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସୁଦୀକ୍ଷା ବଢ଼େଇ ୫୫୯(୯୩.୧୬ ପ୍ରତିଶତ), ଅତାବିରା ବ୍ଲକ ସରଣ୍ଡା ପଞ୍ଚାୟତ ହାଇସ୍କୁଲର ଅଦ୍ୟାଶା ବାରିକ୍ ୫୫୯(୯୩.୧୬ ପ୍ରତିଶତ), କୁଲିତା ଟୁକୁରା ହାଇସ୍କୁଲର ଅନ୍ୱେଷା ସାହୁ ୫୫୯(୯୩.୧୬ ପ୍ରତିଶତ), ବିଜେପୁର ବ୍ଲକ ସାଇପାଲି ସରକାରୀ ହାଇସ୍କୁଲର ଲିପୁନ ସାହୁ ୫୫୮(୯୩ପ୍ରତିଶତ), ବରଗଡ଼ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅନ୍ୱେଷା ପ୍ରିୟଦର୍ଶିନୀ ୫୫୮(୯୩ପ୍ରତିଶତ) ନମ୍ବର ରଖି ଜିଲାର ପ୍ରଥମ ୧୦ସ୍ଥାନ ମଧ୍ୟରେ ରହିଛନ୍ତି।



ବବିତା ରଥ।



ଆଦ୍ୟାଶା ବାରିକ

### ଡାକ୍ତର ହେବାକୁ ବବିତାଙ୍କ ଲକ୍ଷ୍ୟ

ପଢ଼ିବା ପାଇଁ ସେଭଳି ସମୟ ବୃତ୍ତାନ୍ତ କରି ନଥିଲି। ହେଲେ ପ୍ରତ୍ୟେକ ଦିନ ସବୁ ବିଷୟ ପ୍ରତି ଧ୍ୟାନ ଦେଉଥିଲି। ପ୍ରତ୍ୟେକ ବିଷୟ ଉପରେ ପଢ଼ିବା ପାଇଁ ନିୟମିତ ଏକ ଟାର୍ଗେଟ୍ ରଖୁଥିଲି ଏବଂ ତାହା ସରିବା ପର୍ଯ୍ୟନ୍ତ ପଢୁଥିଲି। ଆଗରୁ ଉଭୟ ତୃତୀୟ ଓ ପଞ୍ଚମ ଶ୍ରେଣୀରେ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି। ସେହିପରି ପଠାଣୀ ସାମନ୍ତ, ବ୍ରହ୍ମଗୁପ୍ତ ପରୀକ୍ଷାରେ ମଧ କୃତକାର୍ଯ୍ୟ ହୋଇଛି। ସଂସ୍କୃତ ବିଷୟରେ ଶତ ପ୍ରତିଶତ ମାର୍କ ପାଇବି ବୋଲି ଆଶା ରଖିଥିଲି। କିନ୍ତୁ ୯୮ମାର୍କ ରଖିଛି। ବାପା ସନ୍ତୋଷ ଏକ ବହି ଦୋକାନ କରିଥିବା ବେଳେ ମା ରୀନା ଗୃହିଣୀ। ଆଗକୁ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି ବୋଲି ବବିତା ରଥ କହିଛନ୍ତି।

### ପାଇକମାଳରେ ନୂତନ ବିଇଓଙ୍କ ଯୋଗଦାନ

**ପାଇକମାଳ ୨।୫(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ବ୍ଲକରେ ନୂତନ ବିଇଓ ଭାବେ ଅଦନ ସୁନା ଯୋଗଦାନ କରିଛନ୍ତି। ତାଙ୍କୁ ପାଇକମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଭାରପ୍ରାପ୍ତ ବିଇଓ ଶୁଭମ ପତି ଏବିଇଓ ରାଧେଶ୍ୟାମ ମେହେର, ଦୟାନିଧି କୈବର୍ତ୍ତ, ସିଆର୍‌ସିସି ଉଗ୍ରସେନ ପ୍ରଧାନ, ରଞ୍ଜନ ବାଗ, ବିଜୟ କୁମାର ସ୍ୱାଇଁ, ଶିକ୍ଷକ ଅଶୋକ ସାହୁ, ସୁଶାନ୍ତ ସାହୁ, ନିମାଇଁ ସ୍ୱାଇଁ, ଲବଙ୍ଗଲତା ନାଗ ତଥା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସ୍ୱାଗତ ଜଣାଇଛନ୍ତି। ସୁନା ଏହା ପୂର୍ବରୁ ସିନିୟର ଏସ୍‌ଇଏସ୍ ପ୍ରଧାନ ଶିକ୍ଷକ ଜନତା ନୋଡାଲ ହାଇସ୍କୁଲ ଗୋଡଭଗାରେ କାର୍ଯ୍ୟ କରୁଥିଲେ। ପାଇକମାଳ ବ୍ଲକର ପୂର୍ବ ବିଇଓ ଚୂଡ଼ାମଣି ବାରିକ ଖପ୍ରାଖୋଲକୁ ବଦଳି ପରେ ଖାରବନ୍ଧ ବିଇଓ ଶୁଭମ ପତି ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ।

### ହିନ୍ଦୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖାରବନ୍ଧ, ୨।୫(ଦେବେନ୍ଦ୍ର ସାହୁ):** ଖାରବନ୍ଧ ବ୍ଲକ ଜଗଦଲପୁର ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ହରିଶ୍ଚନ୍ଦ୍ର ପଟେଲଙ୍କୁ ଶୁକ୍ରବାର ଅବସରକାଳନୀ ସମ୍ବର୍ଦ୍ଧନା ଦିଆଯାଇଛି। ପଟେଲଙ୍କ ଜନ୍ମ ସ୍ଥାନ ଶୁକୁଳିପାହାଡ଼ ଗ୍ରାମକୁ ପ୍ରଧାନ ଶିକ୍ଷକ ଓ ହିନ୍ଦୀ ଶିକ୍ଷକମାନେ ଯାଇ ମାନପତ୍ର ଓ ଉପଢୌକନ ଦେଇଥିଲେ। ହିନ୍ଦୀ ଶିକ୍ଷକ ସଂଘର ଆରଦ୍ରା ବାଗ, ଡୋଳାମଣି ସାହୁ, ଧରମରାଜ ବାରିକ, ବିଶିକେଶନ ଧରୁଆ, ଭୀମ ଭୋଇ, ମାଧବ ତାଣ୍ଡି ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।

### ପଞ୍ଚପାଣ୍ଡବଙ୍କ ଅଜ୍ଞାତବାସ ନାଟକ ମଞ୍ଚସ୍ଥ

**ରିଷିଡ଼ା, ୨।୫ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା କନ୍ଧପଡ଼ା ରାଧାକୃଷ୍ଣ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଗୁରୁବାର ବିରାଟ ପର୍ବ ଆରମ୍ଭ ହୋଇଛି। ପ୍ରଥମ ରଜନୀରେ ପଞ୍ଚପାଣ୍ଡବଙ୍କ ଅଜ୍ଞାତବାସ ନାଟକ ମଞ୍ଚସ୍ଥ ହୋଇଥିଲା।

# ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମଙ୍କ ଜୟନ୍ତୀ



ପଦ୍ମପୁର......ଶୋଭାଯାତ୍ରାରେ ବ୍ରାହ୍ମଣ ସମାଜ ର ସଦସ୍ୟମାନେ ।

**ଅତାବିରା, ୨।୫: (ଯୁଧିଷ୍ଠିର ମହାପାତ୍ର)**

ଅତାବିରାରେ ବ୍ରାହ୍ମଣମାନଙ୍କ ଇଷ୍ଟ ପ୍ରଭୁ ପର୍ଶୁରାମଙ୍କ ଜନ୍ମୋତ୍ସବ ବୁଧବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ବ୍ରାହ୍ମଣ ସମାଜ ପକ୍ଷରୁ ମା' ଦୁର୍ଗାଙ୍କ ମନ୍ଦିରରେ ମା' ଦୁର୍ଗା, ପ୍ରଭୁ ପର୍ଶୁରାମ ଓ ମାତା ଗାୟତ୍ରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ନିସର୍ଗେଷ ମିଶ୍ର ପ୍ରଭୁ ପର୍ଶୁରାମ ରୂପରେ ଅଭିଷିକ୍ତ ହୋଇଥିଲେ। ପୂଜା କାର୍ଯ୍ୟ ତୁଲାଇଥିଲେ ପଣ୍ଡିତ ରିଙ୍କୁ ଦାଶ, ବାବୁଲାଲ ପାଣ୍ଡିଆ। ଏହାପରେ ଏକ ଭବ୍ୟ ଶୋଭାଯାତ୍ରା ମା' ଦୁର୍ଗାମନ୍ଦିରରୁ ବାହାରି ସହର ପରିକ୍ରମା କରି ଅଗ୍ରସେନ ଭବନରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶର ଶତପଥୀ ପ୍ରମୁଖଙ୍କ ସହ ଅତାବିରା ବ୍ରାହ୍ମଣ ସମାଜ, ପର୍ଶୁରାମ ବାହିନୀ, ଦୁର୍ଗା ବାହିନୀ, କର୍ମକାଣ୍ଡି ପଣ୍ଡିତ ସଭାର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ। ଶୋଭାଯାତ୍ରା ପହଞ୍ଚିବା ପରେ ଭଟଲି ବ୍ଲକ ଜ ଗ୍ରାମର ପଣ୍ଡିତ ସୁବୋଧ ମହାପାତ୍ର ଓ ସାଥୀଙ୍କ ପକ୍ଷରୁ ଏକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ପଦ୍ମପୁର, (ପ୍ରଦୀପ୍ତ ଦାଶ):** ପଦ୍ମପୁର ବ୍ରାହ୍ମଣ ସମାଜ, ପର୍ଶୁରାମ ବାହିନୀ, ଗାୟତ୍ରୀ ବାହିନୀ ତରଫରୁ ପ୍ରଭୁ ପର୍ଶୁରାମଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ସକାଳେ ଭଗବାନ ପର୍ଶୁରାମଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ କରିବା ପରେ ପ୍ରସାଦ ସେବନ ଆୟୋଜନ ହୋଇଥିଲା। ଅପରାହ୍ନ ୬ଟାରେ ସ୍ଥାନୀୟ ବ୍ରାହ୍ମଣ ସମାଜ କଲ୍ୟାଣ ମଣ୍ଡପରୁ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ବାହ୍ମଣ ସମାଜର ସଭାପତି ଜୟ ନାରାୟଣ ତ୍ରିପାଠୀ, ସମ୍ପାଦକ ଚନ୍ଦ୍ର ଶେଖର ପୁରୋହିତ, ଗାୟତ୍ରୀ ବାହିନୀ ସଭାନେତ୍ରୀ ଜିତେଶ୍ୱରୀ ଦାଶ ସମ୍ପାଦିକା ଜ୍ୟୋତ୍ସ୍ନାମୟୀ କର ତଥା ପର୍ଶୁରାମ ବାହିନୀର ସମସ୍ତ ସଦସ୍ୟ ଏହି ଭବ୍ୟ ସମାରୋହର ନେତୃତ୍ୱ ନେଇଥିଲେ।

### ମାଣ୍ଡୋସିଲ ପିଏମଶ୍ରୀ ହାଇସ୍କୁଲ ଛାତ୍ରୀ ନୀହାରିକା ବ୍ଲକ ଟପ୍ପର

**ପାଇକମାଳ, ୨।୫(ବଡ ଶତପଥୀ)**

ଶୁକ୍ରବାର ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ପାଇକମାଳ ବ୍ଲକରେ ମାଣ୍ଡୋସିଲ ପିଏମ୍‌ଶ୍ରୀ ସରକାରୀ ହାଇସ୍କୁଲ ଛାତ୍ରୀ ନୀହାରିକା ପ୍ରଧାନ ଟପ୍ପର ହୋଇଛନ୍ତି। ସେ ମାଟ୍ରିକ ପରୀକ୍ଷାରେ ୫୫୩ ମାର୍କ ରଖିଛନ୍ତି। ନୀହାରିକା ଧାରୋଳ ନିବାସୀ ରୂପାଧର ପ୍ରଧାନ ଓ ବିନତା ପ୍ରଧାନଙ୍କ ଝିଅ। ପିଲାବେଳୁ ମେଧାବୀ ଛାତ୍ରୀ ଥିଲେ ନିହାରିକା। ସେ ପ୍ରତିଦିନ କଠିନ ପରିଶ୍ରମ କରି ନିଜ ସଫଳତା ପାଇଛନ୍ତି। ସଫଳତା ନେଇ ସେ ଶିକ୍ଷୟିତ୍ରୀ, ଶିକ୍ଷକ ପିତାମାତାଙ୍କୁ ଶ୍ରେୟ ଦେଇଛନ୍ତି।



ନୀହାରିକା ପ୍ରଧାନ

# ନର୍ସିଂ ବିଦ୍ୟାଳୟ ଉଦ୍‌ଘାଟନ କଲେ ବିଧାୟକ

**ଅତାବିରା, ୨।୫(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକ କୁମେଲସିଂହା ସ୍ଥିତ ସିଦ୍ଧାର୍ଥ ଏଜୁକେଶନ ସୋସାଇଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁବାର ଏକ ନର୍ସିଂ ବିଦ୍ୟାଳୟ ସ୍ଥାପନର ଶୁଭ ଉଦ୍‌ଘାଟନ ମହା ସମାରୋହରେ ପାଳିତ ହୋଇଯାଇଛି । ଏଥିରେ ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନର୍ସିଂ ବିଦ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଚେୟାରମ୍ୟାନ ଭି. ଶ୍ରୀନିବାସ ରାଓ, ସେକ୍ରେଟାରି ଜି. ଶ୍ରୀନିବାସ ରାଓ, ଶୈକ୍ଷିକ ନିର୍ଦ୍ଦେଶକ ଅସିତ ଅମାନ୍ତ ଓ ପରିଚାଳନା ନିର୍ଦ୍ଦେଶକ ଭି. ରୋହିତ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। କ୍ରିଷ୍ଣା ଦାସ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ସୀମନ୍ତିନୀ ସାହୁ ଓ ସଞ୍ଜୀବ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ପୁଷ୍ପାଞ୍ଜଳି ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।



ବିଧାୟକଙ୍କୁ ନର୍ସିଂ ବିଦ୍ୟାଳୟ ଉଦ୍‌ଘାଟନ ଅବସରରେ ସମ୍ବର୍ଦ୍ଧିତ କରାଯାଉଛି।

# କାଳବୈଶାଖୀ ତାଣ୍ଡବ, ଧାନ ଅମଳ ନେଇ ଚାଷୀ ଚିନ୍ତିତ

**ଅତାବିରା, ୨।୫(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ଅଞ୍ଚଳରେ ମଙ୍ଗଳବାରରୁ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ସହ ଝଡ଼ବତାସ ହେବାରୁ ବ୍ୟାପକ ଫସଲ କ୍ଷୟକ୍ଷତି ଘଟିଥିବା ବେଳେ ରାସ୍ତାରେ ବଡ଼ ବଡ଼ ଗଛ ପଡ଼ି ଯାତାୟାତ ଠପ ହୋଇଥିଲା। ଅତାବିରା ଅଗ୍ନିଶମ ବିଭାଗର ପରିଶ୍ରମ ପରେ ଜାତୀୟ ରାଜପଥ ସହ ବାବେବିରା ଗ୍ରାମ୍ୟ ରାସ୍ତା ସ୍ୱାଭାବିକ ହୋଇଥିଲା। ଅନ୍ୟ ପଟେ ସରଣ୍ଡା ମହାପାତ୍ର ପଡା ଗ୍ରାମ୍ୟ ରାସ୍ତାରେ ବିରାଟ ବଟ ବୃକ୍ଷ, ବେଲ ଗଛ ଓ ସରକାରୀ ତେନ୍ତୁଳି କଣ୍ଟା ବୃକ୍ଷ ରାସ୍ତାରେ ପଡ଼ିବା ସହ ପାଖ ଘର ଉପରେ ପଡିବାରୁ କାହାରି କୌଣସି କ୍ଷୟକ୍ଷତି ହୋଇ ନ ଥିଲେ ମଧ ଯାତାୟାତ ଠପ ହୋଇଥିଲା। ଅତାବିରା ଅଗ୍ନିଶମ କର୍ମଚାରୀମାନେ ବିଭାଗୀୟ ଅଧିକାରୀ ମିଶ୍ର କିଶାନଙ୍କ ନେତୃତ୍ୱରେ ସଦଳବଳ ପହଞ୍ଚି ବୁଧବାର ପଡ଼ିଥିବା ଗଛ କାଟିବା ଯୋଗୁ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏଥିରେ ମହାପାତ୍ରପଡ଼ାବାସୀ ସହଯୋଗ କରିଥିଲେ। ଗୁରୁବାର ଅନୁରୂପ ଭାବେ ରାତି ୮ଟାରେ ପୁଣି କାଳବୈଶାଖୀ ଝଡ଼ବତାସ ସହ ପ୍ରବଳ ବର୍ଷା ହୋଇଥିଲା । ଫଳରେ ଅମଳ କ୍ଷମ ଧାନ ଫସଲ ପୂର୍ବରୁ ୫୦ ପ୍ରତିଶତ ନଷ୍ଟ ହୋଇ ସାରିଥିଲା ବାକି ଏହି ଝଡବତାସ ଫସଲ ଉଜାଡ଼ି ଦେଇଛି । ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଧାନ ଅମଳ ନେଇ ଚାଷୀ ଚିନ୍ତିତ ହୋଇପଡିଛି। ଅନ୍ୟ ପଟେ ଏହି କାଳବୈଶାଖୀ ତାଣ୍ଡବ ଯୋଗୁ ଗତ ଚାରି ଦିନ ହେଲା ବିଦ୍ୟୁ ସେବା ଲୁଚକାଳି ଖେଳୁଛି। ଶୁକ୍ରବାର ସକାଳୁ ମଧ୍ୟାହ୍ନ ମଧ୍ୟରେ ୧୦ ଥର ଟ୍ରିପ ନେଲଣି । ଫାୟାର ଫାଇଟର ରାଜେନ୍ଦ୍ର ଏକ୍କା, ଯୋଗେଶ ନାୟକ, ଚକ୍ରଧର ଦାଣ୍ଡିଆ, ବିକି ବେହେରା, ପୁରୁଷୋତ୍ତମ ସାହୁ, ଏବଂ ଗାଡି ଚାଳକ ପ୍ରଦୀପ କୁମାର ହେସ ଅତାବିରା ଅଗ୍ନିଶମ ବିଭାଗ ଅଧିକାରୀ ମିଶ୍ର କିଶାନଙ୍କ ନେତୃତ୍ୱରେ ସରଣ୍ଡା ପହଞ୍ଚି ପଡ଼ାବାସୀଙ୍କ ସହଯୋଗରେ ଗଛ ଗୁଡିକୁ କାଟି ହଟାଇବା ପରେ ଦିନ ସାଢେ ୧୧ଟାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏଠାରେ ଅଗ୍ନିଶମ ବିଭାଗ ପାଖରେ ଥିବା ଗୋଟିଏ ମାତ୍ର କଟର ମେଶିନରେ କାମ କରୁଥିବା ଦେଖିବାକୁ ମିଳିଥିଲା । ଏପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅତାବିରା ଅଗ୍ନିଶ୍ରମ ବିଭାଗକୁ ଅଧିକ ଗଛ କଟା କଟର ମେଶିନ ଯୋଗାଇ ଦେବାକୁ ସରଣ୍ଡା ମହାପାତ୍ର ପଡାବାସୀ ଦାବି କରିଥିଲେ ।



ଗଛପଡ଼ି ରାସ୍ତା ଅବରୋଧ ହୋଇଛି।

### ବିଦ୍ୟୁତ୍ ସେବା ଠପ୍

ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ଅତାବିରା ସହରାଞ୍ଚଳରେ ବୁଧବାର ପାହାନ୍ତିଆ ୩ଟା ୨୩ ମିନିଟ ପର୍ଯ୍ୟନ୍ତ ଏବଂ ସରଣ୍ଡା ମହାପାତ୍ର ପଡ଼ାରେ ବୁଧବାର ସନ୍ଧ୍ୟା ଯାଏ ଦୀର୍ଘ ୨୪ ଘଣ୍ଟା ଧରି ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ଗୁରୁବାର ମଧ ବିଦ୍ୟୁତ୍ ସରବରାହ ରାତ୍ରି ୮ଟାରୁ ବନ୍ଦ ହୋଇ ସହରଠାରୁ ଗ୍ରାମାଞ୍ଚଳ ସବୁଠି ଅନ୍ଧାର ହୋଇପଡ଼ିଛି। ଏନେଇ ଅତାବିରା ବିଦ୍ୟୁତ୍ ଏସ୍‌ଡ଼ିଓଙ୍କୁ ମୋବାଇଲ ନମ୍ବର (୯୪୩୭୦୫୮୦୨୧)ରେ ବାରମ୍ବାର ଯୋଗାଯୋଗ କଲେ ମଧ ଫୋନ ଉଠାଉ ନ ଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

## ସଂକ୍ଷେପରେ

### ଏଟିଏମ୍ କାର୍ଡରୁ ୧୬.୫ ହଜାର ଠକେଇ

**ବଡ଼ଗାଁ,୨।୫(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ବ୍ଲକର ଅବସରପ୍ରାପ୍ତ ମୁଖ୍ୟ କିରାଣିଙ୍କ ଆକାଉଣ୍ଟରୁ ଶୁକ୍ରବାର ୧୬ ହଜାର ୫ଶହ ଟଙ୍କା ଠକେଇ ହୋଇଛି। ଅଭିଯୁକ୍ତ ଜଣକ ଏଟିଏମ୍ କାର୍ଡ ବଦଳାଇ ମୁଖ୍ୟ କିରାଣିଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନେଇଥିବା ସେ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ପ୍ରକାଶ ଯେ, ପୂର୍ବାହ୍ନରେ ବଡ଼ଗାଁ ବ୍ଲକର ଅବସରପ୍ରାପ୍ତ ମୁଖ୍ୟ କିରାଣି ଦିଲୀପ ବଡେଇ ସ୍ଥାନୀୟ ଏସ୍‌ବିଆଇ ଏଟିଏମରୁ ଟଙ୍କା ଉଠାଉଥିଲେ। ଏହି ସମୟରେ ଜଣେ ଯୁବକ ସେଠାକୁ ଆସିଥିଲେ। ସେଠାରେ କିଛି ସମୟ ରହିବା ପରେ ଉକ୍ତ ଯୁବକ ଜଣକ କୌଶଳକ୍ରମେ ମୁଖ୍ୟ କିରାଣୀଙ୍କ ଏଟିଏମ୍‌କୁ ନେଇ ତାଙ୍କୁ ଅନ୍ୟ ଏକ ଏଟିଏମ୍ କାର୍ଡ ଧରାଇ ସେଠାରୁ ଚାଲିଯାଇଥିଲେ। କିଛି ସମୟ ପରେ ବଡ଼ଗାଁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଇଥିବା ନେଇ ଦିଲୀପଙ୍କ ନିକଟକୁ ମେସେଜ ଆସିଥିଲା।

### ପାନୀୟ ଜଳକୁ ନେଇ ଅସନ୍ତୋଷ

**ବଡ଼ଗାଁ,୨।୫(ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଇତମା ଗ୍ରାମର ନୂଆପଡାକୁ ଯାଇଥିବା ପାନୀୟ ଜଳଯୋଗାଣ ପାଇପ୍‌କୁ ପିଡବ୍ଲ୍ୟୁଡି ପକ୍ଷରୁ ଏକ ପୋଲ କାମବେଳେ କାଟିଦିଆଯାଇବାରୁ ପଡ଼ାକୁ ପାନୀୟ ଜଳ ପହଞ୍ଚୁନାହିଁ। ଗ୍ରୀଷ୍ମ ସମୟ ହୋଇଥିବାରୁ ତୁରନ୍ତ ଉକ୍ତ ପଡାବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ଅଖିଳ ବେହେରା, ଦୁଃଶାସନ ସାହୁ, ଫକୀର ବେହେରା, ଧନୀରାମ ସାହୁ, ଡିଲେଶ୍ୱରୀ ସାହୁ, ପୁଷ୍ପଲତା ସାହୁ, କୁମାରୀ ସାହୁ ପ୍ରମୁଖ ଗତ ଶନିବାର ବଡ଼ଗାଁ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ଲିଖିତ ଭାବେ ଜଣାଇଥିଲେ। ତେବେ ଇତିମଧ୍ୟରେ ୫ଦିନ ବିତିଯାଇଥିଲେ ମଧ୍ୟ ଏଯାଏ ସମସ୍ୟାର ସମାଧାନ ହୋଇନାହିଁ। ଫଳରେ ପଡ଼ାର ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ରଜନୀ ବାଗଙ୍କୁ ପଚାରିବାରୁ ପୋଲ କାମ ପାଇଁ ଜଳଯୋଗାଣ ପାଇପ୍ ବାହାର କରାଯାଇଥିବାରୁ ଏଭଳି ସମସ୍ୟା ଦେଖାଦେଇଥିବା ସେ କହିଛନ୍ତି।

### ରାଜଗାଙ୍ଗପୁର ଗୁଳିକାଣ୍ଡ ଘଟଣା, ୪ ଗିରଫ



**ରାଜଗାଙ୍ଗପୁର,୨।୫(ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବାଣ୍ଡୁପଡ଼ାଠାରେ ଗତ ମଙ୍ଗଳବାର ଗୁଳିକାଣ୍ଡ ଘଟି ଜଣେ ଯୁବକ ଆହତ ହୋଇଥିଲେ। ଏହି ଘଟଣାର ଶୁକ୍ରବାର ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାଜଗାଙ୍ଗପୁର ଇଦ୍‌ଗାହା ମହଲାର ମହମ୍ମଦ ଜସିମ(୨୮), ସାହାନବାଜ ଖାନ(୨୦), ଶାନ୍ତି ନଗରର ଇମାମ ରାଜା ଅନସାରି (୨୪) ଓ ଲିପଲୋଇ ଗାଁର କ୍ରିଷ୍ଟା ଗୋଷାଇଁ(୨୫)। ଏମାନଙ୍କଠାରୁ ପୋଲିସ ୩ଟି ବାଇକ୍ ସହ ଗୋଟିଏ ୬ ରାଉଣ୍ଡ ବନ୍ଧୁକ ଜବତ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଗୁଳିକାଣ୍ଡ ଘଟିଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତମାନଙ୍କ ପାଖରେ ବନ୍ଧୁକ କେଉଁଠୁ ଆସିଲା ତାହା ଏବେ ତଦନ୍ତ ସାପେକ୍ଷ।




ଶ୍ରମିକ ଦିବସ ପାଳନ ଅବସରରେ ଶୋଭାଯାତ୍ରା ବାହାରିଛି।

# ବିଶ୍ୱ ଶ୍ରମିକ ଦିବସରେ ଶୋଭାଯାତ୍ରା

**ସୁନ୍ଦରଗଡ,୨।୫(ଜୟ ନାରାୟଣ ମେଣ୍ଡୁଲି)**

ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ, ଆଶା କର୍ମୀ ସଂଘ ଓ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହ ସହାୟିକା ସଂଘ ପକ୍ଷରୁ ସଭାପତି ସୁରଭି ପଣ୍ଡାଙ୍କ ସଭାପତିତ୍ୱରେ ଉଜ୍ୱଳପୁର ସାପ୍ତାହିକ ବଜାର ପ୍ରାଙ୍ଗଣରେ ଗୁରୁବାର ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶତାଧିକ ସ୍କିମ୍ ୱାର୍କର ଏକ ଶୋଭାଯାତ୍ରାରେ ଆସି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୁଞ୍ଜିବାଦ ବିରୋଧରେ ଶ୍ରମିକମାନଙ୍କ ଲଢ଼େଇ ଓ ବଳିଦାନରୁ ଲାଲ୍ ପତାକାର ଜନ୍ମ ଇତିହାସ ବିଷୟରେ ବକ୍ତାମାନେ କହିଥିଲେ। ସରକାର ଅଧିକ କାମ କରାଇ କମ୍ ପାଉଣା ଦେଉଥିବା ଆଶା କର୍ମୀ ସଂଘର ଯମୁନା ଭୈଷାଲ କହିଥିଲେ। ଅଙ୍ଗନୱାଡି କର୍ମୀ ସଂଘର ନେତ୍ରୀ ନନ୍ଦିନୀ ପଟେଲ ସଂଘ ଦ୍ୱାରା ଆଜି ଆମେ ଆମର ହକ୍, ଅଧିକାର ପାଇଁ ଲଢ଼େଇ କରି ପାରୁଛୁ ବୋଲି କହିଥିଲେ। ଶ୍ରମିକ ଲଢ଼େଇରୁ ମେ ଦିବସ ପାଳନ କରିବା ଏବଂ ସଙ୍ଗଠିତ ହୋଇ ନିଜର ହକ୍ ହାସଲ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସେହିପରି ଶ୍ରମିକଙ୍କ କାମ କରୁଥିଲେ ସୁଦ୍ଧା ସରକାର ପାଚିକାମାନଙ୍କୁ ସ୍ୱେଚ୍ଛାସେବୀ ବୋଲି କହିବା ଦୁଃଖର ବିଷୟ ବୋଲି ପାଚିକା ସଂଘର ଜିଲା କାର୍ଯ୍ୟକାରୀ ସଭାନେତ୍ରୀ ଗୋଲାପୀ ବନଛୋର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରାଶୀ ମାଝୀ, ତିଳୋତ୍ତମା ମୁର୍ମୁ, ପଙ୍କଜିନୀ ମାଝୀ, ରଜନୀ ପଟେଲ, ଗୀତା ସା, ବିଶାଖା ଭିତ୍ରିଆ ପ୍ରମୁଖ ଯୋଗ ଦେଇଥିଲେ। ସନ୍ତୋଷିନୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିତ୍ତିଭୂମି ଗଠନରେ ଶ୍ରମିକମାନେ ବିଶ୍ୱକର୍ମା

**ଅନ୍ତର୍ଜାତୀୟ ଶ୍ରମିକ ଦିବସ ଓ ଆଇନ ସଚେତନତା ଶିବିର**

**ସୁନ୍ଦରଗଡ,୨।୫(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ଆଇନ ସେବା ପ୍ରାଧିକାରଣ ପକ୍ଷରୁ ଗୁରୁବାର ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ଶିଖାରାଣୀ ରଥଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବିକଳ୍ପ ସମାଧାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ଏଥିରେ ନାଲସା ଯୋଜନା (ଅସଙ୍ଗଠିତ କ୍ଷେତ୍ରରେ ଶ୍ରମିକ ମାନଙ୍କ ପାଇଁ ଆଇନଗତ ସେବା), ସର୍ବନିମ୍ନ ମଜୁରୀ, ଶିଳ୍ପ ବିବାଦ, କାରଖାନା ଆଇନ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଶ୍ରମିକ ଯୋଜନା ସମ୍ପର୍କରେ ଶ୍ରମିକମାନଙ୍କୁ ସଚେତନତା କରାଯାଇଥିଲା। ଏଥିସହ ପ୍ରାଧିକରଣର ଅଧ୍ୟକ୍ଷା ରଥ ଉପସ୍ଥିତ ଶ୍ରମିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ବିଚାରପତି ଡ. ରାଧାକାନ୍ତ, ଅତିରିକ୍ତ ଜିଲା ଦୌରାଜଜ୍ (ଭିଜିଲାନ୍ସ)ସସ୍ମିତା ପାଢ଼ୀ, ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଡ. ରୀନତି ମିଶ୍ର, ନ୍ୟାୟ ରକ୍ଷକ କମଳଲୋଚନ ସେନ, ଅଞ୍ଜନା ସାହୁ, ଅନୀଶା ପୃଷ୍ଟି, ଅଲିଭା ମହାପାତ୍ର, ସହକାରୀ ଶ୍ରମ ଅଧିକାରୀ ଗୌରୀଶଙ୍କର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷା ରଥ ଶ୍ରମିକମାନଙ୍କ ଅବଦାନ ସବୁବେଳେ ଅତୁଳନୀୟ ବୋଲି କହିବା ସହ ସେମାନଙ୍କ ସହଯୋଗ ବିନା ରାଷ୍ଟ୍ରର ଭିତ୍ତିଭୂମି ଗଠନ ଓ ଉନ୍ନତି ଅସମ୍ଭବ ବୋଲି କହିଥିଲେ। ପ୍ରାଧିକରଣର ସଚିବ ଡ. ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ, ସଂଗଠିତ ଓ ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ସୁଯୋଗ ଓ ନିୟମ ଜାଣିବା ଓ ଉପଯୋଗ କରିବା ନିତାନ୍ତ ଜରୁରୀ। ସେମାନଙ୍କୁ ସମସ୍ତ ନିୟମଗତ ସୁବିଧା ସୁଯୋଗ ଯୋଗାଇଦେବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି ମିଶ୍ର କହିଥିଲେ। ଭିତ୍ତିଭୂମି ଗଠନରେ ଶ୍ରମିକମାନେ ହେଉଛନ୍ତି ବିଶ୍ୱକର୍ମା। ଏଥିସହ ଶ୍ରମିକମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ଓ ଯୋଜନା ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୬୨ଜଣଙ୍କୁ ନିର୍ମାଣ ଶ୍ରମିକ ପରିଚୟପତ୍ର, ୪ଜଣଙ୍କୁ ଅନ୍ତ୍ୟେଷ୍ଟି କ୍ରିୟା, ୧୦ଜଣଙ୍କୁ ବିବାହ, ୨ଜଣଙ୍କୁ ପ୍ରସୂତୀ ବାବଦ ଅର୍ଥରାଶି ଚେକ୍ ଆକାରରେ ପ୍ରଦାନ କରାଯାଇଥିଲା। ଶେଷରେ ପ୍ରାଧିକରଣର ସଚିବ ଡ. ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରମିକ ଓ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ।



ଶ୍ରମିକ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

### ମହୁମାଛି ଆକ୍ରମଣରେ ୨ ଆହତ

**କୁଆଁରମୁଣ୍ଡା,୨।୫(ମହେନ୍ଦ୍ର କୁମାର ସାହୁ)**

ବୀରମିତ୍ରପୁର ସହରର ଟିସ୍କୋ ଅଞ୍ଚଳର ବିଏସ୍‌ଏନ୍‌ଏଲ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟାରେ ମହୁମାଛି ଆକ୍ରମଣରେ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଭୂଆ ମାଝୀ(୫୫) ଓ ଏମ୍‌ଡି ଇସରଫୁଲ(୨୮)। ଉଭୟଙ୍କୁ ଚିକିତ୍ସା ପାଇଁ ବୀରମିତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଭୂଆଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ଅନ୍ୱେଷାର ସାମୂହିକ ଜନ୍ମୋତ୍ସବ

**ରାଉରକେଲା,୨।୫(ଦିନେଶ ମିଶ୍ର):** ରାଉରକେଲାର ଅନ୍ୱେଷା ଦି ହେଲ୍‌ପିଂ ହ୍ୟାଣ୍ଡ ପକ୍ଷରୁ ୧୧୨ତମ ସାମୂହିକ ଜନ୍ମ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସେକ୍ଟର-୪ ସ୍ଥିତ ଏକ ଘରୋଇ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗଦା ସ୍ଥିତ ମାନବ ସେବା ପ୍ରତିଷ୍ଠାନର ଅନ୍ତେବାସୀମାନେ ଯୋଗ ଦେଇଥିଲେ। ଅନ୍ତେବାସୀମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ରୋବର୍ଟ ହାଇଫିଲ, ରେଖା ଗୁପ୍ତା, ଗ୍ରେସୀ ଡେଭିଡ, ପ୍ରଜ୍ଞା ପାରମିତା ଦାଶ, ମାନବ ସେବା ପ୍ରତିଷ୍ଠାନର ହେମନ୍ତ ତାଣ୍ଡିଆ ପ୍ରମୁଖ ସହଯୋଗ କରିଥିଲେ।


# ସୁନ୍ଦରଗଡ଼ ଜିଲା: ପାସ ହାର ୯୭.୬୧ ପ୍ରତିଶତ

**ସୁନ୍ଦରଗଡ,୨।୫(ଜୟ ନାରାୟଣ ମେଣ୍ଡୁଲି)**

**କୁତ୍ରା ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ବାଜିମାତ**

ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ପ୍ରକାଶିତ ଫଳ ଅନୁସାରେ ସୁନ୍ଦରଗଡ ଜିଲାରେ ପାଶ ହାର ଶତକଡା ୯୭.୬୧ ପ୍ରତିଶତ ରହିଛି। ଏଥିମଧ୍ୟରେ କୁତ୍ରା ହାଇସ୍କୁଲ ଛାତ୍ରୀଛାତ୍ର ବାଜିମାତ୍ ମାରିଛନ୍ତି। ଜିଲାରେ ମୋଟ ୨୨୫୭୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୦୫୬ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ଏ-୧ରେ ୩୪ଜଣ,ଏ-୨ରେ ୧୭୪ଜଣ, ବି-୧ରେ ୭୭୨ଜଣ,ବି-୨ରେ ୨୮୭୨ଜଣ, ସି-ରେ ୬୪୮୭ ଡି-ରେ ୮୩୭୮ ଜଣ, ଇ-ରେ ୩୩୩୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ୫୩୮ଜଣ ପରୀକ୍ଷାର୍ଥୀ ଫେଲ୍ ହୋଇଥିବା ବେଳେ ୩ଜଣ ମାଲ ପ୍ରାକ୍ଟିସରେ ବୁକ ହୋଇଛନ୍ତି। ଏ-୧ରେ କୃତକାର୍ଯ୍ୟ କରିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ପ୍ରଥମ ୧୦ଜଣଙ୍କ ମଧ୍ୟରେ କୁତ୍ରା ହାଇସ୍କୁଲର କ୍ରିଷ୍ଟା ମାଝୀ ମୋଟ ୫୬୭ ନମ୍ବର ରଖି ଜିଲାର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି କୁତ୍ରା ହାଇସ୍କୁଲର ସନିତ କିଣ୍ଡୋ ୫୬୫ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରଶ୍ମିତା ବରୁଆ ୫୬୪, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର କୁଆଁରମୁଣ୍ଡାର ରିସଭ ସାହୁ ୫୬୧ ନମ୍ବର, କୁତ୍ରା ହାଇସ୍କୁଲର ବୈଷ୍ଣବୀ ସିଂ-୫୬୧, ରାଉରକେଲା ସେକ୍ଟର-୬ ସରସ୍ୱତୀ ବିଦ୍ୟା ମନ୍ଦିରର ଓମ୍ ପ୍ରତୀକ ପଲାଇ-୫୬୦, ସୁନ୍ଦରଗଡ଼ ଡେଙ୍ଗିଭାଡି ସରସ୍ୱତୀ ବିଦ୍ୟାମନ୍ଦିର ଶ୍ରୁତି ପଟେଲ-୫୬୦, କୁତ୍ରା ହାଇସ୍କୁଲର ପୂଜା ବରୁଆ-୫୬୦, ସୁମିତ ବାରା-୫୬୦, କଳ୍ପନାଲାକ୍ରା-୫୬୦, ଫିରୋଜ ନାଗ-୫୬୦, ରୀମା ଲକ୍ରା-୫୬୦, ରାଉରକେଲା ସେକ୍ଟର୧୭ ମଧୁସୂଦନ ଶିକ୍ଷା ନିବାସର ଅଭିଜିତ କିସାନ ୫୬୦, କୁତ୍ରା ହାଇସ୍କୁଲର ସଞ୍ଜନା ମାର୍କି ୫୬୦, ଲତିକା ମାଝୀ -୫୬୦,ମଧୁସୂଦନ ଶିକ୍ଷା ନିବାସର ନିତେଶ କୁମାର ସାହୁ ୫୫୯ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। କୃତୀ ଛାତ୍ରୀଛାତ୍ରମାନଙ୍କୁ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ଶୁଭେଚ୍ଛା ଜଣାଇଛନ୍ତି।

# ଗଛ ଉପୁଡ଼ିଲା, ୨ ଘଣ୍ଟା ଟ୍ରେନ୍ ଚଳାଚଳ ବନ୍ଦ



ରେଳ ଧାରଣାରେ ପଡିଥିବା ଗଛ।

**ବନ୍ଧମୁଣ୍ଡା,୨।୫(ସୁବ୍ରତ ଦେ)**

**କାଳବୈଶାଖୀ ପ୍ରଭାବ**

ରାଉରକେଲା ବନ୍ଧମୁଣ୍ଡା ଅଞ୍ଚଳରେ ଗୁରୁବାର ସନ୍ଧ୍ୟା ସମୟରେ କାଳବୈଶାଖୀ ପ୍ରଭାବରେ ପବନ ସହ ବର୍ଷା ଯୋଗୁ ବନ୍ଧମୁଣ୍ଡା ରେଳବାଇ କଲୋନିରେ କ୍ଷୟକ୍ଷତି ହୋଇଛି। ଏଥିଯୋଗୁ କିଛି ଘରର ଛପର ଉଡ଼ିଯାଇଥିଲା। ବନ୍ଧମୁଣ୍ଡା ବି-ସେକ୍ଟର କ୍ୱାର୍ଟର ନଂ. ୧୩୫ ଉପରେ ଏକ ବିରାଟ ଜାମୁନ ଗଛ ପଡ଼ିଯିବାରୁ ଆଜବେଷ୍ଟସ୍ ଭାଙ୍ଗିଯାଇଥିଲା। ସେହିପରି ଝଡ଼ ଯୋଗୁ ରେଳବାଇ କଲୋନିର ଅନେକ ସ୍ଥାନରେ ଗଛ ଭାଙ୍ଗି ବିଦ୍ୟୁତ୍ ତାର ଉପରେ ପଡ଼ିଯିବାରୁ ତାହା ଛିଣ୍ଡିଯାଇଥିଲା। ଫଳରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଅନେକ ସ୍ଥାନରେ ଗଛ ଭାଙ୍ଗି କଲୋନି ରାସ୍ତାରେ ପଡ଼ିଥିଲା। ରେଳବାଇ ଆଇଓଡବ୍ଲ୍ୟୁ ବିଭାଗ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ରାସ୍ତାରୁ ଗଛଗୁଡ଼ିକୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷେ କାଳବୈଶାଖୀ ଯୋଗୁ ବନ୍ଧମୁଣ୍ଡା ରେଳ ସେକ୍ସନର ଡୁମରତା ଷ୍ଟେଶନ ନିକଟରେ ଏକ ମାଲବାହୀ ଟ୍ରେନ୍ ଉପରେ ବିଶାଳ ଗଛ ପଡ଼ିଯାଇଥିଲା। ଏଥିଯୋଗୁ ଡୁମରତା-ବନ୍ଧମୁଣ୍ଡା ରେଳ ମାର୍ଗରେ ପ୍ରାୟ ଦୁଇ ଘଣ୍ଟା ଧରି ମାଲବାହୀ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରେଳ କର୍ମଚାରୀ ଟ୍ରାକ୍‌ରୁ ଗଛକୁ ହଟାଇବା ପରେ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିଲା।

# ବିଶ୍ୱକୁ ବାନ୍ଧି ରଖିବାର ପରମ୍ପରା ଦର୍ଶାଏ ଜଗନ୍ନାଥ ସଂସ୍କୃତି

**ରାଉରକେଲା,୨।୫(ଦିନେଶ ମିଶ୍ର)**

**ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ**

ରାଉରକେଲା ଉଦିତନଗର ସ୍ଥିତ ପଞ୍ଚଦେବ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ରାତିରେ ସମ୍ପନ୍ନ ହୋଇଛି। ଶ୍ରୀପଞ୍ଚଦେବ କଲଚରାଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ୪ ଦିନିଆ ଉତ୍ସବରେ ମନ୍ଦିର ମୁଖ୍ୟ ପୂଜକ ଦୀନବନ୍ଧୁ ଦାଶଙ୍କ ପୌରୋହିତ୍ୟରେ ସମସ୍ତ ପୂଜାବିଧି କରାଯାଇଥିଲା। ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମନ୍ଦିର ଭିତରେ ସ୍ଥାପନ କରାଯାଇଥିଲା। ସନ୍ଧ୍ୟା ଆଳତୀ ପରେ ସଂକୀର୍ତ୍ତନ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗବେଷକ ଡ. ହରେକୃଷ୍ଣ ଶତପଥୀଙ୍କ ଉପସ୍ଥିତିରେ ଶ୍ରୀଜଗନ୍ନାଥ କଥାମୃତ ପ୍ରବଚନ ହୋଇଥିଲା। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଆଶୀର୍ବଚନ ପ୍ରଦାନ କରିଥିଲେ। ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ବିଶ୍ୱକୁ ବାନ୍ଧି ରଖିବା ଓ ଭାଇଚାରା ପରମ୍ପରା ବଜାୟ ରଖିବା ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଥିଲେ। ଏଥିରେ ସ୍ଥାନୀୟ ଶତାଧିକ ଜଗନ୍ନାଥପ୍ରେମୀ ଉପସ୍ଥିତ ରହିଥିଲେ। ସନ୍ଧ୍ୟା ସମୟରେ ଭଜନ ପରିବେଷଣ ସହ ସାମୂହିକ ପ୍ରସାଦ ବିତରଣ କରାଯାଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ବିଜୟ କୁମାର ପ୍ରଧାନ, ଅଧ୍ୟକ୍ଷ ଦିଲୀପ କୁମାର କର, ବିଜୟ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ସ୍ମାର୍ଟସିଟି ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

**ରାଉରକେଲା, ୨।୫(ସଙ୍ଗୀତା ଜେନା)**



ରାଉରକେଲା ସ୍ମାର୍ଟସିଟିର ସାମଗ୍ରିକ ବିକାଶ ପାଇଁ ମୋଦୀ ଫ୍ୟାନ୍ସ କ୍ଲବ ପକ୍ଷରୁ ନୂଆଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗୁରୁବାର ପୂର୍ବାହ୍ନ ୧୧ଟାରେ ନୂଆଦିଲ୍ଲୀ ସ୍ଥିତ ଶାସ୍ତ୍ରୀଭବନଠାରେ କେନ୍ଦ୍ରମନ୍ତ୍ରୀଙ୍କୁ କ୍ଲବର ଅଧ୍ୟକ୍ଷ ପ୍ରେମଶଙ୍କର ଶୁକ୍ଲା ଭେଟିବା ସହ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାର୍ଟସିଟିରେ ବିକାଶ ଧାରା ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସହରର ବିକାଶ ପାଇଁ ସରକାର ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ। ଯାହାଦ୍ୱାରା ସ୍ଥାନୀୟ ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ହେବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି।

# ସୁନ୍ଦରଗଡ଼ରେ ଭୋଲ୍ଟାସ୍‌ର ନୂଆ ଷ୍ଟୋର

**ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)**



ଟାଟା ଭୋଲ୍ଟାସ୍ ପକ୍ଷରୁ ସୁନ୍ଦରଗଡ଼ରେ ବାବାଜୀ ଏଣ୍ଟରପ୍ରାଇଜେସ୍ ନାମରେ ନୂଆ ବ୍ରାଣ୍ଡ୍ ଷ୍ଟୋର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଷ୍ଟୋର୍ ରାଜ୍ୟର ୨୭ତମ ଏବଂ ସୁନ୍ଦରଗଡ଼ର ପ୍ରଥମ ଷ୍ଟୋର ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ପ୍ୟାନ୍ ଇଣ୍ଡିଆସ୍ତରରେ ଭୋଲ୍ଟାସ୍‌ର ୩୫୦ରୁ ଅଧିକ ଷ୍ଟୋର ରହିଥିବାବେଳେ ଓଡ଼ିଶାରେ ଏହା ବ୍ୟବସାୟ ବିସ୍ତାର କରୁଛି। ଉଦ୍‌ଘାଟିତ ଷ୍ଟୋରରେ ଭୋଲ୍ଟାସ୍ ଏବଂ ଭୋଲ୍ଟାସ୍ ବେକୋର ବିଭିନ୍ନ ଉତ୍ପାଦ ଯେପରିକି ଏସି, ୱାଟର ହିଟର, ଏୟାର କୁଲର, କମର୍ସିଆଲ ରେଫ୍ରିଜରେଟର, ୱାଟର ଡିସ୍‌ପେନସର, ୱାଟର କୁଲର, ରେଫ୍ରିଜରେଟର, ୱାଶିଂ ମେଶିନ, ମାଇକ୍ରୋୱେଭସ୍ ଏବଂ ଡିସ୍‌ୱାସର ଆଦି ଉପଲବ୍ଧ ହେବ। ମାନସ କୁମାର ମଲିକ ଷ୍ଟୋରର ଉଦ୍‌ଘାଟନ କରିଥିଲେ। ଏ ଅବସରରେ ଭୋଲ୍ଟାସ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପ୍ରଦୀପ ବକ୍ସି କହିଛନ୍ତି, ଗ୍ରାହକଙ୍କ ଆବଶ୍ୟକତା ଓ ଚାହିଦାକୁ ଦୃଷ୍ଟିରେ ରଖି ଆମେ ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ଉତ୍ପାଦ ଯୋଗାଇବା ପାଇଁ ନିରନ୍ତର ପ୍ରୟାସ କରିଥାଉ। ନୂଆ ବ୍ରାଣ୍ଡ୍ ଷ୍ଟୋର ଗୋଟିଏ ଛାତ ତଳେ ଆମର ଭୋଲ୍ଟାସ୍ ଏବଂ ଭୋଲ୍ଟାସ୍ ବେକୋ ଉତ୍ପାଦ ପ୍ରଦାନ କରିବ। ଭୋଲ୍ଟାସ୍ ୨୦୨୪ ଏସି ପ୍ରଡକ୍ଟ ରେଞ୍ଜରେ ୮୦ରୁ ଅଧିକ ଏସ୍‌କେୟୁ, ଇନ୍‌ଭର୍ଟରେ ଏସିରେ ୫୦ଟି, ସ୍ପ୍ଲିଟ ଏସିରେ ୧୯ଟି ଏବଂ ୱିଣ୍ଡୋ ଏସିରେ ୧୨ଟି, କ୍ୟାସେଟ ଏବଂ ଟାୱାର ଏସି ରହିଛି। କମ୍ପାନୀ ସ୍ମାର୍ଟ ଏଡ୍ରିସିଟି କଣ୍ଟ୍ରୋଲର ଏବଂ ହନିକମ୍ବ କୁଲିଂ ପ୍ୟାଡ୍ ସହ ଏହାର ଭୋଲ୍ଟାସ୍ ଫ୍ରେସ୍ ଏୟାର କୁଲରର ଅନେକ ଏସ୍‌କେୟୁ ମଧ୍ୟ ବ୍ୟକ୍ତିଗତ, ୱିଣ୍ଡୋ, ଟାୱାର ଏବଂ ଡେଜର୍ଟ ଏୟାର କୁଲର ଭଳି ବିଭିନ୍ନ ଉପ-ବର୍ଗରେ ଲଞ୍ଚ କରିଛି। ନୂଆ ରେଞ୍ଜରେ ୪ ପାର୍ଶ୍ୱୀୟ କୁଲିଂ ସୁବିଧା ଥିବା ୱିଣ୍ଡସର, ଷ୍ଟାଇଲ ଓ ଅଲଟ୍ରା କୁଲିଂ ସହ ଏପିକୁଲ, ମଜଭୁତ ଧାତୁ ବଡି ଥିବା ବିରାଟ ଏବଂ ଶୁଦ୍ଧୀକରଣ ସୁବିଧା ଥିବା ଆଲ୍‌ଫା ଫ୍ରେସ୍ ରହିଛି। କମ୍ପାନୀ ଏହାର ସାମଗ୍ରିକ ପୋର୍ଟଫୋଲିଓକୁ ସୁଦୃଢ଼କରି ୬୦ଟି ବାଣିଜ୍ୟିକ ଫ୍ରିଜ୍ ପ୍ରଡକ୍ଟ, ଯେଉଁଥିରେ କନ୍‌ଭର୍ଟିବେଲ ଫ୍ରିଜର, ଫ୍ରିଜର ଅନ ହ୍ୱିଲ ଏବଂ କର୍ଭ୍ଡ଼ ଗ୍ଲାସ୍ ଫ୍ରିଜର ସାମିଲ କରିଛି। କମ୍ପାନୀ ୱାଟର ଡିସ୍‌ପେନସରର ୨୨ଟି ଏସ୍କେୟୁ ଏବଂ ୱାଟର କୁଲରର ୨୫ଟି ଏସ୍‌କେୟୁ ଲଞ୍ଚ କରିଛି।

# ପୁରୁଣା ବ୍ରାହ୍ମଣୀ ବ୍ରିଜ୍ ସ୍ଥିତି ଅନୁଧ୍ୟାନ

**ରାଉରକେଲା,୨।୫(ସଙ୍ଗୀତା ଜେନା)**



ପୁରୁଣା ବ୍ରାହ୍ମଣୀ ବ୍ରିଜ୍ ସ୍ଥିତି ଅନୁଧ୍ୟାନ କରାଯାଉଛି।

ରାଉରକେଲା ସହରକୁ ବ୍ରାହ୍ମଣୀତରଙ୍ଗ ଅଞ୍ଚଳ ସହ ଯୋଡୁଥିବା ପୁରୁଣା ବ୍ରାହ୍ମଣୀ ବ୍ରିଜ୍‌ର ସ୍ଥିତି ଅନୁଧ୍ୟାନ କରାଯାଇଛି। ଫଳରେ ଶୁକ୍ରବାର ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବ୍ରିଜ୍‌ରେ ଚାରିଚକିଆ ଯାନବାହନ ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲା। ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ନୋଟିସ ଜାରି ହୋଇଥିଲା। ନୂଆଦିଲ୍ଲୀ ସେଣ୍ଟ୍ରାଲ ରୋଡ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ଅଧିକାରୀମାନେ ଏହାର ପିଲାର ଓ ସ୍ଲାବ୍‌ଗୁଡ଼ିକୁ ଅତ୍ୟାଧୁନିକ ମେଶିନ ସାହାଯ୍ୟରେ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ଏହି ବ୍ରିଜ୍ ୫୦ ଦଶକରେ ନିର୍ମାଣ କରାଯାଇଥିଲା। ବ୍ରିଜ୍ ଦୁର୍ବଳ ହୋଇପଡିବାରୁ ଏହାକୁ ମରାମତି କରିବା ସହ ୨ୟ ବ୍ରାହ୍ମଣୀ ସେତୁ ନିର୍ମାଣ କରାଯାଇଥିଲା। ଏହି ବ୍ରିଜ୍‌ରେ ଭାରିଯାନ ଚଳାଚଳ ସହ ସମ୍ବଲପୁର ରୋଡ୍, ଝାଡଖଣ୍ଡ ଏବଂ ଛତିଶଗଡ଼କୁ ସଂଯୋଗ କରୁଛି। ଅନୁରୂପ ଭାବେ ପୁରୁଣା ବ୍ରାହ୍ମଣୀ ବ୍ରିଜ୍ ମଧ୍ୟ ସମାନ ରୁଟ୍‌କୁ ସଂଯୋଗ କରୁଛି। ଏହାକୁ ପୂର୍ଣ୍ଣକ୍ଷମ କରିବା ଏପରି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଜଣାପଡିଛି।

## ସଂକ୍ଷେପରେ

### ୧୦ରୁ ହକି ପ୍ରତିଯୋଗିତା

ଝାରସୁଗୁଡ଼ା,୨।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ହକି ସଂଘ ପକ୍ଷରୁ ଆସନ୍ତା ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଆନ୍ତଃ କ୍ଲବ୍ ଓ ବିଦ୍ୟାଳୟସ୍ତରୀୟ ଜୁନିଅର ବାଳକ ବିଭାଗ ହକି ପ୍ରତିଯୋଗିତା ଏଚ୍. କଟାପାଲିସ୍ଥିତ ଝାରସୁଗୁଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ଅପରାହ୍ନ ୪ଟା ୩୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖେଳାଯିବ। ବିଜୟୀ ଦଳକୁ ୮ ହଜାର ଟଙ୍କା, ରନର ଅପ୍ ଦଳକୁ ୫ ହଜାର ଟଙ୍କା ଏବଂ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଥିବା ଖେଳାଳିଙ୍କୁ ପୁରସ୍କୃତ କରାଯିବ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଆସନ୍ତା ୬ ତାରିଖ ସୁଦ୍ଧା ଆବେଦନ କରିବାକୁ ପଡିବ। ଅଧିକ ବିବରଣୀ ଜାଣିବା ପାଇଁ ଜିଲା ହକି ସଂଘ ସହିତ ଜିତେନ୍ଦ୍ର ମହନ୍ତ, ସୁଶାନ୍ତ ବେହେରା ଏବଂ ସୁଜିତ ଲାକ୍ରାଙ୍କୁ ଯୋଗାଯୋଗ କରିବାକୁ ହକି ସଂଘ ପକ୍ଷରୁ ପ୍ରେସ୍‌ବିଜ୍ଞପ୍ତିରେ କୁହାଯାଇଛି।

### ବିଜେଡି ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା

ଝାରସୁଗୁଡା,୨।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ବିଜେଡିର ନୂତନ ସଭାପତି ହରିଶ ଗଣତ୍ରାଙ୍କୁ ଗୁରୁବାର ଅପରାହ୍ନରେ ଏକ ଘରୋଇ ହୋଟେଲରେ ଦଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ବିଜେଡି ସଭାପତି ଭାବେ ହରିଶଙ୍କ ନାମକୁ ରାଜ୍ୟ ବିଜେଡି ନିର୍ବାଚନୀ କମିଟିର ରିଟର୍ନିଂ ଅଫିସର ପ୍ରତାପ ଦେବ ଅନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ହରିଶ ଝାରସୁଗୁଡା ପୌର ପରିଷଦର ୨ ଥର ଅଧକ୍ଷ ଓ ୨ ଥର କାଉନସିଲର ଥିଲେ। ସେ ୧୯୯୨ଠାରୁ ଜନତା ଦଳରୁ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ବିଜେଡିର ଜଣେ ଶୃଙ୍ଖଳିତ କର୍ମୀ ଭାବେ ଦଳ ପାଇଁ କାର୍ଯ୍ୟ କରୁଛନ୍ତି। ଜିଲାରେ ଦଳୀୟ ସଙ୍ଗଠନକୁ ମଜଭୁତ କରାଯିବ ବୋଲି ସେ କହିଛନ୍ତି। ତାପସ ରାୟ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଝାରସୁଗୁଡ଼ା ପୌରାଧକ୍ଷା ରାନୀ ହାତୀ, ଉପାଧକ୍ଷ ବେଣୁଗୋପାଲ ପାଣିଗ୍ରାହୀ, ପବନ ସିଂହ ଯାଦବ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଣ୍ଟୁ ପାଢ଼ୀ, ଜାହିଦ କୁରେଶି, ମଦନ ହାତୀ, ତୁଳସୀ ଦାସ, ଚିରଞ୍ଜୀବୀ ପତି, ନୀଳାମ୍ବର ଡନସେନା, ଅଶୋକ ଦାସ, ଲୋକନାଥ ଦାସ, ଲାଲା ଶର୍ମା ଉପସ୍ଥିତ ଥିଲେ।

# ଶିକାରୀଙ୍କ ଗଳା କାଟି ହତ୍ୟା

ଦେବଗଡ଼,୨।୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ମର୍ହା ଗ୍ରାମରେ ଜଣେ ବନ୍ୟଜନ୍ତୁ ଶିକାରୀଙ୍କ ଗଳା କାଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ସୁରେଶ ଶବର(୫୯)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀକୁକୁର ସହାୟତାରେ ତଦନ୍ତ କରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ହତ୍ୟାର କାରଣ ଅସ୍ପଷ୍ଟ ରହିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୁରେଶଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୧୭୭/୨୫) ରୁଜୁହୋଇଛି।

ସୂଚନା ଅନୁଯାୟୀ, ଘରୋଇ କାମ ପାଇଁ ସୁରେଶ ବୁଧବାର ରାତି ପ୍ରାୟ ୮ଟାରେ ନିକଟସ୍ଥ ଔତଳ ଗ୍ରାମକୁ ଶ୍ରମିକ ଯୋଗାଡକରିବାକୁ ଯାଇଥିଲେ। ଗୁରୁବାର ସକାଳ ସୁଦ୍ଧା ସେ ନ ଫେରିବାରୁ ତାଙ୍କ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ


ଘଟଣାସ୍ଥଳରେ ପୋଲିସ ତଦନ୍ତ ଚଳାଉଛି।

କୌଣସି ସନ୍ଧାନ ପାଇ ନ ଥିଲେ। ପୂର୍ବରୁ ସୁରେଶଙ୍କ ବିରୋଧରେ ବନ୍ୟଜନ୍ତୁ ଶିକାର ସମେତ ଏକାଧିକ ମାମଲା ରହିଥିବାରୁ ତାଙ୍କୁ କାଳେ ପୋଲିସ ଡାକି ନେଇଥିବ ଭାବି ସୁରେଶଙ୍କ ସ୍ତ୍ରୀ, ପୁଅ ଏବଂ ଭଉଣୀ ବାରକୋଟ ଥାନାକୁ ଯାଇ ପୋଲିସକୁ ପଚାରିଥିଲେ। ତେବେ ସୁରେଶଙ୍କୁ ଥାନାକୁ ଡାକି ନ ଥିବା ପୋଲିସ ସ୍ପଷ୍ଟ କରିବାସହ ତାଙ୍କ ନିଖୋଜ ସମ୍ପର୍କରେ ଏତଲା ଦେବାକୁ କହିଥିଲା। ଅପରପକ୍ଷରେ ମର୍ହା ଗ୍ରାମର ଏକ ଡ୍ରେନ୍‌ରେ ସୁରେଶଙ୍କ କ୍ଷତାକ୍ତ ମୃତଦେହ ପଡିଥିବା କେତେଜଣ ପିଲା ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଫଳରେ ସୁରେଶଙ୍କ ସ୍ତ୍ରୀ, ପୁଅ ଏବଂ ଭଉଣୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବାବେଳେ ସୁରେଶଙ୍କ ଗଳା କଟାଯାଇଥିବା ଓ


ମୃତକ ସୁରେଶ ଶବର।

ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଦେଖିବାକୁ ପାଇଥିଲା। ଏନେଇ ଆଇଆଇସି ମମତା ପାଣିଗ୍ରାହୀ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଛି। ହତ୍ୟାକାରୀ ପ୍ରମାଣ ଲୁଚାଇବା ଉଦ୍ଦେଶ୍ୟରେ ସୁରେଶଙ୍କ ବାଇକ୍‌କୁ ଅନ୍ୟତ୍ର ଫିଙ୍ଗି ଦେଇଥିବା ଜଣାପଡିଛି। ହତ୍ୟାକାରୀଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି।

## ମାଟ୍ରିକ୍ ପରୀକ୍ଷାଫଳ: ଧନେଶ୍ୱର ଜିଲା ଟପ୍ପର

ଦେବଗଡ,୨।୫(ଶଶାଙ୍କ ଶେଖର ଝାଙ୍କର)


ଧନେଶ୍ୱର ବିଶି

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଚଳିତବର୍ଷ ପରୀକ୍ଷାରେ ଦେବଗଡ଼ ଜିଲାର ପାସ୍ ହାର ୯୭.୧୭% ରହିଥିବା ଜଣାପଡିଛି। ରିଆମାଳ ବ୍ଲକ ଅଧୀନ ନିଳଗଣ୍ଡିଆ ଗ୍ରାମର ଧନେଶ୍ୱର ବିଶି ସର୍ବାଧିକ ୫୫୯ ନମ୍ବର ରଖି ଜିଲା ଟପ୍ପର ହୋଇଥିବା ଜଣାପଡିଛି। ସେ ଦେବଗଡ଼ ସହରରେ ତାଙ୍କ ମାମୁଁ ପ୍ରସନ୍ନ ସାହୁଙ୍କ ଘରେ ରହି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଠ ପଢୁଥିଲେ। ଅପରପକ୍ଷରେ ଟିଙ୍କବିର ହାଇସ୍କୁଲର ସ୍ନେହପ୍ରଜ୍ଞା ବେହେରା ୫୫୧ ମାର୍କ ରଖି ଦ୍ୱିତୀୟ, ଆଉଳି ହାଇସ୍କୁଲର ଲିପ୍‌ସାରାଣୀ ସାହୁ ୫୫୦ ମାର୍କ ରଖି ତୃତୀୟ, ରାଇତାବାହାଲ ହାଇସ୍କୁଲର କାଜଲ ସାହୁ ୫୪୭ ନମ୍ବର ରଖି ଚତୁର୍ଥ ଏବଂ ଆଞ୍ଚଳିକ କୁସକୁଲିଆ ହାଇସ୍କୁଲର ସୌମ୍ୟରଞ୍ଜନ ପ୍ରଧାନ ୫୪୩ ନମ୍ବର ରଖି ପଞ୍ଚମ ସ୍ଥାନ ଅଧିକାର କରିଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡିଛି। ଜିଲାରୁ ଏ-୧ ଗ୍ରେଡ୍‌ରେ ୫ ଜଣ, ଏ-୨ଗ୍ରେଡ୍‌ରେ ୪୯, ବି-୧ ଗ୍ରେଡ୍‌ରେ ୩୨୬, ବି-୨ ଗ୍ରେଡ୍‌ରେ ୬୨୦, ସି-ଗ୍ରେଡ୍‌ରେ ୧୦୪୧, ଡି-ଗ୍ରେଡ୍‌ରେ ୧୦୫୫, ଇ-ଗ୍ରେଡ୍‌ରେ ୪୯୧ ଏବଂ ଏଫ୍-ଗ୍ରେଡ୍‌ରେ ୧୪୩ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବା ଜଣାପଡିଛି। ଚଳିତବର୍ଷ ଜିଲାର ୮୬ଟି ବିଦ୍ୟାଳୟରୁ ୩୭୮୦ ଜଣ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବାବେଳେ ୫୦ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ।

## ଝାରସୁଗୁଡ଼ାରେ ପାସ୍ ହାର ୯୭.୮୭%

ଝାରସୁଗୁଡା,୨।୫(ଆଶିଷ ରଞ୍ଜନ ଦାଶ)


ମଧୁସ୍ମିତା ଦଳେଇ

ଚଳିତବର୍ଷର ମାଟ୍ରିକ୍ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ଝାରସୁଗୁଡା ଜିଲାର ପାସ୍‌ହାର ୯୭.୮୭% ରହିଛି। ଏକତାଳି ହାଇସ୍କୁଲର ମଧୁସ୍ମିତା ଦଳେଇ, ଲଇକେରାସ୍ଥିତ କେବିଜେ ସରକାରୀ ହାଇସ୍କୁଲର ଅଲିଭ ରଞ୍ଜନ ପୃଷ୍ଟେଠ୍, ପକେଲଖୋଲସ୍ଥିତ ହେମସାଗର ହାଇସ୍କୁଲ ସ୍ୱାଧୀନ ନାଇକ ୯୩.୩୩% ମାର୍କ ରଖି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଏ-୧ ଗ୍ରେଡ୍‌ରେ ୩୩ ଜଣ, ଏ-୨ଗ୍ରେଡ୍‌ରେ ୩୦୦, ବି-୧ଗ୍ରେଡ୍‌ରେ ୭୧୯, ବି-୨ଗ୍ରେଡ୍‌ରେ ୧୩୮୦, ସି-ଗ୍ରେଡ୍‌ରେ ୧୬୦୦, ଡି-ଗ୍ରେଡ୍‌ରେ ୧୨୨୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପରୀକ୍ଷା ପାଇଁ ମୋଟ୍ ୫୯୩୪ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବାବେଳେ ସେଥିମଧ୍ୟରୁ ୭୫ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ।

# 'ଦେଶ ବିକାଶରେ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'


କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ଝାରସୁଗୁଡା,୨।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ ପ୍ରେକ୍ଷାଳୟରେ ଗୁରୁବାର ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଥିଲେ, ଦେଶ ବିକାଶରେ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମ୍ମାନିତ ଅତିଥି ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଶ୍ରମିକମାନେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ଓ ଅଧିକାର ବିଷୟରେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଶ୍ରମିକଙ୍କ ଡାଟାବେସ୍ ପ୍ରସ୍ତୁତ ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ ଓ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ୯୫ ଜଣ ଶ୍ରମିକଙ୍କୁ ୭୩ ଲକ୍ଷ ୮ହଜାର ଟଙ୍କାର ସହାୟତା ରାଶି ବଣ୍ଟନ କରାଯାଇଥିଲା। ସେହିପରି ୨୫ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା, ୨୨ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ୩୫ ଜଣଙ୍କୁ ବିବାହ ପାଇଁ ସହାୟତା, ୫ଜଣଙ୍କୁ ପ୍ରସୂତିକାଳୀନ ସହାୟତା ଏବଂ ୮ ଜଣଙ୍କୁ ଶିକ୍ଷା ସହାୟତା ବାବଦକୁ ଚେକ୍ ପ୍ରଦାନ କରାଯାଇଥିଲା। ଏଥିସହ ୨୫୪ ଜଣଙ୍କୁ ନୂଆ ପରିଚୟ ପତ୍ର ଦିଆଯାଇଥିଲା। ଶ୍ରମ ଆୟୁକ୍ତ ଦିବ୍ୟଜ୍ୟୋତି ନାୟକ ଓ ଜିଲା ଶ୍ରମ ଅଧିକାରୀ ମେରି ସୁନିତା ଲାକ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହକାରୀ ଶ୍ରମ ଅଧିକାରୀ ତରୁଣ କୁମାର ମହାନ୍ତି, ଦେବାଶିଷ ତରାଇ, ଅରୁଣ କୁମାର ଜେନା, ଦୀପକ ଏକ୍କା, ମଙ୍ଗଳ ସଂଯୋଜକ କାନ୍ତେଶ୍ୱର ମହାପାତ୍ର, ଏନ୍‌ସିଏଲ୍‌ପି କାର୍ଯ୍ୟକ୍ରମ ପରିଚାଳକ ଜନ୍ମେଜୟ ସା ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

**କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା**

ସମ୍ବଲପୁର,୨।୫(ବି.ଶଙ୍କର)

କିଟ ବିଶ୍ୱବିଦ୍ୟାଳୟରେ ପୁଣି ଏକ ନେପାଳୀ ଛାତ୍ରୀଙ୍କ ଆତ୍ମ ହତ୍ୟା ଘଟଣା ରାଜ୍ୟ ପାଇଁ ଅପମାନଜନକ ବିଷୟ। ଏହି ଘଟଣା ଉପରେ ରାଜ୍ୟ ସରକାର ଯଥାଶୀଘ୍ର ଉକ୍ତ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଶୁକ୍ରବାର ଅପରାହ୍ନ ୫ଟାରେ ସମ୍ବଲପୁର କୁମ୍ଭାରପଡା ସ୍ଥିତ ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ(ଏବିଭିପି) କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏବିଭିପି କର୍ମକର୍ତ୍ତାମାନେ ଉପରୋକ୍ତ ମତବ୍ୟକ୍ତ ରଖିଛନ୍ତି। ଖବରଦାତା ସମ୍ମିଳନୀରେ ଏବିଭିପି କର୍ମକର୍ତ୍ତାମାନେ ଆହୁରି କହିଥିଲେ ଯେ, ଗୁରୁବାର ସନ୍ଧ୍ୟାରେ କିଟ୍ ବିଶ୍ୱବିଦ୍ୟାଳୟର ବି-ଟେକ ପ୍ରଥମ ବର୍ଷର ନେପାଳୀ ଛାତ୍ରୀ ପ୍ରିଶା ଶାହ ଆନ୍ତର୍ଜାତୀୟ ହଷ୍ଟେଲରେ ଆତ୍ମହତ୍ୟା କରିଛନ୍ତି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏହି ଘଟଣା ଉପରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଛାତ୍ରୀଙ୍କ ଆତ୍ମହତ୍ୟା ଏକ ଚିନ୍ତାର ବିଷୟ। କିଟ ବିଶ୍ୱବିଦ୍ୟାଳୟରେ ଏହିପରି ଘଟଣା ବାରମ୍ବାର ଘଟୁଛି । ତେଣୁ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି ଏବିଭିପି ଦାବି କରିଛି। ଏବିଭିପି ରାଜ୍ୟ ସମ୍ପାଦକ ଶ୍ୱେତାଂଶୁ ଶେଖର ବରାଇ, ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଦସ୍ୟ ସିମରନ ପ୍ରଧାନ, ମହାନଗର ସମ୍ପାଦକ ନିତେଶ ପାଣିଗ୍ରାହୀ, ନଗର ସମ୍ପାଦକ ବିବେକ ତିୱାରୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ।

## ଦଳୀୟ ସଙ୍ଗଠନ ମଜଭୁତ ପାଇଁ ଆହ୍ୱାନ



ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

ଦେବଗଡ଼,୨।୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲା କଂଗ୍ରେସ କମିଟିର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ତଥା ଓଡ଼ିଶା ସହପ୍ରଭାରୀ ଶାହାନୱାଜ ଚୌଧୁରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦଳୀୟ ସଙ୍ଗଠନ ମଜଭୁତ କରିବା ପାଇଁ ସମସ୍ତ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଜିଲା କଂଗ୍ରେସ ଉପସଭାପତି ମଞ୍ଜୁଳ ନାୟକ, ପ୍ରବୀର କୁମାର ଶତପଥୀ, ପୂର୍ବତନ ମହିଳା କଂଗ୍ରେସ ସଭାପତି ଲିତା ଆଚାର୍ଯ୍ୟ, ପୂର୍ବତନ ଯୁବ ସଭାପତି ସଲ୍‌ମନ୍ ହେନେଜ, ପୂର୍ବତନ ନଗର ସଭାପତି ରେବତୀ ମୋହନ ପଟ୍ଟନାୟକ, ତିଳେଇବଣୀ ବ୍ଲକ ସଭାପତି ସୁରେନ୍ଦ୍ର ସାହୁ, ଯଶୋବନ୍ତ ସାହୁ, ଅମିର କୁମାର ସାହୁ, ପୂର୍ବତନ ଜିଲା କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ

ଦେବଗଡ଼,୨।୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ନ୍ୟାୟାଳୟ ପରିସରରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଗୁରୁବାର ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଅପୂର୍ବା ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଦେବଗଡ଼ ଜିଲା ଓ ଦୌରାଜଜ୍ ଗୌତମ ଶର୍ମା, ଫ୍ୟାମିଲି କୋର୍ଟ ଜଜ୍ ଅନୁପ କୁମାର ଚନ୍ଦନ, ଅତିରିକ୍ତ ଜିଲା ଓ ଦୌରାଜଜ୍ ସନ୍ତୋଷ କୁମାର ନାୟକ ଯୋଗଦେଇ ଉକ୍ତ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶ୍ରମିକଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଓ ସୁବିଧା ସୁଯୋଗ ଉପରେ ସେମାନେ ସୂଚନା ଦେଇଥିଲେ। ଦେବଗଡ଼ ଜିଲା ଓକିଲ ସଂଘ ସଭାପତି ସଚିକାନ୍ତ ଦାଶ, ସମ୍ପାଦକ ସିଦ୍ଧେଶ୍ୱର ଗୁରୁ ଓ ବରିଷ୍ଠ ଆଇନଜୀବୀ ମନୋଜ କୁମାର ପାଢୀ ବକ୍ତବ୍ୟ ଦେଇଥିଲେ। ଆଇନଜୀବୀ





ପ୍ରୀତି ପରିମିତା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ୪ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା, ୪ ଜଣଙ୍କୁ ବିବାହକାଳୀନ ସହାୟତା ଓ ୧୦ ଜଣଙ୍କୁ ଶ୍ରମିକ କାର୍ଡ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର ବିଶ୍ୱଜିତ୍ ମହାପାତ୍ର, ମହିଳା କୋର୍ଟ ଜଜ ଶାନ୍ତାଶ୍ରୀ ମହାନ୍ତି, ସିଭିଲ ଜଜ୍ ସିନିୟର ଡିଭିଜନ ମନୋରଞ୍ଜନ ମିଶ୍ର, ଏସ୍‌ଡିଜେଏମ୍ ଧନଞ୍ଜୟ ନାୟକ ଓ ଶୁଭସ୍ମିତା ଶୁଭଦର୍ଶିନୀ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଲକ୍ଷ୍ମୀନାରାୟଣ କଲେଜ ନାଁରେ ଥିବା ଜମି ହସ୍ତାନ୍ତର କରାଯାଉ

**ତହସିଲଦାରଙ୍କୁ ଦାବିପତ୍ର**

ଝାରସୁଗୁଡା,୨।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସହରସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଜମିକୁ ହସ୍ତାନ୍ତର ଓ କ୍ରୀଡ଼ା ଭିତିଭୂମି ବିକାଶ ପାଇଁ ଅତିରିକ୍ତ ୬ ଏକର ଜମି ସ୍ୱତନ୍ତ୍ର ଭାବେ ଯୋଗାଇଦେବାକୁ ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ଦାବି ହୋଇଛି। ଏନେଇ ସଂସଦ ପକ୍ଷରୁ ଏକ ପ୍ରତିନିଧି ଦଳ ଶୁକ୍ରବାର ପୂର୍ବାହ୍ନ ୧୨ଟାରେ ଝାରସୁଗୁଡା ତହସିଲ ଅଫିସରେ ତହସିଲଦାର ସଦାକର କୁମ୍ଭାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ମୌଜା ଦେବାଡିହି, ଖାତା ନମ୍ବର-୫୪୦, ପ୍ଲଟ୍ ନମ୍ବର ୯୫୪/୬୨୯୧ ଅନୁଯାୟୀ ୪.୫୬ ଏକର ଜମି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ନାମରେ ନାମିତ କରାଯାଇଥିଲା। ଏହାସତ୍ତ୍ୱେ ଉକ୍ତ ଜମିର ୬୯ ଡିସିମିଲ ଅଂଶ ଏପର୍ଯ୍ୟନ୍ତ ଝାରସୁଗୁଡା ଇଞ୍ଜିନିୟରିଂ ସ୍କୁଲ ଅଧୀନରେ ରହିଛି। ୨୦୨୩ ଏପ୍ରିଲରେ ସୀମା ନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଉକ୍ତ ଜମି କଲେଜକୁ ହସ୍ତାନ୍ତର କରାଯାଇନାହିଁ। ଅପରପକ୍ଷରେ କ୍ରୀଡ଼ାର ଭିତିଭୂମି ପାଇଁ ନିକଟସ୍ଥ ଅଞ୍ଚଳର ଅନ୍ୟୁନ ୬ ଏକର ଜମି ପ୍ରଦାନ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ପୂର୍ବତନ ଛାତ୍ର ସଂସଦ ସଭାପତି ନରେନ୍ଦ୍ର କୁମାର ପଣ୍ଡା, ସମ୍ପାଦକ ସରୋଜ କୁମାର କୁଅଁର, ଉପାଧକ୍ଷ ମହେନ୍ଦ୍ର କେଡ଼ିଆ, ସହସମ୍ପାଦକ ପ୍ରଶାନ୍ତ କୁମାର ଜେନା, ଉପଦେଷ୍ଟା ତାପସ ରାଏ ଚୌଧୁରୀ, ମନୋରଞ୍ଜନ ମହାପାତ୍ର, ମନୀଷ ବାଜପେୟୀ, ବସନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

# 'ନିଯୁକ୍ତିକୁ ଗୁରୁତ୍ୱ ଦିଅନ୍ତୁ ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ'

ଝାରସୁଗୁଡ଼ା,୨।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାସ୍ତରୀୟ ନିଯୁକ୍ତି ମେଳା ଗୁରୁବାର ଅପରାହ୍ନରେ ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଜିଲାରେ ଥିବା ବିଭିନ୍ନ ଶିଳ୍ପାନୁଷ୍ଠାନର କର୍ତ୍ତୃପକ୍ଷ ସ୍ଥାନୀୟ ନିଯୁକ୍ତି ଉପରେ ଗୁରୁତ୍ୱ ଦେବା, ପାରିପାର୍ଶ୍ୱିକ ବିକାଶରେ ସହଯୋଗ କରିବା ଓ ଯୋଗ୍ୟତା ହିସାବରେ ବେରୋଜଗାର ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଅକୃତକାର୍ଯ୍ୟ ଯୁବତୀଯୁବକଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ହରାଇଥିବା ପରିବାରର ଯୋଗ୍ୟ ଯୁବତୀଯୁବକଙ୍କୁ ଶିଳ୍ପାନୁଷ୍ଠାନରେ ନିଯୁକ୍ତି ପ୍ରଦାନ କରାଯିବାକୁ ପରାମର୍ଶ ଦେଇଥିଲେ। ଜିଲାପାଳ ଆବୋଲୀ



କାର୍ଯ୍ୟକ୍ରମରେ ଯୁବକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଉଛି।

**ଜିଲାସ୍ତରୀୟ ନିଯୁକ୍ତି ମେଳା**

**୧୦୬ ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ**

ସୁନୀଲ ନରୱଣେ କହିଛନ୍ତି, ଚାକିରି ଖୋଜୁଥିବା ଯୁବତୀଯୁବକ ଓ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ମଧ୍ୟରେ ପ୍ରଶାସନ ଏକ ସେତୁ ଭଳି କାର୍ଯ୍ୟ କରିବ। ଆଗାମୀ ଦିନରେ ଏଭଳି ପ୍ରକ୍ରିୟା ଚାଲୁ ରହିବ ବୋଲି ସେ କହିଛନ୍ତି। ଏଥିରେ ୧୯ଟି କମ୍ପାନୀ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ପାଇଁ ୧୦୬ ଜଣ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ, ଜିଲା ଦକ୍ଷତା ବିକାଶ ଏବଂ ନିୟୋଜନ କାର୍ଯ୍ୟାଳୟର ଆନୁକୂଲ୍ୟରେ ନିଯୁକ୍ତି ମେଳା ଆୟୋଜିତ ହୋଇଥିଲା। ଜିଲା ଦକ୍ଷତା ବିକାଶ ଏବଂ ନିୟୋଜନ ଅଧିକାରୀ ସଙ୍ଗୀତା ମେହେର, ମାନସ କୁଅଁର, ଅମିତ୍ ସରାଓଗି, ସ୍ନେହା ବାଲାସାହେବ ଗୱାଇ ଓ ତୁଷାରକାନ୍ତ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିଙ୍କ ସହ ଏଆଇଏଫଏଫ ପୁରସ୍କାରପ୍ରାପ୍ତ କ୍ରୀଡ଼ାବିତ୍। (ଫଟୋ: ବିକାଶ ନାୟକ)

# ସୌମ୍ୟା, ଶୁଭାଶିଷ ଶ୍ରେଷ୍ଠ ଖେଳାଳି

**ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)**

**ଏଆଇଏଫଏଫ ପୁରସ୍କାର ବିତରଣୀ ଉତ୍ସବ**

- ଶ୍ରେଷ୍ଠ ମହିଳା ଖେଳାଳି: ସୌମ୍ୟା ଗୁଗୁଲୋଥ
- ଶ୍ରେଷ୍ଠ ପୁରୁଷ ଖେଳାଳି: ଶୁଭାଶିଷ ବୋଷ
- ଶ୍ରେଷ୍ଠ ମହିଳା ଉଦୀୟମାନ ଖେଳାଳି: ତୋଇଜାମ ଥୋଇବିସାନା ଚାନୁ
- ଶ୍ରେଷ୍ଠ ପୁରୁଷ ଉଦୀୟମାନ ଖେଳାଳି: ବ୍ରିସନ ଫର୍ନାଣ୍ଡିଜ୍
- ଶ୍ରେଷ୍ଠ ମହିଳା ଗୋଲକିପର: ପାନ୍ଥୋଇ ଚାନୁ
- ଶ୍ରେଷ୍ଠ ପୁରୁଷ ଗୋଲକିପର: ବିଶାଲ କେଥ
- ଶ୍ରେଷ୍ଠ ମହିଳା କୋଚ୍: ସୁଜାତା କର
- ଶ୍ରେଷ୍ଠ ପୁରୁଷ କୋଚ୍: ଖାଲିଦ ଜମିଲ

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏ ଆଇ ଏଫ୍ ଏଫ୍)ର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଥମଥର ପାଇଁ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଲୋକସେବା କନ୍‌ଭେନଶନ ହଲ୍‌ରେ ଆୟୋଜିତ ଉତ୍ସବରେ ସୌମ୍ୟା ଗୁଗୁଲୋଥ ଓ ଶୁଭାଶିଷ ବୋଷ ଯଥାକ୍ରମେ ବର୍ଷର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ସେହିପରି ବ୍ରିସନ ଫର୍ନାଣ୍ଡିଜ୍ ଓ ତୋଇଜାମ ଥୋଇବିସାନା ଚାନୁ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଶ୍ରେଷ୍ଠ ଇମର୍ଜିଂ ପ୍ଲେୟର ପୁରସ୍କାର ପାଇଛନ୍ତି। ସୁଜାତା କର ଶ୍ରେଷ୍ଠ ମହିଳା କୋଚ୍, ଖଲିଦ ଅହମଦ ଜମିଲ ଶ୍ରେଷ୍ଠ ପୁରୁଷ କୋଚ୍, ଫ୍ଲାଙ୍ଗ୍‌ବାମ୍ ପାନ୍ଥୋଇ ଚାନୁ ଶ୍ରେଷ୍ଠ ମହିଳା ଓ ବିଶାଲ କେଥ ଶ୍ରେଷ୍ଠ ପୁରୁଷ ଗୋଲକିପର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ତଥା ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା, ସର୍ବଭାରତୀୟ ଫୁଟବଲ ଫେଡେରେଶନ ସଭାପତି କଲ୍ୟାଣ ଚୌବେ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ କ୍ରୀଡ଼ା ବିଭାଗର ଅନ୍ୟ କର୍ମକର୍ତ୍ତା, କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ଓଡ଼ିଶା ସରକାର କଳିଙ୍ଗ ସୁପର କପ୍‌କୁ ଅତି ଚମତ୍କାର ଭାବେ ଆୟୋଜନ କରୁଛନ୍ତି। ଭୁବନେଶ୍ୱରର କ୍ରୀଡ଼ା ଭିତ୍ତିଭୂମି ବିଶ୍ୱସ୍ତରୀୟ। ଫିଫା ୭୫ଟି ଦେଶରେ ଏହାର ଏକାଡେମୀ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛି। ଏହି କ୍ରମରେ ଭୁବନେଶ୍ୱରରେ ମଧ୍ୟ ଏକ ଏକାଡେମୀ ରହିଛି। ଏଠାରେ ଫୁଟବଲ ପାଇଁ ଅନେକ ସୁଯୋଗ ରହିଛି ବୋଲି ଏଆଇଏଫ୍ଏଫ୍ ସଭାପତି କଲ୍ୟାଣ ଚୌବେ ପ୍ରକାଶ କରିଛନ୍ତି। ଏଆଇଏଫ୍ଏଫ୍‌ର ପୁରସ୍କାର ବିତରଣ ଉତ୍ସବ ଗତବର୍ଷ ଦିଲ୍ଲୀରେ ହୋଇଥିଲା। ଏବର୍ଷ ଏହା ଭୁବନେଶ୍ୱରରେ ଆୟୋଜନ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।

ସୌମ୍ୟା ଭାରତ ପାଇଁ ୩୩ଟି ମ୍ୟାଚ ଖେଳି ୫ ଗୋଲ ଦେଇଛନ୍ତି। ସେ ୨୦୨୪-୨୫ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଇଷ୍ଟ ବେଙ୍ଗଲ ପକ୍ଷରୁ ପ୍ରତିନିଧିତ୍ୱ କରି ୧୪ ମ୍ୟାଚରୁ ୯ଟି ଗୋଲ ଦେଇଥିଲେ। ସେହିପରି ଡିଫେଣ୍ଡର ଶୁଭାଶିଷ ଭାରତ ପକ୍ଷରୁ ୪୪ଟି ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ୨୦୨୪-୨୫ରେ ସେ ମୋହନ ବାଗାନ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବା ସହ ୬ଟି ଗୋଲ ଦେଇଥିଲେ। କ୍ୟାରିୟରରେ ସେ ଆଇଏସ୍ଏଲ୍ ସିଲ୍ଡ ଓ ଆଇଏସ୍ଏଲ୍ କପ୍ ହାସଲ ମଧ୍ୟ କରିଛନ୍ତି। ଶ୍ରେଷ୍ଠ ପୁରୁଷ କୋଚ୍ ଖାଲିଦ ଜମିଲ ୨୦୨୪-୨୫ ଆଇଏସ୍ଏଲ୍‌ରେ ଜାମସେଦପୁର ଏଫ୍‌ସିକୁ ସେମିଫାଇନାଲରେ ପ୍ରବେଶ କରାଇଥିଲେ। ଏହା ବ୍ୟତୀତ ତାଙ୍କ ପ୍ରଶିକ୍ଷଣରେ ଜାମସେଦପୁର କଳିଙ୍ଗ ସୁପର କପ୍‌ର ଫାଇନାଲରେ ପ୍ରବେଶ କରିଛି। ଶ୍ରେଷ୍ଠ ମହିଳା କୋଚ୍ ସୁଜାତା କରଙ୍କ ପ୍ରଶିକ୍ଷଣରେ ଶ୍ରୀଭୂମି ଏଫ୍‌ସି ୨୦୨୪-୨୫ ଆଇଡବ୍ଲ୍ୟୁଏଲ୍‌ରେ ତୃତୀୟ ସ୍ଥାନ ହାସଲ କରିଛି।

# ସୌନ୍ଦର୍ଯ୍ୟଙ୍କୁ ସ୍ୱର୍ଣ୍ଣ ପଦକ



କପିଲ ଦେବଙ୍କଠାରୁ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)**

**ଇଣ୍ଡିଆନ ଚେସ୍ ମାଷ୍ଟର୍ସ ଫର ବ୍ଲାଇଣ୍ଡ**

ସ୍କିଲ ହବ ଅନ୍ ଲାଇନ ଗେମ୍ସ ଫେଡେରେଶନ ଦ୍ୱାରା ଆୟୋଜିତ ଗ୍ରାଣ୍ଡମାଷ୍ଟର୍ସ ସିରିଜ ଅନ୍ତର୍ଗତ ଇଣ୍ଡିଆନ ଚେସ ମାଷ୍ଟର୍ସ ଫର ବ୍ଲାଇଣ୍ଡ ପୂର୍ବାଞ୍ଚଳ ପ୍ରତିଯୋଗିତାରେ ଓଡ଼ିଶାର ସୌନ୍ଦର୍ଯ୍ୟ କୁମାର ପ୍ରଧାନ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ହରିୟାଣାର ଗୁରୁଗ୍ରାମଠାରେ ଏପ୍ରିଲ ୨୯ ଓ ୩୦ ତାରିଖରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପୂର୍ବ ଭାରତର ୧୬ ଜଣ ମନୋନୀତ ଖେଳାଳିଙ୍କୁ ଅଂଶ ଗ୍ରହଣର ସୁଯୋଗ ମିଳିଥିଲା। ଏଥିରେ ସୌନ୍ଦର୍ଯ୍ୟ ଅପରାଜିତ ରହି ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୪.୫ ପଏଣ୍ଟ ହାସଲ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। କ୍ରିକେଟ କିମ୍ବଦନ୍ତୀ କପିଳ ଦେବ ସୌନ୍ଦର୍ଯ୍ୟଙ୍କୁ ସ୍ୱର୍ଣ୍ଣ ପଦକ ଓ ଟ୍ରଫି ଏବଂ ୬୦ ହଜାର ଟଙ୍କାର ମେଜର ଧ୍ୟାନଚାନ୍ଦ ସମ୍ମାନ ରାଶି ହରିୟଣା କ୍ରୀଡ଼ାମନ୍ତ୍ରୀ ପ୍ରଦାନ କରିଥିଲେ। ଏହା ବ୍ୟତୀତ ସେ ଦେଢ଼ ଲକ୍ଷ ଟଙ୍କାର ଅର୍ଥ ରାଶି ପୁରସ୍କାର ସ୍ୱରୂପ ପ୍ରାପ୍ତ ହୋଇଥିଲେ। ପଶ୍ଚିମବଙ୍ଗର ସୌଗତ ଚୌଧୁରୀ ୩.୫ ପଏଣ୍ଟ ସହ ରୌପ୍ୟ ପଦକ ଏବଂ ଓଡ଼ିଶାର ଶୁଭେନ୍ଦୁ କୁମାର ପାତ୍ର ୩.୫ ପଏଣ୍ଟ ସହିତ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସୌନ୍ଦର୍ଯ୍ୟଙ୍କ ଭାଇ ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ଚତୁର୍ଥ ସ୍ଥାନରେ ରହିଥିବାବେଳେ ଓଡ଼ିଶାର ସୁଧୀର କୁମାର ନାୟକ ସପ୍ତମ ଏବଂ ଦୀପକ କୁମାର ଭୋଇ ଚତୁର୍ଦ୍ଦଶ ସ୍ଥାନରେ ରହିଥିଲେ।

**ମହିଳା ଟି୨୦ ବିଶ୍ୱକପ ୨୦୨୬**

# ଲର୍ଡ୍ସରେ ଫାଇନାଲ

**ଦୁବାଇ, ୨।୫ (ପି.ଟି.):** ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ବର୍ଦ୍ଧିତ ମହିଳା ଟି୨୦ ବିଶ୍ୱକପ୍ ୨୦୨୬ର ଫାଇନାଲ ଆସନ୍ତାବର୍ଷ ଜୁଲାଇ ୫ରେ ଖେଳାଯିବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଘୋଷଣା କରାଯାଇଛି। ୧୨ଟି ଦଳକୁ ନେଇ ହେବାକୁଥିବା ଏହି ଟୁର୍ନାମେଣ୍ଟ ଜୁନ୍ ୧୨ରୁ ଲର୍ଡ୍ସରେ ଆରମ୍ଭ ହେବ, ଯେଉଁଠାରେ କି ପୂର୍ବରୁ ୨୦୧୭ରେ ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଫାଇନାଲ ଖେଳାଯାଇଥିଲା। ଲର୍ଡ୍ସ ବ୍ୟତୀତ ଅନ୍ୟ ୬ଟି ଭେନ୍ୟୁ ଯଥା ଓଲ୍ଡ ଟ୍ରାଫୋର୍ଡ, ହେଡିଙ୍ଗଲେ, ଏଜ୍‌ବୋଷ୍ଟନ, ଦୁଇ ଓଭାଲ, ହାମ୍ପଶାୟାର ବାଓଲ ଓ ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡରେ ମ୍ୟାଚଗୁଡ଼ିକ ଖେଳାଯିବ। ଟୁର୍ନାମେଣ୍ଟରେ ଭାଗ ନେଉଥିବା ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ପରେ ନକ୍‌ଆଉଟ ପର୍ଯ୍ୟାୟ ଖେଳାଯିବ। ଟୁର୍ନାମେଣ୍ଟରେ ଭାଗନେଉଥିବା ୧୨ଟି ଦଳ ମଧ୍ୟରୁ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ସମେତ ୮ଟି ଦଳ ଇତିମଧ୍ୟରେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

# ରାଜ୍ୟ ଲନ୍‌ବଲ୍ ପ୍ରଶିକ୍ଷଣ ଶିବିର ଆରମ୍ଭ

**ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)**

ଜାତୀୟ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ଗୁରୁବାର ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସରେ ଓଡ଼ିଶା ୨୧ ବର୍ଷରୁ କମ୍ (ବାଳିକା ବାଳକ) ଲନବଲ୍ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ଶିବିର ୬ଦିନ ଧରି ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୬୦ରୁ ଊର୍ଦ୍ଧ୍ୱ ଖେଳାଳି ଏଥିରେ ଭାଗ ନେଇଛନ୍ତି। ରାଜ୍ୟ ବୋଲିଂ ସଂଘ (ଲନବଲ)ପକ୍ଷରୁ ଯୋଉ ଖେଳାଳିମାନେ ଭଲ ଖେଳ ପ୍ରଦର୍ଶନ କରିବେ ସେହି ଖେଳାଳିଙ୍କୁ ଆଗାମୀ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯିବ ବୋଲି ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟପ୍ରକାଶ ମିଞ୍ଜ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କୈଳାସ ମାଝୀ, ନରସିଙ୍ଘ ରାଣା, ଲଳିତ ଶର୍ମା, ବିଷ୍ଣୁପ୍ରିୟା ବଇଦାର, ପଦ୍ମଶିନୀ ପୁଟେଲ, ତାରିଣୀ ନାଏକ, ବୁଧିରାଜ ବିଶ୍ୱାଳ, ଖିତେଶ୍ୱର ବିଶ୍ୱାଳ, ବୀରେନ୍ଦ୍ର ସୁନା, ପୁରେନ୍ଦ୍ରର ସେଠ, ସସ୍ମିତା ଗଡତୀୟା, ସ୍ୱପ୍ନା ସେଠୀ, ସଙ୍କେତ ଯୋଶୀ, ଜିତେନ୍ଦ୍ର ନାଏକ, ଅରୁଣ ସାହୁ, ପୟୋସ୍ୱିନୀ ପୁରୋହିତ, ବିଭୂତି ସ୍ୱାଇଁ ପ୍ରମୁଖ ଶିବିର ପରିଚାଳନା ଦାୟିତ୍ୱରେ ରହିଛନ୍ତି।




ଲନ୍‌ବଲ୍ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ